ଧରିତ୍ରୀ
DHARITRI
52 Years
ଭୁବନେଶ୍ୱର, ଶନିବାର, ନଭେମ୍ବର ୨୯/୨୦୨୫ (୧୪ ପୃଷ୍ଠା+ପିଲାଙ୍କ ଧରିତ୍ରୀ) | Bhubaneswar, Saturday, November 29/2025 | Page 14 | ₹ 7.00 | BALASORE
୫୨ଶ ଭାଗ ୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 6 | ମୂଲ୍ୟ ₹୭/-



ଦକ୍ଷିଣପୂର୍ବ ରେଳବିଭାଗ ଖଡଗପୁର ଡିଭିଜନ ପକ୍ଷରୁ ରେଳ ଦୁର୍ଘଟଣା ପରେ ଉଦ୍ଧାର କାର୍ଯ୍ୟ ପାଇଁ ବାଲେଶ୍ୱର ଜିଲା ନୀଳଗିରି ଗୋପୀନାଥପୁର ରେଳଷ୍ଟେଶନ ପରିସରରେ ଶୁକ୍ରବାର ଆୟୋଜିତ ମକ୍‌ଡ୍ରିଲ। **(ଫଟୋ–ପ୍ରଶାନ୍ତ ବିଶ୍ୱାଳ)**

# ରାଜ୍ୟ ସରକାର ଆଣିଲେ ୧୭,୪୪୦ କୋଟିର ଅତିରିକ୍ତ ବଜେଟ

- **କାର୍ଯ୍ୟକ୍ରମ ବ୍ୟୟ ବାବଦକୁ ୧୩,୭୧୬ କୋଟି, ପ୍ରଶାସନିକ ବ୍ୟୟ ୩,୩୮୯ କୋଟି**
- **ବିପର୍ଯ୍ୟୟ ପ୍ରଶମନ ପାଣ୍ଠି ୧୭୧ କୋଟି**

ରାଜ୍ୟ ସରକାର ୨୦୨୪-୨୫ ଆର୍ଥିକ ବର୍ଷରେ ଅତିରିକ୍ତ ବଜେଟ ପାଇଁ ୧୨,୧୫୬ କୋଟି ଟଙ୍କା ବ୍ୟୟବରାଦ କରିଥିଲେ। ଶୁକ୍ରବାର ବିଧାନସଭାର ଶୀତକାଳିନ ଅଧିବେଶନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ଉପସ୍ଥାପିତ ଅତିରିକ୍ତ ବଜେଟ୍ ୨୦୨୫-୨୬ରେ ଏହାର ପରିମାଣକୁ ବଢ଼ାଯାଇ ୧୭,୪୪୦ କୋଟି ଟଙ୍କା କରାଯାଇଛି। ଗତବର୍ଷ ଭିତ୍ତିଭୂମି ବିକାଶକୁ ଅଗ୍ରପ୍ରାଧାନ୍ୟ ଦିଆଯାଇ ୩.୦୮୭ କୋଟି ଟଙ୍କା ବ୍ୟୟବରାଦ କରାଯାଇଥିଲା। ତେବେ ୨୦୨୫-୨୬ ଆର୍ଥିକ ବର୍ଷରେ ଖାଦ୍ୟ ସୁରକ୍ଷା ଯୋଜନାକୁ ଗୁରୁତ୍ୱ ଦିଆଯାଇ ଏହାର ବ୍ୟୟବରାଦ ରାଶିକୁ ୪,୩୨୯ କୋଟି ଟଙ୍କା କରାଯାଇଛି। ମହିଳାଙ୍କୁ ସଶକ୍ତ କରିବା ଲାଗି ସରକାରଙ୍କ ମହତ୍ତ୍ୱାକାଂକ୍ଷୀ ଯୋଜନା 'ସୁଭଦ୍ରା' ପାଇଁ ୨୦୨୪-୨୫ ଆର୍ଥିକ ବର୍ଷର ଅତିରିକ୍ତ ବଜେଟରେ ୧,୧୯୬ କୋଟି ଟଙ୍କା ବ୍ୟୟବରାଦ କରାଯାଇଥିବା ବେଳେ ୨୦୨୫-୨୬ରେ ୨୯୫ କୋଟି ଟଙ୍କା ରଖାଯାଇଛି।

ଭୁବନେଶ୍ୱର, ୨୮।୧୧(ସୁମିତ୍ ମିଶ୍ର)

ରାଜ୍ୟ ସରକାରଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର ୨୦୨୫-୨୬ ଆର୍ଥିକ ବର୍ଷ ଲାଗି ୧୭ ହଜାର ୪୪୦ କୋଟି ଟଙ୍କା ଅତିରିକ୍ତ ବଜେଟ ଗୃହରେ ଉପସ୍ଥାପନ କରିଛନ୍ତି। ଏଥିରୁ ପ୍ରଶାସନିକ ବ୍ୟୟ ଲାଗି ୩,୩୮୯ କୋଟି ଟଙ୍କା ଧାର୍ଯ୍ୟ କରାଯାଇଥିବା ବେଳେ କାର୍ଯ୍ୟକ୍ରମ ବ୍ୟୟ ଲାଗି ୧୩,୭୧୬ କୋଟି, ବିପର୍ଯ୍ୟୟ ପ୍ରଶମନ ପାଣ୍ଠି ୧୭୧ କୋଟି, ରାଜ୍ୟ ବଜେଟରୁ ସ୍ଥାନାନ୍ତର ହେବ ୧୬୪ କୋଟି ଟଙ୍କା। ଏହିପରି ମୋଟ୍ ୧୭ ହଜାର ୪୪୦ କୋଟି ଟଙ୍କାର ବ୍ୟୟ ବରାଦକୁ ବିଧାନସଭାରେ ଅନୁମୋଦନ ଲାଗି ରଖାଯାଇଛି। ଏହି ଅତିରିକ୍ତ ବଜେଟର ସମ୍ପୂର୍ଣ୍ଣ ରୂପରେଖକୁ ଦେଖିଲେ ଅତିରିକ୍ତ ବଜେଟ ପାଇଁ ସ୍ଥିର ହୋଇଥିବା ରାଶିର ୧% ବିପର୍ଯ୍ୟୟ ମୁକାବିଲା ପାଣ୍ଠି, ରାଜ୍ୟରୁ ହସ୍ତାନ୍ତର ରାଶି ୧%, ପ୍ରଶାସନିକ ଖର୍ଚ୍ଚ ୧୯% ଏବଂ କାର୍ଯ୍ୟକ୍ରମ ଖର୍ଚ୍ଚ ଲାଗି ୭୯% ରଖାଯାଇଛି।

ମୁଖ୍ୟମନ୍ତ୍ରୀ ବଜେଟ ବହିରେ ଉଲ୍ଲେଖ କରିଛନ୍ତି, ରାଜ୍ୟ ସରକାରଙ୍କ ଅଧୀନରେ ଚାଲୁଥିବା ବିଭିନ୍ନ ପ୍ରକଳ୍ପକୁ ସମ୍ପୂର୍ଣ୍ଣ କରିବା ଲାଗି ଅତିରିକ୍ତ ପାଣ୍ଠିର ଆବଶ୍ୟକତା ରହିଛି। ଏହାସହ ପ୍ରଚଳିତ ଥିବା କେନ୍ଦ୍ର ଯୋଜନା ଓ ପ୍ରବର୍ତ୍ତିତ ଯୋଜନା ଓ ଭାରତ ସରକାରଙ୍କ ନୂତନ କେନ୍ଦ୍ର ପ୍ରବର୍ତ୍ତିତ ଯୋଜନା ଲାଗି ଅତିରିକ୍ତ ବ୍ୟୟବରାଦର ଆବଶ୍ୟକତା ପଡୁଛି। ଓଡ଼ିଶା ଆକସ୍ମିକ ପାଣ୍ଠିରୁ ନିଆଯାଇଥିବା ଅଗ୍ରିମ ଅର୍ଥର ଭରଣା ଏବଂ ବିଭିନ୍ନ ଦାବି ଅନ୍ତର୍ଗତ ହିସାବର ବ୍ୟବସ୍ଥାପନା ଲାଗି ଅତିରିକ୍ତ ବ୍ୟୟ ବରାଦ ଜରୁରୀ। ପ୍ରଶାସନିକ ବ୍ୟୟବରାଦ ଲାଗି ୩୩୮୯ କୋଟି ଟଙ୍କା ରଖାଯାଇଛି। ସେଥିରୁ ୧୪୦୬ କୋଟି ଟଙ୍କା ସୁଧ ଦେୟ ଏବଂ ୧୩୩ କୋଟି ଟଙ୍କା ଓଡ଼ିଶା ଆକସ୍ମିକ ପାଣ୍ଠିରୁ ଯାହା ନିଆଯାଇଥିଲା ତାହା ଅଗ୍ରିମ ଭରଣା କରାଯିବ। ସରକାରୀ ଆବାସିକ କୋଠାଗୁଡ଼ିକ ରକ୍ଷଣାବେକ୍ଷଣ ଲାଗି ୨୦୫ କୋଟି ଏବଂ ଅଣଆବାସିକ କୋଠାଗୁଡ଼ିକର ରକ୍ଷଣାବେକ୍ଷଣ ଲାଗି ୩୦୬ କୋଟି ☞ପୃଷ୍ଠା-୪

# ଶୂନ୍ୟକାଳରେ ଧାନ ତାତି

- **କାହିଁକି ଧାନ ଉଠୁନି ପ୍ରଶ୍ନ କଲେ ପ୍ରସନ୍ନ**
- **ବରଗଡ଼ରୁ ଉଠିଲାଣି ଧାନ:ସମବାୟ ମନ୍ତ୍ରୀ**

ଭୁବନେଶ୍ୱର,୨୮।୧୧ (ରବିନାରାୟଣ ଜେନା)

ରାଜ୍ୟରେ ଧାନ ସଂଗ୍ରହ ବିଳମ୍ବକୁ ନେଇ ଶୁକ୍ରବାର ବିଧାନସଭା ଶୂନ୍ୟକାଳରେ ବିରୋଧୀ ସରକାରଙ୍କୁ ଘେରିଛନ୍ତି। ବିରୋଧୀ ଦଳ(ବିଜେଡି) ଉପନେତା ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି, ଚାଷୀମାନେ ରାଜ୍ୟ ତଥା ଦେଶର ମେରୁଦଣ୍ଡ। ହେଲେ ଏକଥାକୁ ସରକାର ଟିକେ ହେଲେ ବି ଗୁରୁତ୍ୱ ଦେଉନାହାନ୍ତି। ପ୍ରତିବର୍ଷ ଖରିଫ ଧାନ ସଂଗ୍ରହ ନଭେମ୍ବର ପହିଲାରୁ ଆରମ୍ଭ ହେବା କଥା, ହେଲେ ୨୮ ଦିନ ବିତିଲାଣି ସରକାର ଟିକିଏ ବି ଚିନ୍ତା କରୁନାହାନ୍ତି। ଚାଷୀମାନେ ଅଭାବୀ ବିକ୍ରିର ସମ୍ମୁଖୀନ ହେଉଛନ୍ତି ବୋଲି ଆଚାର୍ଯ୍ୟ କହିଛନ୍ତି। ଏହାର ଉତ୍ତର ରଖି ସମବାୟ ମନ୍ତ୍ରୀ ଗୃହ ବାହାରେ କହିଛନ୍ତି, ଶୁକ୍ରବାରଠାରୁ ବରଗଡ଼ରୁ ଧାନ ଉଠିଛି। ଜାନୁଆରୀରୁ ଉପକୂଳ ଜିଲାଗୁଡ଼ିକରୁ ସଂଗ୍ରହ କରାଯିବ।

ଶୁକ୍ରବାର ଗୃହରେ ଶୂନ୍ୟକାଳ ଆରମ୍ଭ ହେବା ମାତ୍ରେ ପ୍ରସନ୍ନ ଆଚାର୍ଯ୍ୟ ଚାଷୀ ପ୍ରସଙ୍ଗ ଉଠାଇ କହିଛନ୍ତି, ସରକାର କହିଲେ ଜିଲାସ୍ତରୀୟ ଧାନ ସଂଗ୍ରହ କମିଟିର ନିଷ୍ପତ୍ତିକ୍ରମେ ଏବର୍ଷ ଧାନ ଉଠିବ। ହେଲେ ଅଦ୍ୟାବଧି ୨୮ଦିନ ବିତିଲାଣି ସରକାର ଗୋଟିଏ ବି ବସ୍ତା ଧାନ କିଣି ନାହାନ୍ତି। ମଣ୍ଡିକୁ ଏପର୍ଯ୍ୟନ୍ତ ମିଲରମାନେ ଯାଉନାହାନ୍ତି। ବରଗଡ଼ ଭଳି ଜିଲାରେ ୫ହଜାରରୁ ଅଧିକ ଚାଷୀ ଏପର୍ଯ୍ୟନ୍ତ ପଞ୍ଜୀକରଣ ହୋଇନାହାନ୍ତି। ଚାଷୀଙ୍କୁ ଟୋକନ ମିଳିନାହିଁ। ଚଳିତବର୍ଷ ଧାନ ସଂଗ୍ରହରେ ସରକାରଙ୍କ ପକ୍ଷରୁ ସମ୍ପୂର୍ଣ୍ଣ ଭାବେ ଅବ୍ୟବସ୍ଥା ହୋଇଛି। ଏଥିପାଇଁ ଚାଷୀମାନେ ଅଭାବୀ ବିକ୍ରିର ସମ୍ମୁଖୀନ ହୋଇ ନିର୍ଦ୍ଧାରିତ ଦରଠାରୁ ବହୁ କମ୍ ଦରରେ ବଜାରରେ ବିକ୍ରି କରୁଛନ୍ତି। ମଧ୍ୟସ୍ଥମାନେ ଏହାର ଫାଇଦା ଉଠାଉଛନ୍ତି। ମିଲର୍ସମାନେ କହୁଛନ୍ତି, ସେମାନଙ୍କ ପାଖରେ ଧାନ ଉଠାଇବା ପାଇଁ ଜାଗା ନାହିଁ। ପୂର୍ବବର୍ଷର ଧାନ ଆଣିଛୁ ଯେ ଚାଉଳ ସରକାର ନେଇନାହାନ୍ତି। ଏହି କ୍ଷେତ୍ରରେ ଏବର୍ଷ ଧାନ ଉଠିପାରୁନାହିଁ। ଡବଲ ଇଞ୍ଜିନ ସରକାର ଯୋଗୁ ଏଫ୍‌ସିଆଇ ଚାଉଳ ମଧ୍ୟ ଉଠାଉନାହିଁ। ଏହି ସମସ୍ତ ପ୍ରକ୍ରିୟା ଏବେ ଚାଷୀଙ୍କୁ ଅଭାବୀ ଧାନ ବିକ୍ରି ପାଇଁ ବାଧ୍ୟ କରୁଛି ବୋଲି ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି।

ଏସଂକ୍ରାନ୍ତରେ ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ କହିଛନ୍ତି, ରାଜ୍ୟ ସରକାରଙ୍କ ପାଖରେ ଧାନ ସଂରକ୍ଷିତ ରଖିବାକୁ ପର୍ଯ୍ୟାପ୍ତ ଜାଗା ଅଛି। ଯେଉଁଠି ଧାନ ପ୍ରସ୍ତୁତ ହେଲାଣି, ସେଠି ଚାଷୀଙ୍କୁ ମଣ୍ଡିଦିଆସରିଲାଣି। ବିରୋଧୀ କେବଳ ସରକାରଙ୍କୁ ବିରୋଧ କରିବାପାଇଁ ଯାହା ପାରୁଛନ୍ତି କହୁଛନ୍ତି। ଚଳିତବର୍ଷ ଅଧିକ ଚାଷୀ ପଞ୍ଜୀକରଣ କରିଛନ୍ତି। ଚାଷୀ କେମିତି ସବ୍‌ସିଡି ପାଇବେ ଏବଂ ସେମାନଙ୍କ ଆର୍ଥିକ ଉନ୍ନତି ହେବ ସେଥିପ୍ରତି ସରକାର ସଜାଗ ଅଛନ୍ତି।

**ଆଜିର ସମ୍ପାଦକୀୟ**
ମିନି ପିଏମ୍‌ଓ

**ମହିଳା ସୁରକ୍ଷା ପ୍ରସଙ୍ଗ: ଗୃହ କମ୍ପାଇଲେ ବିରୋଧୀ**
ପୃଷ୍ଠା-୩

# ମାଓବାଦୀଙ୍କ ଆତ୍ମସମର୍ପଣ ପ୍ରୋତ୍ସାହନ ରାଶି ବଢ଼ିଲା

**ଟପ୍ କ୍ୟାଡରଙ୍କ ପାଇଁ ୧କୋଟି ୨୦ ଲକ୍ଷ**

- **ଏକେ ୪୭ ଧରି ଆତ୍ମସମର୍ପଣ କଲେ ମିଳିବ ୪ଲକ୍ଷ ୯୫ ହଜାର**
- **୧୦ଲକ୍ଷ ମୁଣ୍ଡ ଜାମିନ୍ ଥିଲେ ମିଳିବ ୫ଲକ୍ଷ ଟଙ୍କା**

ରାଜ୍ୟରୁ ବାମପନ୍ଥୀ ଉଗ୍ରବାଦକୁ ନିଶ୍ଚିହ୍ନ କରିବା ଲାଗି ସରକାରୀ ସ୍ତରରେ ବିଭିନ୍ନ ପଦକ୍ଷେପ ନିଆଯାଉଛି। ସେମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ଅଧିକ ପ୍ରୋତ୍ସାହନ ଦେବା ସକାଶେ ସରକାର ଅର୍ଥ ରାଶିକୁ ବଢ଼ାଇଛନ୍ତି। ମାଓବାଦୀଙ୍କ ଆତ୍ମସମର୍ପଣ ଓ ଥଇଥାନ ନୀତିରେ ବର୍ତ୍ତମାନ ସଂଶୋଧନ କରାଯାଇଛି। ନୀତି ଅନୁଯାୟୀ ମାଓବାଦୀଙ୍କ ଶୀର୍ଷ ନେତା ଆତ୍ମସମର୍ପଣ କଲେ ୧ କୋଟି ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆର୍ଥିକ ସହାୟତା ଦିଆଯିବା ବୋଲି ସ୍ଥିର ହୋଇଛି। ପୂର୍ବରୁ କେନ୍ଦ୍ରୀୟ କ୍ୟାଡର୍ ପାଇଁ ୨୫ ଲକ୍ଷ ଥିବାବେଳେ ରାଜ୍ୟ କ୍ୟାଡର୍ ପାଇଁ ୨୦ ଲକ୍ଷ ଥିଲା। ସରକାରଙ୍କ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ ଆତ୍ମସମର୍ପଣ କରୁଥିବା ମାଓବାଦୀଙ୍କୁ 'ଏ' ଓ 'ବି' ବର୍ଗରେ ବିଭକ୍ତ କରାଯାଇଛି। ସେହି ଅନୁଯାୟୀ ସେମାନଙ୍କୁ ଥଇଥାନ ପ୍ୟାକେଜ ଦିଆଯିବ। ଏପରି କି ଆବଶ୍ୟକ ସ୍ଥଳେ ସେମାନଙ୍କୁ ଆଇନ ସହାୟତା ଦେବାର ବ୍ୟବସ୍ଥା କରାଯାଇଛି।

ଭୁବନେଶ୍ୱର, ୨୮।୧୧ (ତ୍ରିନାଥ ମହାନ୍ତି)

ଆସନ୍ତା ମାର୍ଚ୍ଚ ୨୬ ସୁଦ୍ଧା ଦେଶକୁ ମାଓବାଦୀମୁକ୍ତ କରିବା ପାଇଁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ମାଓବାଦୀ ପ୍ରଭାବିତ ରାଜ୍ୟଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି। ମାଓବାଦୀଙ୍କୁ ବନ୍ଧୁକ ଛାଡ଼ି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବାକୁ ବାରମ୍ବାର ଆହ୍ୱାନ ଦିଆଯିବା ସହ ସେମାନଙ୍କ ସୁରକ୍ଷା ପାଇଁ ପଦକ୍ଷେପ ନିଆଯାଉଛି। ଏଥିସହ ଭବିଷ୍ୟତ ଗଢ଼ିବା ପାଇଁ ସେମାନଙ୍କୁ ଦିଆଯାଉଥିବା ଆର୍ଥିକ ପ୍ରୋତ୍ସାହନ ରାଶିକୁ ବୃଦ୍ଧି କରାଯାଇଛି। ଏନେଇ ସ୍ୱତନ୍ତ୍ର ଥଇଥାନ ନୀତି ପ୍ରଣୟନ ହୋଇଛି। ମାଓବାଦୀଙ୍କ କେନ୍ଦ୍ରୀୟ କମିଟି ସଦସ୍ୟ ଆତ୍ମସମର୍ପଣ କଲେ ୧ କୋଟି ୨୦ ଲକ୍ଷ ଟଙ୍କାର ପ୍ରୋତ୍ସାହନ ରାଶି ମିଳିବା ସହ ନଗଦ ୧୦ ଲକ୍ଷ ଟଙ୍କା ଦିଆଯିବ। ରାଜ୍ୟ ମାଓବାଦୀ କମିଟିର ସଦସ୍ୟ ଆତ୍ମସମର୍ପଣ କଲେ ୬୫ଲକ୍ଷ ଟଙ୍କାର ପ୍ରୋତ୍ସାହନ ରାଶି ମିଳିବା ସହ ନଗଦ ୧୦ ଲକ୍ଷ ଟଙ୍କା ମିଳିବ। ଆଞ୍ଚଳିକ କମିଟିର ସଦସ୍ୟ ପୋଲିସ ନିକଟରେ ☞ପୃଷ୍ଠା-୪

# କେନ୍ଦ୍ରୀୟ ବିଦ୍ୟାଳୟ ସମ୍ମୁଖରେ ବୋମା ଫୁଟିଲା

**ଏନ୍‌ଆଇଏ, ପୋଲିସର ତଦନ୍ତ**

- **୩ଜଣଙ୍କୁ ଅଟକ ରଖି ପଚରାଉଚରା**

ଭୁବନେଶ୍ୱର, ୨୮।୧୧(ତ୍ରିନାଥ ମହାନ୍ତି)

ବିଧାନସଭା ଅଧିବେଶନ ପାଇଁ ରାଜଧାନୀ କଡ଼ା ସୁରକ୍ଷା ବଳୟରେ ରହିଛି। ଏପରିସ୍ଥିତିରେ ସହରରେ ଏକାଧିକ ବୋମା ଫୁଟିଛି। ଭୁବନେଶ୍ୱରର ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ଗାଡ଼କଣସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟ ନଂ.୩ ସମ୍ମୁଖରେ ଶୁକ୍ରବାର ସକାଳ ପ୍ରାୟ ୮ଟାରେ ଏହି ଘଟଣା ଘଟିଛି। ବୋମା ଫୁଟିବା ସମୟରେ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀଶିକ୍ଷକ ସ୍କୁଲ ଭିତରକୁ ପ୍ରବେଶ କରିସାରିଥିବାରୁ ବଡ଼ ଅଘଟଣ ଟଳି ଯାଇଛି। ତେବେ ସ୍କୁଲ୍ ଗେଟରେ ବୋମାର କିଛି ଛିଟା ପଡିଥିବା ବେଳେ ରାସ୍ତା ଉପରେ ବାରୁଦ ଏବଂ ଲୁହା କଣ୍ଟା ପଡ଼ିଥିଲା। ଖବର ପାଇ ପୋଲିସ, ସାଇଣ୍ଟିଫିକ ଟିମ୍, ଜାତୀୟ ତଦନ୍ତକାରୀ ସଂସ୍ଥା ଏନ୍‌ଆଇଏ ଏବଂ ଆର୍‌ପିଏଫ୍ ଘଟଣା ସ୍ଥଳରେ ପହଞ୍ଚି ଛାନ୍‌ଭିନ ଚଳାଇଛି। ଏଥିସହ ଫୋରେନ୍‌ସିକ୍ ଟିମ୍ ପହଞ୍ଚି ଫୁଟିଥିବା ବୋମାର ଅଂଶକୁ ଜବତ କରିଛି। ପୋଲିସ ସ୍କୁଲ ନିକଟରେ ଲାଗିଥିବା ସିସିଟିଭି ଫୁଟେଜ ଆଧାରରେ ୩ଜଣ ବ୍ୟକ୍ତିଙ୍କୁ ଅଟକ ରଖି ☞ପୃଷ୍ଠା-୪



ବୋମା ପକାଯାଇଥିବା ସ୍ଥାନ ତଦାରଖ କରୁଛନ୍ତି ଏନ୍‌ଆଇଏ ଅଧିକାରୀ।



# ଆସାମରେ ବହୁବିବାହ ବିରୋଧରେ ବିଲ୍ ଗୃହୀତ

ଗୁଆହାଟୀ,୨୮।୧୧

ଆସାମ ବିଧାନସଭାରେ ଗୁରୁବାର ଆସାମ ବହୁବିବାହ ନିଷେଧ ବିଲ୍, ୨୦୨୫ ଗୃହୀତ ହୋଇଛି। ଏହି ପ୍ରସ୍ତାବିତ ଆଇନରେ ଅପରାଧୀଙ୍କ ପାଇଁ କଠୋର ଦଣ୍ଡ ବ୍ୟବସ୍ଥା ରହିଛି। ବିଲ୍‌କୁ ରାଷ୍ଟ୍ରପତିଙ୍କ ଅନୁମୋଦନ ପାଇଁ ପଠାଯିବ। ବହୁବିବାହ ଓ ବାଲ୍ୟ ବିବାହକୁ ବେଆଇନ କରିବା ପାଇଁ ସରକାର ପୂର୍ବରୁ ଲକ୍ଷ୍ୟ ରଖିଥିଲେ। ମହିଳାମାନଙ୍କ ଅଧିକାର ସହ ସାଲିସ୍ କରାଯିବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା କହିଛନ୍ତି। ସେ ଯଦି ପୁଣିଥରେ କ୍ଷମତାକୁ ଆସନ୍ତି, ତେବେ ମହିଳାଙ୍କ ବିବାହର ସର୍ବନିମ୍ନ ବୟସ ୧୮ରୁ ୨୧କୁ ବୃଦ୍ଧି କରିବେ ବୋଲି କହିଛନ୍ତି।

# ଡିସେମ୍ବର ୪ରେ ଭାରତ ଆସିବେ ପୁଟିନ୍

ନୂଆଦିଲ୍ଲୀ,୨୮।୧୧

ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଡିସେମ୍ବର ୪ରୁ ୨ ଦିନିଆ ଭାରତ ଗସ୍ତରେ ଆସିବେ ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଶୁକ୍ରବାର ଘୋଷଣା କରାଯାଇଛି। ନୂଆଦିଲ୍ଲୀ ରହଣି ସମୟରେ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ୨୩ତମ ଭାରତ-ରୁଷିଆ ବାର୍ଷିକ ସମ୍ମିଳନୀରେ ଯୋଗଦେବେ।


ଭ୍ଲାଡିମିର ପୁଟିନ୍

ଏହି ଅବସରରେ ଉଭୟ ଦେଶର ନେତା ଦ୍ୱିପାକ୍ଷିକ ସହଯୋଗର ବର୍ତ୍ତମାନର ସ୍ଥିତି ଆକଳନ କରିବା ସହ ସ୍ୱତନ୍ତ୍ର ରଣନୀତିକ ସହଭାଗିତା ଆଗେଇନେବା ଦିଗରେ ପ୍ରାଥମିକତାଗୁଡ଼ିକୁ ସ୍ଥିର କରିବେ। ଏଥିସହିତ ପ୍ରମୁଖ ଆଞ୍ଚଳିକ ଏବଂ ବୈଶ୍ୱିକ ଅଗ୍ରଗତି ସମ୍ପର୍କରେ ସବିଶେଷ ଆଲୋଚନା କରିବେ ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ ସୂତ୍ରରୁ ଜଣାପଡ଼ିଛି।


ବାତ୍ୟା ଡିଟ୍‌ୱା ପ୍ରଭାବରେ ଶ୍ରୀଲଙ୍କାର ତ୍ରିଙ୍କୋମାଲି ନିକଟରେ ସମୁଦ୍ର ଅଶାନ୍ତ ରହିଛି।

# ବାତ୍ୟା ଡିଟ୍‌ୱା: ଶ୍ରୀଲଙ୍କାରେ ୫୬ ମୃତ

- ରବିବାର ତାମିଲନାଡୁରେ ସ୍ଥଳଭାଗ ଛୁଇଁବ
- ଶ୍ରୀଲଙ୍କାକୁ ସହାୟତା ପଠାଇଲା ଭାରତ

କଲମ୍ବୋ/ନୂଆଦିଲ୍ଲୀ,୨୮।୧୧

ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ବାତ୍ୟା ଡିଟ୍‌ୱାରେ ପରିଣତ ହେବା ପରେ ଶ୍ରୀଲଙ୍କାରେ ବିପର୍ଯ୍ୟୟ ଘଟାଇଛି। ଏହି ଦ୍ୱୀପଦେଶରେ ପ୍ରବଳ ବର୍ଷା ଯୋଗୁ ବନ୍ୟା ଓ ଭୂସ୍ଖଳନରେ ୫୬ ଜଣଙ୍କ ମୃତ୍ୟୁ ଘଟିବା ସହ ୨୧ ଜଣ ନିଖୋଜ ଅଛନ୍ତି। ବାତ୍ୟା ଉତ୍ତର ତାମିଲନାଡୁ, ପଣ୍ଡିଚେରୀ ଏବଂ ଦକ୍ଷିଣ ଆନ୍ଧ୍ରପ୍ରଦେଶ ଦିଗରେ ଅଗ୍ରସର ହେଉଥିବା ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି। ରବିବାର ଏହା ତାମିଲନାଡୁରେ ସ୍ଥଳଭାଗ ଛୁଇଁବ ବୋଲି କୁହାଯାଉଛି। ବାତ୍ୟା ପ୍ରଭାବରେ ୫୬ ଜଣଙ୍କ ଜୀବନ ଯିବା ଘଟଣାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ଭାରତ ଅପରେଶନ ସାଗର ବିନ୍ଦୁ ଜରିଆରେ ଶ୍ରୀଲଙ୍କାକୁ ରିଲିଫ୍ ସାମଗ୍ରୀ ଓ ମାନବୀୟ ସହାୟତା ପଠାଇଥିବା ପ୍ରଧାନମନ୍ତ୍ରୀ ଘୋଷଣା କରିଛନ୍ତି। ଆବଶ୍ୟକ ହେଲେ ଅଧିକ ସହାୟତା ପଠାଇବା ପାଇଁ ଭାରତ ପ୍ରସ୍ତୁତ ଥିବା ସେ କହିଛନ୍ତି।

ଶ୍ରୀଲଙ୍କାରେ ଗତ ୭୨ ଘଣ୍ଟା ଧରି ବର୍ଷା ବିପ୍ରାତ ଲାଗି ରହିଛି। ଜରୁରୀ ସ୍ଥିତି ସ୍ୱରୂପ ସରକାର ଜରୁରୀ ସେବାରେ ସମ୍ପୃକ୍ତ କର୍ମଚାରୀଙ୍କ ବ୍ୟତୀତ ଅନ୍ୟମାନଙ୍କ ପାଇଁ ଶୁକ୍ରବାରକୁ ଛୁଟି ଘୋଷଣା କରିଛନ୍ତି। ଭୀଷଣ ପାଗ ଯୋଗୁ ୧୨,୩୧୩ ପରିବାରର ୪୩,୯୯୧ ଜଣ ପ୍ରଭାବିତ ହୋଇଥିବା ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ କୁହାଯାଇଛି। ବାତ୍ୟା ଡିଟ୍‌ୱା ଶୁକ୍ରବାର ସକାଳେ ଶ୍ରୀଲଙ୍କାର ପୂର୍ବାଞ୍ଚଳ ଜିଲା ତ୍ରିଙ୍କୋମାଲିରେ ଥିବାବେଳେ କ୍ରମଶଃ ଭାରତ ଆଡ଼େ ଅଗ୍ରସର ହେଉଛି।

ଶ୍ରୀଲଙ୍କାରେ ପ୍ରବଳ ପବନ ସହ ବର୍ଷା ଲାଗି ରହିଛି। ବିଭିନ୍ନ ରଜ୍ୟରେ ୨୦୦ ମିଲିମିଟରରୁ ଊର୍ଦ୍ଧ୍ୱ ବର୍ଷା ହୋଇଛି। ପବନର ବେଗ ୬୦ରୁ ୭୦ କି.ମି. ଥିବାବେଳେ ସର୍ବାଧିକ ବେଗ ୯୦ କି.ମି. ରହିଥିଲା। ଶ୍ରୀଲଙ୍କା ଏୟାରଲାଇନ୍ସର ଅନେକ ବିମାନକୁ ଭାରତର କୋଚି ଏବଂ ତ୍ରିଭେନ୍ଦ୍ରମ୍ ପଠାଯିବା ସହ ଦକ୍ଷିଣ ଭାଗରେ ଥିବା ମଟ୍ଟାଲା ଏୟାରପୋର୍ଟରେ କେତେକ ବିମାନ ଅବତରଣ କରିଛି। ଶ୍ରୀଲଙ୍କା ପ୍ରଧାନମନ୍ତ୍ରୀ ହରିନି ଅମରସୂରିୟା ଶୁକ୍ରବାର ଜରୁରୀ ବୈଠକ ଡାକିଥିବାବେଳେ ଅନ୍ତର୍ଜାତୀୟ ସହାୟତା ପାଇଁ ଅପିଲ୍ କରିବାକୁ ସରକାର ବିଚାର କରିପାରନ୍ତି ବୋଲି ଏକ ସୂତ୍ରରୁ ଜଣାପଡ଼ିଛି।

# ପ୍ରବାସକୁ ସବୁଦିନ ପାଇଁ ବନ୍ଦ କରିଦେବି

## ତୃତୀୟ ବିଶ୍ୱ ଦେଶଗୁଡ଼ିକୁ ଟ୍ରମ୍ପ୍‌ଙ୍କ ଧମକ

ୱାଶିଂଟନ,୨୮।୧୧

ଆମେରିକା ହ୍ୱାଇଟ୍ ହାଉସ୍ ନିକଟରେ ଜଣେ ଆଫଗାନ୍ ବ୍ୟକ୍ତିଙ୍କ ଗୁଳିମାଡ଼ରେ ନ୍ୟାଶନାଲ ଗାର୍ଡର ଜଣେ ସଦସ୍ୟଙ୍କ ମୃତ୍ୟୁ ଘଟିବା ସହ ଅନ୍ୟଜଣେ ଗୁରୁତର ହୋଇଥିବାବେଳେ ତୃତୀୟ ବିଶ୍ୱର ସମସ୍ତ ଦେଶରୁ ପ୍ରବାସକୁ ସବୁଦିନ ପାଇଁ ବନ୍ଦ କରିଦେବେ ବୋଲି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଶୁକ୍ରବାର ଘୋଷଣା କରିଛନ୍ତି। ଟ୍ରମ୍ପ୍‌ଙ୍କ ଏଭଳି ପଦକ୍ଷେପ ବିଶ୍ୱସ୍ତରରେ ବଡ଼ ଧରଣର ପ୍ରଭାବ ପକାଇବାକୁ ଯାଉଛି। ନିଯୁକ୍ତି ଏବଂ


ଡୋନାଲ୍ଡ ଟ୍ରମ୍ପ୍

ଶିକ୍ଷା ପାଇଁ ଆମେରିକା ଆସିଥିବା ଅନେକ ନିୟୁତ ବ୍ୟକ୍ତି ପ୍ରଭାବିତ ହେବେ। ଏଥିସହିତ ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରୁଥିବା ବିଦେଶୀମାନଙ୍କୁ ବିଦା କରାଯିବ ବୋଲି ଟ୍ରମ୍ପ୍ କହିଛନ୍ତି। ନ୍ୟାଶନାଲ ଗାର୍ଡ ସଦସ୍ୟଙ୍କ ମୃତ୍ୟୁ ପରେ ଟ୍ରମ୍ପ୍ ପ୍ରଶାସନ ଆପ୍ରବାସନ ଉପରେ ଚଢ଼ାଉକୁ ଜୋର୍‌ଦାର କରିଛି। ଚିନ୍ତାଜନକ ଦେଶଗୁଡ଼ିକରୁ ଆପ୍ରବାସୀଙ୍କୁ ଜାରି ହୋଇଥିବା ସମସ୍ତ ଗ୍ରୀନ୍‌କାର୍ଡର ପୁନଃ ଯାଞ୍ଚ କରାଯିବ ବୋଲି ଟ୍ରମ୍ପ୍ ପ୍ରଶାସନ କହିଛି।

ଆମେ ପ୍ରଯୁକ୍ତି କ୍ଷେତ୍ରରେ ଅଗ୍ରଗତି କରୁଥିବାବେଳେ ଏଥିରୁ ହେଉଥିବା ଲାଭ ଏବଂ ଅନେକଙ୍କ ଜୀବନଯାପନ ସ୍ଥିତି ଦେଶର ଆପ୍ରବାସନ ନୀତି ପାଇଁ ନଷ୍ଟ ହେଉଥିବା ଟ୍ରମ୍ପ୍ ଏକ ସୋସିଆଲ ମିଡିଆ ପୋଷ୍ଟରେ କହିଛନ୍ତି। ସେଥିପାଇଁ ତୃତୀୟ ବିଶ୍ୱ ଦେଶଗୁଡ଼ିକରୁ ପ୍ରବାସକୁ ସବୁଦିନ ପାଇଁ ବନ୍ଦ କରିବାକୁ ହେବ। ଜୋ ବାଇଡେନ୍‌ଙ୍କ ଶାସନ କାଳରେ ବେଆଇନ ଭାବେ ଆମେରିକାରେ ପ୍ରବେଶ କରିଥିବା ଅନେକ ନିୟୁତ ଲୋକଙ୍କୁ ବିଦା କରାଯିବ। ଯେଉଁମାନେ ଆମେରିକାର ସମ୍ପତ୍ତି ନୁହନ୍ତି କିମ୍ବା ଆମ ଦେଶକୁ ଭଲ ପାଉନାହାନ୍ତି ସେମାନଙ୍କୁ ବାହାର କରିଦିଆଯିବ ବୋଲି ଟ୍ରମ୍ପ୍ ଟ୍ରୁଥ୍ ସୋସିଆଲରେ ଲେଖିଛନ୍ତି।

ଶୀତଳ ଯୁଦ୍ଧ ବେଳେ ବିଶ୍ୱ ୨ ଭାଗରେ ବିଭକ୍ତ ହୋଇଥିଲା। ଗୋଟିଏ ପଟେ ଆମେରିକା ଓ ଏହାର ସହଯୋଗୀ ପାଶ୍ଚାତ୍ୟ ଦେଶ ଏବଂ ଅନ୍ୟପଟେ କମ୍ୟୁନିଷ୍ଟ ପୂର୍ବାଞ୍ଚଳ ଦେଶସମୂହ। ଏମାନଙ୍କୁ ଯଥାକ୍ରମେ ପ୍ରଥମ ଏବଂ ଦ୍ୱିତୀୟ ବିଶ୍ୱ କୁହାଯାଉଥିବାବେଳେ ନିରପେକ୍ଷ ତଥା ଅବଶିଷ୍ଟ ଦେଶଗୁଡ଼ିକୁ ତୃତୀୟ ବିଶ୍ୱ କୁହାଯାଉଥିଲା। ଗରିବ ଏବଂ ଅବହେଳିତ ଦେଶଗୁଡ଼କ ପାଇଁ ତୃତୀୟ ବିଶ୍ୱ ଶବ୍ଦ ବ୍ୟବହାର କରାଯାଇଥାଏ। ତୃତୀୟ ବିଶ୍ୱରେ ମୁଖ୍ୟତଃ ଆଫ୍ରିକା, ଏସିଆ ଏବଂ ଦକ୍ଷିଣ ଆମେରିକାର ଅନୁନ୍ନତ କୃଷିପ୍ରଧାନ ଦେଶଗୁଡ଼ିକୁ ନିଆଯାଇଥାଏ।

# ରାମଙ୍କ ସର୍ବୋଚ୍ଚ ମୂର୍ତ୍ତି ଅନାବରଣ କଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ,୨୮।୧୧

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ଦକ୍ଷିଣ ଗୋଆର ଶ୍ରୀସଂସ୍ଥାନ ଗୋକର୍ଣ୍ଣ ଜୀବୋତ୍ତମ ମଠରେ ଭଗବାନ ରାମଙ୍କର ୭୭ ଫୁଟ୍ ଉଚ୍ଚତା ବିଶିଷ୍ଟ ବ୍ରୋଞ୍ଜ ମୂର୍ତ୍ତିକୁ ଅନାବରଣ କରିଛନ୍ତି। ମଠ ପରିସରରେ ଥିବା ମନ୍ଦିରକୁ ପ୍ରଧାନମନ୍ତ୍ରୀ ପରିଦର୍ଶନ କରିଥିଲେ। ଗୁଜରାଟରେ ଷ୍ଟାଚ୍ୟୁ ଅଫ୍ ୟୁନିଟିର ଡିଜାଇନ୍ କରିଥିବା ଶିଳ୍ପୀ ରାମ ସୁତାର ଶ୍ରୀରାମଙ୍କ ଉକ୍ତ ମୂର୍ତ୍ତିର ମଧ୍ୟ ଡିଜାଇନ୍ କରିଛନ୍ତି। ଏହା ଭଗବାନ୍ ରାମଙ୍କର ବିଶ୍ୱରେ ସର୍ବୋଚ୍ଚ ମୂର୍ତ୍ତି। ଶ୍ରୀ ସଂସ୍ଥାନ ଗୋକର୍ଣ୍ଣ ଜୀବୋତ୍ତମ ମଠ ଭାରତର ଅନ୍ୟତମ ପୁରାତନ ମଠ ଯାହା ଆଧ୍ୟାତ୍ମିକତା, ସଂସ୍କୃତି ଏବଂ ସାମାଜିକ ଅବଦାନ ପାଇଁ ଜଣାଶୁଣା ଏବଂ ସାରସ୍ୱତ ସମ୍ପ୍ରଦାୟ ମଧ୍ୟରେ



ପ୍ରମୁଖ ସ୍ଥାନ। ଏହାର ୫୫୦ ବର୍ଷ ପରମ୍ପରାକୁ ମନେପକାଇବା ପାଇଁ ନଭେମ୍ବର ୨୭ରୁ ଡିସେମ୍ବର ୭ ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି।

# ପୂର୍ବତନ ବିଚାରପତି ଏସ୍. ମୁରଲୀଧର ଜାତିସଂଘ ତଦନ୍ତ କମିଶନ ଅଧ୍ୟକ୍ଷ ନିଯୁକ୍ତ

ନୂଆଦିଲ୍ଲୀ,୨୮।୧୧

ଓଡ଼ିଶା ହାଇକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ଏସ୍. ମୁରଲୀଧରଙ୍କୁ ଅଧିକୃତ ପାଲେଷ୍ଟିନୀୟ ଅଞ୍ଚଳ ଏବଂ ଇସ୍ରାଏଲ୍ ପାଇଁ ଜାତିସଂଘର ତଦନ୍ତ କମିଶନ ଅଧ୍ୟକ୍ଷ ନିଯୁକ୍ତ କରାଯାଇଛି। ଜାତିସଂଘ ମାନବାଧିକାର ପରିଷଦ ଅଧ୍ୟକ୍ଷ ଜୁର୍ଗ ଲାଉବେର୍ ଜଷ୍ଟିସ୍ ମୁରଲୀଧରଙ୍କୁ ଉପରୋକ୍ତ ନିଯୁକ୍ତି ପ୍ରଦାନ କରିଛନ୍ତି। ଫଳରେ ଜଣେ ଭାରତୀୟ ବିଚାରପତି ଜାତିସଂଘ ତଦନ୍ତକାରୀ କମିଟିର ମୁଖ୍ୟ ହୋଇଛନ୍ତି। ବ୍ରାଜିଲ ବିଶେଷଜ୍ଞ ପାଉଲୋ ସେର୍ଗିଓ ପିନହେରଇରୋଙ୍କ ସ୍ଥାନରେ ମୁରଲୀଧର ୩ ଜଣିଆ କମିଶନ୍‌ର ମୁଖ୍ୟ ଭାବେ ଅବସ୍ଥାପିତ ହେବେ। ୨୦୨୧ ଏପ୍ରିଲରୁ ଅନ୍ତର୍ଜାତୀୟ



ମାନବୀୟ ଆଇନ ଏବଂ ମାନବାଧିକାର ଉଲ୍ଲଂଘନ ଅଭିଯୋଗର ତଦନ୍ତ ଦାୟିତ୍ୱ ଉକ୍ତ କମିଶନକୁ ଦିଆଯାଇଛି। ନୂଆ ଅଧ୍ୟକ୍ଷ ତାଙ୍କ ତଦନ୍ତ ରିପୋର୍ଟ ଜାତିସଂଘ ସାଧାରଣ ସଭା ଏବଂ ମାନବାଧିକାର ପରିଷଦକୁ ପ୍ରଦାନ କରିବେ।

ମୁରଲୀଧର ୨୦୨୧ରୁ ୨୦୨୩ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ରହିଥିଲେ। ୨୦୦୯ରେ ଦିଲ୍ଲୀ ହାଇକୋର୍ଟ ସମଲିଙ୍ଗୀ ସମ୍ପର୍କକୁ ଅପରାଧମୁକ୍ତ କରିବା ପାଇଁ ଦେଇଥିବା ରାୟରେ ମୁରଲୀଧରଙ୍କ ଭୂମିକା ରହିଥିଲା। ୨୦୨୦ ଫେବୃଆରୀରେ ତାଙ୍କୁ ହଠାତ୍ ପଞ୍ଜାବ ଓ ହରିୟାଣା ହାଇକୋର୍ଟକୁ ବିଳମ୍ବିତ ରାତିରେ ବଦଳି କରାଯିବା ଖବରର ଶିରୋନାମା ମଣ୍ଡନ କରିଥିଲା। ଦିଲ୍ଲୀ ଦଙ୍ଗା ବେଳେ ରାଜନେତାମାନଙ୍କ ଘୃଣିତ ଭାଷଣ ସମୟରେ ଦିଲ୍ଲୀ ପୋଲିସର ନିଷ୍କ୍ରିୟତାକୁ ତାଙ୍କ ନେତୃତ୍ୱାଧୀନ ଖଣ୍ଡପୀଠ ସମାଲୋଚନା କରିବାର କେତେଘଣ୍ଟା ପରେ ତାଙ୍କୁ ବଦଳି କରାଯାଇଥିଲା। ଏହି ଘଟଣା ସେତେବେଳେ ବିତର୍କର ବିଷୟ ପାଲଟିବା ସହ ଆଇନଜୀବୀ ଓ ବିଚାରପତିମାନଙ୍କ ମହଲରେ ବିରୋଧ କରାଯାଇଥିଲା।

# ଦ୍ୱିତୀୟ ତ୍ରୈମାସିକରେ ଜିଡିପି ଅଭିବୃଦ୍ଧି ୮.୨%

## ୬ ତ୍ରୈମାସିକ ମଧ୍ୟରେ ସର୍ବାଧିକ

ନୂଆଦିଲ୍ଲୀ,୨୮।୧୧(ପି.ଟି.)

ଭାରତର ଆର୍ଥିକ ଅଭିବୃଦ୍ଧି ଦ୍ୱିତୀୟ ତ୍ରୈମାସିକ (ଜୁଲାଇରୁ ସେପ୍ଟେମ୍ବର)ରେ ୮.୨ ପ୍ରତିଶତ ରହିଛି। ଗତ ୬ଟି ତ୍ରୈମାସିକ ମଧ୍ୟରେ ଏହା ସର୍ବାଧିକ ଅଭିବୃଦ୍ଧି। ପୂର୍ବ ତ୍ରୈମାସିକରେ ଜିଡିପି ଅଭିବୃଦ୍ଧି ୭.୮ ପ୍ରତିଶତ ଥିଲା। ବର୍ଷେ ପୂର୍ବରୁ ଜିଡିପି ଅଭିବୃଦ୍ଧି ୫.୬% ରହିଥିଲା। ଉତ୍ପାଦନ ବୃଦ୍ଧି ଏବଂ ସେବା ସେକ୍ଟରରେ ଭଲ ପ୍ରଦର୍ଶନ ପାଇଁ ଆର୍ଥିକ ଅଭିବୃଦ୍ଧି ବଢ଼ିଥିବା ଜଣାପଡ଼ିଛି। ଏହା ପୂର୍ବରୁ ୨୦୨୩-୨୪ ଆର୍ଥିକ ବର୍ଷର ଜାନୁଆରୀ-ମାର୍ଚ୍ଚ ତ୍ରୈମାସିକରେ ଅଭିବୃଦ୍ଧି ହାର ୮.୪ ପ୍ରତିଶତ ରହିଥିଲା।

୮.୨% ଅଭିବୃଦ୍ଧି ଯୋଗୁ ଭାରତକୁ ବିଶ୍ୱର ଦ୍ରୁତତମ ଅଭିବୃଦ୍ଧିକାରୀ ବୃହତ୍ ଅର୍ଥନୀତି ସ୍ଥିତି ବଜାୟ ରଖିବାରେ ସହାୟକ ହୋଇଛି। ଜୁଲାଇ-ସେପ୍ଟେମ୍ବର ତ୍ରୈମାସିକରେ ଚାଇନାର ଆର୍ଥିକ ଅଭିବୃଦ୍ଧି ୪.୮ ପ୍ରତିଶତ ରହିଛି। ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ ପକ୍ଷରୁ ଜାରି ତଥ୍ୟ ଅନୁଯାୟୀ ଭାରତର ପ୍ରଥମ ଅର୍ଦ୍ଧବାର୍ଷିକ ଜିଡିପି ଅଭିବୃଦ୍ଧି ୮ ପ୍ରତିଶତ ରହିବ, ଯାହା ପୂର୍ବବର୍ଷ ଏହି ସମୟରେ ୬.୧ ପ୍ରତିଶତ ଥିଲା। ୨୦୨୫-୨୬ ଆର୍ଥିକ ବର୍ଷରେ ଅଭିବୃଦ୍ଧି ହାର ୬.୩ରୁ ୬.୮ ପ୍ରତିଶତ ମଧ୍ୟରେ ରହିବ ବୋଲି ଅର୍ଥନୈତିକ ସର୍ଭେ ରିପୋର୍ଟରେ ଲକ୍ଷ୍ୟଧାର୍ଯ୍ୟ କରାଯାଇଥିଲା। ଜୁଲାଇ-ସେପ୍ଟେମ୍ବର ତ୍ରୈମାସିକରେ ଉତ୍ପାଦନ ସେକ୍ଟର ଅଭିବୃଦ୍ଧି ୯.୧%କୁ ବୃଦ୍ଧି ପାଇଛି, ଯାହାକି ବର୍ଷକ ପୂର୍ବରୁ ଏହି ସମୟରେ ୨.୨% ଥିଲା। ସେପ୍ଟେମ୍ବର ୨୨ରେ ଜିଡିପି ଦର ହ୍ରାସ ଲାଗୁ ହୋଇଥିଲା। ସେହିପରି ବ୍ୟାଙ୍କିଙ୍ଗ୍, ରିୟଲ ଇଷ୍ଟେଟ ଭଳି ସେବା ସେକ୍ଟରରେ ଅଭିବୃଦ୍ଧି ହାର ୧୦.୨ ପ୍ରତିଶତ ହୋଇଛି। ପୂର୍ବବର୍ଷ ଏହି ସମୟରେ ଅଭିବୃଦ୍ଧି ହାର ୭.୨% ଥିଲା।

### ଭାରତର ଜିଡିପି, ଜାତୀୟ ଆକାଉଣ୍ଟ ତଥ୍ୟକୁ ସି ଗ୍ରେଡ୍ ଦେଲା ଆଇଏମ୍‌ଏଫ୍

ମୋଟ ଘରୋଇ ଉତ୍ପାଦ (ଜିଡିପି) ସମେତ ଭାରତର ଜାତୀୟ ଆକାଉଣ୍ଟ ପରିସଂଖ୍ୟାନକୁ ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି (ଆଇଏମ୍‌ଏଫ୍) ଏହାର ବାର୍ଷିକ ସମୀକ୍ଷାରେ 'ସି' ଗ୍ରେଡ୍ ପ୍ରଦାନ କରିଛି, ଯାହାକି ଦ୍ୱିତୀୟ ସର୍ବନିମ୍ନ ଗ୍ରେଡ୍। ଆଇଏମ୍‌ଏଫ୍ କହିବା ଅନୁଯାୟୀ, ଉକ୍ତ ଗ୍ରେଡ୍ ଅର୍ଥ ଉପଲବ୍ଧ ତଥ୍ୟରେ କିଛିଟା କମି ରହିଛି, ଯାହା ପର୍ଯ୍ୟବେକ୍ଷଣରେ ବାଧା ସୃଷ୍ଟି କରିଛି। ସରକାର ଶୁକ୍ରବାର ଚଳିତ ଆର୍ଥିକ ବର୍ଷର ଦ୍ୱିତୀୟ ତ୍ରୈମାସିକ ଜାତୀୟ ଆକାଉଣ୍ଟ ତଥ୍ୟ ପ୍ରକାଶ କରିଥିବାବେଳେ ଏହାର ଦିନକ ପୂର୍ବରୁ ଆଇଏମ୍‌ଏଫ୍ ଏଭଳି ଗ୍ରେଡ୍ ପ୍ରଦାନ କରିଛି। ଜାତୀୟ ଆକାଉଣ୍ଟ ତଥ୍ୟ ବିଭିନ୍ନ ସମୟରେ ପ୍ରକାଶ ପାଇଥାଏ, ଯେଉଁଥିରେ ପର୍ଯ୍ୟାପ୍ତ ସବିଶେଷ ତଥ୍ୟ ରହିଥାଏ। ତେବେ କେତେକ ପ୍ରକ୍ରିୟାଗତ ଦୁର୍ବଳତା ପର୍ଯ୍ୟବେକ୍ଷଣରେ ବାଧା ସୃଷ୍ଟି କରୁଥିବା ଆଇଏମ୍‌ଏଫ୍ କହିଛି।

## ଫୁରସତ୍

# ବାହ୍ୟ ଗ୍ରହରେ ଜୀବନ ଖୋଜିବେ ଭାରତ, ଜାପାନ

ନୂଆଦିଲ୍ଲୀ

ମାନବଜାତିର ସବୁଠାରୁ ଗଭୀର ପ୍ରଶ୍ନର ଉତ୍ତର ଖୋଜିବା ପାଇଁ ଭାରତ ଓ ଜାପାନ ଉଦ୍ୟମ ଆରମ୍ଭ କରିଛନ୍ତି। ଉଭୟ ଦେଶ ମିଶି ୩୦ମିଟରର ବିଶାଳକାୟ ଟେଲିସ୍କୋପ ନିର୍ମାଣ କରୁଛନ୍ତି, ଯାହାକୁ 'ଥାର୍ଟି ମିଟର ଟେଲିସ୍କୋପ'(ଟିଏମ୍‌ଟି) କୁହାଯାଉଛି। ଏହି ଅତ୍ୟାଧୁନିକ ଅପ୍ଟିକାଲ-ଇନ୍‌ଫ୍ରାରେଡ ଟେଲିସ୍କୋପ ମାଧ୍ୟମରେ ବ୍ଲାକ ହୋଲ୍, ଦୂର ଗାଲାକ୍ସି ଅଧ୍ୟୟନ କରାଯିବ। ଏଥିସହ ପୃଥିବୀ ବାହାରେ ଜୀବନର ଅନୁସନ୍ଧାନ କରାଯାଇପାରିବ ବୋଲି କୁହାଯାଇଛି। 'ଟିଏମ୍‌ଟି'ର ପ୍ରାଥମିକ ଦର୍ପଣ ୩୦ ମିଟର ବ୍ୟାସ ବିଶିଷ୍ଟ ହେବ, ଯାହା ୫୦୦ରୁ ଅଧିକ ଛୋଟ ଦର୍ପଣକୁ ଠିକ୍ ଭାବରେ ସଂଯୋଜିତ କରି ନିର୍ମାଣ କରାଯିବ। ଏହି ଛୋଟ ଦର୍ପଣଗୁଡ଼ିକୁ ସମ୍ପୂର୍ଣ୍ଣ ସିଧା ଓ ସମାନ କରି ରଖିବା ପାଇଁ ଆବଶ୍ୟକ ହେଉଥିବା ଅପ୍ଟୋ-



ମେକାନିକାଲ ସିଷ୍ଟମ ପ୍ରସ୍ତୁତିରେ ଭାରତ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି।

ଜାପାନର କ୍ୟାବିନେଟ ଅଫିସ୍ ନାଶନାଲ ସ୍ପେସ୍ ପଲିସି କମିଟିର ଭାଇସ୍ ଚେୟାରମ୍ୟାନ ଡ. ସାକୁ ସୁନେତା ଭାରତର ଏହି ପ୍ରଯୁକ୍ତି ସମ୍ପର୍କିତ ଜ୍ଞାନକୁ ପ୍ରଶଂସା କରିଛନ୍ତି।

ଏହି ଅନ୍ତର୍ଜାତୀୟ ପ୍ରକଳ୍ପରେ ଭାରତ, ଜାପାନ ଏବଂ ଆମେରିକାର ଦୁଇଟି ପ୍ରମୁଖ ବିଶ୍ୱବିଦ୍ୟାଳୟ ମିଶି କାର୍ଯ୍ୟ କରୁଛନ୍ତି। ଭାରତରୁ ଆଇଆଇଏ(ବେଙ୍ଗାଲୁରୁ), ଆଇୟୁସିଏଏ(ପୁଣେ) ଏବଂ ଏଆରଆଇଇଏସ୍(ନୈନିତାଲ) ସାମିଲ ଅଛନ୍ତି। ଟେଲିସ୍କୋପ୍‌ର ମୁଖ୍ୟ ଲକ୍ଷ୍ୟ ଅନ୍ୟ ତାରାଗୁଡ଼ିକ ଚାରିପଟେ ଘୂରୁଥିବା ବାହ୍ୟ ଗ୍ରହର ବାୟୁମଣ୍ଡଳ ବିଶ୍ଲେଷଣ କରି ଜଳୀୟବାଷ୍ପ ବା ଜୈବିକ ଅଣୁ ପରି ଜୀବନର ରାସାୟନିକ ସଙ୍କେତ ଖୋଜିବା। ଏହାର ନିର୍ମାଣ ପାଇଁ ହାୱାଇର ମୌନାକିଆକୁ ଚୟନ କରାଯାଇଛି, ଯାହାକି ଉତ୍କୃଷ୍ଟ ନୀଳ ଆକାଶ ପାଇଁ ପ୍ରସିଦ୍ଧ। ତେବେ ସ୍ଥାନୀୟ ମୂଳ ନିବାସୀଙ୍କ ବିରୋଧ ଯୋଗୁ ନିର୍ମାଣ କାର୍ଯ୍ୟରେ ସମସ୍ୟା ଉପୁଜିଛି। ତେବେ ଏନେଇ ଆପୋସ ଆଲୋଚନା ଜାରି ରହିଛି। ଅପରପକ୍ଷେ ଏଥିଲାଗି ଲଦାଖର ହାନ୍ଲେକୁ ଏକ ବିକଳ୍ପ ସ୍ଥଳୀ ଭାବରେ ବିଚାର କରାଯାଉଛି। ତେବେ ଭାରତର ପ୍ରଯୁକ୍ତିଗତ ଅବଦାନ ଯୋଗୁ ଏହି ପ୍ରକଳ୍ପର କାର୍ଯ୍ୟ ୨୦୩୦ ଦଶକର ମଧ୍ୟଭାଗ ସୁଦ୍ଧା କାର୍ଯ୍ୟକ୍ଷମ ହେବବୋଲି ଆଶାପ୍ରକାଶ କରାଯାଇଛି।

# ଝିଅ ପାଇଁ କିଆରା ଖୁସି

ମୁମ୍ବାଇ

ଅଭିନେତ୍ରୀ କିଆରା ଆଡ୍‌ଭାନୀ ନିକଟରେ ମା' ହୋଇଛନ୍ତି। ଝିଅ ଜନ୍ମର ପ୍ରାୟ ୫ ମାସ ପରେ ତା' ନାଁ ଦେଇଛନ୍ତି । ସେ ତାଙ୍କ ରାଜକୁମାରୀ ନାମ 'ସାରାୟା' ରଖିଛନ୍ତି। କିଆରା ଏବଂ ସିଦ୍ଧାର୍ଥ ମାଲହୋତ୍ରାଙ୍କ ଝିଅ ସାରାୟା ସଂସ୍କୃତ ଏବଂ ଆରବି ଭାଷାରେ ଭିନ୍ନ ଭିନ୍ନ ଅର୍ଥ ରଖେ। ସଂସ୍କୃତରେ ନାମର ଅର୍ଥ ସାର କିମ୍ବା ଉପାଦାନ। ଆରବୀୟ ଭାଷାରେ ସାରାୟା ଅର୍ଥ ଶୁଦ୍ଧ କିମ୍ବା ସମ୍ମାନରେ ପୂର୍ଣ୍ଣ। ଏହା ବ୍ୟତୀତ ହିବ୍ରୁ ଭାଷାରେ ନାମର ଅର୍ଥ ରାଜକୁମାରୀ। ନାମଟି ତେଜ ଏବଂ କୋମଳତା ସହିତ ମଧ୍ୟ ଜଡିତ। ସିଦ୍ଧାର୍ଥ ଏବଂ କିଆରା ସେମାନଙ୍କ ଝିଅକୁ ଭଗବାନଙ୍କ ଆଶୀର୍ବାଦ ବୋଲି କହିଛନ୍ତି। ଝିଅକୁ ସମୟ ଦେବା ପାଇଁ କିଆରା ମଧ୍ୟ କ୍ୟାରିଅରରୁ କିଛି ଦିନ ବିରତି ନେଇଛନ୍ତି। ସିଦ୍ଧାର୍ଥ ନିକଟରେ 'ପରମ ସୁନ୍ଦରୀ' ଫିଲ୍ମରେ ନଜର ଆସିଥିଲେ। ଆଗାମୀ ବର୍ଷ ସେ 'ୱାନ୍' ଫିଲ୍ମରେ ଦେଖାଦେବେ।


କିଆରା ଆଡ୍‌ଭାନୀ




# ଅନ୍ୟ ଜାତିରେ ବିବାହ କରିଥିଲେ ବାପା, ପୁଅର ମୃତଦେହ ଛୁଇଁଲେନି ସମାଜ ଲୋକେ

**ଚନ୍ଦାହାଣ୍ଡି/ନବରଙ୍ଗପୁର,୨୮।୧୧ (ଦିଲ୍ଲୀପ ଦାସ/ସଦଶିବ ପ୍ରହରାଜ)**

ଯେତେ ସଚେତନକଲେ ମଧ୍ୟ ଲୋକଙ୍କ ଭିତରେ ଏବେ ମଧ୍ୟ ଅନ୍ଧବିଶ୍ୱାସ, ଜାତିପ୍ରଥା ଭରି ରହିଛି। ଏହାର ସଦ୍ୟ ଉଦାହରଣ ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ୍ ଅଞ୍ଚଳରେ। ଗୁରୁବାର ରାତିରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିଲା। କିନ୍ତୁ ମୃତକଙ୍କ ବାପା ଅନ୍ୟ ଜାତିରେ ବିବାହ କରିଥିବାରୁ ତାଙ୍କ ସମାଜ ଲୋକ ମୃତଦେହ ଛୁଇଁଲେନାହିଁ। ଏବେକାର ସମାଜକୁ ଜାତିପ୍ରଥା କିଭଳି କବଳିତକରି ରଖିଛି ଏହା ହେଉଛି ତାହାର ଜ୍ୱଳନ୍ତ ଉଦାହରଣ।

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ଥାନା ଅଧୀନ ଅଣ୍ଟିପଡ଼ା ଗ୍ରାମର ନବୀନ ନାୟକ (୨୦) କିଡ୍‌ନୀ ରୋଗରେ ପୀଡ଼ିତ ହୋଇ ଗୁରୁବାର ରାତିରେ ମୃତ୍ୟୁବରଣ କରିଛନ୍ତି। କିନ୍ତୁ ତାଙ୍କ ମୃତଦେହ ଉଠାଇବାକୁ କେହି ଆସିଲେ ନାହିଁ। କାରଣ ନବୀନଙ୍କ ବାପା ଅନ୍ୟ ଜାତିରେ ବିବାହ କରିଥିଲେ। ଏପରିକି ନବୀନଙ୍କ ବାପା କିମ୍ବା ମା'ଙ୍କ ପରିବାର ଲୋକ ମଧ୍ୟ ଆସିଲେନାହିଁ। ଖବରପାଇ ଶୁକ୍ରବାର ସକାଳେ ସାମାଜକ କର୍ମୀ ଭରତ ବାଘ୍ ଏବଂ ଭାଜପା ମାଲଗାଁ ମଣ୍ଡଳ ସଭାପତି ତରନ୍ ନାୟକ ଅଣ୍ଟିପଡ଼ାରେ ପହଞ୍ଚିଥିଲେ। ଗାଁ ଲୋକଙ୍କୁ ବୁଝାଶୁଝା କରିବା ସତ୍ତ୍ୱେ କେହି ଆସିଲେନାହିଁ। ଶେଷରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଏବଂ ବଜରଙ୍ଗ ଦଳ ସହ ଯୋଗାଯୋଗ କରାଯାଇଥିଲା। ଖବର ଶୁଣି ଆର୍‌ଏସ୍‌ଏସ୍ ବ୍ୟବସ୍ଥା ପ୍ରମୁଖ ଲୋକେଶ ସମରଥ, ପ୍ରଚାର ପ୍ରମୁଖ ହୃଷୀକେଶ ନାୟକ, ବଜରଙ୍ଗ ଦଳ ପ୍ରମୁଖ ଶ୍ରୀମନ୍ତ ରଥଙ୍କ ସହ ସଂଘର ଅନ୍ୟମାନେ ପହଞ୍ଚି ମୃତଦେହ ଉଠାଇଥିଲେ। ସେମାନେ କୋକେଇରେ ମୃତଦେହକୁ ସସମ୍ମାନେ ନେଇ ଦୀର୍ଘ ୩ କି.ମି. ଦୂରରେ ସତ୍କାର କରିଥିଲେ।


ମୃତଦେହକୁ ସତ୍କାର ପାଇଁ ନିଆଯାଉଛି।

**ନାରୀ ସଂଘ ଭିତରକୁ ପଶିବାକୁ ଉଦ୍ୟମ**

# ପୂଜାଙ୍କ ପୁରୁଷବନ୍ଧୁ ଥାନାରେ ଅଟକ

## ପାଳିତ ମା'ଙ୍କୁ ବ୍ଲାକମେଲ୍ କରୁଥିଲେ ଅମର

**ବାଲେଶ୍ୱର,୨୮।୧୧(ବାଞ୍ଛାନିଧି ଦେ)**

ବାଲେଶ୍ୱର ନାରୀ ସଂଘରେ ରହୁଥିବା ଆମେରିକା ଫେରନ୍ତା ପୂଜା ନାୟକ ଓରଫ୍ ସେଜଲ ଜୋହନଙ୍କୁ ଶୁକ୍ରବାର ଦେଖା କରିବାକୁ ଆସିଥିବା ପୁରୁଷବନ୍ଧୁ ଅମର ଦାସଙ୍କୁ ପୋଲିସ ଅଟକ ରଖିଛି। ଅମର ନାରୀ ସଂଘରେ ପହଞ୍ଚି ପୂଜାଙ୍କୁ ଦେଖା କରିବାକୁ ଚାହୁଁଥିଲେ। ଅମରଙ୍କ ସହ ତାଙ୍କ ଅଜା, ଆଈ ଥିଲେ। ନାରୀ ସଂଘ କର୍ତ୍ତୃପକ୍ଷ ଅମରଙ୍କ ପରିଚୟ ପତ୍ର ମାଗିଥିଲେ। ତାଙ୍କ ନିକଟରେ କୌଣସି ପରିଚୟପତ୍ର ନାହିଁ କହିଥିଲେ। ତେବେ ପୂଜା ସହ ଦେଖା ହୋଇପାରିବ ନାହିଁ ବୋଲି କୁହାଯିବାରୁ ସେ ସେଠାରେ ହୋ-ହଲ୍ଲା କରିଥିଲେ। ସେ ପୂଜାଙ୍କୁ ଦେଖା କରିବା ଓ ବାହା ହେବାକୁ ଅଡ଼ି ବସିବା ସହ ନାରୀ ସଂଘ ଭିତରକୁ ପଶିବାକୁ ଉଦ୍ୟମ କରିଥିଲେ। ନାରୀ ସଂଘ ପରିସରରେ ବିଶୃଙ୍ଖଳା ସୃଷ୍ଟି ହେବାରୁ ପୋଲିସକୁ ଖବର ଦିଆଯାଇଥିଲା। ସହଦେବଖୁଣ୍ଟା ଥାନା ପୋଲିସ ପହଞ୍ଚି ଅମରଙ୍କୁ ଥାନାକୁ ନେଇଆସିଥିଲେ। ଅପରପକ୍ଷରେ ପାଳିତ ମା' ସୁଶି ଜୋହନଙ୍କୁ ବିଭିନ୍ନ ସମୟରେ ଅମର ବ୍ଲାକମେଲ୍ କରୁଥିବା ସୂଚନା ମିଳିଛି। ନିଜ ମାଉସୀଙ୍କ ଆକାଉଣ୍ଟ ନମ୍ବର ଦେଇ ୧କୋଟି ଟଙ୍କା ମାଗିଥିବା ସୂଚନା ରହିଛି। ପୋଲିସ ତାଙ୍କ ମୋବାଇଲକୁ ଜବତ କରିବା ସହ ଘଟଣାର ତଦନ୍ତ ଜାରିରଖିଛି।


ଅମର ଦାସ

ପୂଜା ଛୋଟ ବେଳେ ଟ୍ରେନ୍‌ରେ ମା'-ବାପାଙ୍କଠାରୁ ଅଲଗା ହୋଇଯାଇଥିଲେ। ଏକ କନ୍ୟାଶ୍ରମରେ ରହି ପଢୁଥିବା ବେଳେ ୨୦୧୮ରେ ଆମେରିକାର ଏକ ଦମ୍ପତି ତାଙ୍କୁ ପୋଷ୍ୟକନ୍ୟା ଭାବେ ଗ୍ରହଣ କରି ଆମେରିକା ନେଇଯାଇଥିଲେ। ପୂଜା ପଢୁଥିବା ବେଳେ ବାଲେଶ୍ୱର ଜିଲା ରେମୁଣା ବ୍ଲକ ଅଧୀନ ଆଳଦା ଗ୍ରାମର ସାଙ୍ଗ ଅମର ଦାସଙ୍କ ସହ ପରିଚିତ ହୋଇଥିଲା। ୨୦୨୪ରେ ସୋସିଆଲ ମିଡ଼ିଆ ଜରିଆରେ ପୂଜାଙ୍କ ସହ ଅମରଙ୍କର ପୁଣି ଯୋଗାଯୋଗ ହୋଇଥିଲା। ପୂଜାଙ୍କୁ ପୋଷ୍ୟକନ୍ୟା କରିଥିବା ଆମେରିକାର ଦମ୍ପତି ମାନସିକ ଓ ଶାରୀରିକ ନିର୍ଯାତନା ଦେଉଥିବା ନେଇ ଅମରଙ୍କ ନିକଟକୁ ସେ ଭିଡିଓ ପଠାଇ ଓଡ଼ିଶା ଫେରିଆସିବାକୁ ଆକୁଳ ନିବେଦନ କରିଥିଲେ। ଏ ସମ୍ପର୍କରେ ଅମର ଗତ ୧୦ ତାରିଖରେ ବାଲେଶ୍ୱର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ସରକାରଙ୍କ ହସ୍ତକ୍ଷେପ ଫଳରେ ଆମେରିକାରୁ ପୂଜାଙ୍କୁ ମଙ୍ଗଳବାର ଓଡ଼ିଶା ଫେରାଇ ଅଣାଯାଇଥିଲା। ଭୁବନେଶ୍ୱର ବିମାନବନ୍ଦରରେ ପୂଜା ପହଞ୍ଚିବା ପରେ ଆମେରିକାରେ ନିର୍ଯାତନା କଥା ମିଛ ବୋଲି ଗଣମାଧ୍ୟମକୁ ଜଣାଇଥିଲେ। ସେ ଅମରଙ୍କୁ ଭଲ ପାଉଛନ୍ତି, ତାଙ୍କୁ ବାହା ହେବା ପାଇଁ ଆମେରିକାରୁ ଓଡ଼ିଶା ଆସିଛନ୍ତି ବୋଲି କହିଥିଲେ। ଜିଲା ସମାଜ ମଙ୍ଗଳ ଅଧିକାରୀ ଜୋତ୍ସ୍ନା ମହାନ୍ତିଙ୍କ ସହ ଉକ୍ତ ରାତିରେ ପୂଜା ବାଲେଶ୍ୱରରେ ପହଞ୍ଚିଥିଲେ। ପୂଜାଙ୍କୁ ନାରୀ ଶକ୍ତି ସଦନ (ନାରୀ ସଂଘ) ରେ ରଖାଯାଇଥିଲା। ତେବେ ଅମରଙ୍କ ପ୍ରରୋଚନାରେ ପୂଜାଙ୍କୁ ମିଛ ଡ୍ରାମା କରି ଓଡ଼ିଶା ଫେରାଇ ଆଣିବାକୁ ପ୍ରୟାସ କରାଯାଇଥିବା ଅଭିଯୋଗ ହୋଇଛି। ସେ ମିଛ ଭିଡିଓକୁ ସୋସିଆଲ ମିଡିଆରେ ଅମର ପୋଷ୍ଟିଂ କରିଥିଲେ। ଉକ୍ତ ଭିଡିଓକୁ ଡିଲିଟ୍ କରିବା ପାଇଁ ଆମେରିକାର ପାଳିତା ମା'ଙ୍କୁ ଅମର ବିଭିନ୍ନ ସମୟରେ ଟଙ୍କା ମାଗିଥିବା ସୂଚନା ମିଳିଛି। ପୋଲିସ ତଦନ୍ତ ପରେ ପ୍ରକୃତ ସତ୍ୟାସତ୍ୟ ଜଣାପଡ଼ିବ।

# ଟଳିଲା ବାତ୍ୟା ଭୟ, ଫେରିଲା ଶୀତ

**ଭୁବନେଶ୍ୱର,୨୮।୧୧(ବନ୍ଦନା ସେଠୀ)**

ମାଲାକ୍କା ଷ୍ଟ୍ରେଟ୍‌ରେ ସୃଷ୍ଟି ବାତ୍ୟା 'ସେନୟାର' ଦୁର୍ବଳ ହୋଇ ଅବପାତରେ ପରିଣତ ହୋଇଛି। ଏପଟେ ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗର ସଂଲଗ୍ନ ଶ୍ରୀଲଙ୍କା ଉପକୂଳରେ କେନ୍ଦ୍ରୀଭୂତ ଗଭୀର ଅବପାତ ବାତ୍ୟାର ରୂପ ନେଇଛି। ଏହାର ନାଁ ରହିଛି 'ଡିଟ୍‌ୱା'। ତେବେ ଓଡ଼ିଶା ଉପରେ ବାତ୍ୟାର ପ୍ରଭାବ ସେତେଟା ପଡିବାର ନାହିଁ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। କେନ୍ଦ୍ରର ନିର୍ଦ୍ଦେଶିକା ମନୋରମା ମହାନ୍ତି ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ଆଗାମୀ ୭ଦିନ ପର୍ଯ୍ୟନ୍ତ ରାଜ୍ୟରେ ବର୍ଷାର ସମ୍ଭାବନା ନ ଥିବାବେଳେ ପାଗ ମୁଖ୍ୟତଃ ଶୁଷ୍କ ରହିବ। ବାତ୍ୟା 'ଡିଟ୍‌ୱା' ଶ୍ରୀଲଙ୍କା ଉପକୂଳ ଏବଂ ଦକ୍ଷିଣ ପଶ୍ଚିମ ବଙ୍ଗୋପସାଗର ଦେଇ ଉତ୍ତର-ଉତ୍ତର ପଶ୍ଚିମ ଆଡକୁ ଗତି କରି ଉତ୍ତର ତାମିଲନାଡୁ-ପୁଡୁଚେରୀ ଏବଂ ଦକ୍ଷିଣ ପଶ୍ଚିମ ଆନ୍ଧ୍ରପ୍ରଦେଶ ଉପକୂଳ ନିକଟରେ ଦକ୍ଷିଣ ପଶ୍ଚିମ ବଙ୍ଗୋପସାଗର ଉପରେ ନଭେମ୍ବର ୩୦ ରବିବାର ଭୋର ସୁଦ୍ଧା ପହଞ୍ଚିବାର ସମ୍ଭାବନା ରହିଛି। ଏହା ପ୍ରଭାବରେ ଶ୍ରୀଲଙ୍କା ସହ ତାମିଲନାଡୁ, ପୁଡୁଚେରୀ ଏବଂ ଦକ୍ଷିଣ ଆନ୍ଧ୍ରପ୍ରଦେଶରେ ଭୀଷଣ ବର୍ଷା ହେବ। ଅପରପକ୍ଷେ ସପ୍ତାହେ ବ୍ୟବଧାନ ପରେ ରାଜ୍ୟକୁ ପୁଣି ଫେରିଛି ଶୀତ। ତିନି ଦିନ ହେଲା ତାପମାତ୍ରା ହ୍ରାସ ପାଇବାରେ ଲାଗିଛି। ଗତ ୨୪ ଘଣ୍ଟାରେ ଅନୁଗୋଳ ଓ ଝାରସୁଗୁଡାରେ ଶୀତ ଲହରି ଦେଖାଦେଇଛି। ସେହିପରି ଦକ୍ଷିଣ ଆଭ୍ୟନ୍ତରୀଣ ଓଡ଼ିଶାର କିଛି ସ୍ଥାନରେ ନ୍ୟୁନତମ ତାପମାତ୍ରା ସ୍ୱାଭାବିକଠାରୁ ୨ରୁ ୩ ଡିଗ୍ରୀ କମ୍ ରହିଛି। କନ୍ଧମାଳ ଜିଲା ଜି. ଉଦୟଗିରିରେ ଦିନକରେ ତାପମାତ୍ରା ୨ଡିଗ୍ରୀ ହ୍ରାସ ପାଇ ୫.୪ ଡିଗ୍ରୀରେ ପହଞ୍ଚିବାବେଳେ ଫୁଲବାଣୀଠାରେ ସର୍ବନିମ୍ନ ତାପମାତ୍ରା ୮.୫ ଡିଗ୍ରୀ ରେକର୍ଡ କରାଯାଇଛି। ସୁନ୍ଦରଗଡ଼, କନ୍ଧମାଳ, କଳାହାଣ୍ଡି, କୋରାପୁଟ ଆଦି ଜିଲାର କିଛି ସ୍ଥାନରେ ଘନ କୁହୁଡି ହେବା ନେଇ ବିଭାଗ ପକ୍ଷରୁ ସତର୍କତା ଜାରି କରାଯାଇଛି।

**୫.୪ ଡିଗ୍ରୀରେ ଜି. ଉଦୟଗିର, ୪ ଜିଲାକୁ ଘନ କୁହୁଡି ସତର୍କତା**





ଦୁଇ ଦିନିଆ ଓଡ଼ିଶା ଗସ୍ତ ଶେଷ କରି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶୁକ୍ରବାର ନୂଆଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରୁଛନ୍ତି। ଏହି ଅବସରରେ ଭୁବନେଶ୍ୱର ବିମାନବନ୍ଦରରେ ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ବିଦାୟ ସମ୍ବର୍ଦ୍ଧନା ଦେଉଛନ୍ତି।

# ହତ୍ୟା ମାମଲାରେ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ

**ଅନୁଗୋଳ,୨୮।୧୧ (ଜ୍ୟୋତିରଞ୍ଜନ ସାହୁ)**

ଅନୁଗୋଳ ଜିଲା ନାଲ୍‌କୋ ଥାନା ବଳରାମପ୍ରସାଦ ଅଞ୍ଚଳରେ ୨୦୨୨ ମସିହାରେ ଘଟିଥିବା ଏକ ହତ୍ୟା ମାମଲାର ଶୁଣାଣି କରି ଅନୁଗୋଳ ଅତିରିକ୍ତ ଜିଲା ଦୌରାଜଜ୍ ହୃଷିକେଶ ଆଚାର୍ଯ୍ୟ ଶୁକ୍ରବାର ଅଭିଯୁକ୍ତ ଦୀପକ ବେହେରା (୩୨)ଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି।

ମାମଲାରୁ ପ୍ରକାଶ, ୨୦୨୨ ମସିହା ମେ' ମାସରେ ନାଲ୍‌କୋ ଥାନା ବଳରାମପ୍ରସାଦର ଶିବରାମ ସାହୁ ଘର ବାହାରେ ପୂଜା କରୁଥିବା ବେଳେ ପଛପଟୁ ଅଭିଯୁକ୍ତ ଦୀପକ ଏକ ଧାରୁଆ ଅସ୍ତ୍ରରେ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ଘଟଣାସ୍ଥଳରେ ଶିବରାମଙ୍କ ମୃତ୍ୟୁ ହୋଇଥିବା ବେଳେ ସ୍ତ୍ରୀ ଗୌରୀ ସାହୁ ଏ ନେଇ ନାଲ୍‌କୋ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ. ୧୦୦/୨୨ରେ ଅଭିଯୁକ୍ତ ଦୀପକଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ୨୫ଜଣ ସାକ୍ଷୀଙ୍କ ବୟାନ ଆଧାରରେ ଅଦାଲତ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ। ଆଇନଜୀବୀ ତାପସ ରଞ୍ଜନ ମିଶ୍ର ଆଦାଲତରେ ଯୁକ୍ତି ଉପସ୍ଥାପନ କରିଥିଲେ। ତଦନ୍ତକାରୀ ଅଧିକାରୀ ଇନ୍ସପେକ୍ଟର୍ ବି.ବି. ବିଶ୍ୱାଳ ଉପସ୍ଥିତ ଥିଲେ।

**ମହିଳା ସୁରକ୍ଷା ପ୍ରସଙ୍ଗ**

# ଗୃହ କମ୍ପାଇଲେ ବିରୋଧୀ

**ଭୁବନେଶ୍ୱର,୨୮।୧୧ (ରବିନାରାୟଣ ଜେନା)**

- ଓଡ଼ିଶାକୁ ବଦ୍‌ନାମ ପାଇଁ ବିରୋଧୀଙ୍କ ଉଦ୍ୟମ: ଆଇନମନ୍ତ୍ରୀ
- ଖୁବ୍‌ଶୀଘ୍ର ଖୋଲିବ ୨୧ ଫାଷ୍ଟଟ୍ରାକ୍ କୋର୍ଟ

ରାଜ୍ୟରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଛି। ମହିଳାମାନେ ଘରୁ ବାହାରିବାକୁ ସୁରକ୍ଷିତ ମଣୁ ନ ଥିବାବେଳେ ମାଲକାନଗିରି ଜିଲାରେ ୩ଜଣ ନାବାଳିକାଙ୍କୁ ବଳାତ୍କାର ଘଟଣା ରାଜ୍ୟରେ ଆଇନଶୃଙ୍ଖଳା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତକୁ ଦର୍ଶାଉଛି ବୋଲି କହି ବିରୋଧୀ କଂଗ୍ରେସ ଓ ବିଜେଡି ଶୁକ୍ରବାର ମୁଲତବୀ ଆଲୋଚନା କାଳରେ ସରକାରଙ୍କୁ ଘେରିଛନ୍ତି।

ରାଜ୍ୟ ମୁଖ୍ୟମନ୍ତ୍ରୀ ତଥା ଗୃହମନ୍ତ୍ରୀଙ୍କ ପକ୍ଷରୁ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ବିରୋଧୀଙ୍କ ଅଭିଯୋଗର କଡ଼ା ଜବାବ ରଖି କହିଛନ୍ତି, ଓଡ଼ିଶାକୁ ବଦ୍‌ନାମ କରିବାପାଇଁ ବିରୋଧୀ ସବୁବେଳେ ଉଦ୍ୟମ କରୁଛନ୍ତି। ରାଜ୍ୟରେ ସୁଶାସନ ଯୋଗୁ ସମସ୍ତ ଆପରାଧିକ ଘଟଣାରେ ତ୍ୱରିତ୍ ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ମନ୍ତ୍ରୀ କହିଥିଲେ। ଶାସକ ଓ ବିରୋଧୀଙ୍କ ଆଲୋଚନା ଶୁଣିବା ପରେ ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ମୁଲତବୀ ପ୍ରସ୍ତାବକୁ ଅଗ୍ରାହ୍ୟ କରିଥିଲେ। ଏହି ସମୟରେ ମନ୍ତ୍ରୀଙ୍କ ଉତ୍ତରକୁ ନେଇ ବିରୋଧୀ ବିଜେଡି ଓ କଂଗ୍ରେସ କକ୍ଷ ତ୍ୟାଗ କରିଥିବା ଦେଖାଯାଇଥିଲା।

ଶୁକ୍ରବାର ଅପରାହ୍ନରେ କଂଗ୍ରେସ ବିଧାୟକ ଅଶୋକ ଦାସ 'ନାରୀଙ୍କୁ ସୁରକ୍ଷାରେ ସରକାର ବିଫଳ' ଶୀର୍ଷକ ମୁଲତବୀ ପ୍ରସ୍ତାବ ଆଲୋଚନା ଆରମ୍ଭ କରି କହିଛନ୍ତି, ରାଜ୍ୟରେ ନାରୀ ନିର୍ଯାତନା ବଢ଼ି ଚାଲିଛି। ସରକାର ଅପରାଧୀଙ୍କୁ ଘଣ୍ଟ ଘୋଡ଼ାଉ ଥିବାରୁ ନାରୀ ନିର୍ଯାତନା ଦିନକୁ ଦିନ ବଢ଼ି ଚାଲିଛି। ନଭେମ୍ବର ୨୪ରେ ମାଲକାନଗିରିରେ ଗୋଟିଏ ଦିନରେ ୩ଜଣ ନାବାଳିକାଙ୍କୁ ବଳାତ୍କାର ଘଟଣା ସରକାରଙ୍କ ଅସଲ ମୁଖା ଖୋଲିଦେଇଛି। ପୂର୍ବରୁ ବାଲେଶ୍ୱର, ନୀଳଗିରି, ସୋର, ଢେଙ୍କାନାଳ ଆଦି ବିଭିନ୍ନ ଅଞ୍ଚଳରେ ମହିଳା ଓ ନାବାଳିକାଙ୍କ ଉପରେ ନିର୍ଯାତନା ହୋଇଥିବାବେଳେ ଏବେ ମାଲକାନଗିରି ଘଟଣା ମହିଳାଙ୍କ ସୁରକ୍ଷା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି। ଭାଜପା ସରକାର ସବୁବେଳେ କଂଗ୍ରେସ ଅମଳର ଛବିରାଣୀ ହତ୍ୟାକାଣ୍ଡ ଓ ଅଞ୍ଜନା ମିଶ୍ର ପ୍ରସଙ୍ଗ ଉଠାଉଛନ୍ତି। ହେଲେ ସେମାନେ ଭୁଲି ଯାଉଛନ୍ତି, ଏହି ମାମଲାରେ ନିଜକୁ ଦାୟୀ କରି ତତ୍କାଳୀନ ମୁଖ୍ୟମନ୍ତ୍ରୀ ନିଜ ପଦରୁ ଇସ୍ତଫା ଦେଇଥିଲେ। ଭାଜପା ଯଦି କଂଗ୍ରେସ ଅମଳର ବଳାତ୍କାର କଥା କହୁଛି ତେବେ ବାଲେଶ୍ୱର ପୀଡ଼ିତାଙ୍କଠାରୁ ଆରମ୍ଭ କରି ମାଲକାନଗିରି ପର୍ଯ୍ୟନ୍ତ ଯେତେସବୁ ନାରୀ ନିର୍ଯାତନା ହୋଇଛି ଏହାକୁ ନିଜ ମୁଣ୍ଡକୁ ନେଇ ନୈତିକତା ଦୃଷ୍ଟିରୁ ଇସ୍ତଫା ଦିଅନ୍ତୁ ବୋଲି ସେ କହିଥିଲେ।

କଂଗ୍ରେସ ବିଧାୟକ ମଙ୍ଗୁ ଖିଲ୍ଲ ଆଲୋଚନାରେ ଅଂଶଗ୍ରହଣ କରି କହିଛନ୍ତି, ମାଓବାଦୀ ଉପଦ୍ରୁତ ଏବଂ ଆଦିବାସୀବହୁଳ ମାଲକାନଗିରି ଜିଲା ଉପରେ ସରକାରଙ୍କ କୋପଦୃଷ୍ଟି ରହିଛି। ଏଠାରେ ନାବାଳିକା ଓ କଲେଜ ଛାତ୍ରୀ ଗର୍ଭବତୀ ହେବା ଘଟଣା ବାରମ୍ବାର ଘଟୁଥିଲେ ହେଁ ସରକାର କଠୋର ପଦକ୍ଷେପ ଗ୍ରହଣ କରୁ ନାହାନ୍ତି।

ଆଲୋଚନାରେ ଭାଗନେଇ ବିଜେଡି ବିଧାୟକ ଗୌତମବୁଦ୍ଧ ଦାସ କହିଛନ୍ତି, ତିନି ଶିଶୁଙ୍କ ସହ ହୋଇଥିବା ବଳାତ୍କାରକୁ ସରକାର 'ଦୁର୍ବ୍ୟବହାର' ବୋଲି କହିବା ଅତ୍ୟନ୍ତ ନିନ୍ଦନୀୟ କଥା। ରାଜ୍ୟରେ ମହିଳା ସୁରକ୍ଷା ପ୍ରହସନରେ ପରିଣତ ହୋଇଛି। କେନ୍ଦୁଝରରୁ ମାଲକାନଗିରି ଯାଏ ଅପରାଧୀମାନେ ଅପରାଧ ଘଟାଇ ଖୋଲା ଆକାଶ ତଳେ ବୁଲୁଛନ୍ତି। ଆଲୋଚନାରେ ବିଧାୟକ ଧ୍ରୁବଚରଣ ସାହୁ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।

ଭାଜପା ପକ୍ଷରୁ ଏହାର କଡ଼ା ଜବାବ ରଖି ବିଧାୟକ ବାବୁ ସିଂହ କହିଥିଲେ, କଂଗ୍ରେସ ସଦସ୍ୟ ଅଞ୍ଜନା ମିଶ୍ର ଘଟଣାରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଯେଉଁ ପଦତ୍ୟାଗ କରିବା କଥା କହୁଛନ୍ତି ଏହା ଅସତ୍ୟ। ବାସ୍ତବରେ ରାଜ୍ୟରେ ସେତେବେଳେ ନାରୀମାନଙ୍କ ପ୍ରତି ବଢ଼ି ଚାଲିଥିବା ନିର୍ଯାତନାକୁ ନେଇ ଦିଲ୍ଲୀରୁ ଚାପ ପଡ଼ିବାରୁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଇସ୍ତଫା ଦେଇଥିଲେ। ଆଲୋଚନାରେ ବିଧାୟିକା ସଞ୍ଜଲୀ ମୁର୍ମୁ, ଇରାଶିଷ ଆଚାର୍ଯ୍ୟ ପ୍ରମୁଖ ଭାଗନେଇଥିଲେ।

ବିରୋଧୀଙ୍କ ପ୍ରଶ୍ନର ଉତ୍ତରରେ ଆଇନମନ୍ତ୍ରୀ ପୃଥ୍ୱୀରାଜ କହିଛନ୍ତି, ମାଲକାନଗିରି ଘଟଣାରେ ଏତଲା ହେବାର ୨୪ ଘଣ୍ଟା ଭିତରେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ତେବେ ବିରୋଧୀ ଯେଉଁ ସମ୍ବେଦନଶୀଳ ପ୍ରସଙ୍ଗର କଥା କହୁଛନ୍ତି, ଗୃହ ବିଭାଗ ତଥା ପୋଲିସ ଉପରେ ଚାପ ଯୋଗୁ ଅପରାଧ ବଢୁଛି ଏବଂ ମହିଳା ପ୍ରସଙ୍ଗକୁ ହାଲୁକା ଭାବେ ଗ୍ରହଣ କରାଯାଉଛି ବୋଲି ଯେଉଁ ଅଭିଯୋଗ ହେଉଛି ତାହା ସମ୍ପୂର୍ଣ୍ଣ ଅସତ୍ୟ। ସରକାରଙ୍କ ଶୂନ ସହନଶୀଳ ନୀତି ଯୋଗୁ ମାମଲା ରୁଜୁ ହ୍ରାସ ହେବା ସହିତ ଅପରାଧ କମୁଛି। ସେ ଆହୁରି କହିଛନ୍ତି, ନୂଆ ସରକାର ଆସିବା ପରେ ବଳାତ୍କାର ମାମଲା ୩.୩%, ଏସିଡ୍ ଆକ୍ରମଣ ୬୬.୭% ଓ ଯୌତୁକ ନିର୍ଯାତନା ୨୦.୬% ହ୍ରାସ ସର୍ବସାଧାରଣରେ ମହିଳାଙ୍କ ଦୁର୍ବ୍ୟବହାର ୨୨.୨ ପ୍ରତିଶତ କମିଛି। ସେହିପରି ଏହି ଅବଧି ମଧ୍ୟରେ ୯୦୦୦ରୁ ଊର୍ଦ୍ଧ୍ୱ ପୋଲିସ ନିଯୁକ୍ତି ଦିଆଯାଇଥିବାବେଳେ ସବୁ ଥାନାରେ ମହିଳା-ଶିଶୁ ଡେସ୍କ, ୭୧ଟି ଶିଶୁ ଡେସ୍କ ଓ ୨୪ଟି ପୋକ୍‌ସୋ କୋର୍ଟ କାର୍ଯ୍ୟରତ ହୋଇଛି। ଆଗାମୀ ଦିନରେ ୨୧ଟି ଫାଷ୍ଟ ଟ୍ରାକ୍ କୋର୍ଟ ଖୋଲାଯିବ ବୋଲି ମନ୍ତ୍ରୀ ହରିଚନ୍ଦନ ଘୋଷଣା କରିଛନ୍ତି।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ୮୯ତମ ସଂସ୍କୃତି ଚର୍ଚ୍ଚା, ସ୍ଥାନ: ଓଡ଼ିଶା ରାଜ୍ୟ ଅଭିଲେଖାଗାର, ସମୟ: ଅପରାହ୍ନ ୫ଟା ୩୦ ।
- କଳାଞ୍ଜଳି ଲୋକକଳା ମହୋତ୍ସବ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦ ।

## ବାଲେଶ୍ୱର
- ସାଂସଦ ଖେଳ ମହାକୁମ୍ଭ ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ପରମିଟ୍ ପଡ଼ିଆ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ।
- ବାଲେଶ୍ୱର ପ୍ରତିଭା ସମାରୋହ, ସ୍ଥାନ: ମିଶନ ସ୍କୁଲ କମ୍ପାଉଣ୍ଡ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା ୩୦ ।

## ଭଦ୍ରକ
- ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: ଲୋକନାଥ ପାଠାଗାର, ବାସୁଦେବପୁର, ସମୟ: ଅପରାହ୍ନ ୩ଟା ।
- ତ୍ୟାଗଭୂମି ମହୋତ୍ସବର ୬ଷ୍ଠ ସନ୍ଧ୍ୟା, ସ୍ଥାନ: ମଠସାହି ଗୋପାଳଜୀଉ ପଡ଼ିଆ, ଭଦ୍ରକ, ସମୟ: ଅପରାହ୍ନ ୫ଟା ।

## ମୟୂରଭଞ୍ଜ
- ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ, ସ୍ଥାନ: ଏମ୍‌ପିକେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ବାରିପଦା,ସମୟ: ପୂର୍ବାହ୍ନ: ୧୦ଟା ।

## କନ୍ଧମାଳ
- କଳସ ଯାତ୍ରା, ସ୍ଥାନ: ଦାରାଙ୍ଗବାଡ଼ି ଦଶଭୁଜା ଦୁର୍ଗମଣ୍ଡପ, ସକାଳ: ୭ ଟା ୪୫ ।
- ଅଷ୍ଟପ୍ରହର ନାମଯଜ୍ଞ, ସ୍ଥାନ: ଦାରିଙ୍ଗବାଡ଼ି ଦଶଭୁଜା ଦୁର୍ଗମଣ୍ଡପ, ସମୟ : ସକାଳ ୯ ଟା ୪୫ ।
- ଅନ୍ତର୍ଜାତୀୟ କମଳା ଦିବସ, ସ୍ଥାନ: ଦାରିଙ୍ଗବାଡ଼ି ଜାଗୃତି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା ।

## ଜଗତ୍‌ସିଂହପୁର
- ସାଂସଦ ଖେଳ ମହୋତ୍ସବ, ସ୍ଥାନ: ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମ, ଜଗତ୍‌ସିଂହପୁର,ସମୟ: ପୂର୍ବାହ୍ନ ୧୧ଟା ।

## କେନ୍ଦ୍ରାପଡ଼ା
- ପଟ୍ଟାମୁଣ୍ଡାଇ ଓକିଲ ସଂଘ ପକ୍ଷରୁ କୋର୍ଟ ଓ ଓକିଲ ସଂଘର ରୌପ୍ୟ ଜୟନ୍ତୀ ଉତ୍ସବ ଉପଲକ୍ଷେ ରକ୍ତଦାନ ଶିବିର, ସ୍ଥାନ: ସିଭିଲ କୋର୍ଟ ପରିସର, ପଟ୍ଟାମୁଣ୍ଡାଇ ସହର, ସମୟ: ସକାଳ ୯ଟା ।
- କେନ୍ଦ୍ରାପଡ଼ା ଜିଲା ସାହିତ୍ୟ ସଂସଦ ବାର୍ଷିକ ଉତ୍ସବ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଶିବାନନ୍ଦ ଆଶ୍ରମ, ଗରାପୁର, କେନ୍ଦ୍ରାପଡ଼ା ସହର, ସମୟ: ଅପରାହ୍ନ ୩ଟା ।

## ନୟାଗଡ଼
- ଘୋଡଲାଗି ପର୍ବର ୪ର୍ଥ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ସକାଳ ୭ଟା ।
- ଘୋଡଲାଗି ପର୍ବର ୪ର୍ଥ ଦିବସ, ସ୍ଥାନ: ଖଣ୍ଡପଡ଼ା ଜଗନ୍ନାଥ ମନ୍ଦିର, ସମୟ: ସକାଳ ୭ଟା୩୦ ।
- ମଣ୍ଡଳସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ଉତସବ, ସ୍ଥାନ: ନୂଆଗାଁ ବ୍ଲକ ମହିପୁର ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ।ନ

## ନବରଙ୍ଗପୁର
- ବାଲ୍ୟ ବିବାହ ମୁକ୍ତ ଗ୍ରାମ ପଞ୍ଚାୟତ ଉପରେ ତାଲିମ୍, ସ୍ଥାନ: ଡାବୁଗାଁ ବ୍ଲକ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା ।

## କୋରାପୁଟ
- ଜିଲାସ୍ତରୀୟ କମିଟି ବୈଠକ, ସ୍ଥାନ: ସଦ୍‌ଭାବନା ସଭାଗୃହ, କୋରାପୁଟ, ସମୟ: ପୂର୍ବାହ୍ନ ୧୦ଟା ।
- ପରବ ନେଇ ସନ୍ତରଣ ପ୍ରତିଯୋଗିତା, ସ୍ଥାନ: ସ୍ପୋର୍ଟସ କମ୍ପ୍ଲେକ୍ସ, ଜୟପୁର, ସମୟ: ପୂର୍ବାହ୍ନ ୧୧ଟା ।
- ଜିଲା ପରିଷଦର ବିଭିନ୍ନ ଯୋଜନାର ସମୀକ୍ଷା ବୈଠକ, ସ୍ଥାନ: ସଦ୍‌ଭାବନା ସଭାଗୃହ, କୋରାପୁଟ, ସମୟ: ପୂର୍ବାହ୍ନ ୧୧ଟା ।
- ଜିଲା କଫି ଉନ୍ନୟନ ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ ଗୃହ, କୋରାପୁଟ, ସମୟ: ଅପରାହ୍ନ ୪ ଟା ।
- ରାହାଗିରି ନେଇ ପ୍ରସ୍ତୁତି ବୈଠକ, ସ୍ଥାନ: ପୌର ସଭାଗୃହ, ଜୟପୁର, ସମୟ: ଅପରାହ୍ନ ୪ଟା ।

## ମାଲକାନଗିରି
- ଛାତ୍ରୀଛାତ୍ରଙ୍କୁ ପୋଷାକ ବିତରଣ ଉତ୍ସବ, ସ୍ଥାନ: ବୀରଲକ୍ଷ୍ମଣପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ମାଲକାନଗିରି, ସମୟ: ସକାଳ ୯ଟା ।
- ବ୍ଲକସ୍ତରୀୟ ବିଜ୍ଞାନ ମେଳା, ସ୍ଥାନ: ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଚିତ୍ରକୋଣ୍ଡା, ସମୟ: ପୂର୍ବାହ୍ନ ୧୦ଟା ୩୦ ।

## ସମ୍ବଲପୁର
- ସମ୍ବଲପୁରୀ ଧନୁଯାତ୍ରା-୨୦୨୬ ସକାଶେ ପ୍ରସ୍ତୁତି ବୈଠକ, ସ୍ଥାନ: ସାମ୍ବାଦିକ ଭବନ, ସମୟ : ପୂର୍ବାହ୍ନ ୧୦ଟା ।
- ଜାତୀୟ ସମ୍ବଲପୁରୀ ସମ୍ମିଳନୀର ପ୍ରସ୍ତୁତି ବୈଠକ, ସ୍ଥାନ: ଜେଲଛକ ନିକଟ ସମ୍ବଲପୁରୀ ଡେରା, ସମୟ: ପୂର୍ବାହ୍ନ ୧୦ଟା ।
- ଦୁର୍ଗା-୨୦୨୫ ଚିତ୍ରକଳା ପ୍ରଦର୍ଶନୀ ସକାଶେ ସଭା, ସ୍ଥାନ : ଗୁଜୁରାଟି କଲୋନୀ ସ୍ଥିତ ବନ୍ଦନା ଆର୍ଟ କର୍ଣ୍ଣରର କାର୍ଯ୍ୟାଳୟ, ସମୟ : ଅପରାହ୍ନ ୫ଟା ।

## ରାଉରକେଲା
- ଜିଲାସ୍ତରୀୟ ରେଡକ୍ରସ୍ କାର୍ଯ୍ୟକ୍ରମ, ସ୍ଥାନ: ସେକ୍ଟର ୪, ରାଉରକେଲା କଲେଜ, ସମୟ: ପୂର୍ବାହ୍ନ ୧୦ଟା ।
- ଏନ୍‌ଆଇଟିରେ ଟିସୁ ଇଞ୍ଜିନିୟରିଂ ଅନ୍ତର୍ଜାତୀୟ ସମ୍ମିଳନୀ, ୨ୟ ଦିବସ, ସ୍ଥାନ: ବାୟୋଟେକନୋଲୋଜି ବିଭାଗ, ସମୟ: ପୂର୍ବାହ୍ନ ୧୦ଟା ।
- ମ୍ୟୁନିସିପାଲ କଲେଜରେ ଆଲୋଚନାଚକ୍ର, ସ୍ଥାନ: ଉଦିତନଗର, ସମୟ: ପୂର୍ବାହ୍ନ ୧୦ଟା ।
- ଅନୁରାଗ ପକ୍ଷରୁ ମ୍ୟାଲେରିଆ ସଚେତନତା କର୍ମଶାଳା, ସ୍ଥାନ: ସେକ୍ଟର-୨ ଖରିଆବାହାଲ ବସ୍ତି, ସମୟ: ପୂର୍ବାହ୍ନ ୧୧ଟା ।
- ବାସନ୍ତୀ ପାଠାଗାରର ସାହିତ୍ୟ ଆସର, ସ୍ଥାନ: ବାସନ୍ତୀ ପାଠାଗାର,ସମୟ: ସନ୍ଧ୍ୟା ୬ଟା ।

## ସୁନ୍ଦରଗଡ଼
- ବିହା ବାଏଲ ଉତ୍ସବ ପାଇଁ ସଚେତନତା ରାଲି,ସ୍ଥାନ: ମହାଦେବପଡା,ସମୟ:ସକାଳ ୯ଟା ।

## ବରଗଡ଼
- ଆର୍ଟ ଅଫ ଲିଭିଙ୍ଗ ପକ୍ଷରୁ ଯୋଗ ଶିବିର,ସ୍ଥାନ:ଅଗ୍ରଗାମୀ ଯୁବକ ସଂଘ, ବରଗଡ଼,ସମୟ: ସକାଳ ୬ଟା ।
- ଚଣ୍ଡୀ ମନ୍ଦିର ରତ୍ନମୁଦ ଉତ୍ସବରେ କଳସଯାତ୍ରା, ସ୍ଥାନ:ଦେଓଗାଁ, ବରଗଡ଼,ସମୟ:ସକାଳ ୯ଟା ।
- ଜିଲାସ୍ତରୀୟ କପା ସଂଗ୍ରହ କମିଟି ବୈଠକ,ସ୍ଥାନ: ସମ୍ମିଳନୀ କକ୍ଷ, ଜିଲାପାଳଙ୍କ କାର୍ଯ୍ୟାଳୟ, ବରଗଡ଼,ସମୟ:ପୂର୍ବାହ୍ନ ୧୧ଟା ।
- କ୍ରୀଷ୍ଣା ବିକାଶ ଗ୍ରୁପର ବାର୍ଷିକ ଉତ୍ସବ, ସ୍ଥାନ:କ୍ରୀଷ୍ଣା ବିକାଶ କ୍ୟାମ୍ପସ, ବରାହଗୋଡ଼ା, ବରଗଡ଼, ସମୟ: ଅପରାହ୍ନ ୩ଟା ୩୦ ।
- ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ପ୍ରାପ୍ତ କଳାକାରଙ୍କୁ ସମ୍ବର୍ଦ୍ଧନା, ସ୍ଥାନ: ସମ୍ମିଳନୀ କକ୍ଷ, ଜିଲାପାଳଙ୍କ କାର୍ଯ୍ୟାଳୟ, ବରଗଡ଼, ସମୟ:ଅପରାହ୍ନ ୪ଟା ।
- ପୁସ୍ତକ ମେଳାରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଜର୍ଜ ହାଇସ୍କୁଲ ପଡ଼ିଆ, ବରଗଡ଼, ସମୟ: ସନ୍ଧ୍ୟା ୫ଟା ।

## କଳାହାଣ୍ଡି
- କଳାହାଣ୍ଡିରେ ଖରିଫ ଧାନ ମଣ୍ଡିର ଶୁଭାରମ୍ଭ, ସ୍ଥାନ: ଗୋଲାମୁଣ୍ଡା ବ୍ଲକ ଘୋଟିଆ ମଣ୍ଡି, ସମୟ: ପୂର୍ବାହ୍ନ ୧୦ଟା ।

## ଦେବଗଡ଼
- ବ୍ଲକସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ, ସ୍ଥାନ: ଦେବଗଡ଼ ରାଜା ବାସୁଦେବ ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା ।
- ସର୍ବଭାରତୀୟ ସମବାୟ ସପ୍ତାହ ପାଳନ, ସ୍ଥାନ: ଦେବଗଡ଼ ବିଜୁ ପଟ୍ଟନାୟକ ଅଡିଟୋରିୟମ, ସମୟ: ପୂର୍ବାହ୍ନ ୧୦ଟା ୩୦ ।
- ସର୍ବଭାରତୀୟ ପ୍ରଧାନପାଟ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ ଷଷ୍ଠ ଦିବସ, ସ୍ଥାନ: ଦେବଗଡ଼ ଇନ୍ଦିରାଗାନ୍ଧୀ ଷ୍ଟାଡିୟମ, ସମୟ: ଅପରାହ୍ନ ୩ଟା ।
- ମା' କନକଦୁର୍ଗାଙ୍କ ସନ୍ଧ୍ୟାଆଳତି, ସ୍ଥାନ: ଦେବଗଡ଼ ସହର ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୬ଟା ୩୦ ।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଦେବଗଡ଼ ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ଼ ପଞ୍ଚମୁଖୀ ହନୁମାନ ମନ୍ଦିର, ସମୟ: ସନ୍ଧ୍ୟା ୭ଟା ।

## ସୁବର୍ଣ୍ଣପୁର
- ତରଭା ସହରରେ ଲକ୍ଷ୍ମୀପୂଜାର ତୃତୀୟ ଦିନ ଅବସରରେ ଲକ୍ଷ୍ମୀପୁରାଣ ପଠନ ଓ ଭଜନ ସମାରୋହ, ସ୍ଥାନ: ମେହେର ପଡା, ସମୟ: ସକାଳ ୯ଟା ।
- ଶୂନ୍ୟ ମୃତାହତ ପକ୍ଷ ଉଦ୍‌ଯାପନୀ ଅବସରରେ ଜିଲାସ୍ତରୀୟ କାର୍ଯ୍ୟକ୍ରମ, ସ୍ଥାନ: ସୁବର୍ଣ୍ଣପୁର ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପରିସର, ସମୟ: ସକାଳ ୯ଟା ।
- ପ୍ରଧାନମନ୍ତ୍ରୀ ଅନୁସୂଚିତ ଜାତି ଅଭ୍ୟୁଦୟ ଯୋଜନାରେ ଦକ୍ଷତା ବିକାଶ ପରାମର୍ଶ ଶିବିର, ସ୍ଥାନ: ସୁବର୍ଣ୍ଣପୁର ଟାଉନ ହଲ, ସମୟ: ପୂର୍ବାହ୍ନ ୧୦ଟା ।
- ତରଭା ନୂଆପଡା ଶନି ମନ୍ଦିରରେ ଶନିଶ୍ଚରଙ୍କ ପୂଜା ଓ ଶନି ପୁରାଣ ପଠନ, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା ।

## ନୂଆପଡ଼ା
- ୩ୟ ଫୁଟବଲ ମହାକୁମ୍ଭ ଦ୍ୱାଦଶ ଦିବସ, ସ୍ଥାନ: ରାଜା ଏଟି ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆମ୍, ଖଡ଼ିଆଳ ,ସମୟ:ଅପରାହ୍ନ ୩ଟା ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜିର ଗ୍ରହସ୍ଥିତି, ସ୍ୱାସ୍ଥ୍ୟ, ପରିବାର ,ବନ୍ଧୁସମ୍ପର୍କ କ୍ଷେତ୍ରରେ ପ୍ରତିକୂଳ ପ୍ରଭାବ ପକାଇବ। ପାରିବାରିକ ଅସ୍ଥିରତା, ଦୈହିକ ଓ ମାନସିକ ଅସୁସ୍ଥତା ଅନୁଭବ କରିପାରନ୍ତି। ବୃହସ୍ପତିଙ୍କ ଶୁଭଦୃଷ୍ଟି କର୍ମକ୍ଷେତ୍ରକୁ ଶୃଙ୍ଖଳିତ ରଖିବାରେ ସାହାଯ୍ୟ କରିବ। ତଥାପି ଆତ୍ମୀୟ କିମ୍ବା ସହକର୍ମୀଙ୍କ ମିଥ୍ୟା ଅଭିଯୋଗ ଯୋଗୁ ସାମୟିକ ବିଚଳିତ ହୋଇପାରନ୍ତି।

**ବୃଷ** ଶନି ସମେତ ଚାରୋଟିଗ୍ରହ ରାଶିକୁ ପ୍ରଭାବିତ କରୁଥିବାରୁ ଏକାଧିକ କାମରେ ଅନୁପ୍ରବେଶ କରିବେ। ଦୂରଯାତ୍ରା ସକାଶେ ବ୍ୟବସାୟିକ କ୍ଷେତ୍ର ପାଇଁ ଅସୁବିଧା ହେବ ନାହିଁ। ଆତ୍ମୀୟ ଅସହଯୋଗ କଲେ ମଧ୍ୟ ସ୍ତ୍ରୀଙ୍କ ପ୍ରେରଣା, ପରାମର୍ଶ ଓ ସହଯୋଗରୁ ଉପକୃତ ହେବେ। ଇଚ୍ଛା ନଥିଲେ ମଧ୍ୟ ପରିସ୍ଥିତି ବଶତଃ ଅଧିକ ଖର୍ଚ୍ଚ କରିବାକୁ ବାଧ୍ୟ ହେବେ।

**ମିଥୁନ** ପରିସ୍ଥିତି ଯାହା ହେଉନା କାହିଁକି ଆପଣ ବୃହସ୍ପତିଙ୍କ ପ୍ରଭାବରେ ସମସ୍ୟା ସମାଧାନ କରିବାରେ ସମର୍ଥ ହେବେ। କର୍ମକ୍ଷେତ୍ରରେ ଦାୟିତ୍ୱ କ୍ରମେ ବୃଦ୍ଧି ପାଇବା ସାଙ୍ଗକୁ ମାନସିକ ସ୍ତରରେ ମଧ୍ୟ ଚାପଗ୍ରସ୍ତ ହେବାକୁ ପଡ଼ିପାରେ। ଆର୍ଥିକ ସ୍ଥିତି ମନ୍ଦ ନଥିଲେ ମଧ୍ୟ ପୁରୁଣା ଲୋନ୍‌ର ପରିଶୋଧ ଚିନ୍ତା ମନକୁ ଆକ୍ରାନ୍ତ କରି ରଖିବ।

**କର୍କଟ** ଶୁଭ ଗ୍ରହ ପ୍ରଭାବରୁ କର୍ମକ୍ଷେତ୍ରରେ ସମ୍ମାନ, ସଦିଚ୍ଛା ସହ ବନ୍ଧୁବର୍ଗଙ୍କ ପ୍ରିୟଭାଜନ ହେବେ। କିନ୍ତୁ ଅଶ୍ଳେଷା ବିଚାରବୁଦ୍ଧି ହରାଇ ଅନ୍ୟମାନଙ୍କ କଥାରେ କୌଣସି କାମ କଲେ ଅସୁବିଧାରେ ପଡ଼ିବେ। ରାହୁଯୁକ୍ତ ଚନ୍ଦ୍ର କାରଣରୁ ଟେନସନ୍ ଲାଗିରହିବ। ଏହା ସାଙ୍ଗକୁ ପାରିବାରିକ ସମସ୍ୟା ସମାଧାନ ପାଇଁ ବନ୍ଧୁଙ୍କ ସାହାଯ୍ୟ ମାଗିପାରନ୍ତି।

**ସିଂହ** ରବି କେନ୍ଦ୍ରସ୍ଥାନରେ ଅନ୍ୟ ଦୁଇଟି ଗ୍ରହ ସହ ଅବସ୍ଥାନ କରିଥିବାରୁ କର୍ମକ୍ଷେତ୍ର ଓ ପାରିବାରିକ ସ୍ଥିତି ପ୍ରାୟତଃ ଭଲ ରହିବ। ଆଜି ଆପଣ ସମ୍ପୂର୍ଣ୍ଣ ଭାବରେ ସମସ୍ୟା ମୁକ୍ତ ନ ହେଲେ ମଧ୍ୟ ହାଲୁକା ମନେ କରିବେ। କ୍ରୀଡ଼ା,ସଙ୍ଗୀତ, ଚଳଚ୍ଚିତ୍ର ତଥା ମନୋରଞ୍ଜନ କାର୍ଯ୍ୟକ୍ରମରେ ସାମୟିକ ଆନନ୍ଦପ୍ରାପ୍ତି ସାଙ୍ଗକୁ ପ୍ରଶଂସିତ ହୋଇପାରନ୍ତି।

**କନ୍ୟା** ମୁଖ ଭାବରେ ବୁଧ ରହିଥିବା ଯୋଗୁ ଅପ୍ରିୟ ସତ୍ୟ କହି ସୁସମ୍ପର୍କକୁ ତିକ୍ତ କରିପାରନ୍ତି। ଆର୍ଥିକ ସମସ୍ୟା ସୁଧାରିବା ସକାଶେ ଋଣ ସୂତ୍ରରେ ଅର୍ଥପ୍ରାପ୍ତିର ଉଦ୍ୟମ ନିଷ୍ଫଳ ହେବନାହିଁ। ଆପଣଙ୍କ କର୍ତ୍ତବ୍ୟନିଷ୍ଠା, କାର୍ଯ୍ୟଦକ୍ଷତା ଏବଂ ଉନ୍ନତ ଚିନ୍ତା ପଦାଧିକାରୀଙ୍କ ପ୍ରିୟଭାଜନ କରାଇବ। ସଭାସମିତିରେ ପ୍ରଶଂସିତ ହେବେ।

**ତୁଳା** ଏକାଧିକ ଗ୍ରହ ଧନ ସ୍ଥାନରେ ରହି ବୈଷୟିକ ଅଭିବୃଦ୍ଧି ଘଟାଇପାରନ୍ତି। ପୂର୍ବ ପରିକଳ୍ପିତ କୌଣସି ନୂତନ କର୍ମାରମ୍ଭ ସକାଶେ ବନ୍ଧୁମାନଙ୍କୁ ନିମନ୍ତ୍ରଣ କରିପାରନ୍ତି। ଅଭାବ ନଥିଲେ ମଧ୍ୟ ପରିସ୍ଥିତିବଶତଃ କୌଣସି ଜିନିଷ ସହଜଲଭ୍ୟ ହୋଇ ନ ପାରେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ନିଜର କଳା କୌଶଳ ପ୍ରୟୋଗ କରି ଜୟଯୁକ୍ତ ହେବେ।

**ବିଛା** ଆଜିର ଦୁର୍ବଳ ରବି ଓ ଏକାଧିକ ଗ୍ରହ ରାଶିରେ ଅବସ୍ଥାନ କରି ମନରେ ହତାଶାଭାବ ସଂଚାର କରିପାରେ। ବାଣିଜ୍ୟ ଓ ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରି କୃତକାର୍ଯ୍ୟ ହେବେ। କାର୍ଯ୍ୟକ୍ଷେତ୍ରରେ, ପ୍ରଶାସନିକ ସ୍ତରରେ, ରାଜନୈତିକ ସ୍ଥିତିରେ ସମସ୍ୟା ସମାଧାନ ହୋଇଯିବ।

**ଧନୁ** ଚତୁର୍ଥଭାଗରେ ଶନି ଷଷ୍ଠଭାଗକୁ ଅବଲୋକନ କରି ରୋଗ, ଋଣ ଓ ଶତ୍ରୁତାର ବିଲୋପ ଘଟାଇବେ। ଉନ୍ନୟନମୂଳକ କାମ ବାଧାପ୍ରାପ୍ତ ହୋଇପାରେ। ଠିକ୍ ବିଚାର ବ୍ୟତୀତ ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାରେ ପଡ଼ିପାରନ୍ତି। ଭୁଲ୍ ବୁଝାମଣା ହେତୁ ପାରିବାରିକ ସମସ୍ୟାରେ ନଜେ ସାମିଲ ହୋଇ ଅନ୍ୟମନସ୍କ ରହିପାରନ୍ତି।

**ମକର** ଗୁରୁ ଦୃଷ୍ଟ ଶନିଙ୍କ ଯୋଗୁ ବନ୍ଧୁଙ୍କ ସ୍ୱାସ୍ଥ୍ୟ ସମସ୍ୟା ସୁଧାରିବାରେ ଖର୍ଚ୍ଚାନ୍ତ ହେବାକୁ ପଡ଼ିପାରେ। କାମରେ ପ୍ରତିବନ୍ଧକ ଘଟିବା କାରଣରୁ ମନ ଦୁଃଖ ହୋଇପାରେ। ଆଜିର ଯାତ୍ରା, ବାଣିଜ୍ୟ, କଚେରି ମାମଲା ପ୍ରଭୃତିରେ ସଫଳତା ମିଳିବ। ଯେତେ ଭଲ କଲେ ମଧ୍ୟ ନିଜ ଲୋକଙ୍କଠାରୁ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କୁମ୍ଭ** ବୁଧଙ୍କ ଭାଗ୍ୟଭାବ ସ୍ଥିତି ଯୋଗୁ ଆଜି ଯାହା ଚାହୁଁଛନ୍ତି ତାହା ପାଇବାରେ ଅସୁବିଧା ରହିବ ନାହିଁ। ପାରିବାରିକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ମଧ୍ୟ ଭାରାକ୍ରାନ୍ତ ରହିବ। ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବାର ସମ୍ଭାବନା ରହିଛି। କୌଶଳ ପ୍ରୟୋଗ କରି ଲକ୍ଷ୍ୟସ୍ଥଳକୁ ଯିବାରେ କୌଣସି ଅସୁବିଧା ରହିବ ନାହିଁ।

**ମୀନ** କର୍ମାଧିପ ସ୍ୱଭାବରୁ ଅଷ୍ଟମସ୍ଥ ଯୋଗୁ ନିର୍ଦ୍ଦିଷ୍ଟ ସମୟରେ କୌଣସି କାମ କରିପାରିବେ ନାହିଁ। ସମସ୍ୟା ସମାଧାନ ବେଳକୁ ଅନ୍ୟ ଏକ ସମସ୍ୟା ବିବ୍ରତ କରିପାରେ। ଆର୍ଥିକ ସ୍ୱଚ୍ଛଳତା ଓ ପ୍ରିୟ ବନ୍ଧୁଙ୍କ ସାନ୍ନିଧ୍ୟ ଲାଭରୁ ଖୁସି ହେବେ। ବୃତ୍ତି, ବାଣିଜ୍ୟ, ବ୍ୟବସାୟରେ ଉନ୍ନତି ସାଙ୍ଗକୁ ଦୂରଯାତ୍ରାରେ ସଫଳତା ମଧ୍ୟ ପାଇପାରିବେ।

ଆଜି ନଭେମ୍ବର ୨୯ ତାରିଖ, ମାର୍ଗଶିର ଶୁକ୍ଳ ନବମୀ, ଶନିବାର, ରାଶିନକ୍ଷତ୍ର-ପୂର୍ବଭାଦ୍ର/କୁମ୍ଭ, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୭।୩୪ ଗତେ ଘ.୦୮।୫୧ ମଧ୍ୟେ, ଘ.୧୧।୫୬ ଗତେ ଘ.୧୨।୫୬ ମଧ୍ୟେ ଶୁଦ୍ଧ ଶୁଭବେଳା । ଘ.୦୮।୫୧ ଗତେ ଘ.୧୦।୧୩ ମଧ୍ୟେ ରାହୁକାଳ ।

# ଟ୍ରକ୍ ଧକ୍କାରେ ୩ ସ୍କୁଟି ଆରୋହୀ ମୃତ

**ଢେଙ୍କାନାଳ,୨୮।୧୧ (ରତନ ନାୟାର)**

ଢେଙ୍କାନାଳ ଜିଲା ସଦର ଥାନା ଗୋବିନ୍ଦପୁର ଫାଣ୍ଡି ୫୫ନଂ. ଜାତୀୟ ରାଜପଥର କଣ୍ଟେଇକୋଲିଆ ନିକଟରେ ଗୁରୁବାର ବିଳମ୍ବିତ ରାତିରେ ଏକ ଟ୍ରକ୍ ଦୁର୍ଘଟଣାରେ ୩ଜଣ ସ୍କୁଟି ଆରୋହୀଙ୍କର ମୃତ୍ୟୁ ଘଟିଛି। ସେମାନେ ହେଲେ ଅନୁଗୋଳ ଜିଲା ବନ୍ତଲା ଥାନା କଞ୍ଚା ଗ୍ରାମର ସୁରେନ୍ଦ୍ର ବେହେରା (୨୧), କଟକ ଜିଲା ମାହାଙ୍ଗା ଥାନା ଜଳେଶ୍ୱରପୁର ଗ୍ରାମର ଜଗନ୍ନାଥ ଦାସ (୩୦) ଓ ତୁମୁସିଙ୍ଗା ଥାନା ମାଛିଆ ଗ୍ରାମର ମିଥୁନ ପାତ୍ର (୨୪)। ଦୁର୍ଘଟଣା ପରେ ଟ୍ରକ୍‌ଟି ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ଜଣାପଡ଼ିଛି । ମୃତ ୩ ସ୍କୁଟି ଆରୋହୀ ଚୌଦ୍ୱାରଠାରେ ଏକ ହୋଟେଲରେ କାମ କରୁଥିଲେ ବୋଲି ଜଣାପଡ଼ିଛି। ସେମାନେ ବିଳମ୍ବିତ ରାତିରେ ଚୌଦ୍ୱାର ଆଡୁ ଢେଙ୍କାନାଳକୁ ଆସୁଥିବା ବେଳେ ଏହି ଦୁର୍ଘଟଣା ଘଟିଥିବା ସୂଚନା ମିଳିଛି । ଗୋବିନ୍ଦପୁର ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତକରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ସଂକ୍ରାନ୍ତରେ ସଦର ଥାନାରେ କେସ୍ ନଂ.୯୭୦/୨୫ରେ ମାମଲା ରୁଜୁ କରାଯାଇଛି ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଏ ଦଶାରୁ ସେ ଦଶା ବଳେ,**
**ଦଦରା ହାଣ୍ଡିରୁ ପେଯ ନ ଗଳେ ।**

ସମସ୍ୟାବହୁଳ ଦୁଃଖର ଜୀବନ। ଅର୍ଥାଭାବରୁ ଦୁରବସ୍ଥା କଥା ନ କହିଲେ ନ ଚଳେ। ଅଭାବଗ୍ରସ୍ତ ବ୍ୟକ୍ତି ଚିରାଲୁଗା ପଟା, ଭଙ୍ଗା ହାଣ୍ଡିକୁଣ୍ଡେଇରେ ଜୀବନ ବିତାଇବା ଛଡ଼ା ଆଉ କିଛି ଚାରା ନାହିଁ। ନାନା ଅସୁବିଧାରେ ଜୀବନ ବିତାଇବା ବଡ଼ କଷ୍ଟଦାୟକ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଓଲୁଅ ଡିଆରେ ବଣ ସାରୁକୁ**
**ତୁ ଗଲୁ, ମୁଁ ଗଲୁ,**
**ସାଙ୍ଗ ହୋଇ ଯିବା ବାହାଘରକୁ ।**

ଓଲୁଅ ଓ ସାରୁ ଏକା ଗୁଣର ଅଧିକାରୀ। ଏ ଦୁଇ ପରିବାକୁ ଖାଇଲେ ପାଟି ସାଧାରଣତଃ କୁଣ୍ଡାଇ ହେଉଥିବା ଜଣାଯାଇଥାଏ। ପରୋକ୍ଷରେ ଏକା ଗୁଣ ସମ୍ପନ୍ନ ବ୍ୟକ୍ତି କେହି କାହାକୁ ପାଖରୁ ଅନ୍ତର କରିବାକୁ ଚାହୁଁ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।

# ପ୍ରଥମ ପୃଷ୍ଠାରୁ...

## ରାଜ୍ୟ ସରକାର ଆଣିଲେ ....

ଟଙ୍କା ପ୍ରଦାନ କରାଯାଇଛି। ରାସ୍ତା ଓ ସେତୁର ରକ୍ଷଣାବେକ୍ଷଣ ଲାଗି ୨୫୦ କୋଟି ଟଙ୍କା ରଖାଯାଇଛି। ଗ୍ରାମୀଣ ପାଇପ ଜଳ ଯୋଗାଣ ପ୍ରକଳ୍ପର ପରିଚାଳନା ଓ ରକ୍ଷଣାବେକ୍ଷଣ ପାଇଁ ୧୧୬ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ପାଣି ପଞ୍ଚାୟତର ଅଚଳ ଉଠାଜଳସେଚନଗୁଡ଼ିକର ପୁନରୁଦ୍ଧାର ଓ ରକ୍ଷଣାବେକ୍ଷଣ ପାଇଁ ଓଏଲ୍‌ଆଇସିକୁ ୬୬ କୋଟି ଏବଂ ସମ୍ପୂର୍ଣ୍ଣ ହୋଇଥିବା କାର୍ଯ୍ୟ ପାଇଁ ପ୍ରୋତ୍ସାହନ ରାଶି ବାବଦକୁ ୨୦ କୋଟି ପ୍ରଦାନ କରାଯାଇଛି। ଜିଲା ପରିଷଦର ନିର୍ବାଚନ ପରିଚାଳନା ଲାଗି ୪୨ କୋଟି, ଓଏସ୍‌ଏସ୍‌ସି ପକ୍ଷରୁ ନିଯୁକ୍ତି ପରୀକ୍ଷା ପରିଚାଳନା ପାଇଁ ୨୩ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ସରକାରୀ କଲେଜ ପାଇଁ ୩୬ କୋଟି ଟଙ୍କା ଏବଂ ସରକାରୀ ତାଲିମ ମହାବିଦ୍ୟାଳୟ ଲାଗି ୧୬ କୋଟି ଟଙ୍କା ଦିଆଯାଇଛି। ଓଡ଼ିଶାର ମାଧ୍ୟମିକ ଶିକ୍ଷା ପରିଷଦ ପାଇଁ ୧୩ କୋଟି ଟଙ୍କା, ଉତ୍କଳ ବିଶ୍ୱବିଦ୍ୟାଳୟ ପାଇଁ ୫ କୋଟି ଏବଂ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଲାଗି ୧୪ କୋଟି ଟଙ୍କା ଅନୁଦାନ ରଖାଯାଇଛି।

କାର୍ଯ୍ୟକ୍ରମ ଖର୍ଚ୍ଚ ଲାଗି ରହିଥିବା ୧୩ ହଜାର ୭୧୬ କୋଟି ଟଙ୍କା ମଧ୍ୟରୁ ରାଜ୍ୟ ଯୋଜନା ଲାଗି ୧୧,୬୪୩ କୋଟି, କେନ୍ଦ୍ର ପ୍ରବର୍ତ୍ତିତ ଯୋଜନା ଲାଗି ୨୦୫୪ କୋଟି ଏବଂ କେନ୍ଦ୍ରୀୟ ଯୋଜନା ଲାଗି ୧୯ କୋଟି ଟଙ୍କା ରହିଛି। ଏହାସହ ଅତିରିକ୍ତ ବଜେଟରେ ମୁଖ୍ୟତଃ ସ୍ୱାସ୍ଥ୍ୟ କ୍ଷେତ୍ର ଲାଗି ୧୧୬୪ କୋଟି, ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ପାଇଁ ୫୩୧ କୋଟି, ଖାଦ୍ୟ ଯୋଗାଣ ଓ ଗ୍ରାହକ କଲ୍ୟାଣ ପାଇଁ ୪୩୨୯ କୋଟି, ଶିକ୍ଷା କ୍ଷେତ୍ର ଲାଗି ୨୩୨୭ କୋଟି, ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା, ସୂଚନା ପ୍ରଯୁକ୍ତି କ୍ଷେତ୍ର ଲାଗି ୧୧୭ କୋଟି, ଭିତ୍ତିଭୂମି ବିକାଶ ଲାଗି ୧୯୫୫ କୋଟି, ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ପାଇଁ ୫୭୬ କୋଟି, ପଞ୍ଚାୟତିରାଜ, ପାନୀୟ ଜଳ ଓ ଗ୍ରାମ୍ୟ ଉନ୍ନୟନ ପାଇଁ ୬୧୬ କୋଟି, କୃଷି ଓ ଆନୁଷଙ୍ଗିକ କ୍ଷେତ୍ର ପାଇଁ ୧୬୭୩ କୋଟି, ସହରୀ ବିକାଶ ପାଇଁ ୩୦୩ କୋଟି, ମହିଳା ଓ ଶିଶୁ ବିକାଶ ପାଇଁ ୧୫୫୮ କୋଟି, ଶିଳ୍ପ ଏବଂ ଏମ୍‌ଏସ୍‌ଏମ୍‌ଇ ବିକାଶ ପାଇଁ ୩୩୭ କୋଟି, ଓଡ଼ିଆ ଭାଷା, ସଂସ୍କୃତି ଏହଂ ହସ୍ତତନ୍ତ, ବୟନଶିଳ୍ପ ପାଇଁ ୩୬୩ କୋଟି ଏବଂ ଆଭ୍ୟନ୍ତରୀଣ ସୁରକ୍ଷା ଓ ଆଇନ ପାଇଁ ୩୧୬ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି।

ଏହି ଅତିରିକ୍ତ ବଜେଟରେ ମହିଳା ଓ ଶିଶୁ ବିକାଶ ପାଇଁ ରଖାଯାଇଥିବା ୧୫୫୮ କୋଟି ଟଙ୍କା ମଧ୍ୟରୁ ସୁଭଦ୍ରା ଯୋଜନା ଲାଗି ୨୯୫ କୋଟି, ଅଙ୍ଗନୱାଡି କେନ୍ଦ୍ରର କୋଠା ନିର୍ମାଣ ଲାଗି ୨୦୦ କୋଟି, ମମତା ଯୋଜନାରେ ୧୪୨ କୋଟି, ମିଶନ ଶକ୍ତି କାର୍ଯ୍ୟକ୍ରମ ଏବଂ ସୁଧ ପ୍ରଦାନ ଲାଗି ୪୦୫ କୋଟି, ଜାତୀୟ ଗ୍ରାମୀଣ ଜୀବିକା ମିଶନ ଲାଗି ୪୨୬ କୋଟି ରଖାଯାଇଛି। ସ୍ୱାସ୍ଥ୍ୟସେବା ଲାଗି ମୋଟ୍ ୧୧୬୪ କୋଟି ଟଙ୍କାର ବ୍ୟୟ ବରାଦ ରଖାଯାଇଥିବା ବେଳେ ସେଥିରେ ନୂତନ ସ୍ନାତକୋତ୍ତର ପାଠ୍ୟକ୍ରମ ନିମନ୍ତେ କଟକ ମେଡିକାଲ କଲେଜର ଉନ୍ନତୀକରଣ ଲାଗି ୫୦ କୋଟି ଟଙ୍କା ରଖାଯାଇଛି। ଜାତୀୟ ସ୍ୱାସ୍ଥ୍ୟ ମିଶନ ଲାଗି ୯୯୪ କୋଟି, ଅନ୍ୟାନ୍ୟ ସ୍ୱାସ୍ଥ୍ୟସେବା ଯଥା ଔଷଧ କ୍ରୟ ଲାଗି ୧୪ କୋଟି, ଗୋପବନ୍ଧୁ ଆରୋଗ୍ୟ ଯୋଜନାରେ ୪୦ କୋଟି ରଖାଯାଇଛି। ଖାଦ୍ୟ ସୁରକ୍ଷା ଯୋଜନା ଲାଗି ସର୍ବାଧିକ ୪୩୨୯ କୋଟି ଟଙ୍କାର ବ୍ୟୟ ବରାଦ ରଖାଯାଇଛି। ସେଥିରେ ସାଧାରଣ ବଣ୍ଟନ ପ୍ରଣାଳୀ ତଥା ଧାନ କ୍ରୟ ପାଇଁ ଘୂର୍ଣ୍ଣନ ପାଣ୍ଠି ୩ ହଜାର କୋଟି, ସାଧାରଣ ବଣ୍ଟନ ବ୍ୟବସ୍ଥାରେ ସବ୍‌ସିଡି ଲାଗି ୧୩୨୫ କୋଟି, ଆହାର ଯୋଜନାରେ ୧୫ କୋଟି, ଓଜନ ଓ ମାପ ଏବଂ କୋଠାଘର ନିର୍ମାଣ ଲାଗି ୧ କୋଟି ଟଙ୍କାର ବ୍ୟୟ ବରାଦ ରଖାଯାଇଛି।

ସୂଚନାଯୋଗ୍ୟ, ରାଜ୍ୟ ସରକାର ୨୦୨୫-୨୬ ଆର୍ଥିକ ବର୍ଷ ଲାଗି ଗତ ଫେବୃଆରୀ ୧୭ରେ ୨.୯ ଲକ୍ଷ କୋଟି ଟଙ୍କାର ପୂର୍ଣ୍ଣାଙ୍ଗ ବଜେଟ ଉପସ୍ଥାପନ କରିଥିବା ବେଳେ ଗତ ମାର୍ଚ୍ଚ ୨୯ରେ ତାହା ପାରିତ ହୋଇଥିଲା।

## କେନ୍ଦ୍ରୀୟ ବିଦ୍ୟାଳୟ ...

ପଚରାଉଚରା କରୁଛି। ଅପରାଧୀମାନେ ବୋମା ନେଇଯିବା ସମୟରେ ତାହା ରାସ୍ତାରେ ଖସିପଡିବାରୁ ବିସ୍ଫୋରଣ ହୋଇଥିବା କୁହାଯାଉଛି। ତେବେ କିଏ କ'ଣ ପାଇଁ ବୋମା ନେଇଯାଉଥିଲେ ଓ ସହରରେ ବଡ଼ ଘଟଣା ଘଟାଇବାକୁ ଅପରାଧୀମାନେ ଯୋଜନା କରିଥିଲେ ବୋଲି ସନ୍ଦେହ କରି ମିଳିତ ଟିମ୍ ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁସାରେ, କେନ୍ଦ୍ରୀୟ ବିଦ୍ୟାଳୟ ଗେଟ୍ ନଂ.୩ରେ ୧୫ଶହ ପିଲା ପାଠ ପଢନ୍ତି। ସକାଳେ ପିଲଙ୍କ ସହ କର୍ମଚାରୀମାନେ ସ୍କୁଲକୁ ପ୍ରବେଶ କରିସାରିଥିଲେ। କ୍ଲାସ୍ ଚାଲୁଥିଲା ବେଳେ ସକାଳ ପ୍ରାୟ ୭ଟା ୪୫ରୁ ୮ଟା ମଧ୍ୟରେ ହଠାତ୍ ବୋମା ଫୁଟିଥିଲା। ସ୍କୁଲ ପରିସର, ଗେଟ୍ ସମ୍ମୁଖ ରାସ୍ତା ସମେତ ଚାରିଆଡେ ଧୂଆଁମୟ ହୋଇଯାଇଥିଲା। ଲୋକେ ଘଟଣାସ୍ଥଳ ଆଡକୁ ଯିବା ସମୟରେ ସେଠାକୁ ଏକାଧିକ ଲୋକ ଦୌଡ଼ିଥିଲେ। ଏହି ସମୟରେ ଦୁଇଟି ବାଇକରେ ୩ଜଣ ଦ୍ରୁତ ଗତିରେ ଫେରାର ହୋଇଯାଇଥିବା ସ୍ଥାନୀୟ ଲୋକ ଦେଖିଥିଲେ। ଘଟଣାରେ କାହାର କ୍ଷୟକ୍ଷତି ହୋଇ ନ ଥିଲେ ମଧ୍ୟ ବିଧାନସଭା ଚାଲୁଥିବାରୁ ଘଟଣାକୁ ଗୁରୁତ୍ୱର ସହ ନେଇଛି କମିଶନରେଟ ପୋଲିସ। ଘଟଣା ପରେ ତୁରନ୍ତ ପୋଲିସ କମିଶନର ସୁରେଶ ଦେବଦତ୍ତ ସିଂ, ଭୁବନେଶ୍ୱର ଡିସିପି ଜଗମୋହନ ମୀନା, ସ୍ପେଶାଲ ସ୍କାଡ୍ ଏସିପି, ଜୋନ୍-୫ ଏସିପିଙ୍କ ସମେତ ସାଇଣ୍ଟିଫିକ ଟିମ୍, ଏନ୍‌ଆଇଏ, ଆର୍‌ପିଏଫ୍ ଓ ଗୋଇନ୍ଦା ବିଭାଗର ଅଧିକାରୀମାନେ ପହଞ୍ଚି ଯାଞ୍ଚ ଆରମ୍ଭ କରିଥିଲେ। କ୍ରାଇମ ସ୍ପଟ ଚିହ୍ନଟ କରାଯାଇ ବ୍ୟାରିକେଡ଼ ଦିଆଯାଇଛି। ଗନ୍ ପାଉଡର, ପିରିକ କଣ୍ଟା, କାଗଜଗୁଣ୍ଡ, ସୁତୁଲି ଇତ୍ୟାଦି ମ୍ୟାଟେରିଆଲ କଲେକ୍ସନ କରି ଫୋରନ୍‌ସିକ୍ ଯାଞ୍ଚ ପାଇଁ ପଠାଯାଇଛି। ସିସିଟିଭି ଯାଞ୍ଚ ସହ ସ୍ଥାନୀୟ ଲୋକଙ୍କୁ ପଚରାଉଚରା କରାଯାଉଥିବା ପୋଲିସ କମିଶନର ସିଂ କହିଛନ୍ତି। ସେପଟେ କିଛି ତ ଘଟିଛି, ଯାହାର ତଦନ୍ତ ଚାଲିଥିବା କହିଛନ୍ତି ଏନ୍‌ଆଇଏ ଅଧିକାରୀ। ଦିଲ୍ଲୀ ବିସ୍ଫୋରଣ ପରେ ସବୁଆଡେ ପୋଲିସ ଆଲର୍ଟରେ ରହିଥିବା କୁହାଯାଉଛି। ଚେକିଂ ଓ ବ୍ଲକିଂକୁ କଡ଼ାକଡ଼ି କରାଯାଉଛି। ପୁଣି ବିଧାନସଭା ଚାଲୁଥିବା ବେଳେ ରାଜଧାନୀରେ ଏଭଳି ବୋମାମାଡ଼ ଘଟିବା ଠିକ୍ ନୁହେଁ ବୋଲି ସହରବାସୀ କହୁଛନ୍ତି।

## ମାଓବାଦୀଙ୍କ ଆତ୍ମସମର୍ପଣ ...

ଆତ୍ମସମର୍ପଣ କଲେ ୩୩ଲକ୍ଷ ଟଙ୍କାର ପ୍ରୋତ୍ସାହନ ରାଶି ଏବଂ କମିଟି ସେକ୍ରେଟେରି/କମାଣ୍ଡର/ମିଲିଟାରି ପ୍ଲାଟୁନ ସଦସ୍ୟ ଆତ୍ମସମର୍ପଣ କଲେ ୨୭.୫୦ଲକ୍ଷ ଟଙ୍କାର ପ୍ରୋତ୍ସାହନ ମିଳିବ। ସେହିପରି ଡିଭିଜନାଲ କମିଟି ସଦସ୍ୟ/ ଡେପୁଟି କମାଣ୍ଡର/ କ୍ଷେତ୍ରୀୟ କମିଟି ସେକ୍ରେଟେରିଙ୍କୁ ୨୨ଲକ୍ଷ ଏବଂ ସ୍ଥାନୀୟ କମାଣ୍ଡର ସ୍କାଡ୍ ଓ ସ୍ଥାନୀୟ ଗରିଲା ସ୍କାଡ୍ ପାଇଁ ୧୧ଲକ୍ଷ ଟଙ୍କାର ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବ। ଅନ୍ୟପକ୍ଷରେ ଜଣେ ମାଓବାଦୀ ଏକେ ୪୭ ରାଇଫଲ ଧରି ଆତ୍ମସମର୍ପଣ କଲେ ତାଙ୍କୁ ୪ଲକ୍ଷ ୯୫ ହଜାର ଟଙ୍କା ଦିଆଯିବ। ପୂର୍ବରୁ ତାଙ୍କୁ ୩ଲକ୍ଷ ୩୦ ହଜାର ଟଙ୍କା ମିଳୁଥିଲା। ଏସ୍‌ଏଲ୍‌ଆର୍ ରାଇଫଲ ସହ ଆତ୍ମସମର୍ପଣ କଲେ ପୂର୍ବରୁ ୧ ଲକ୍ଷ ୬୫ ହଜାର ଟଙ୍କା ଦିଆଯାଉଥିବା ବେଳେ ଏବେ ଏବେ ୪ ଲକ୍ଷ ୯୫ ହଜାର ଟଙ୍କା ଆତ୍ମସମର୍ପଣ ରାଶି ପାଇବେ। ସେହିପରି ୧୦ ଲକ୍ଷ ଟଙ୍କା ମୁଣ୍ଡ ଜାମିନ ଥିବା ମାଓବାଦୀ ଆତ୍ମସମର୍ପଣ କଲେ ରାଜ୍ୟ ସରକାର ୫ ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ କରିବେ। ଏଥିସହ ସେମାନଙ୍କ ନାମରେ ଥିବା ଛୋଟମୋଟ ସମସ୍ତ ମାମଲା ପ୍ରତ୍ୟାହାର କରିନେବେ ରାଜ୍ୟ ସରକାର। ମୁଖ୍ୟ ସ୍ରୋତକୁ ଫେରିଥିବା ମାଓବାଦୀ କ୍ୟାଡରମାନେ ଭାରତୀୟ ସମ୍ବିଧାନରେ ବିଶ୍ୱାସ ପ୍ରକାଶ କରିଛନ୍ତି ଏବଂ ଏକ ଗଣତାନ୍ତ୍ରିକ ବ୍ୟବସ୍ଥାରେ ସମ୍ମାନଜନକ ଏବଂ ସୁରକ୍ଷିତ ଜୀବନଯାପନ କରିବାକୁ ସଂକଳ୍ପ ନେଇଛନ୍ତି। ପୁନର୍ବାସ ପ୍ରକ୍ରିୟାର ଅଂଶ ଭାବରେ ପ୍ରତ୍ୟେକ କ୍ୟାଡରକୁ ପ୍ରୋତ୍ସାହନ ସ୍ୱରୂପ ୫୦ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଅନ୍ୟ ମାଓବାଦୀଙ୍କୁ ମଧ୍ୟ ଆତ୍ମସମର୍ପଣ କରିବା ଲାଗି ଆହ୍ୱାନ ଦେଇଛନ୍ତି ଆଣ୍ଟି ମାଓ ଅପରେଶନ୍ ଏଡିଜି ସଞ୍ଜୀବ ପଣ୍ଡା। ସେ କହିଛନ୍ତି, ମାଓବାଦୀଙ୍କୁ ଆମେ ଶେଷ ସୁଯୋଗ ଦେଉଛି। ସେମାନେ ବନ୍ଧୁକ ଛାଡ଼ି ନିଜ ଭବିଷ୍ୟତ ଗଢନ୍ତୁ। ମାଓବାଦୀ ହୋଇ ଜଙ୍ଗଲରେ ବୁଲି ହିଂସା ଘଟାଇଲେ କେବଳ ମୃତ୍ୟୁକୁ ପାଇବେ। ତେଣୁ ସେମାନେ ସବୁ ଛାଡ଼ି ପୋଲିସ ନିକଟରେ ଆତ୍ମସମର୍ପଣ କରନ୍ତୁ ବୋଲି ଏଡିଜି କହିଛନ୍ତି।

## ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କ ମୁହଁରୁ...



ଘାସିରାମ ମାଝି

**ରାୟଗଡ଼ା, ୨୮।୧୧ (ଆଶିଷ ରଞ୍ଜନ ପଣ୍ଡା)**

ରାୟଗଡ଼ା ଜିଲା ଗୁଡ଼ାରି ବ୍ଲକ୍‌ର ମାଓବାଦୀ ସାଜିଥିବା ଘାସିରାମ ମାଝି ୨୦୦୯ ମସିହା ଶେଷ ବେଳକୁ ପୋଲିସ ନିକଟରେ ଆତ୍ମସମର୍ପଣ କରିଥିଲେ। ଉକ୍ତ ସମୟରେ କେବଳ ୨ ଏକର ଜମି ଓ ୮ ଡେସିମିଲ ଘର ପ୍ରଦାନ ସ୍କିମ୍ ରହିଥିଲା । ତେବେ ଆତ୍ମସମର୍ପଣର ୫ରୁ ୬ ବର୍ଷ ପରେ ସେ ୮ ଡେସିମିଲ ଘର ପାଇଥିଲେ । ତେବେ ଏହାପରେ ୨୦୧୧-୧୨ ମସିହାରେ ଘାସିରାମଙ୍କ ନେତୃତ୍ୱରେ ବହୁ ମାଓବାଦୀ ଆତ୍ମସମର୍ପଣ କରିଥିଲେ । ସେମାନଙ୍କୁ ୨ଲକ୍ଷରୁ ଆରମ୍ଭ କରି ୪ଲକ୍ଷ ପର୍ଯ୍ୟନ୍ତ ସରକାରୀ ସହାୟତା ମିଳିଥିଲା । ତେବେ ବର୍ତ୍ତମାନ ସହାୟତା ରାଶି ବୃଦ୍ଧି କରାଯାଉଥିବାରୁ ବହୁ ମାଓବାଦୀ ମୁଖ୍ୟସ୍ରୋତକୁ ଫେରି ଆସିବେ ବୋଲି ଘାସିରାମ କହିଛନ୍ତି । ଏଥିସହିତ ଯେଉଁମାନେ ମାଓବାଦୀ ସଂଗଠନରେ ସାମିଲ ଅଛନ୍ତି ସେମାନେ ମୁଖ୍ୟସ୍ରୋତକୁ ଫେରି ଆସି ନିର୍ଭୟରେ ଜୀବନଯାପନ କରିବାକୁ ସେ ଅନୁରୋଧ କରିଛନ୍ତି। ଅନ୍ୟପଟେ ସରକାର ସହାୟତା ରାଶି ବ୍ୟତୀତ ମାଓବାଦୀ ଶିବିରରେ ଥିବା ଆଦିବାସୀ ଓ ଗରିବଙ୍କୁ ଜଳ, ଜଙ୍ଗଲ ଓ ଜମି ଅଧିକାର ପ୍ରଦାନ କଲେ ସେମାନେ ନିଶ୍ଚୟ ସ୍ୱାଭାବିକ ଜୀବନକୁ ଫେରି ଆସିବେ ବୋଲି ଘାସିରାମ କହିଛନ୍ତି ।

# ସବୁ କଲେଜ ହେବ ଜବରଦଖଲମୁକ୍ତ: ସୂର୍ଯ୍ୟବଂଶୀ

ଭୁବନେଶ୍ୱର,୨୮।୧୧ (ରବିନାରାୟଣ ଜେନା)

ରାଜ୍ୟର ସବୁ କଲେଜ ଜବରଦଖଲମୁକ୍ତ ହେବା ସହିତ ଛାତ୍ରୀଛାତ୍ରଙ୍କ ପାଇଁ ଶୈକ୍ଷିକ ବାତାବରଣ ସୃଷ୍ଟି କରାଯିବ ବୋଲି ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଶୁକ୍ରବାର ବିଧାନସଭାର ପ୍ରଶ୍ନକାଳରେ କହିଛନ୍ତି।

ମୂଳପ୍ରଶ୍ନକର୍ତ୍ତା ବିଧାୟକ ସୀତାଂଶୁ ଶେଖର ମହାପାତ୍ରଙ୍କ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଛନ୍ତି, ଭଦ୍ରକ ମହିଳା ମହାବିଦ୍ୟାଳୟର ଭିତ୍ତିଭୂମି ଉନ୍ନତୀକରଣ ଲାଗି ୨୦୨୪-୨୫ ଆର୍ଥିକବର୍ଷରେ ୧୦୦ଶଯ୍ୟା ବିଶିଷ୍ଟ ଛାତ୍ରୀନିବାସ ଏବଂ ଆସବାବପତ୍ର ଲାଗି ୪କୋଟି ଟଙ୍କା ମଞ୍ଜୁର ହୋଇଥିବାବେଳେ ୨୦୨୫-୨୬ରେ ଶ୍ରେଣୀଗୃହ ନିର୍ମାଣ ଏବଂ ପାଚେରି ନିର୍ମାଣ ନିମନ୍ତେ ୨କୋଟି ଟଙ୍କା ମଞ୍ଜୁର ହୋଇଛି। ଭଦ୍ରକ ମହିଳା ମହାବିଦ୍ୟାଳୟ ସହିତ ବିଭିନ୍ନ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟଗୁଡ଼ିକୁ ଲାବ୍ ଉପକରଣ ପ୍ରଦାନ କରାଯିବା ସହିତ ରାମ୍ପ ଓ ଶୌଚାଳୟ ନିର୍ମାଣ ପାଇଁ ବ୍ୟବସ୍ଥା କରାଯାଇଛି। ଏହି ଅବସରରେ ସୀତାଂଶୁ ପ୍ରଶ୍ନ କରିଥିଲେ, କଲେଜ ପରିସରରେ ଥିବା ଜମିକୁ ଦୁର୍ବୃତ୍ତମାନେ ମାଡ଼ି ବସିବା ସହିତ ଅରାଜକତା ସୃଷ୍ଟି କରୁଛନ୍ତି। ଏଦିଗରେ ସରକାରଙ୍କ ପକ୍ଷରୁ କ'ଣ ପଦକ୍ଷେପ ଗ୍ରହଣ କରାଯିବ ତାହା ଗୃହକୁ ଜଣାଇବାକୁ ସେ କହିଥିଲେ। ମନ୍ତ୍ରୀ ଉତ୍ତର ରଖି କହିଛନ୍ତି, କେବଳ ଭଦ୍ରକ ମହିଳା ମହାବିଦ୍ୟାଳୟ ନୁହେଁ, ରାଜ୍ୟର ସମସ୍ତ କଲେଜକୁ ଜବରଦଖଲମୁକ୍ତ କରାଯିବା ସହିତ ସେଠାରେ ଛାତ୍ରୀଛାତ୍ରମାନେ ଯେପରି ଠିକ୍ ଭାବେ ଅଧ୍ୟୟନ କରିପାରିବେ


ଉତ୍ତର ଦେଉଛନ୍ତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ।

ଏବଂ ମହାବିଦ୍ୟାଳୟ ପରିସରରେ ଶୈକ୍ଷିକ ବାତାବରଣ ସୃଷ୍ଟି କରାଯିବ ତାହା ଉପରେ ପଦକ୍ଷେପ ନିଆଯାଉଛି। ଏହି ଅବସରରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ତାଙ୍କ ଅଞ୍ଚଳରେ ମଡେଲ ଡିଗ୍ରୀ କଲେଜ ଖୋଲିବା ନେଇ ପ୍ରଶ୍ନ କରିଥିଲେ। ମନ୍ତ୍ରୀ କହିଛନ୍ତି, ଏଥିପ୍ରତି ସରକାର ନିଶ୍ଚିତ ଗୁରୁତ୍ୱ ଦେବେ।

ବିଧାୟକ ଗଣେଶ୍ୱର ବେହେରା 'ମଡେଲ ୱମେନ୍ସ କଲେଜ' କାର୍ଯ୍ୟକାରୀ କରିବା ପାଇଁ ସରକାରଙ୍କ ଯୋଜନା ରହିଛି କି ନାହିଁ ? ଯଦି ରହିଛି ଏହାର ରୂପରେଖ କ'ଣ ଅଛି ସେ ସଂକ୍ରାନ୍ତରେ ଜାଣିବାକୁ ଚାହିଁଥିଲେ। ମନ୍ତ୍ରୀ ସୂର୍ଯ୍ୟବଂଶୀ ଉତ୍ତର ରଖି କହିଛନ୍ତି, ରାଜ୍ୟ ସରକାର ଏନେଇ ବିଚାର କରୁଛନ୍ତି।

# ପ୍ରଥମ ବର୍ଷ ପୂର୍ତ୍ତି: ହେମନ୍ତ ସୋରେନ ବାଣ୍ଟିଲେ ୯ ହଜାର ନିଯୁକ୍ତିପତ୍ର

ରାଞ୍ଚି,୨୮।୧୧ (ପି.ଟି.)

ଝାଡ଼ଖଣ୍ଡରେ ୨୦୨୪ ନଭେମ୍ବର ୨୮ରେ ୪ଥର ପାଇଁ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଥିଲେ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା (ଜେଏମ୍ଏମ୍) ନେତା ହେମନ୍ତ ସୋରେନ। ତାଙ୍କ ନେତୃତ୍ୱାଧୀନ ଅବୁଆ ସରକାରର ଶୁକ୍ରବାର ପ୍ରଥମ ବର୍ଷ ପୂର୍ତ୍ତି ଉପଲକ୍ଷେ ରାଞ୍ଚିସ୍ଥିତ ମୋରାବାଦୀ ମଇଦାନରେ ବଡ଼ଧରଣର ନିଯୁକ୍ତିପତ୍ର ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରାୟ ୯ ହଜାର ଯୁବତୀଯୁବକଙ୍କୁ ସରକାରୀ ନିଯୁକ୍ତିପତ୍ର ବଣ୍ଟନ କରାଯାଇଛି। ଏହି ଅବସରରେ ହେମନ୍ତ କହିଛନ୍ତି, ଏହା କେବଳ ନିଯୁକ୍ତି ନୁହେଁ, ବରଂ ଝାଡ଼ଖଣ୍ଡର ଉଜ୍ଜ୍ୱଳ ଭବିଷ୍ୟତର ନୂଆ ଆରମ୍ଭ। ଗତ ବର୍ଷକ ମଧ୍ୟରେ ତାଙ୍କ ସରକାର ବିଭିନ୍ନ ବିଭାଗରେ ୧୬ ହଜାର ନିଯୁକ୍ତି ଦେଇଛନ୍ତି। କେବଳ ରୋଜଗାର ନୁହେଁ, ଶିକ୍ଷା, ସ୍ୱାସ୍ଥ୍ୟ, କୃଷକ କଲ୍ୟାଣ, ମହିଳା ସଶକ୍ତୀକରଣ ଆଦି କ୍ଷେତ୍ରକୁ ମଜଭୁତ କରିବା ପାଇଁ ଅନେକ ନିର୍ଣ୍ଣାୟକ ପଦକ୍ଷେପ ନିଆଯାଇଛି। ଯୁବଶକ୍ତି ଏବଂ ମହିଳାମାନଙ୍କୁ ସୁଯୋଗ, ସୁରକ୍ଷା ଏବଂ ସମ୍ମାନ ଦେବା ତାଙ୍କ ସରକାରଙ୍କ ସର୍ବୋଚ୍ଚ ପ୍ରାଥମିକତା ରହିଆସିଛି ଏବଂ ଆଗକୁ ମଧ୍ୟ ଜାରି ରହିବ। ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗରେ ନିଯୁକ୍ତି ପାଇଥିବା


ଜଣେ ଯୁବତୀଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରୁଛନ୍ତି ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ। ନିକଟରେ ଅଛନ୍ତି ତାଙ୍କ ସହଧର୍ମିଣୀ ତଥା ବିଧାୟିକା କଳ୍ପନା ସୋରେନ।

ଯୁବତୀଯୁବକଙ୍କୁ ସେ ସ୍ୱାଗତ କରିବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଏବଂ ସଫଳ କ୍ୟାରିୟର ନିମନ୍ତେ ହାର୍ଦ୍ଦିକ ଶୁଭକାମନା ଜଣାଇଛନ୍ତି। କାର୍ଯ୍ୟକ୍ରମସ୍ଥଳରେ ହୋଇଥିବା ପ୍ରବଳ ଜନସମାଗମରେ ଉତ୍ସାହିତ ହୋଇ ହେମନ୍ତ କହିଛନ୍ତି, ୨୫ ବର୍ଷ ବୟସ୍କ ଏହି ଯୁବ ରାଜ୍ୟରେ ଏପରି ବୃହତ୍ ପରିମାଣର ନିଯୁକ୍ତି ପୂର୍ବରୁ କେବେ ଦେଖିବାକୁ ମିଳିନାହିଁ। ହେମନ୍ତ ଆହୁରି କହିଛନ୍ତି, ବର୍ଷକ ମଧ୍ୟରେ ୧୬ ହଜାର ସରକାରୀ ନିଯୁକ୍ତି ସମେତ ତାଙ୍କ ସରକାରଙ୍କ ଉଦ୍ୟମରେ ଘରୋଇ ସଂସ୍ଥାରେ ୮ ହଜାର ଯୁବପିଢ଼ିଙ୍କୁ ନିଯୁକ୍ତି ମିଳିପାରିଛି। ତାଙ୍କ ପୂର୍ବ ପାଳି ସରକାର ସମୟରେ (୨୦୨୦ରୁ ୨୦୨୪) ଜେଏମ୍ଏମ୍ ନେତୃତ୍ୱାଧୀନ ସରକାର ୨୫ ହଜାର ଲୋକଙ୍କୁ ବିଭିନ୍ନ ସରକାରୀ ବିଭାଗରେ ନିଯୁକ୍ତି ଦେଇଥିବାବେଳେ ଘରୋଇ କ୍ଷେତ୍ରରେ ୨୮ ହଜାର ଯୁବପିଢ଼ିଙ୍କୁ ନିଯୁକ୍ତି ମିଳିଥିଲା।

# ନବଜାତ ଯାଆଁଳା ଶିଶୁଙ୍କୁ ଅନ୍ୟ ହାତକୁ ଟେକିଦେଲେ ଦମ୍ପତି

## ଅଭାବୀ ପରିବାରର କରୁଣ ଚିତ୍ର

ଲୋଇସିଂହା,୨୮।୧୧(ସୁଶାନ୍ତ ବାରିକ)

ପରିବାରର ଆର୍ଥିକ ସ୍ଥିତି ସ୍ୱଚ୍ଛଳ ନ ଥିବା କାରଣରୁ ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅଞ୍ଚଳର ଏକ ଦମ୍ପତି ସେମାନଙ୍କ ନବଜାତ ଯାଆଁଳା ଶିଶୁଙ୍କୁ ଗୁରୁବାର ନିଜର ୨ ଜଣ ସମ୍ପର୍କୀୟଙ୍କ ହାତକୁ ଟେକିଦେବା ଘଟଣା ଗଭୀର ଆଲୋଡ଼ନ ସୃଷ୍ଟି କରିଛି। ଏନେଇ ଶୁକ୍ରବାର ପ୍ରଶାସନିକ ତନାଘନା ପରେ ଗୋଟିଏ ଶିଶୁ ବେଲପଡା ଥାନା ଅଞ୍ଚଳରୁ ଓ ଅନ୍ୟଟି ସୁବର୍ଣ୍ଣପୁର ଜିଲା ତରଭା ଥାନା ଅଧୀନ ପୁଆ ଗାଁରୁ ଉଦ୍ଧାର କରାଯାଇଛି।

ମିଳିଥିବା ସୂଚନା ଅନୁଯାୟୀ, କନ୍ଦାଜୁରୀ ପଞ୍ଚାୟତ ସଦର ଗାଁ କନ୍ଦାଜୁରୀ ଦଳିତ ବସ୍ତିର ଧର୍ମେନ୍ଦ୍ର ତାଣ୍ଡି ସୁକାନ୍ତିଙ୍କୁ ଦ୍ୱିତୀୟ ବିବାହ କରିଛନ୍ତି। ସୁକାନ୍ତିଙ୍କ ଗୋଟିଏ ପୁଅ ଓ ଝିଅ ଅଛନ୍ତି। ସେ ତୃତୀୟ ଥର ପାଇଁ ଗର୍ଭବତୀ ହୋଇଥିଲେ। ଫଳରେ ଗର୍ଭ ନଷ୍ଟ ପାଇଁ ଏହି ଦମ୍ପତି କୁଆଡ଼େ ବହୁ ଉଦ୍ୟମ କରିଥିଲେ। କିନ୍ତୁ ଗର୍ଭରେ ଥିବା ଯାଆଁଳା ଶିଶୁ ପରିପକ୍ୱ ହୋଇଯାଇଥିବା କାରଣରୁ ଡାକ୍ତର କୁଆଡେ ଗର୍ଭନଷ୍ଟ କରିବାକୁ ମନା କରି ଦେଇଥିଲେ। ଗତ ୧୮ ତାରିଖରେ ବଲାଙ୍ଗୀର ଭୀମ ଭୋଇ ମେଡିକାଲରେ ତାଙ୍କର ଯାଆଁଳା ଝିଅ ପୁଅ ଜନ୍ମ ହୋଇଥିଲେ। ଝିଅର ଓଜନ ଦେଢ଼ କେଜି ଓ ପୁଅର ଓଜନ ୨କେଜି ରହିଥିଲା। ଶିଶୁକନ୍ୟା ଓଜନ କମ୍ ଥିବା କାରଣରୁ ତାଙ୍କୁ ମେଡିକାଲର ଶିଶୁ ପ୍ରଯତ୍ନ କେନ୍ଦ୍ରରେ ଲାଇଟରେ ରଖାଯାଇଥିଲା। ଶିଶୁକନ୍ୟାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସିବା ପରେ ଗୁରୁବାର ପୂର୍ବାହ୍ନରେ ମେଡିକାଲରୁ ସୁକାନ୍ତିଙ୍କୁ ଡିସ୍‌ଚାର୍ଜ କରାଯାଇଥିଲା। ଏହି ଦମ୍ପତି କନ୍ଦାଜୁରୀ ଘରେ ରାତି ୮ଟାରେ ପହଞ୍ଚିଥିଲେ। କିନ୍ତୁ ସେମାନଙ୍କ ପାଖରେ ଶିଶୁ ନ ଥିବା ଦେଖି ପଡ଼ୋଶୀ ନାନା ଆଶଙ୍କା କରିଥିଲେ। ଏ ସମ୍ପର୍କରେ କୌଣସି ସୂତ୍ରରୁ ଖବର ପାଇ ସ୍ଥାନୀୟ ଅଙ୍ଗନୱାଡି କର୍ମୀ ଗୀତାଞ୍ଜଳି ରଣା ଓ ଆଶାକର୍ମୀ ସସ୍ମିତା କୁମ୍ଭାର ସୁକାନ୍ତିଙ୍କ ଘରେ ପହଞ୍ଚି ଶିଶୁ କୁଆଡ଼େ ଗଲା, କାହାକୁ ଦେଲ କହିବା ସହ ଆହୁରି ଅନେକ ପ୍ରଶ୍ନ କରିଥିଲେ। ବହୁ ପଚରାଉଚରା ପରେ ଶିଶୁକନ୍ୟାଙ୍କୁ ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ୍ ପୁଆ ଗ୍ରାମର ଜଣେ ସମ୍ପର୍କୀୟଙ୍କ ହାତକୁ ଟେକିଦେଇଥିବା କହିଥିଲେ। ସେହିପରି ଶିଶୁପୁତ୍ରଙ୍କୁ ବଲାଙ୍ଗୀର ଜିଲା ବେଲପଡ଼ା ବ୍ଲକ୍ ଚିଙ୍ଗିରିଟାଲ ଗ୍ରାମର ଅନ୍ୟ ଜଣେ ସମ୍ପର୍କୀୟଙ୍କୁ ବଲାଙ୍ଗୀର ମେଡିକାଲଠାରେ ହିଁ ହସ୍ତାନ୍ତର କରିଥିବା ଜଣାଇଥିଲେ। ଏହାପରେ ଆଶାକର୍ମୀ ଏବଂ ଅଙ୍ଗନୱାଡି କର୍ମୀ ସ୍ୱାସ୍ଥ୍ୟ ବିଭାଗ ଓ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଙ୍କୁ ଜଣାଇଥିଲେ। ପରେ ଲୋଇସିଂହା ପୋଲିସ ତାଣ୍ଡି ଦମ୍ପତିଙ୍କ ଘରେ ପହଞ୍ଚି ଯାଆଁଳା ଶିଶୁଙ୍କ ବାବଦରେ ଖୋଳତାଡ଼ କରିଥିଲା। ଏ ସମ୍ପର୍କରେ ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ଶେଖରଲାଲ ପଧାନ କହିଛନ୍ତି, ଗୁରୁବାର ପ୍ରସୂତି ମହିଳା ଜଣକ ଡିସ୍‌ଚାର୍ଜ ହୋଇଥିଲେ। ଘରେ ପହଞ୍ଚିବା ବେଳେ ପାଖରେ ଶିଶୁ ନ ଥିବାରୁ ତଦନ୍ତ କରାଯାଇଥିଲା। ଶିଶୁ ବିକ୍ରି ନୁହେଁ , ଅଭାବ କାରଣରୁ ଲାଳନପାଳନ ପାଇଁ ଯାଆଁଳା ଶିଶୁଙ୍କୁ ସମ୍ପର୍କୀୟଙ୍କୁ ଦେଇ ଦେଇଥିବା ଦମ୍ପତି କହିଛନ୍ତି।

ସେହିପରି ଗର୍ଭାବସ୍ଥା ସମୟରେ ଗର୍ଭ ନଷ୍ଟ ପାଇଁ ପ୍ରୟାସ କରିଥିବା ତଦନ୍ତ ବେଳେ ଧର୍ମେନ୍ଦ୍ର କହିଥିବା ଆଇସିଡିଏସ୍ ସୁପରଭାଇଜର ବୀନନ୍ଦା ମିଶ୍ର ପ୍ରକାଶ କରିଛନ୍ତି। ଶିଶୁ ବିକ୍ରିକୁ ଅଧିକାରୀମାନେ ଖଣ୍ଡନ କରିଛନ୍ତି। ସରପଞ୍ଚ ଜାମିନୀ ମହାନନ୍ଦ କହିଛନ୍ତି, ଖବର ପାଇ ଗୁରୁବାର ରାତିରେ ପୋଲିସ ବିଭାଗୀୟ କର୍ମଚାରୀଙ୍କ ସହ ଧର୍ମେନ୍ଦ୍ରଙ୍କ ଘରକୁ ଯାଇଥିଲା। ତେବେ ଗର୍ଭ ସଞ୍ଚାରଠାରୁ ମେଡିକାଲରେ ଶିଶୁ ଜନ୍ମହେବା ପର୍ଯ୍ୟନ୍ତ ଖର୍ଚ୍ଚ ବହନ କରିଥିବା ୨ ସମ୍ପର୍କୀୟଙ୍କୁ ଶିଶୁଦ୍ୱୟଙ୍କୁ ଲାଳନପାଳନ ପାଇଁ ଦେଇଥିବା ଏହି ଦମ୍ପତି ଜଣାଇଥିଲେ। ତେବେ କାହାକୁ ନ ଜଣାଇ ଶିଶୁ ଦ୍ୱୟଙ୍କୁ ଅନ୍ୟ ଲୋକଙ୍କୁ ଟେକିଦେଇଥିବା ସରପଞ୍ଚ ମହାନନ୍ଦ କହିଛନ୍ତି। ସୂଚନା ଅନୁଯାୟୀ , ଧର୍ମେନ୍ଦ୍ର ପୂର୍ବରୁ ସୁକାନ୍ତିଙ୍କ ବଡ଼ ଭଉଣୀଙ୍କୁ ବିବାହ କରିଥିଲେ। ପ୍ରଥମ ସ୍ତ୍ରୀର ଗୋଟିଏ ଝିଅ ଓ ଗୋଟିଏ ପୁଅ ଅଛନ୍ତି। ପ୍ରଥମ ସ୍ତ୍ରୀ ପୁଅକୁ ସାଙ୍ଗରେ ନେଇ କୁଆଡ଼େ ଚାଲିଯାଇଛନ୍ତି। ଦିବ୍ୟାଙ୍ଗ ଝିଅ ବାପାଙ୍କ ସହ ରହୁଛନ୍ତି। ପ୍ରଥମ ସ୍ତ୍ରୀ ଅନ୍ୟତ୍ର ପଳାଇବା କାରଣରୁ ସୁକାନ୍ତିଙ୍କୁ ସେ ଦ୍ୱିତୀୟ ବିବାହ କରିଥିଲେ। ମୂଲ ଲାଗି ପରିବାର ପ୍ରତିପୋଷଣ କରୁଥିବାରୁ ଯାଆଁଳା ଶିଶୁ ଚଳାଇବା କଷ୍ଟକର ବୋଲି ଧର୍ମେନ୍ଦ୍ର କହିଛନ୍ତି।

# ଭାଜପାରେ ମିଶିଲେ ତାଳଚେର ନଗରପାଳ, ୧୩ ଜଣ କାଉନସିଲର

ଭୁବନେଶ୍ୱର, ୨୮।୧୧(ସୁନିତ୍ ମିଶ୍ର)

ତାଳଚେର ପୌର ପରିଷଦର ନଗରପାଳ ପବିତ୍ର ଭୁତିଆ ବିଜେଡି ଛାଡି ଶୁକ୍ରବାର ଭାଜପାରେ ସାମିଲ ହୋଇଛନ୍ତି। ଭୁତିଆଙ୍କ ସମେତ ତାଳଚେର ପୌର ପରିଷଦର ୧୩ ଜଣ କାଉନସିଲର, ଅନେକ ସଂଖ୍ୟାରେ ସରପଞ୍ଚ ଓ ନିର୍ବାଚିତ ଜନପ୍ରତିନିଧି ଏବଂ ବିଜେଡିର କେତେଜଣ ନେତା ଭାଜପାରେ ଯୋଗଦାନ କରିଛନ୍ତି। ବିଜେଡିନେତାମାନଙ୍କ ଅଣଦେଖା ଓ ଅବହେଳା କାରଣରୁ ସ୍ଥାନୀୟ ଅଞ୍ଚଳର ବିକାଶ ବାଧାପ୍ରାପ୍ତ ହୋଇଛି। ବିଜେଡି ଲୋକଙ୍କୁ ଧୋକା ଦେଇଛି। ଭାଜପାର ଡବଲଇଞ୍ଜିନ ସରକାର ଗୋଟିଏ ପରେ ଗୋଟିଏ ବିକାଶମୂଳକ କାର୍ଯ୍ୟ କରିଚାଲିଛନ୍ତି। ତାଳଚେରର ସ୍ୱାର୍ଥ ଏବଂ ବିକାଶ ପାଇଁ ଭାଜପାରେ ସାମିଲ ହେଲୁ ବୋଲି ଭୁତିଆ କହିଛନ୍ତି।

ତାଳଚେର ପୌର ପରିଷଦର ୱାର୍ଡ ନଂ. ୧ କାଉନସିଲର ଆସିଫ ଖାନ, ୱାର୍ଡ ନଂ.୨ କାଉନସିଲର ଯଶୋବନ୍ତ ମିଶ୍ର, ୱାର୍ଡ ନଂ.୩ କାଉନସିଲର ଲିପିକା ବେହେରା, ୱାର୍ଡ ନଂ. ୫ କାଉନସିଲର ସଞ୍ଜୀବ ବେହେରା, ୱାର୍ଡ ନଂ. ୬ କାଉନସିଲର ଜିତେନ୍ଦ୍ର ଭୁତିଆ, ୱାର୍ଡ ନଂ. ୯ କାଉନସିଲର ମମତା ରାଉତ, ୱାର୍ଡ ନଂ. ୧୦ କାଉନସିଲର ଅଜିତ୍ ସାହୁ, ୱାର୍ଡ ନଂ. ୧୧ କାଉନସିଲର ନିରୁପମା ପଟ୍ଟନାୟକ, ୱାର୍ଡ ନଂ. ୧୨ କାଉନସିଲର ସଞ୍ଜୀବ ଗଡ଼ନାୟକ, ୱାର୍ଡ ନଂ. ୧୪ କାଉନସିଲର ବଲବିନ୍ଦର କୌର, ୱାର୍ଡ ନଂ. ୧୫ କାଉନସିଲର ସବିତା ପାଲ, ୱାର୍ଡ ନଂ. ୧୮ କାଉନସିଲର ଲୀନା ସାହୁ, ୱାର୍ଡ ନଂ. ୨୦ କାଉନସିଲର ଶାନ୍ତନୁ ମିଶ୍ର ପ୍ରମୁଖ ଭାଜପାରେ ଯୋଗଦେଇଛନ୍ତି। ଭୁବନେଶ୍ୱର ରାଜ୍ୟ କାର୍ଯ୍ୟାଳୟଠାରେ ଶୁକ୍ରବାର ଆୟୋଜିତ ଏହି ମିଶ୍ରଣ ପର୍ବରେ ରାଜ୍ୟ ସଭାପତି ମନମୋହନ ସାମଲ ସବୁ ନୂତନ ସଦସ୍ୟଙ୍କୁ ଟୋପି ଓ ଉତ୍ତରୀୟ ପ୍ରଦାନ କରି ସ୍ୱାଗତ କରିଛନ୍ତି। ମନମୋହନ କହିଛନ୍ତି, ଦଳର ବିଚାରଧାରାରେ ଅନୁପ୍ରାଣିତ ହୋଇ ଭାଜପାରେ ନୂତନ କାର୍ଯ୍ୟକର୍ତ୍ତାଙ୍କ ଯୋଗଦାନ ବଢ଼ିବାରେ ଲାଗିଛି। ରାଜ୍ୟରେ ବିକାଶମୂଳକ କାର୍ଯ୍ୟକୁ ତ୍ୱରାନ୍ୱିତ କରି ଓଡ଼ିଶାର ମୌଳିକ ସମସ୍ୟାର ସମାଧାନ ପାଇଁ ଭାଜପା କାର୍ଯ୍ୟ କରିବ।

## ଅପରାଧ

# ବିଜୟ, ନିକୁଞ୍ଜଙ୍କ ଘର ସମେତ ୭ ସ୍ଥାନରେ ଇଡି ଚଢ଼ାଉ

**୩,୭୦୦ କୋଟିର ଆଦର୍ଶ ଚିଟ୍‌ଫଣ୍ଡ ଠକେଇ ମାମଲା**

ଭୁବନେଶ୍ୱର,୨୮।୧୧(ତ୍ରିନାଥ ମହାନ୍ତି)

ଆଦର୍ଶ ଚିଟ୍‌ଫଣ୍ଡ ଠକେଇ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଶୁକ୍ରବାର ଭୁବନେଶ୍ୱର ସମେତ ୭ଟି ସ୍ଥାନରେ ଚଢ଼ାଉ କରିଛି। ଏଥିମଧ୍ୟରେ ଆଦର୍ଶ ଗ୍ରୁପ୍ ଚିଟ୍‌ଫଣ୍ଡ ଲିମିଟେଡ୍‌ର ନିକୁଞ୍ଜ ସାମନ୍ତରାୟଙ୍କ ଭୁବନେଶ୍ୱର ନୟାପଲ୍ଲୀସ୍ଥିତ ଘର, କମ୍ପାନୀର ପୂର୍ବତନ ଏମ୍‌ଡି କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ ନଟକାଇ ପଞ୍ଚାୟତର ବିଜୟ ରାଉତ ଓ କର୍ମଚାରୀ ରାମକୃଷ୍ଣପୁର ପଞ୍ଚାୟତର ଜିତେନ୍ଦ୍ର ଓଝାଙ୍କ ଘର ରହିଛି। ସେମାନଙ୍କ ଘରୁ ବିଭିନ୍ନ କାଗଜପତ୍ର ଯାଞ୍ଚ କରିବା ସହ ପଚରାଉଚରା କରିଛି। ନିକୁଞ୍ଜଙ୍କୁ ଘରେ ସନ୍ଧ୍ୟା ପର୍ଯ୍ୟନ୍ତ ଚଢ଼ାଉ ଓ ଯାଞ୍ଚ ଜାରି ରହିଥିବାବେଳେ ବହୁ ଦସ୍ତାବିଜ ଓ ଡିଜିଟାଲ ପ୍ରମାଣ ଇଡି ଅଧିକାରୀମାନେ ଜବତ କରିନେଇଛନ୍ତି। ସେହିପରି ଜିତେନ୍ଦ୍ରଙ୍କୁ ଇଡି ଟିମ୍ ନିଜ ସହ


ନିକୁଞ୍ଜ ସାମନ୍ତରାୟଙ୍କ ଭୁବନେଶ୍ୱର ନୟାପଲ୍ଲୀସ୍ଥିତ ଘରେ ଇଡି ଅଧିକାରୀମାନେ ଚଢ଼ାଉ କରୁଛନ୍ତି।

ନେଇ ଘନ ଘନ ଜେରା କରୁଛି। ଇଡିର ଦୁଇଟି ଟିମ୍‌ରେ ୮ଜଣ ଅଫିସର ଏହି ଚଢ଼ାଉରେ ସାମିଲ ଥିବାବେଳେ କମ୍ପାନିର ବହୁ କର୍ମଚାରୀଙ୍କ ଘର ସମେତ ଏକାଧିକ ସ୍ଥାନରେ ଚଢ଼ାଉ ଚାଲିଥିବା ଜଣାପଡିଛି। ସୂଚନା ଅନୁଯାୟୀ, ୨୦୧୦ ମାର୍ଚ୍ଚ ୨୧ରେ ଆରମ୍ଭ ହୋଇଥିବା ଆଦର୍ଶ ଗ୍ରୁପ୍ ଲୋକଙ୍କୁ ଜମା ଟଙ୍କାର ଦୁଇଗୁଣା ଦେବାକୁ ଲୋଭ ଦେଖାଇ ୩,୭୦୦ କୋଟିର ଠକେଇ କରିଥିଲା। ପ୍ରଥମେ ୨୦୧୪ରେ ସିବିଆଇରେ ଅଭିଯୋଗ ହେବା ପରେ ତଦନ୍ତ ଆରମ୍ଭ ହୋଇଥିଲା। ସିବିଆଇର ମାମଲା ଆଧାରରେ ଇଡି ବେଆଇନ ଅର୍ଥ କାରବାର ସଂକ୍ରାନ୍ତରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ତେବେ ଅଭିଯୋଗ ପରେ କମ୍ପାନୀ ମୁଖ୍ୟ ବିଜୟ ରାଉତ, ନିକୁଞ୍ଜଙ୍କ ସମେତ ଅନ୍ୟ କେତେଜଣଙ୍କୁ ଗିରଫ କରାଯାଇଥିଲା। ୪ ବର୍ଷ ଜେଲରେ ବିତାଇଲା ପରେ ବିଜୟ ରାଉତ ବେଲ୍‌ରେ ଆସିଥିଲେ। ସେହିପରି ନିକୁଞ୍ଜଙ୍କୁ ୪ବର୍ଷ ଜେଲ ଦଣ୍ଡ ଶୁଣାଇଥିଲେ କୋର୍ଟ।

# ବାଲି ଉତ୍ତୋଳନକୁ ବିରୋଧ କରିବାରୁ ଗୋଡ଼ାଇ ହାଣିଲେ

- ଚୋରା ଚାଲାଣକାରୀଙ୍କ ଦୌରାତ୍ମ୍ୟ
- ୩ ଗ୍ରାମବାସୀ ଆହତ, ଜଣେ ଗୁରୁତର

ଲଙ୍ଗଳେଶ୍ୱର, ୨୮।୧୧(କମଳାକାନ୍ତ ଦାସ)

ସୁବର୍ଣ୍ଣରେଖା ନଦୀରୁ ବାଲି ଉତ୍ତୋଳନକୁ ବିରୋଧ କରିବାରୁ ଗ୍ରାମବାସୀଙ୍କୁ ଆକ୍ରୋଶର ଶିକାର ହେବାକୁ ପଡ଼ିଛି। ଚୋରା ଚାଲାଣକାରୀମାନେ ଜଣଙ୍କୁ ଗୋଡ଼ାଇ ହାଣିବା ସହ ଗୋଷ୍ଠୀ ସଂଘର୍ଷ ଘଟି ୩ ଜଣ ଆହତ ହୋଇଛନ୍ତି। ଆହତଙ୍କୁ ବସ୍ତା ହସ୍‌ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଗୁରୁତରଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଫକୀରମୋହନ ମେଡିକାଲ କଲେଜ ଓ ହସ୍‌ପିଟାଲ ସ୍ଥାନାନ୍ତର କରାଯାଇଛି। ଏଭଳି ଘଟଣା ଘଟିଛି ବାଲେଶ୍ୱର ଜିଲା ସିଂଲା ଥାନା ଅନ୍ତର୍ଗତ ଗିଲାଯୋଡ଼ି ଗ୍ରାମରେ।

ଶୁକ୍ରବାର ପୂର୍ବାହ୍ନରେ ଚୋରାଚାଲାଣକାରୀମାନେ ବାଲି ଉତ୍ତୋଳନ କରୁଥିବା ବେଳେ ଗ୍ରାମବାସୀ ବିରୋଧ କରିଥିଲେ। ଏଥିରେ ଉତ୍ତ୍ୟକ୍ତ ହୋଇ ଚୋରାଚାଲାଣକାରୀମାନେ ପ୍ରଥମେ ତାପସ ଜେନା ନାମକ ବ୍ୟକ୍ତିଙ୍କୁ ଗୋଡ଼ାଇ ହାଣିଥିଲେ। ଏହାପରେ ଉଭୟ ଗ୍ରାମବାସୀ ଓ ବାଲି ଚୋରାଚାଲାଣକାରୀଙ୍କ ମଧ୍ୟରେ ସଂଘର୍ଷ ହୋଇଥିଲା। ଚୋରାଚାଲାଣକାରୀଙ୍କ ଆକ୍ରମଣରେ ଗ୍ରାମର ୩ଜଣ ଆହତ ହୋଇଥିଲେ। ସମସ୍ତଙ୍କୁ ବସ୍ତା ହସପିଟାଲରେ ଭର୍ତ୍ତି କରାଯାଇଥିଲା। ତାପସଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ଫକୀରମୋହନ ମେଡ଼ିକାଲ କଲେଜ ଓ ହସ୍‌ପିଟାଲରେ ଭର୍ତ୍ତି କରାଯାଇଛି। ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିବାରୁ ଏକ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହୋଇଛନ୍ତି। ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ମେଡିକାଲ କଲେଜରେ ପହଞ୍ଚି ଆହତ ତାପସଙ୍କୁ ସାକ୍ଷାତ୍ କରିଛନ୍ତି। ତାପସଙ୍କ ସମସ୍ତ ଚିକିତ୍ସା ଖର୍ଚ୍ଚ ସରକାର ବହନ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଉତ୍ତମ ସ୍ୱାସ୍ଥ୍ୟସେବା ପ୍ରଦାନ ଦିଗରେ ଏମ୍‌ପି ମେଡିକାଲ କଲେଜ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଛନ୍ତି। ଅପରପକ୍ଷରେ ବେଆଇନ ବାଲି ଉତ୍ତୋଳନ ବନ୍ଦ କରିବା ସହ ସମ୍ପୃକ୍ତ ଅପରାଧୀଙ୍କୁ ଗିରଫ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସେ ଜିଲାପାଳ ଓ ଏସ୍‌ପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।


ବାଲେଶ୍ୱର ଏମ୍‌ପି ପ୍ରତାପ ଷଡ଼ଙ୍ଗୀ ଆକ୍ରମଣରେ ଗୁରୁତ୍ୱର ବ୍ୟକ୍ତିଙ୍କୁ ହସ୍ପିଟାଲରେ ଭେଟୁଛନ୍ତି।

# ଯୁବକଙ୍କୁ ଇଟାରେ ଛେଚି ହତ୍ୟା

## ହାଟକୁ ଯାଇ ଘରକୁ ଫେରିଲେ ନାହିଁ

ଉଦଳା(ସନ୍ତୋଷ କୁମାର ବାଛିନୀ)/ ଗୋପବନ୍ଧୁ ନଗର (ଶାନ୍ତନୁ କୁମାର ମଣ୍ଡୁଆଳ),୨୮।୧୧

ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ଅଧୀନ ବଡ଼ଖୁଣ୍ଟା ଗ୍ରାମରେ ଜଣେ ଯୁବକଙ୍କୁ ଇଟାରେ ଛେଚି ହତ୍ୟା କରାଯାଇଛି। ମୃତକ ହେଲେ ସ୍ଥାନୀୟ ଖପରାପାଳ ଗ୍ରାମର ଗଣେଶ ହେମ୍ବ୍ରମ। ଏହି ଘଟଣାରେ ପୋଲିସ ସନ୍ଦେହରେ ୪ ଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି।

ସୂଚନା ଅନୁଯାୟୀ, ଗୁରୁବାର ଗଣେଶ ଖୁଣ୍ଟା ସାପ୍ତାହିକ ହାଟକୁ ଯାଇ ଆଉ ଘରକୁ ଫେରି ନ ଥିଲେ। ଶୁକ୍ରବାର ସକାଳ ୭ଟା ସମୟରେ ରାସ୍ତା ପାର୍ଶ୍ୱରେ ତାଙ୍କ ମୃତଦେହ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ଖୁଣ୍ଟା ପୋଲିସ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଆରମ୍ଭ କରିଛି। ଗଣେଶଙ୍କ ମୁହଁକୁ ଅତି ନିର୍ମମ ଭାବେ ଇଟାରେ ଛେଚି ହତ୍ୟା କରାଯାଇଥିବା ପୋଲିସ ଜାଣିବାକୁ ପାଇଥିବା ବେଳେ କେଉଁ କାରଣରୁ ହତ୍ୟାକାଣ୍ଡ ଘଟିଛି ତାହା ସ୍ପଷ୍ଟ ହୋଇନାହିଁ। ମୃତଦେହ ପାଖରେ ଏକ ଗାଡ଼ି ଚାବି ପଡ଼ିଥିବା ବେଳେ ତଦନ୍ତ ପାଇଁ ସାଇଣ୍ଟିଫିକ୍ ଟିମ୍‌ର ସହାୟତା ଲୋଡ଼ିଛି ପୋଲିସ। ମୃତକଙ୍କ ଭାଇ ସୁରଜ ହେମ୍ବ୍ରମଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ହତ୍ୟା ମାମଲା(ନଂ.୩୮୦/୨୫) ରୁଜୁକରିଛି। ଏସ୍‌ପି ବରୁଣ ଗୁଣ୍ଟୁପାଲି ଏବଂ ଉଦଳା ଏସ୍‌ଡିପିଓ ହୃଷୀକେଶ ନାୟକ ଘଟଣାସ୍ଥଳରେ ପହଞ୍ଚି ଅନୁଧ୍ୟାନ କରି ଫେରିଛନ୍ତି।

# ସ୍ୱାମୀ ମାଡ଼ରେ ସ୍ତ୍ରୀ ମୃତ

ଉଦଳା,୨୮।୧୧(ସନ୍ତୋଷ କୁମାର ବାଛିନୀ)

ମୟୂରଭଞ୍ଜ ଜିଲା ଉଦଳା ଥାନା ଅଧୀନ ତେଲଦିହୁଡ଼ି ଗ୍ରାମରେ ସ୍ତ୍ରୀଙ୍କୁ ପିଟି ସ୍ୱାମୀ ହତ୍ୟା କରିଛନ୍ତି। ପୋଲିସ ଅଭିଯୁକ୍ତ ସ୍ୱାମୀ ଚନ୍ଦ୍ରଶେଖର ମଲ୍ଲିକଙ୍କୁ ଗିରଫ କରିଛି। ମୃତ ମହିଳା ହେଲେ ରଞ୍ଜିତା ମଲ୍ଲିକ। ସୂଚନା ଅନୁଯାୟୀ, ଶୁକ୍ରବାର ଅପରାହ୍ନରେ ସ୍ୱାମୀ ଚନ୍ଦ୍ରଶେଖର ଘରକୁ ଫେରିବା ସମୟରେ ସ୍ତ୍ରୀ ରଞ୍ଜିତାଙ୍କ ସହ ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ଚନ୍ଦ୍ରଶେଖର ଏକ ବାଡ଼ିରେ ରଞ୍ଜିତାଙ୍କୁ ପିଟିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ସେହି ସମୟରେ ପରିବାର ଲୋକ କେହି ଘରେ ନ ଥିବାରୁ ଚନ୍ଦ୍ରଶେଖର ମୃତଦେହ ଜଗି ବସିଥିଲେ। ପରିବାର ଲୋକେ ଆସିବା ପରେ ସେ ଫେରାର ହୋଇଯାଇଥିଲେ। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ ସହ ଅଭିଯୁକ୍ତଙ୍କୁ ଗିରଫ କରିଛି। ଏନେଇ ଥାନାରେ ଏକ ମାମଲା(ନଂ. ୪୫୬/୨୫) ରୁଜୁ ହୋଇଛି।

# ଏଏନ୍ଏମ୍ ଆକ୍ରମଣକାରୀ ଯୁବକ ଗିରଫ

- ବାଟୁଲିଖଡ଼ାରେ ଆକ୍ରମଣ କରି ଗୁରୁତର କରିଥିଲେ
- ସ୍ୱାସ୍ଥ୍ୟକର୍ମୀଙ୍କ ପରେ କାର୍ଯ୍ୟାନୁଷ୍ଠାନ ଦାବିକଲେ ଆଶାକର୍ମୀ

ଦାରିଙ୍ଗବାଡି, ୨୮।୧୧ (ଅରୁଣ ସାହୁ)

କନ୍ଧମାଳ ଜିଲା ଦାରିଙ୍ଗବାଡି ବ୍ଲକ ସୋନପୁର ଉପସ୍ୱାସ୍ଥ୍ୟକେନ୍ଦ୍ରର ଏଏନ୍ଏମ୍ ବୁଲିଦେଈ ସାହୁଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାରେ ଅଟକ ଯୁବକଙ୍କୁ ଦାରିଙ୍ଗବାଡି ପୋଲିସ ଶୁକ୍ରବାର ଗିରଫକରି କୋର୍ଟଚାଲାଣ କରିଛି। ସେ ହେଲେ ସୋନପୁରର ଗୋବିନ୍ଦ ବେହେରା (୨୬)। ଦାରିଙ୍ଗବାଡି ଜେଏମ୍ଏଫସିରେ ତାଙ୍କୁ ହାଜର କରାଯାଇଥିଲା। ସେଠାରେ ଗୋବିନ୍ଦଙ୍କ ଜାମିନ ଆବେଦନ ନାମଞ୍ଜୁର ହେବାରୁ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ ପରେ ତାଙ୍କୁ ବାଲିଗୁଡା ବିଚାରବିଭାଗୀୟ ହାଜତକୁ ପଠାଯାଇଛି

ଖବରରୁ ପ୍ରକାଶ, ମଙ୍ଗଳବାର ଏଏନ୍ଏମ୍ ବୁଲିଦେଈ ନିଜ ସରକାରୀ ବାସଭବନରେ କାର୍ଯ୍ୟ କରୁଥିବା ବେଳେ ଗୋବିନ୍ଦ ପୂର୍ବରୁ ଆସି ତାଙ୍କ ଘର ବାହାରେ ଲୁଚି ରହିଥିଲେ। ବୁଲି ତାଙ୍କ ଘର ଫାଟକରେ ତାଲା ପକାଇବାକୁ ଆସିଥିବା ବେଳେ ଗୋବିନ୍ଦ ବାଟୁଲିଖଡ଼ାରେ ତାଙ୍କୁ ଆକ୍ରମଣ କରିଥିଲେ। ଏହି ଆକ୍ରମଣରେ ବୁଲିଙ୍କ ବାମ ଆଖି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଏଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଭୁବନେଶ୍ୱରର ଏମ୍ସକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ସେ ଏବେ ଚିକିତ୍ସାଧୀନ ଅଛନ୍ତି। ଏନେଇ ବୁଧବାର ବୁଲିଙ୍କ ମା' ଏବଂ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଥାନାରେ ଅଭିଯୋଗ ପରେ ନଂ. ୨୨୭/୨୫ରେ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରି ଗୋବିନ୍ଦଙ୍କୁ ଧରି ଆଣି ଅଟକ ରଖି ପଚରାଉଚରା ଜାରି ରଖିଥିଲା। ଏବେ ତାଙ୍କୁ ଗିରଫ କରାଯାଇଛି।


ଆଶାକର୍ମୀମାନେ ସ୍ୱାସ୍ଥ୍ୟକେନ୍ଦ୍ର ଇନ୍‌ଚାର୍ଜଙ୍କୁ ଦାବିପତ୍ର ଦେଉଛନ୍ତି।

ଅନ୍ୟପକ୍ଷରେ ଏହି ଘଟଣାକୁ ନେଇ ବ୍ଲକ୍‌ର ୨୫ ପଞ୍ଚାୟତର ମହିଳା ସ୍ୱାସ୍ଥ୍ୟକର୍ମୀ ବୁଲିଙ୍କୁ ମାଗଣା ଚିକିତ୍ସା, ସମସ୍ତ ମହିଳା ସ୍ୱାସ୍ଥ୍ୟକର୍ମୀଙ୍କୁ ସୁରକ୍ଷା ଦେବା ଓ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ସେମାନେ ଏନେଇ ବିଭାଗୀୟ ମନ୍ତ୍ରୀ, ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଅବଗତ କରାଇଛନ୍ତି। ଶୁକ୍ରବାର ଆଶାକର୍ମୀମାନେ ସମାନ ଦାବି ରଖି ଗୋବିନ୍ଦଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବିକରି ଏକ ଦାବିପତ୍ର ଦାରିଙ୍ଗବାଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଇନଚାର୍ଜ ଡାକ୍ତର ଜାକେଶ ସାମନ୍ତରାୟଙ୍କୁ ପ୍ରଦାନ କରିଛନ୍ତି। ଏଥିସହ ସେମାନେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ମଧ୍ୟ ଚିଠି ଲେଖିଛନ୍ତି। ଏ ସମ୍ପର୍କରେ ଥାନାରେ ଅଭିଯୋଗ ହେବା ପରେ ମାମଲା ରୁଜୁ ହୋଇ ତଦନ୍ତ ପରେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥବା ତଦନ୍ତକାରୀ ଅଧିକାରୀ ଜୟନ୍ତ ସେଠୀ କହିଛନ୍ତି।

“ତୁମେ ଯଦି କେବଳ ସାମାଜିକ ଓ ସାମୂହିକ ନିୟମଗୁଡ଼ିକୁ ମାନିବାକୁ ତତ୍ପର ହେଉଥାଅ– ଜାଣିରଖ ଯେ, ତୁମେ ତତ୍‌କ୍ଷଣାତ୍ ସେହି ସବୁ ନିୟମର କ୍ରୀତଦାସ ହୋଇ ରହିବ। ଏବଂ ତାହା ହିଁ ତୁମ ରୂପାନ୍ତର ପଥରେ କାର୍ଯ୍ୟ କରିବା ଦିଗରେ ଯଥେଷ୍ଟ ବାଧା ସୃଷ୍ଟି କରିବ। –ଶ୍ରୀମା



# ମିନି ପିଏମ୍‌ଓ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ତିନି ଦିନ ପାଇଁ ଛତିଶଗଡ଼ର ନୟା ରାୟପୁର ଏକ ‘ମିନି–ପିଏମ୍‌ଓ’ ଭାବରେ ନିଜକୁ ପ୍ରଦର୍ଶିତ କରିଛି। ଆୟୋଜିତ ୬୦ତମ ଜାତୀୟ ଡିଜିପି/ଆଇଜିପି ସମ୍ମିଳନୀରେ ମୋଦି, ଶାହା, ଡୋଭାଲ, ଡିଜିପି, ଆଇଜି ଏବଂ ପ୍ରତ୍ୟେକ କେନ୍ଦ୍ରୀୟ ବାହିନୀର ମୁଖ୍ୟମାନେ ଉପସ୍ଥିତ ରହିବା କାରଣରୁ ସରକାରୀ ବାସଭବନଗୁଡ଼ିକର ମାନ ଏସ୍‌ପିଜି ଶୈଳୀର ଉନ୍ନତ କରାଯାଇଛି। ଏଣୁ କୌଣସି ଭିଭିଆଇପିଙ୍କୁ ହୋଟେଲରେ ରହି ବିପଦର ସାମ୍ନା କରିବାକୁ ପଡ଼ିବ ନାହିଁ। ୬୫୦ ରୁ ଅଧିକ ଗାଡ଼ି ଏବଂ ୨,୦୦୦ରୁ ଅଧିକ ସୁରକ୍ଷା କର୍ମଚାରୀ ସବୁକିଛି ଠିକ୍ ଭାବରେ ଚଳାଇବେ। ଏହି ସମ୍ମିଳନୀ ହିଁ ପ୍ରକୃତ ପରୀକ୍ଷା। ମାଓବାଦୀ କମାଣ୍ଡର ମାଡଭି ହିଡମାଙ୍କ ହତ୍ୟା ପରେ ଏବଂ ବାମପନ୍ଥୀ ଉଗ୍ରବାଦଙ୍କୁ ପୂରା ଶେଷ କରିବା ପାଇଁ କେନ୍ଦ୍ରର ଧାର୍ଯ୍ୟ ସମୟସୀମା ପୂର୍ବରୁ ଏହି ସମାବେଶ ହେଉଛି। ରାଜ୍ୟ ନିୟନ୍ତ୍ରଣରେ ଅଛି ଏବଂ ଏହାର ପୋଲିସ ବ୍ୟବସ୍ଥା ଏବଂ ଗୋଇନ୍ଦା ବିଭାଗ ସ୍ଥିତି ସହ ତାଳ ଦେଇ କାମ କରିବାକୁ ପ୍ରସ୍ତୁତ ରହିଛି। ଏହି ସମ୍ମିଳନୀ କେବଳ ଏକ ବାର୍ଷିକ ସମୀକ୍ଷା ନୁହେଁ; ଏହା ଲକ୍ଷ୍ୟ ଅନୁଯାୟୀ ଭଲ କାମ କରିବାର ଉଦ୍ଦେଶ୍ୟ ରଖିଛି। ତେବେ ସେହି ଉଦ୍ଦେଶ୍ୟ ଉତ୍ତମ ସୂଚନା ଆଦାନପ୍ରଦାନ, ସଂସ୍ଥାଗୁଡ଼ିକ ମଧ୍ୟରେ ସୁସମନ୍ୱୟ ଏବଂ ସ୍ମାର୍ଟ ପୋଲିସ ବ୍ୟବସ୍ଥା ଆଣିପାରିବ କି ନାହିଁ ତାହା ଏକ ବଡ଼ ପ୍ରଶ୍ନ। ଭାରତରେ କେବେ ବି ଆକର୍ଷଣୀୟ ସମ୍ମିଳନୀ କିମ୍ବା ଚକଚକିଆ ଉପସ୍ଥାପନାର ଅଭାବ ନାହିଁ। ଏଥିରେ ସ୍ଥାୟୀ ସମ୍ମିଳିତ ଅଭିଜ୍ଞତାର ଅଭାବ ରହୁଛି । ଯଦି ଏହି ତିନି ଦିନିଆ ସମ୍ମିଳନୀର କଡ଼ା ସୁରକ୍ଷା ବ୍ୟବସ୍ଥା, ସମନ୍ୱୟ ଅଭ୍ୟାସ ଏବଂ ଲଜିଷ୍ଟିକ କାର୍ଯ୍ୟକୁ ଦୀର୍ଘକାଳୀନ ବ୍ୟବସ୍ଥାରେ ପରିବର୍ତ୍ତନ କରାଯାଏ, ତେବେ ‘ମିନି–ପିଏମ୍‌ଓ’ ପରୀକ୍ଷଣ ଗୁରୁତ୍ୱପୂର୍ଣ୍ଣ ଲକ୍ଷ୍ୟ ହାସଲ କରିପାରିବ। ଯଦି ନୁହେଁ, ତେବେ ଏହା କେବଳ ପରିବର୍ତ୍ତନର ପ୍ରତିଶ୍ରୁତି ଦେଇ ଉଦାସତା ପ୍ରକାଶ କରୁଥିବା ସମ୍ମିଳନୀର ତାଲିକାରେ ଯୋଡ଼ି ହୋଇଯିବ।

### ପେନ୍‌ସନ ପସନ୍ଦ

କେନ୍ଦ୍ର ସରକାର ଆଇଏଏସ୍ ଅଧିକାରୀମାନଙ୍କୁ ନଭେମ୍ବର ୩୦ ତାରିଖ ସୁଦ୍ଧା ନିର୍ଦ୍ଦିଷ୍ଟ ଦାୟିତ୍ୱର ସମୟସୀମା ଦେଇଛନ୍ତି, ଯାହା ଅଜବ ଲାଗେ। କୁହାଯାଇଛି ଯେ, ଆପଣଙ୍କ ପେନ୍‌ସନ୍ ଯୋଜନା ବାଛନ୍ତୁ ଏବଂ ପରେ ଫେରି ଆସି କହିବେ ନାହିଁ ଯେ ଆପଣଙ୍କୁ ଏ ବିଷୟରେ ସତର୍କ କରାଯାଇ ନଥିଲା। ଓପିଏସ୍, ଏନ୍‌ପିଏସ୍ ଏବଂ ୟୁପିଏସ୍ ହୁଏତ ମିଶ୍ରିତ ବର୍ଣ୍ଣମାଳା ଭଳି ଶୁଭିପାରେ, କିନ୍ତୁ ଏହାର ପ୍ରଭାବ ବହୁତ ବଡ଼। ପୁରୁଣା ପେନ୍‌ସନ ଯୋଜନା( ଓପିଏସ୍) ହେଉଛି ପୁରୁଣା ପସନ୍ଦ। ଏଥିରେ ନିଶ୍ଚିତ ପେମେଣ୍ଟର ଗ୍ୟାରେଣ୍ଟି ରହିଛି। ଏହାସହ କୌଣସି ବଜାର ଅନିଶ୍ଚୟତା ନାହିଁ ଏବଂ ଜଣେ ଅଧିକାରୀଙ୍କ ଚିନ୍ତାକୁ ଦୂର କରିବା ପାଇଁ ଯଥେଷ୍ଟ । ଏହି ସମୟରେ ଜାତୀୟ ପେନ୍‌ସନ ବ୍ୟବସ୍ଥା (ଏନ୍‌ପିଏସ୍) ହେଉଛି ‘ବଡ଼ ହୁଅ ଏବଂ ବଜାରର ସାମ୍ନା କର’, ଯାହା ଆପଣଙ୍କ ଅବସର ପ୍ରତିଶ୍ରୁତି ବଦଳରେ ନିବେଶ କାର୍ଯ୍ୟଦକ୍ଷତା ଉପରେ ନିର୍ଭର କରେ। ତା’ପରେ ନୂତନ ଏକୀକୃତ ପେନ୍‌ସନ ଯୋଜନା( ୟୁପିଏସ୍)ରେ ସବୁକିଛି ହେବାକୁ ଚେଷ୍ଟା କରାଯାଇଛି। ଟିକିଏ ଆଶ୍ୱାସନା ରହିଛି, ଟିକିଏ ବଜାରସହ ଜଡ଼ିତ କରାଯାଇଛି ଏବଂ ସରକାରଙ୍କ ଉପରେ ଅଧିକ ବିଶ୍ୱାସର ବିଷୟ କଥା ଆମେ ଚିନ୍ତା କରିଛୁ। ଯେତେବେଳେ ବାବୁମାନଙ୍କୁ ଶୀଘ୍ର ନିଷ୍ପତ୍ତି ନେବାକୁ କୁହାଯାଏ , ସେତେବେଳେ ଜାଣିପାରିବେ ଯେ କିଛି ପରିବର୍ତ୍ତନ ହେଉଛି। ସରକାର ସଙ୍କେତ ଦେଉଛନ୍ତି ଯେ ପେନ୍‌ସନ ସଂସ୍କାର ଆଉ କାଳ୍ପନିକ ନୁହେଁ। ଅଫିସରମାନଙ୍କ ପାଇଁ ମନସ୍ତାତ୍ତ୍ୱିକ ଯୁଦ୍ଧ ହେଉଛି ପ୍ରକୃତ ଯୁଦ୍ଧ। ଯେକୌଣସି ପ୍ରକାରେ, ଏହା କେବଳ ଏକ ପେନ୍‌ସନ ପସନ୍ଦ ନୁହେଁ। ଭାରତର ଦୃଢ଼ ବ୍ୟବସ୍ଥା ଏହାର ଭବିଷ୍ୟତକୁ କିପରି ଦେଖେ , ତା’ ଉପରେ ଏହା ହେଉଛି ଏକ ଜନମତ ସଂଗ୍ରହ।

### ଏମ୍‌ଇଏ ପାଇଁ ଅନେକ କାମ

ଚଳିତ ସପ୍ତାହର ବହିର୍ବ୍ୟାପାର ମନ୍ତ୍ରଣାଳୟ( ଏମ୍‌ଇଏ)ର କ୍ୟାଲେଣ୍ଡରରେ କାର୍ଯ୍ୟସୂଚୀ କମ୍ ଏବଂ କୂଟନୈତିକ ବାଧା ବିଷୟ ଅଧିକ ଅଛି। ହଁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସାମ୍ପ୍ରତିକ ଗସ୍ତ ଦକ୍ଷିଣ ଆଫ୍ରିକାରେ ଅନୁଷ୍ଠିତ ଜି୨୦ ନେତାଙ୍କ ସମ୍ମିଳନୀ ପର୍ଯ୍ୟନ୍ତ ସୀମିତ ଥିଲା। ଋଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଡିସେମ୍ବରରେ ଦିଲ୍ଲୀ ଆସିବାର ସମ୍ଭାବନା ଅଛି ଏବଂ ସେହି ଗସ୍ତ ଅଧିକ ଭୂ–ରାଜନୈତିକ ଅବଗଣନା ସୃଷ୍ଟି କରୁଛି। ମସ୍କୋ ସହିତ ଭାରତର ଦୀର୍ଘକାଳୀନ ସମ୍ପର୍କ ରଣନୈତିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ। ଏହି ସମୟରେ, ଦକ୍ଷିଣ ଏସିଆରେ ସାଧାରଣତଃ ଭାରତର ସହଯୋଗୀ ବାଂଲାଦେଶରେ ଅସ୍ଥିରତା ଲାଗି ରହିଛି। ମଧ୍ୟବର୍ତ୍ତିକାଳୀନ ସରକାର ଶେଖ୍ ହାସିନାଙ୍କୁ ମୃତ୍ୟୁଦଣ୍ଡ ଦେବା ଏବଂ ଢାକା ତାଙ୍କୁ ଫେରାଇ ଆଣିବା ଦାବି କରିବା ଯୋଗୁ ଏହି ଅଞ୍ଚଳର ରାଜନୈତିକ ଉଷ୍ମତା ବୃଦ୍ଧି ପାଇଛି। ଏହି ପୃଷ୍ଠଭୂମିରେ, ବାଂଲାଦେଶର ଜାତୀୟ ସୁରକ୍ଷା ପରାମର୍ଶଦାତା ଖଲିଲୁର ରହମାନ ଦିଲ୍ଲୀରେ ପହଞ୍ଚିବା ଅନେକ କିଛି ସୂଚିତ କରୁଛି। ଏହା ଏକ ସଙ୍କଟ–ପରିଚାଳନା ମୁହୂର୍ତ୍ତ। ଢାକାର ଅସ୍ଥିରତା କେବଳ ଏକ ପଡ଼ୋଶୀର ମୁଣ୍ଡବିନ୍ଧାର କାରଣ ନୁହେଁ ବରଂ ଏହା ସିଧାସଳଖ ଏକ ରଣନୈତିକ ଏବଂ ଆର୍ଥିକ ବିପଦ। ଏଥିରେ ଏକ ବୈଦେଶିକ ନୀତି ଯୋଡ଼ିବା ଦରକାର, ଯେଉଁଠାରେ ଭାରତକୁ ସ୍ୱାୟତ୍ତତା ପ୍ରଦର୍ଶିତ କରିବାକୁ ପଡ଼ିବ, ମହାଶକ୍ତି ପ୍ରତିଦ୍ୱନ୍ଦ୍ୱିତାକୁ ମୁକାବିଲା କରିବାକୁ ହେବ । ଏମ୍‌ଇଏ କେବଳ ବ୍ୟସ୍ତ ନୁହେଁ , ଏକ ସମୟରେ ସମସ୍ୟା ବିରୋଧରେ ଲଢ଼େଇ କରିପାରେ, ସମ୍ପର୍କ ପ୍ରତିଷ୍ଠା ବି କରିପାରେ । ଭାରତୀୟ କୂଟନୀତି ସାମ୍ନାରେ ଅନେକ କାମ ଅଛି ଏବଂ ସେଥିରୁ ଗୋଟିଏ କାର୍ଯ୍ୟ ଛାଡ଼ିଦେବା ଉଚିତ ନୁହେଁ।

Email: dilipcherian@gmail.com

# କେରଳ ମଡେଲ ଅନୁକରଣୀୟ



ଡ. ସନ୍ତୋଷ କୁମାର ମହାପାତ୍ର

ଦାରିଦ୍ର୍ୟ ଏକ ଭୟଙ୍କର ସମସ୍ୟା। ଚରମ ବା ଅତି ଦାରିଦ୍ର୍ୟ ଦୂରୀକରଣ କରିବାରେ କେରଳ ଭାରତର ପ୍ରଥମ ରାଜ୍ୟଭାବେ ଉଭାହୋଇଛି। ୨୦୨୫ ନଭେମ୍ବର ୧ରେ ରାଜ୍ୟର ୬୯ତମ ପ୍ରତିଷ୍ଠା ଦିବସରେ ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନ ଏହି ଘୋଷଣା କରିଛନ୍ତି। ଦାରିଦ୍ର୍ୟ ହାର ୧୯୭୩–୭୪ ରେ ୫୯.୮%ଥିଲାବେଳେ ୨୦୧୧–୧୨ ରେ ୧୧.୩%କୁ ହ୍ରାସପାଇଥିଲା। ନୀତି ଆୟୋଗର ଜାତୀୟ ବହୁମୁଖୀ ଦାରିଦ୍ର୍ୟ ସୂଚକାଙ୍କ (୨୦୨୩) ଅନୁସାରେ କେରଳର ଦାରିଦ୍ର୍ୟ ହାର ମାତ୍ର ୦.୫୫% ଥିଲା ଯାହା ସବୁ ରାଜ୍ୟ ତୁଳନାରେ ଆପାତତଃ କମ୍ ମଧ୍ୟ ଥିଲା। ସେହି ସମୟରେ ବହୁମୁଖୀ ଦାରିଦ୍ର୍ୟ ହାର ଜାତୀୟ ସ୍ତରରେ ହାରାହାରି ୧୪.୯୬% ଥିଲା। ସାଧାରଣତଃ ଦାରିଦ୍ର୍ୟ ସୀମାରେଖା ଯେଉଁ ମାନଦଣ୍ଡ ବା ପଦ୍ଧତିରେ ଆକଳନ କରାଯାଉଛି ତାହା ଜଣକୁ ଏକ ସୁନ୍ଦର ଜୀବନ ବିତାଇବା ସମ୍ଭବ ନୁହେଁ। କିନ୍ତୁ ତାହା ସତ୍ତ୍ୱେ ଯେଉଁ ମାନଦଣ୍ଡରେ ଆକଳନ କରାଯାଉନା କାହିଁକି, ଅତି ଦାରିଦ୍ର୍ୟ ଦୂରୀକରଣ ଦୃଷ୍ଟିରୁ କେରଳ ସବୁ ରାଜ୍ୟ ଠାରୁ ଆଗରେ। ଅତି ଦାରିଦ୍ର୍ୟ ହେଉଛି ଦାରିଦ୍ର୍ୟର ସବୁଠାରୁ ଗମ୍ଭୀର ରୂପ, ଯାହା ଖାଦ୍ୟ, ପାଣି, ପରିମଳ, ସ୍ୱାସ୍ଥ୍ୟ ଏବଂ ଆଶ୍ରୟ ପରି ମୌଳିକ ଆବଶ୍ୟକତାର ଅଭାବ ଦ୍ୱାରା ଚିହ୍ନିତ। ବିଶ୍ୱବ୍ୟାଙ୍କ ଏହାକୁ ପ୍ରାୟତଃ ପ୍ରତିଦିନ ଏକ ନିର୍ଦ୍ଦିଷ୍ଟ ପରିମାଣରୁ କମ୍ ଟଙ୍କାରେ ଜୀବନଯାପନ କରିବା ଭାବରେ ପରିଭାଷିତ କରିଥାଏ, ଯାହା ଦେଶଗୁଡ଼ିକ ମଧ୍ୟରେ ମୁଦ୍ରାସ୍ଫୀତି ଏବଂ ଜୀବନଯାପନ ଖର୍ଚ୍ଚ ପାର୍ଥକ୍ୟକୁ ନେଇ ସ୍ଥିର କରାଯାଇଥାଏ। ବିଶ୍ୱବ୍ୟାଙ୍କ ଆନୁଷ୍ଠାନିକ ଭାବରେ ଏହାର ଅନ୍ତର୍ଜାତୀୟ ଅତି ବା ଚରମ ଦାରିଦ୍ର୍ୟ ସୀମାକୁ ପ୍ରତିଦିନ ୨୦୨୧ କ୍ରୟ ଶକ୍ତି ସମତା (ପିପିପି) ଅନୁସାରେ ୩ ଡଲାର ଆୟକୁ ବୃଦ୍ଧି କରିଛି। ଏହା ପୂର୍ବରୁ ତାହା ୨.୧୫ ଡଲାର (୨୦୧୭ କ୍ରୟ ଶକ୍ତି ସମତା) ଥିଲା। ଜୁନ୍ ୨୦୨୫ରେ ଘୋଷଣା କରାଯାଇଥିବା ଏହି ସଂଶୋଧନ ନିମ୍ନ–ଆୟକାରୀ ଦେଶଗୁଡ଼ିକରେ ଜୀବନଯାପନ ଖର୍ଚ୍ଚର ଏକ ବାସ୍ତବବାଦୀ ଆକଳନ କରିଥାଏ।

କେରଳର ଜନସଂଖ୍ୟା ଭାରତ ଜନସଂଖ୍ୟାର ୨.୮% ଏବଂ ଏହାର ଭୂମି ଦେଶର କ୍ଷେତ୍ରଫଳର ୧.୨%। ଭାରତର ଜିଡିପିରେ କେରଳ ଅବଦାନ ୪%ରୁ ଅଧିକ ରହିଛି। କେରଳର ବିକାଶ ସଫଳତା, ଯାହାକୁ ପ୍ରାୟତଃ ‘କେରଳ ଘଟଣା’ କିମ୍ବା ‘କେରଳ ମଡେଲ’ କୁହାଯାଏ, ତାହା ଉଚ୍ଚ ମାନବ ବିକାଶ ସୂଚକାଙ୍କ, ସାମାଜିକ କଲ୍ୟାଣ କାର୍ଯ୍ୟକ୍ରମ, ଶିକ୍ଷା ଓ ସ୍ୱାସ୍ଥ୍ୟର ବିକାଶ ଉପରେ ପର୍ଯ୍ୟବସିତ। ଏହି ମଡେଲ ମୁଖ୍ୟତଃ ଇ.ଏମ୍.ଏସ୍. ନମ୍ବୁଦିପଦଙ୍କ ନେତୃତ୍ୱରେ ରାଜ୍ୟର ପ୍ରଥମ ବାମ ଗଣତାନ୍ତ୍ରିକ ସାମ୍ମୁଖ୍ୟ ସରକାର



ଦ୍ୱାରା ଆରମ୍ଭ ହୋଇଥିବା ଭୂମି ସଂସ୍କାର, ସାମାଜିକ ଉନ୍ନତି, ସକ୍ରିୟ ନାଗରିକ ସମାଜ ଅଂଶଗ୍ରହଣରୁ ଉତ୍ପନ୍ନ ହୋଇଥିଲା ଏବଂ ଏକ ସାମାଜିକ ଗଣତାନ୍ତ୍ରିକ କଲ୍ୟାଣ ଆଭିମୁଖ୍ୟ ମାଧ୍ୟମରେ ଏହାକୁ ବଜାୟ ରଖାଯାଇଛି। ମେ ୨୦୨୧ରେ ପିନାରାୟୀ ବିଜୟନଙ୍କ ନେତୃତ୍ୱରେ ବାମପନ୍ଥୀ ଗଣତାନ୍ତ୍ରିକ ସାମ୍ମୁଖ୍ୟ ସରକାରଙ୍କ ପ୍ରଥମ କ୍ୟାବିନେଟ୍ ବୈଠକରେ ଅତି ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟକ୍ରମ (ଇପିଇପି) ଆରମ୍ଭ କରିବା ପାଇଁ ସିଦ୍ଧାନ୍ତ ନିଆଯାଇଥିଲା। ରାଜ୍ୟ ସରକାର ଏକ ୪ ବର୍ଷିଆ ଯୋଜନା ହାତକୁ ନେଇଥିଲେ। ୪ ଲକ୍ଷ ଗଣନାକାରୀ ୬୪,୦୦୬ ଦୁର୍ବଳ ପରିବାରକୁ ଚିହ୍ନଟ କରିଥିଲେ। ଏହାର ମୁକାବିଲା ପାଇଁ ପ୍ରୟାସରେ ସରକାରୀ କଲ୍ୟାଣ କାର୍ଯ୍ୟକ୍ରମ ଏବଂ ସିଧାସଳଖ ନଗଦ ସ୍ଥାନାନ୍ତର ଅନ୍ତର୍ଭୁକ୍ତ, ଯାହା ଯୋଗୁ କିଛି ଅଞ୍ଚଳରେ ଦାରିଦ୍ର୍ୟ ହାରରେ ଉଲ୍ଲେଖନୀୟ ହ୍ରାସ ପାଇଛି।

କେବଳ ଆୟର ଅଭାବ ନୁହେଁ ଖାଦ୍ୟ, ଆଶ୍ରୟ ଏବଂ ସ୍ୱାସ୍ଥ୍ୟସେବା ଭଳି ମୌଳିକ ଆବଶ୍ୟକତା ନ ଥିବା ପରିବାରଗୁଡ଼ିକୁ ଚିହ୍ନଟ କରାଯାଇଥିଲା। ଆଗରୁ ବିଭିନ୍ନ ପ୍ରକାର ପଦକ୍ଷେପ ଯଥା ଭୂସଂସ୍କାର, ସାର୍ବଜନୀନ ଶିକ୍ଷା ଓ ସ୍ୱାସ୍ଥ୍ୟ ବ୍ୟବସ୍ଥା, ସାଧାରଣ ବଣ୍ଟନ ବ୍ୟବସ୍ଥା ଏବଂ ମହିଳାଙ୍କ ସଶକ୍ତୀକରଣ ପାଇଁ କୁଡୁମ୍ବଶ୍ରୀ ମିଶନ କାର୍ଯ୍ୟକାରୀ କରାଯାଇଥିଲା। ସମ୍ପ୍ରତି ପ୍ରତ୍ୟେକ ପରିବାର ପାଇଁ କ୍ଷୁଦ୍ର, ମଧ୍ୟମ ଏବଂ ଦୀର୍ଘକାଳୀନ ପର୍ଯ୍ୟାୟରେ ସେମାନଙ୍କର ନିର୍ଦ୍ଦିଷ୍ଟ ଆବଶ୍ୟକତା ପୂରଣକରିବା ପାଇଁ ବ୍ୟକ୍ତିଗତ, ଉପଯୁକ୍ତ ସୂକ୍ଷ୍ମ–ଯୋଜନା କାର୍ଯ୍ୟକାରୀ କରାଯାଇଥିଲା। ୧୦୦୦ କୋଟି ଟଙ୍କାରୁ ଅଧିକ ନିବେଶ ସହ ସରକାର ୨୦,୬୪୮ ପରିବାର ପାଇଁ ଦୈନିକ ଖାଦ୍ୟ ସୁନିଶ୍ଚିତ କରିଥିଲେ। ସେମାନଙ୍କ ମଧ୍ୟରୁ ୨,୨୧୦ ପରିବାର ଗରମ ଖାଦ୍ୟ ପାଉଛନ୍ତି। ୮୫,୭୨୧ ଜଣଙ୍କୁ ଆବଶ୍ୟକ ଚିକିତ୍ସା ଏବଂ ଔଷଧ ଯୋଗାଇଛନ୍ତି। ୪୬୭୭ ବାସହୀନ ପରିବାର ଚିହ୍ନଟ କରାଯାଇଥିଲା ଏବଂ ୪,୦୦୦ରୁ ଅଧିକ ପରିବାରଙ୍କୁ ଜୀବନ ମିଶନ ଯୋଜନାରେ ଗୃହ ଯୋଗାଇ ଦିଆଯାଇଥିଲା। ୫,୪୦୦ରୁ ଅଧିକ ନୂଆ ଘର ନିର୍ମାଣ ହୋଇଛି କିମ୍ବା ନିର୍ମାଣାଧୀନ ଅଛି। ୫,୫୨୨ ଘର ମରାମତି କରାଯାଇଛି ଏବଂ ୨,୭୧୩ ଭୂମିହୀନ ପରିବାର ବାସସ୍ଥାନ ନିର୍ମାଣ ପାଇଁ ଜମି ପାଇଛନ୍ତି। ଅତ୍ୟାବଶ୍ୟକ ସେବା ଯଥା ଆଧାର କାର୍ଡ, ରାଶନ କାର୍ଡ ଏବଂ ବ୍ୟାଙ୍କ ଆକାଉଣ୍ଟ ଭଳି ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ, ପେନ୍‌ସନ ଏବଂ ଅନ୍ୟାନ୍ୟ ସାମାଜିକ ସୁରକ୍ଷା ଉପଲବ୍ଧତା ସୁନିଶ୍ଚିତ କରାଯାଇଥିଲା। ୨୧,୨୬୩ ଜଣ ପ୍ରଥମ ଥର ପାଇଁ ରାଶନ କାର୍ଡ, ଆଧାର ଏବଂ ପେନ୍‌ସନ ଭଳି ଜରୁରୀ କାଗଜପତ୍ର ପାଇଥିଲେ। ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ସ୍ଥିର ଭାବରେ କାମ କରିପାରୁ ନ ଥିବା ଲୋକଙ୍କ ପାଇଁ କ୍ଷୁଦ୍ର ବ୍ୟବସାୟ ଭଳି ସ୍ଥାୟୀ ଆୟ ଉତ୍ସ ସୃଷ୍ଟିକରିବା ପାଇଁ ସହାୟତା ପ୍ରଦାନ କରାଯାଇଥିଲା। ଏହି ପ୍ରକଳ୍ପ ସ୍ଥାନୀୟ ସ୍ୱାୟତ୍ତ ଶାସନ ବିଭାଗ ଦ୍ୱାରା ପରିଚାଳିତ ହୋଇଥିଲା ଏବଂ ଏଥିରେ ସ୍ଥାନୀୟ ସଂସ୍ଥା ଏବଂ କୁଡୁମ୍ବଶ୍ରୀ ଭଳି ସଂଗଠନର ଘନିଷ୍ଠ ସହଯୋଗ ଅନ୍ତର୍ଭୁକ୍ତ ଥିଲା। ବିଭିନ୍ନ ସରକାରୀ ବିଭାଗ, ମିଶନ ଏବଂ ସ୍ୱେଚ୍ଛାସେବୀ ସଂଗଠନଗୁଡ଼ିକ ସୂକ୍ଷ୍ମ–ଯୋଜନାଗୁଡ଼ିକୁ ପ୍ରଭାବଶାଳୀ ଭାବରେ କାର୍ଯ୍ୟକାରୀ କରିବା ପାଇଁ ଏକାଠି କାମ କରିଥିଲେ। ଏହି କାର୍ଯ୍ୟକ୍ରମ ଯୋଗୁ ୧,୦୩,୦୯୯ଲୋକ ଦାରିଦ୍ର୍ୟରୁ ଉପରକୁ ଉଠିଥିଲେ।

କେବଳ ଦାରିଦ୍ର୍ୟ ହ୍ରାସ କାହିଁକି ମାନବ ଉନ୍ନୟନ ସୂଚକାଙ୍କ, ନିରନ୍ତର ବିକାଶ ଲକ୍ଷ୍ୟ ସୂଚକାଙ୍କ ଓ ସ୍ୱାକ୍ଷରତା ହାର ଦୃଷ୍ଟିରୁ କେରଳ ୧ ନମ୍ବର। କେରଳରେ ସାକ୍ଷରତା ହାର ୯୯ % , ଯାହା ସର୍ବାଧିକ। ହାରାହାରି ଜୀବନର ଆୟୁ ୭୭.୩ ବର୍ଷ ଏବଂ ସର୍ବାଧିକ ଲିଙ୍ଗ ଅନୁପାତ ପ୍ରତି ୧୦୦୦ ପୁରୁଷରେ ୧,୦୮୪ ମହିଳା। ଜନସଂଖ୍ୟା ବୃଦ୍ଧି ହାର କମ୍। ଏହା ଦ୍ୱିତୀୟ ସର୍ବାଧିକ ସହରୀକରଣ ରାଜ୍ୟ। କେରଳ ଭାରତରେ ସର୍ବାଧିକ ଗଣମାଧ୍ୟମ ପ୍ରସାରଣର ରାଜ୍ୟ। ମୁଖ୍ୟତଃ ୯ଟି ଭାଷାରେ ଖବରକାଗଜ ପ୍ରକାଶିତ ହୁଏ। ମୁଖ୍ୟତଃ ମାଲୟାଲମ ଏବଂ ଇଂରାଜୀ। ନ୍ୟାଶନାଲ ଜିଓଗ୍ରାଫିକ ଟ୍ରାଭେଲର ଦ୍ୱାରା ବିଶ୍ୱର ଦଶଟି ସ୍ୱର୍ଗ ମଧ୍ୟରୁ ଗୋଟିଏ ଭାବରେ ନାମିତ, କେରଳ ଭାରତର ପ୍ରମୁଖ ପର୍ଯ୍ୟଟନ ସ୍ଥଳ ମଧ୍ୟରୁ ଗୋଟିଏ। ବାଲୁକାମୟ ବେଳାଭୂମି, ହିଲ୍‌ଷ୍ଟେଶନ, ଆୟୁର୍ବେଦିକ ପର୍ଯ୍ୟଟନ ଏବଂ ଉଷ୍ଣକଟିବନ୍ଧୀୟ ସବୁଜିମା ଏହାର ପ୍ରମୁଖ ଆକର୍ଷଣ। କେରଳ ଏକ ସ୍କାଣ୍ଡିନେଭିଆନ ଦେଶ ନୁହେଁ, କିନ୍ତୁ ଏହାର ଉଚ୍ଚ ସାମାଜିକ ବିକାଶ ସୂଚକାଙ୍କ ଏବଂ ମାନବ ବିକାଶ ସୂଚକାଙ୍କ ଯୋଗୁ ଏହାକୁ ପ୍ରାୟତଃ ‘ଭାରତର ସ୍କାଣ୍ଡିନେଭିଆ’ କୁହାଯାଏ। ଏକଥା ଲଣ୍ଡନରୁ ପ୍ରକାଶିତ ‘ଦି ଇକୋନୋମିଷ୍ଟ’ ନାମକ ପ୍ରଖ୍ୟାତ ମାଗାଜିନ ଉଲ୍ଲେଖ କରିଛି। ଶିକ୍ଷା ଏବଂ ସ୍ୱାସ୍ଥ୍ୟସେବା ଭଳି କ୍ଷେତ୍ରରେ କେରଳର ସଫଳତାକୁ ପ୍ରାଧାନ୍ୟ ପାଇଁ ଏହି ତୁଳନା କରାଯାଏ, ଯାହା ପ୍ରାୟତଃ ସ୍କାଣ୍ଡିନେଭିଆନରେ ଦେଖାଯାଏ। ବିକଶିତ ଦେଶ ତୁଳନାରେ ମୁଣ୍ଡ ପିଛା ଆୟ ତୁଳନାତ୍ମକ ଭାବରେ କମ୍ ଥିବା ସତ୍ତ୍ୱେ ଶିକ୍ଷା, ସ୍ୱାସ୍ଥ୍ୟସେବା ଏବଂ ଖାଦ୍ୟ ଯୋଗାଣ ଭଳି କ୍ଷେତ୍ରରେ କେରଳ ଏହାର ଦୃଢ଼ ସାମାଜିକ ଭିତ୍ତିଭୂମି ପାଇଁ ପ୍ରସିଦ୍ଧ। ଏଣୁ କେରଳ ମଡେଲ ଅନୁକରଣୀୟ।

ମୋ:୯୪୩୭୨୦୮୭୬୨

# ଟିକେ ଖୁସି ଦେବା



ସୁଧାଂଶୁ ରଞ୍ଜନ ଦାସ

ସମସ୍ତ ଆର୍ଥିକ ବିକାଶର ପ୍ରଥମ ଉଦ୍ଦେଶ୍ୟ ଲୋକଙ୍କ ଖୁସି ବଢ଼ାଇବା। ଯେଉଁ ଆର୍ଥିକ ବିକାଶ ଲୋକଙ୍କୁ ଖୁସି ଦେଇପାରୁଛି ତାକୁ ଆବୋରିନେବା ଆବଶ୍ୟକ। ବିକାଶ ଯଦି ଲୋକଙ୍କୁ ଯନ୍ତ୍ରଣା ଦେଉଛି ତାହା ଚୁଲିକୁ ଯିବା ଦରକାର । ପ୍ରକୃତ ଜ୍ଞାନୀ ଓ ଦକ୍ଷ ନେତା ଦେଶ ତଥା ରାଜ୍ୟ ପାଇଁ ଉପଯୋଗୀ ବିକାଶକୁ ଚିହ୍ନଟକରି ତାକୁ ଲୋକଙ୍କ ହିତରେ ଲଗାଇଥାଏ । ସବୁ ରାଜ୍ୟର ବିକାଶ ଗୋଟିଏ ପ୍ରକାର ହେବ ନାହିଁ। କାରଣ ବିଭିନ୍ନ ରାଜ୍ୟରେ ଆର୍ଥିକ ଗତିବିଧି ଅଲଗା ଥାଏ। ଓଡ଼ିଶାରେ ମଧ ଅନେକ ଆର୍ଥିକ ଗତିବିଧି ରାଜ୍ୟର ପ୍ରାକୃତିକ ସମ୍ପଦ, ଲୋକମାନଙ୍କର କୌଶଳ, ଅନୁଭୂତି ଓ ଜଳବାୟୁ ଉପରେ ନିର୍ଭର କରେ। ସମସ୍ତ ଆର୍ଥିକ ସମ୍ଭାବନାକୁ ଆଖିଆଗରେ ରଖି ରାଜ୍ୟ ଉପଯୋଗୀ ବିକାଶ ଯୋଜନା ପ୍ରସ୍ତୁତ କଲେ ତାହା ରାଜ୍ୟବାସୀଙ୍କ ଖୁସି ବଢ଼ାଇବାରେ ସାହାଯ୍ୟ କରିବ।

ଭୂଗର୍ଭରେ ଅନେକ ପ୍ରକାର ଖଣିଜ ରହିଛି। ବୈଜ୍ଞାନିକମାନେ ଜିଓ ସାଟେଲାଇଟ୍ ମାଧ୍ୟମରେ ଏହି ସମ୍ପଦଗୁଡ଼ିକର ସମ୍ପୂର୍ଣ୍ଣ ଚିତ୍ର ପ୍ରସ୍ତୁତ କରିଛନ୍ତି। ସମସ୍ୟା ହେଲା ଏହି ଖଣିଜ ସମ୍ପଦର ଅତ୍ୟଧିକ ଖନନ ଜଙ୍ଗଲ, ପାହାଡ଼, ପାଣି, ମାଟି ଓ ପବନକୁ ନଷ୍ଟ କରିଦେଇଥାଏ। ଆଜି ଅନେକ ଦେଶର ଆଖି ଓଡ଼ିଶାର ଖଣିଜ ସମ୍ପଦ ଉପରେ। ଏଗୁଡ଼ିକର ଖନନ ପ୍ରକୃତିର ସନ୍ତୁଳନକୁ ଆଖିଆଗରେ ରଖି କରାଗଲେ ଏହା ବାୟୁ, ଜଳ ଓ ମାଟି ପ୍ରଦୂଷଣ କମ୍ କରନ୍ତା । ଫଳରେ ଲୋକ ରୋଗାକ୍ରାନ୍ତ ନ ହୋଇ ନିଜ ନିଜ ଗାଁରେ ଜୀବିକା ଅର୍ଜନ କରି ଖୁସିରେ ରହିପାରନ୍ତେ।

ଓଡ଼ିଶାର ପ୍ରାୟ ସବୁ ସହର ବାୟୁ, ଜଳ ଓ ମାଟି ପ୍ରଦୂଷଣର ଶିକାର ହୋଇଛି। ଏହି ସହରଗୁଡ଼ିକରେ ଇ–ରିକ୍ସା ଚଳାଇବା ,ସାଇକେଲ ଟ୍ରାକ୍, ଫୁଟ୍‌ପାଥ୍, ରାସ୍ତା କଡ଼ରେ ସବୁଜ ବଳୟ ସୃଷ୍ଟି କରିବା ସହ ଜଳାଶୟଗୁଡ଼ିକର ପୁନରୁଦ୍ଧାର ହୋଇପାରିଲେ ଲୋକେ ତାତିରେ ହନ୍ତସନ୍ତ ହୁଅନ୍ତେ ନାହିଁ। ଓଡ଼ିଶାରେ ଖରାଦିନ ଏତେ ଯନ୍ତ୍ରଣାଦାୟକ ଯେ ଏହା ଓଡ଼ିଆ ଲୋକଙ୍କ ଉତ୍ପାଦକତାକୁ ନଷ୍ଟ କରିଦେଇଥାଏ। ଗ୍ରୀଷ୍ମ ତାପରେ ଲୋକ ଘରୁ ବାହାରିପାରନ୍ତିନାହିଁ। ଫଳରେ ଅନେକ ଆର୍ଥିକ ଗତିବିଧି ବାଧାପ୍ରାପ୍ତ ହୋଇଥାଏ। ଓଡ଼ିଶାରେ ସମସ୍ତ ନଦୀ, ହ୍ରଦ, ପୋଖରୀ ଓ ଜଙ୍ଗଲ ଯଦି ସତେଜ ରହନ୍ତା ତେବେ ଗ୍ରୀଷ୍ମ ତାପର କଷ୍ଟକୁ ଲାଘବ କରନ୍ତା। ପୁରାଣରେ ବର୍ଣ୍ଣିତ ଅଛି ପୂର୍ବକାଳରେ ଯେଉଁମାନେ ଗଛ କାଟୁଥିଲେ ସେମାନଙ୍କୁ ହିନ୍ଦୁ ରାଜାମାନେ କଡ଼ା ଦଣ୍ଡ ଦେଉଥିଲେ । ଫଳନ୍ତି ଗଛ କାଟିଲେ ଲମ୍ବା କାରାବାସ ଓ ମୃତ୍ୟୁଦଣ୍ଡ ଦିଆଯାଉଥିଲା। ଏବେ ଦଣ୍ଡ ନ ଥିବାରୁ ଲୋକମାନେ ମନଇଚ୍ଛା ଗଛ କାଟି ଦେଉଛନ୍ତି। ସରକାର ଦେଶୀ ଗଛ ଲଗାଇବା ସଙ୍ଗେ ସଙ୍ଗେ ପୁରୁଣା ଗଛଗୁଡ଼ିକର ସୁରକ୍ଷା କରିବା ଉଚିତ ।

ଓଡ଼ିଶାରେ ଗାଁଗୁଡ଼ିକରେ ରୋଜଗାର ସୁଯୋଗ ନଥିବାରୁ ବେଶି ଲୋକ ସହରକୁ ଆସୁଛନ୍ତି। ଫଳରେ ଯେତେ ପରିମାଣରେ ଭିତ୍ତିଭୂମି ପ୍ରକଳ୍ପ ତିଆରି କଲେ ମଧ ସହରଗୁଡ଼ିକୁ ସୁରକ୍ଷିତ ରଖି ହେଉ ନାହିଁ । ଗାଁଗୁଡ଼ିକରେ ଯଦି ରୋଜଗାର ସୃଷ୍ଟି ହୁଅନ୍ତା ତେବେ ଲୋକେ ଗାଁରେ ଖୁସିରେ ରହିପାରନ୍ତେ, ସହରାଭିମୁଖୀ ହୁଅନ୍ତେ ନାହିଁ।



ଓଡ଼ିଶାରେ ସହରଗୁଡ଼ିକରେ ଗେଟେଡ୍ ହାଉସିଂ କଲୋନି ବହୁ ସଂଖ୍ୟାରେ ତିଆରି ହୋଇଛି। ଲୋକମାନେ ଏଭଳି କଲୋନିକୁ ନିରାପଦ ଭାବି ସେଠାରେ ରହିବାକୁ ପସନ୍ଦ କରୁଛନ୍ତି। ମାତ୍ର ଏହି ହାଉସିଂ କଲୋନିଗୁଡ଼ିକର ରକ୍ଷଣାବେକ୍ଷଣ ଦାୟିତ୍ୱରେ ଯେଉଁମାନେ ଅଛନ୍ତି ସେମାନେ ଅଧିକାଂଶ ଜାଗାରେ କଲୋନି ବାସିନ୍ଦାମାନଙ୍କର ଝାଳବୁହା ଧନକୁ ଆତ୍ମସାତ୍ କରୁଛନ୍ତି। ଅଧିକାଂଶ ଜାଗାରେ ହାଉସିଂ କଲୋନିଗୁଡ଼ିକ ରକ୍ଷଣାବେକ୍ଷଣର ଅଭାବରୁ ଭୂତକୋଠି ପରି ଦେଖାଗଲାଣି। ହାଇଦ୍ରାବାଦରେ ହାଉସିଂ କଲୋନିଗୁଡ଼ିକୁ ‘ଟିଏମ୍‌ଏସି’ (ତେଲଙ୍ଗାନା ମ୍ୟୁଚୁଆଲ ଏଡେଡ୍ କୋଅପରେଟିଭ ସୋସାଇଟି) ଆକ୍ଟ ଦ୍ୱାରା ରେଜିଷ୍ଟ୍ରାର କୋ–ଅପ୍ ସୋସାଇଟିରେ ପଞ୍ଜୀକରଣ କରାଯାଇଛି। ଫଳରେ କଲୋନି ବାସିନ୍ଦାମାନେ କଲୋନିଗୁଡ଼ିକର ରକ୍ଷଣାବେକ୍ଷଣ ଦାୟିତ୍ୱରେ ଥିବା କେତେଜଣ ମୁଷ୍ଟିମେୟ ଅସାଧୁ ଲୋକଙ୍କ ପ୍ରକୋପରୁ କିଛିଟା ମୁକ୍ତି ପାଇଛନ୍ତି। ଓଡ଼ିଶା ସରକାର ଭୁବନେଶ୍ୱରରେ ଥିବା ସମସ୍ତ ହାଉସିଂ କଲୋନିକୁ ଟିଏମ୍‌ଏସି ଭଳି ପଞ୍ଜୀକରଣ କଲେ ହାଉସିଂ କଲୋନିଗୁଡ଼ିକ ସୁରକ୍ଷିତ ରହିବ।

ସହରଗୁଡ଼ିକରେ ଖେଳ ପଡ଼ିଆ ନ ଥିବାରୁ ପିଲାମାନେ ପଇସା ଖର୍ଚ୍ଚକରି ଦୂରରେ ଥିବା ଷ୍ଟାଡିୟମ ଓ ଘରୋଇ ଖେଳ ସଂସ୍ଥାକୁ ଯାଉଛନ୍ତି । ଅଧିକାଂଶ ପିଲା ଖେଳ ପଡ଼ିଆ ନ ପାଇ ମୋବାଇଲ ଧରି ବସୁଛନ୍ତି। ସରକାର ଯଦି ଗାଁ ଓ ସହରଗୁଡ଼ିକରେ ସାର୍ବଜନିକ ଖେଳ ପଡ଼ିଆର ବ୍ୟବସ୍ଥା କରନ୍ତେ ତେବେ ଏହା ଯୁବପିଢ଼ିଙ୍କୁ ଖୁସି ଦେବ। ଅନେକ ପିଲାଙ୍କ ଶାରୀରିକ ଓ ମାନସିକ ବିକାଶ ହୋଇପାରିବ। ଖେଳିବା ପାଇଁ ସମୟର ଆବଶ୍ୟକତା ଅଛି। ଅଧିକାଂଶ ସ୍କୁଲରେ ଭଲ ପଢ଼ା ନ ହେବାରୁ ପିଲାମାନେ ଖେଳ ସମୟରେ ଟିଉଶନ ଯାଉଛନ୍ତି। ସ୍କୁଲଗୁଡ଼ିକର ଗୁଣାତ୍ମକ ମାନ ବୃଦ୍ଧି ହେଲେ ପିଲାମାନେ ସ୍କୁଲ ପାଠ ସ୍କୁଲରେ ସାରି ଦେବେ ଓ ସନ୍ଧ୍ୟା ବେଳେ ଖେଳି ଖୁସି ହେବେ। ଓଡ଼ିଶାର ଅନେକ ସ୍କୁଲରେ ଭଲ ଶିକ୍ଷକ ନ ଥିବାରୁ ପିଲାମାନେ ଘୋଷା ବଳଦ ହେଉଛନ୍ତି। ଫଳରେ ପିଲାଙ୍କ ଚିନ୍ତାକରିବା ଓ ବୁଝିବା ଶକ୍ତି ଲୋପ ପାଇଯାଉଛି। ଏଥିପାଇଁ ସରକାର ସ୍କୁଲଗୁଡ଼ିକରେ ଦକ୍ଷ ଓ ନିଷ୍ଠାପର ଶିକ୍ଷକ ନିଯୁକ୍ତ କରିବା ଦରକାର। ଓଡ଼ିଆ ଖାଦ୍ୟ ବାହାର ରାଜ୍ୟରେ ଏତେ ଲୋକପ୍ରିୟ ହୋଇଛି ଯେ ଲୋକମାନେ ଓଡ଼ିଆ ଖାଇବା ପାଇଁ ଖୋଜି ଖୋଜି ଆସୁଛନ୍ତି। ମାତ୍ର ୧୦% ଓଡ଼ିଆ ଖାଦ୍ୟ ବାହାରେ ବିକ୍ରି ହେଉଛି। କର୍ଣ୍ଣାଟକର ଉଡିପି ଓ କାମାଥ ହୋଟେଲ ଚେନ୍ ପରି ଯଦି ଓଡ଼ିଆ ପୁଞ୍ଜିନିବେଶକାରୀମାନେ ଓଡ଼ିଆ ହୋଟେଲ ଦେଶର ବିଭିନ୍ନ ଜାଗାରେ କରନ୍ତେ ତେବେ ଏଥିରୁ ଅନେକ ଓଡ଼ିଆ ଲାଭବାନ୍ ହେବେ ଓ ଓଡ଼ିଆ ହୋଟେଲର ବ୍ରାଣ୍ଡ ମଧ ଲୋକପ୍ରିୟ ହେବ। ଓଡ଼ିଶାରେ ଏହି ଛୋଟ ଛୋଟ ଖାଦ୍ୟ ଉଦ୍ୟୋଗ ସୃଷ୍ଟି କରିବାକୁ ଅନୁକୂଳ ବାତାବରଣ ସୃଷ୍ଟି କରାଗଲେ ଏହା ଯୁବପିଢ଼ିଙ୍କୁ ଖୁସି କରିବ। ସରକାର ଭେଜାଲ ଖାଦ୍ୟର ଉତ୍ପତ୍ତିସ୍ଥଳକୁ ନଷ୍ଟ କରିଦେଲେ ଅନେକ ଲୋକ ଓଡ଼ିଆ ଖାଦ୍ୟର ଆନନ୍ଦ ନେବେ।

ମୋ:୭୭୦୨୩୮୩୮୦

## ଏଇ ଭାରତରେ

ଗୁଣାତ୍ମକ ଶିକ୍ଷାର ମହତ୍ତ୍ୱ ବୁଝିଛନ୍ତି କର୍ଣ୍ଣାଟକର ସୁଦର୍ଶନ ସଞ୍ଚାରୀ। ତାଙ୍କୁ ଏବେ ବୟସ ୨୮। ପିଲାଦିନେ ପଢୁଥିବା ତାଙ୍କ ଗାଁ ସ୍କୁଲର ପୁନଃ ନିର୍ମାଣ ପାଇଁ ସେ ସାଇକେଲରେ ବୁଲି ପାଣ୍ଠି ସଂଗ୍ରହ କରୁଛନ୍ତି। ସୁଦର୍ଶନ ଗତ ୪ ବର୍ଷ ମଧ୍ୟରେ ନେପାଳ, ଶ୍ରୀଲଙ୍କା, ସିଙ୍ଗାପୁର, ମାଲେସିଆ, ଥାଇଲାଣ୍ଡ, ଲାଓସ, ଭିଏତ୍‌ନାମ ଏବଂ କାମ୍ବୋଡିଆ ୬୦,୦୦୦ କି.ମି. ଯାତ୍ରା କରିସାରିଲେଣି। କୌତୂହଳର କଥା ହେଉଛି, ସେ ଯେଉଁଆଡ଼େ ଯାଉଛନ୍ତି ତାଙ୍କ ପୋଷା କୁକୁରକୁ ନେଇଯାଉଛନ୍ତି। ଖରା, ବର୍ଷା ଓ ଶୀତକୁ ଖାତିର ନ କରି ତାଙ୍କ ଗାଁ ଚିତ୍ରଦୁର୍ଗାର ଶ୍ରୀ କରିଆମ୍ମା ହାଇସ୍କୁଲର ବିକାଶ ସକାଶେ ସେ ତାଙ୍କ ଲକ୍ଷ୍ୟପଥରେ ଆଗେଇ ଚାଲିଛନ୍ତି। ଏହି ସ୍କୁଲରେ ତାଙ୍କ ପିତା, ବଡ଼ ଭାଇ ଓ ସେ ପଢ଼ିଛନ୍ତି। ସୁଦର୍ଶନ ଏହି ସ୍କୁଲକୁ ଯାଇଥିଲେ ଓ ସ୍କୁଲ କାନ୍ଥ ଫାଟିଥିବା, ଛାତରୁ ପାଣି ଗଳୁଥିବା ଦେଖିବାକୁ ପାଇଥିଲେ। ସ୍କୁଲର ବେଞ୍ଚ ଓ ଡେସ୍କ ଭାଙ୍ଗିରୁଜି ଯାଇଥିବା ବି ଦେଖିବାକୁ ପାଇଥିଲେ। ଏଭଳି ସ୍ଥିତି ଦେଖିବା ପରେ ସେ ଏହି ସ୍କୁଲର ପୁନଃନିର୍ମାଣ ପାଇଁ ନିଷ୍ପତ୍ତି ନେଇଥିଲେ। ନିଜ ହାତରୁ ଖର୍ଚ୍ଚକରି କିଛି ବେଞ୍ଚ ଡେସ୍କ ମରାମତି କରିଥିଲେ। ସେ ଜଣେ ସେଲ୍‌ସ ମ୍ୟାନ ଭାବେ କାମ କରୁଥିବାରୁ ସ୍କୁଲ ମରାମତି ପାଇଁ ତାଙ୍କ ପାଖରେ ଅର୍ଥର ଅଭାବ ରହିଥିଲା। ଏଣୁ ଅର୍ଥ ପାଇଁ ପ୍ରଥମେ ସେ କନ୍ୟାକୁମାରୀଠାରୁ ସାଇକେଲ ଯାତ୍ରା ଆରମ୍ଭ କରିଥିଲେ। ଏବେ ସେ ଦକ୍ଷିଣ ଆଫ୍ରିକାର କେପଟାଉନ ଅଭିମୁଖେ ଯାତ୍ରା ଜାରି ରଖିଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୨୯ ନଭେମ୍ବର ୧୯୭୬

- ସୁବିଖ୍ୟାତ ନୃତ୍ୟଶିଳ୍ପୀ ଉଦୟ ଶଙ୍କରଙ୍କୁ ଆକାଶବାଣୀର ପ୍ରଯୋଜକ ରୂପେ ନିଯୁକ୍ତି।
- ଦେଶର ଗ୍ରାମାଞ୍ଚଳରେ ଥିବା ସମସ୍ତ ଭୂମିହିନ ତଥା କୃଷି ଶ୍ରମିକମାନଙ୍କୁ ଘରଡିହ ଯୋଗାଇବା ପାଇଁ କେନ୍ଦ୍ର ସରକାର ନିଷ୍ପତ୍ତି ନେଇଛନ୍ତି।

## ଚିରନ୍ତନୀ

ଛନ୍ଦିଦେଲ ପ୍ରାଣ ମୋର କି ସ୍ୱପନ ଛନ୍ଦେ ଗୋ
ଅବଶ ଏ ହିଆ ତବ ହାସ–ମକରନ୍ଦେ ମୋ ।
ହଜିଗଲା ବୁଦ୍ଧି ମୋର ଛନ୍ଦର କବଳେ,
ବୁଡ଼ିଗଲା ଚେତନା ମୁଁ ପଡ଼ିଗଲି ଭୂତଳେ ।
ନ ବିଚାରି କିଛି ତୁମେ ଆସ ମଧୁ ବଦନୀ,
କହି ଯାଅ କିମ୍ବା ଏଥି ଉଭା ହେଲ ସଜନୀ !

–(ଛନ୍ଦ ନାୟିକା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### କାଗଜରେ ସୀମିତ ନ ରହୁ ଆଦେଶ

ମହାଶୟ,

ଓଡ଼ିଶା ସରକାର ନିକଟରେ ଯେଉଁ ନୂଆ ଆଦେଶ ଜିଲାପାଳଙ୍କୁ ଦେଇଛନ୍ତି, ତାହା ନେଇ ସମାଜରେ ଅନେକ ଆଶା ଓ ଆକାଂକ୍ଷା ଦେଖାଦେଇଛି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶର ମୁଖ୍ୟବିନ୍ଦୁ– ଚୋରା ମଦ କାରବାରରେ ରୋକ ଲଗାଇବା ସହ କାର୍ଯ୍ୟାନୁଷ୍ଠାନ, ଦୁର୍ନୀତିକୁ ବରଦାସ୍ତ କରାଯିବନି, ଲୋକଙ୍କ ଅଭିଯୋଗ ଏବଂ ଶୀଘ୍ର ସମାଧାନ, ବାଲି ମାଫିଆଙ୍କୁ ସାବାଡ ଇତ୍ୟାଦି କାର୍ଯ୍ୟ ସୁନିଶ୍ଚିତ କରିବା। କାଗଜରେ ନୁହେଁ, ତଥ୍ୟ ଯାଞ୍ଚକରି ଲୋକଙ୍କ ସମସ୍ୟାକୁ ସମାଧାନ କରିବା ଏହାର ଉଦ୍ଦେଶ୍ୟ । ଲୋକଙ୍କ ଅଭିଯୋଗ ଶୁଣିବା, ଦାରିଦ୍ର୍ୟ, ସ୍ୱାସ୍ଥ୍ୟ, ଶିକ୍ଷା, ଜଳ, ରାସ୍ତା ଭଳି ମୂଳ ଅସୁବିଧା ଉପରେ ମଧ୍ୟ ନଜର ରଖିବା ଆବଶ୍ୟକ। ମୁଁ ଜିଲାପାଳମାନଙ୍କୁ ଅନୁରୋଧ କରୁଛି ଯେ, ମୁଖ୍ୟମନ୍ତ୍ରୀଙ୍କ ଆଦେଶକୁ କେବଳ ଦଲିଲ ଭାବେ ଧରି ରଖିବା ନୁହେଁ ; ବରଂ ସେଥିରେ ଥିବା ଜନସେବାର ମନୋଭାବକୁ ପୂରଣ କରିବା ପାଇଁ ପ୍ରୟାସ କରାଯାଉ। ସରକାରୀ ଯୋଜନାମାନ ଯଦି ଲୋକଙ୍କ ପାଖରେ ପହଞ୍ଚିବ, ତେବେ ରାଜ୍ୟର ସ୍ଥିତି ଅନେକ ସୁଦୃଢ଼ ହେବ । ଜିଲାପାଳଙ୍କ ସକ୍ରିୟତା ଓ ସଚେତନତା ହେଉଛି ଜନସମସ୍ୟାର ସର୍ବୋତ୍ତମ ସମାଧାନ। ଆମେ ଆଶା କରୁଛୁ ଯେ ସେମାନେ ଏହି ନିର୍ଦ୍ଦେଶକୁ ସଫଳ ଭାବେ ପ୍ରୟୋଗ କରି ଜନତାଙ୍କ ଆଶାକୁ ପୂରଣ କରିବେ।

–ନମିତା ଗିରି, ଆଇଆଇଏମ୍‌ସି, ଢେଙ୍କାନାଳ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 5 | | | | 6 | 3 | | |
| | | | 1 | | | | 6 | |
| | | | | 5 | | | | |
| | | | | 7 | | | | |
| | 3 | | 8 | | 2 | 7 | | |
| | 1 | | | | | | 4 | |
| | | 1 | | | | | 9 | 4 |
| | | 2 | 6 | | | | | 1 |
| 8 | | | 3 | | 9 | 6 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 7 | 4 | 1 | 5 | 2 | 6 | 9 | 3 |
| 5 | 2 | 6 | 3 | 4 | 9 | 1 | 8 | 7 |
| 1 | 9 | 3 | 8 | 7 | 6 | 5 | 2 | 4 |
| 6 | 3 | 7 | 2 | 1 | 8 | 4 | 5 | 9 |
| 4 | 5 | 2 | 9 | 6 | 7 | 8 | 3 | 1 |
| 9 | 8 | 1 | 4 | 3 | 5 | 7 | 6 | 2 |
| 2 | 1 | 9 | 6 | 8 | 4 | 3 | 7 | 5 |
| 3 | 6 | 5 | 7 | 9 | 1 | 2 | 4 | 8 |
| 7 | 4 | 8 | 5 | 2 | 3 | 9 | 1 | 6 |

ଗତକାଲିର ଉତ୍ତର

# ୩ ବର୍ଷ କୋହଳ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

## ଆଗ୍ନିକ ପଦରେ ନିଯୁକ୍ତି ପାଇଁ ବୟସ ସୀମା କୋହଳ ମାମଲା

**କଟକ,୨୮।୧୧(କାର୍ତ୍ତିକ ସାହୁ)**

ଓଡ଼ିଶା ଅଗ୍ନିଶମ ସେବାର ଆଗ୍ନିକ ପଦରେ ନିଯୁକ୍ତି ନିମନ୍ତେ ଚୟନ ପ୍ରକ୍ରିୟାରେ କୃତକାର୍ଯ୍ୟ ହୋଇଥିବା ୭ଜଣ ଆବେଦନକାରୀଙ୍କ ବୟସସୀମା ୩ ବର୍ଷ କୋହଳ କରିବା ନିମନ୍ତେ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀମାନେ ହେଲେ ମାନସ କୁମାର ରାଉଳ, ବିଜୟ କୁମାର ରାଉତ, ପପୁ ସାମଲ, କୃଷ୍ଣ ଚନ୍ଦ୍ର ନାୟକ, ଆଦିତ୍ୟ ସିଂହ, ପ୍ରସନ୍ନଜିତ୍ ଗୋଚ୍ଛାୟତ ଓ ପ୍ରିୟଦର୍ଶନ ରାୟ। ହାଇକୋର୍ଟବିଚାରପତି ବିରଜା ପ୍ରସନ୍ନ ଶତପଥୀ ଏହି ୭ଜଣଙ୍କ ପକ୍ଷରୁ ରୁଜୁ ମାମଲାର ବିଚାର ଶେଷ କରି ଶୁକ୍ରବାର ରାୟ ପ୍ରଦାନ କରିଛନ୍ତି। ଅଦାଲତଙ୍କ ନିର୍ଦ୍ଦେଶନାମା ପାଇବାର ୨ ମାସ ମଧ୍ୟରେ ସମସ୍ତ ପ୍ରକ୍ରିୟା ଶେଷ କରି ସେମାନଙ୍କୁ ନିଯୁକ୍ତି ଦେବା ନିମନ୍ତେ ହାଇକୋର୍ଟ ସ୍ପଷ୍ଟ କରିଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ଓଡ଼ିଶା ଅଗ୍ନିଶମ ସେବାର ୮୨୬ ଆଗ୍ନିକ ଓ ୧୫୦ ଆଗ୍ନିକ ଡ୍ରାଇଭର ପଦରେ ନିଯୁକ୍ତି ନିମନ୍ତେ ୨୦୨୩ ଅଗଷ୍ଟ ୨୯ରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏହି ଆବେଦନ ନିମନ୍ତେ ସର୍ବୋଚ୍ଚ ବୟସ ସୀମା ୨୫ ବର୍ଷ ରହିଥିଲା। ହେଲେ ଉପରୋକ୍ତ ଆବେଦନକାରୀମାନେ ଉକ୍ତ ବୟସ ସୀମା ପାର କରିସାରିଥିବାରୁ ଉକ୍ତ ପଦରେ ଆବେଦନ କରିବାରୁ ବଞ୍ଚିତ ହୋଇଥିଲେ। ଫଳରେ ଏଥିରେ ଆବେଦନ ପାଇଁ ବୟସ ସୀମା କୋହଳ କରିବା ନିମନ୍ତେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସେମାନେ ଆବେଦନରେ ଦର୍ଶାଇଥିଲେ ଯେ, ୨୦୧୫ ପରଠାରୁ ୨୦୨୩ ପର୍ଯ୍ୟନ୍ତ ଆଗ୍ନିକ ପଦରେ କୌଣସି ନିଯୁକ୍ତି ହୋଇ ନ ଥିଲା। ପୁଣି କୋଭିଡ୍-୧୯ ମଧ୍ୟ ବାଧକ ସାଜିଥିଲା। ଅପରପକ୍ଷରେ ସିଭିଲ ସର୍ଭିସ ଭଳି ଅନ୍ୟ ସରକାରୀ ଚାକିରି କ୍ଷେତ୍ରରେ ବୟସ ସୀମା ଅଧିକ ରହିଛି। ତେଣୁ ସେମାନଙ୍କୁ ବୟସ ସୀମା କୋହଳ କରି ଚୟନ ପ୍ରକ୍ରିୟାରେ ଭାଗ ନେବାକୁ ଅନୁମତି ଦେବା ପାଇଁ ହାଇକୋର୍ଟଙ୍କୁ ପ୍ରାର୍ଥନା କରିଥିଲେ। ହାଇକୋର୍ଟ ସେମାନଙ୍କ ପ୍ରାର୍ଥନାକୁ ଗ୍ରହଣ କରି ଚୟନ ପ୍ରକ୍ରିୟାରେ ଭାଗ ନେବା ନିମନ୍ତେ ସେମାନଙ୍କ ଆବେଦନପତ୍ର ଅଫ୍‌ଲାଇନ ଜରିଆରେ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ଚୟନ ପ୍ରକ୍ରିୟାରେ ଏହି ୭ ଆବେଦନକାରୀ କୃତକାର୍ଯ୍ୟ ହୋଇଥିବା ବେଳେ ସେମାନଙ୍କୁ ଚାକିରି ଦିଆଯାଇ ନ ଥିଲା। ପୁଣି ସେମାନେ ଏ ବାବଦରେ ହାଇକୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ହାଇକୋର୍ଟ ଏହାକୁ ବିଚାର କରି ଆବେଦନକାରୀମାନଙ୍କ ସପକ୍ଷରେ ରାୟ ପ୍ରଦାନ କରିଛନ୍ତି। ଆବେଦନକାରୀମାନଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ରାଜୀବ ରଥ ମାମଲା ପରିଚାଳନା କରୁଥିଲେ।

# ଧରିତ୍ରୀ ଫଟୋଗ୍ରାଫରଙ୍କ ମାତୃ ବିୟୋଗ

**ବ୍ରହ୍ମପୁର,୨୮।୧୧(ସୁବାସ ଚନ୍ଦ୍ର ପାଢ଼ୀ)**


ପ୍ରଭାବତୀ ରଥ

ଧରିତ୍ରୀର ବ୍ରହ୍ମପୁର ଫଟୋଗ୍ରାଫର ସମୀର ରଥଙ୍କ ମାତା ପ୍ରଭାବତୀ ରଥ(୮୭)ଙ୍କର ଶୁକ୍ରବାର ମଧ୍ୟାହ୍ନରେ ଗଞ୍ଜାମ ଜିଲା କୁକୁଡ଼ାଖଣ୍ଡି ବ୍ଲକ ନିମଖଣ୍ଡିସ୍ଥିତ ବାସଭବନରେ ବିୟୋଗ ହୋଇଛି। ସେ ଜଣେ ଧର୍ମ ପରାୟଣା ମହିଳା ଭାବେ ପରିଚିତ ଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କର ୬ ପୁଅ, ୬ ବୋହୂ, ୨ ଝିଅ, ୨ ଜ୍ୱାଇଁ ଓ ନାତିନାତୁଣୀମାନେ ଉପସ୍ଥିତ ଥିଲେ। ପ୍ରଭାବତୀଙ୍କ ପରଲୋକ ଖବରପାଇ ତାଙ୍କ ବନ୍ଧୁ, ସମ୍ପର୍କୀୟ ଓ ସାହି ବାସିନ୍ଦା ବାସଭବନରେ ପହଞ୍ଚି ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ। ଅପରାହ୍ନରେ ଗାଁ ନିକଟସ୍ଥ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି।


# ଏନ.ଏଲ.ସି. ଇଣ୍ଡିଆ ଲିମିଟେଡ୍

NLC INDIA
CREATING WEALTH FOR WELLBEING

**(ନବରତ୍ନ - ଭାରତ ସରକାର ଉଦ୍ୟୋଗ)**
**ତାଲାବିରା II ଏବଂ III OCP**

## ସାର୍ବଜନୀନ ବିଜ୍ଞପ୍ତି

To,
ନିମ୍ନରେ ବିସ୍ତୃତ ଭାବରେ ଲିଖିତ ଖାତାଗୁଡ଼ିକର ରେକର୍ଡ ହୋଇଥିବା ଭୂମି ମାଲିକଙ୍କୁ,

ଏହା ଜଣାଇ ଦିଆଯାଉଅଛି ଯେ ଭାରତ ସରକାର, କୋଇଲା ପରିବହନ କ୍ଷେତ୍ର (ଅଧିଗ୍ରହଣ ଓ ବିକାଶ) ଆଇନ ୧୯୫୭ ର ଧାରା ୯ (୧) ଅନୁଯାୟୀ ବିଜ୍ଞପ୍ତି ଦ୍ୱାରା, ତଲାବିରା II ଓ III OCP ତା.05.09.2009ରିଖ ଏବଂ ତା.22.03.2005ରିଖ ପାଇଁ ନିମ୍ନଲିଖିତ ଖାତାଗୁଡ଼ିକର ଜମିର ଉପରେ ଅଧିକାର ପ୍ରାପ୍ତ ହୋଇଛି। ଉକ୍ତ ଆଇନର ଧାରା ୧୧ (୧) ଅନୁଯାୟୀ, ଭାରତ ସରକାର ତା.05.10.2016ରିଖ ରେ ଭାରତ ସରକାରଙ୍କ ଏକ ଉଦ୍ୟୋଗ, NLC ଇଣ୍ଡିଆ ଲିମିଟେଡ ନାମରେ ନିମ୍ନରେ ସଜ୍ଜିତ ଜମିର ସମସ୍ତ ଅଧିକାର ନ୍ୟସ୍ତ କରିଛନ୍ତି।

| କ୍ରମିକ ନଂ | ଖତିୟାନ ନଂ | ପ୍ରଜାର ନାମ | ରକବା (ଏ.) | NLC ଇଣ୍ଡିଆ ଲିମିଟେଡ୍ ଦ୍ୱାରା ପ୍ରଜାଙ୍କୁ ପ୍ରଦାନ କରାଯାଇଥିବା ଶେଷ ନୋଟିସ୍। |
|---|---|---|---|---|
| ୧ | ୫୨ | ଭଗବାନ୍ ସିଂ ପି:ନରେନ୍ଦ୍ର ସିଂ, ଜାଗ୍ୟସେନୀ ସିଂ ସ୍ୱା: କିଷ୍ଣା ମୋହନ ସିଂ, ରାଜେଶ କୁମାର ସିଂ, ଜ୍ଞାନ ରଂଜନ ସିଂ, ପଦ୍ମିନୀ ସିଂ ପି: କୃଷ୍ଣ ମୋହନ ସିଂ, ପରମାନନ୍ଦ ସିଂ, ଅଲେଖ ସିଂ, ହେମ୍ବତୀ ରାୟ ପି: ଦିଲୀପ ସିଂ, ମମତା ସିଂ ସ୍ୱା: ଉପେନ୍ଦ୍ର ସିଂ, ବର୍ଷା ସିଂ ପି: ଉପେନ୍ଦ୍ର ସିଂ , ଭୋଗଦେବ ସିଂ, ଶଶି ସିଂ ପି : ଖଗେଶ୍ୱର ସିଂ, ନାରାୟଣ ସିଂ ପି:ଲକ୍ଷ୍ମୀଧର ସିଂ, ଜାତି:ରାଜପୁତ, ଗ୍ରାମ:ନିଜଗାଁ | ୧୩.୧୮ | 1. NLC/CBA/MAL/TL-187, Dt 04.04.2024<br>2. NLC/CBA/MAL/TL-187, Dt 02.09.2025 |
| ୨ | ୭୭/୩୫୩ | ଦେବଦୁଲ୍ଲଭ ସିଂ ପି: ସୁରେନ୍ଦ୍ର ସିଂହ, ଜାତି: ରାଜପୁତ, ଗ୍ରାମ :ନିଜଗାଁ | ୩.୯୩ | 1. NLC/CBA/MAL/TL-193J, Dt 04.04.2024 |
| ୩ | ୭୨ | ଉଲ୍ଲାସ ଜଗତ, ମୁକ୍ତେଶ୍ୱର ଜଗତ ପି: ଭଗତରାମ ଜଗତ, ଜାତି: ଗଣ୍ଡ ଗ୍ରାମ: ମଲଦା | ୬.୦୨ | 1. NLC/CBA/MAL/TL-109, Dt 16.06.2021<br>2. NLC/CBA/MAL/TL-109, Dt 25.04.2024<br>3. NLC/CBA/MAL/TL-109, Dt 02.09.2025 |
| ୪ | ୬୩ | ରମେଶ ବିଶ୍ୱାଳ, ଉମେଶ ବିଶ୍ୱାଳ, କାକେୟା ବିଶ୍ୱାଳ, ମନ୍ଦା ବିଶ୍ୱାଳ, ହେମାଳା ବିଶ୍ୱାଳ, ବନ୍ତ ବିଶ୍ୱାଳ ପି: ଖଗେଶ୍ୱର ବିଶ୍ୱାଳ, ରେବତୀ ପଧାନ, ଜନକ ଖାମାରି ପି: ପରମେଶ୍ୱର ସାହୁ, ପଦ୍ମଲୋଚନ୍ ସାହୁ, କ୍ରିପା ସାହୁ ପି: ଲକ୍ଷ୍ମଣ ସାହୁ, ପରକ୍ଷିତ ସାହୁ ପି: ହରି ସାହୁ, ଜାତି: କୁଲତା, ଗ୍ରାମ :ନିଜଗାଁ | ୫.୬୯ | 1. NLC/CBA/MAL/TL-194, Dt 04.04.2024<br>2. NLC/CBA/MAL/TL-194, Dt 02.09.2025 |
| ୫ | ୭୦ | ସଙ୍କର ସାହୁ ପି: **ଗଣେଶ୍ୱର** ସାହୁ, ହାରା ସାହୁ ସ୍ୱା: **ଗଣେଶ୍ୱର** ସାହୁ, ପଦ୍ମଲାବ ସାହୁ, ପରମାନନ୍ଦ ସାହୁ, ଦେବାନନ୍ଦ ସାହୁ ପି:ଶ୍ୟାମ ସାହୁ ଜାତି: କୁଲତା, ଗ୍ରାମ :ମଲଦା | ୩.୭୯ | 1. NLC/CBA/MAL/TL-200, Dt 26.10.2022<br>2. NLC/CBA/MAL/TL-200, Dt 25.04.2024 |
| ୬ | ୧୧ | ନୀଲମାଧବ ସିଂ ପି:ଉଦିତ ପ୍ରତାପ ସିଂ ଚନ୍ଦ୍ରକାନ୍ତୀ ସିଂ ଶାନ୍ତିଲତା ସିଂ ମଦନା ରାଉତ ପି:ପ୍ରଭାସ ଚନ୍ଦ୍ର ସିଂ **କାନ୍ତିବାଇ** ସିଂ ସ୍ୱା: ଜଗତ ମୋହନ ସିଂ ରୋହିତ କୁମାର ସିଂ ରାଧା ବଲାଭ ସିଂ ବସନ୍ତ ମଞ୍ଜରୀ ସାଇ ସତ୍ୟମଞ୍ଜରୀ ରାୟ ସନ୍ତୋଷିନୀ ପାତ୍ର ପଦ୍ମନି ସାଇ ପି: ଜଗତ ମୋହନ ସିଂ ଅମରେନ୍ଦ୍ର ସିଂ ପିଣ୍ଟୁ ସିଂ ପି:ସ୍ୱର୍ଗତ ଗୌର ସିଂ ବଦୀ ସିଂ ନେତ୍ର ସିଂ ପି:ସ୍ୱର୍ଗତ ତୁଲସା ସିଂ ଗୋମତୀ ସିଂ ସ୍ୱା:ସ୍ୱର୍ଗତ ରତନ ସିଂ ସୁନୀଲ ସିଂ ମୀନା ସିଂ ମମତା ସିଂ ପି:ସ୍ୱର୍ଗତ ରତନ ସିଂ ଅବୀନ୍ଦ୍ର ନାୟକ ଜଗନ୍ନାଥ ନାୟକ ତିଲୋତମା ନାୟକ ରାଜକୁମାରୀ ନାୟକ ପି:ସ୍ୱର୍ଗତ ଗବାକ୍ଷ ସିଂ ଜସୱନ୍ତ ସିଂଦେଓ ଅମରେଶ କୁମାର ସିଂଦେଓ ପି:ଗୌରଚନ୍ଦ୍ର ସିଂଦେଓ ମୋହନ ଠାକୁର ସାବିତ୍ରୀ ଚାନ୍ଦେଲ ବୀଣାପାଣି ଶେଖରଦେଓ ଗୋଦାବରୀ ସିଂ ପଙ୍କଜିନି ରାୟ ଅଞ୍ଜଳି ସିଂ ପି: ଧର୍ମସିଂହ ଠାକୁର ମୋହନ ସିଂ ଜୋଗେନ୍ଦ୍ର କୁମାର ସିଂ ରାଜକୁମାରୀ ଠାକୁର ଅହଲ୍ୟା ସାଇ ପି:ବିଶ୍ୱମ୍ବର ସିଂ ବିପିନ ସିଂ ଆଲୁରୀ ସିଂ ରଶ୍ମିଦେବ ସିଂ ପି:ପୁରୁଷୋତ୍ତମ ସିଂ ବିଜୟ କୁମାର ସିଂ ଗୀତାଞ୍ଜଳି ସେଖରଦେଓ ପି:ପୂର୍ଣ୍ଣ ଚନ୍ଦ୍ର ସିଂ ପଙ୍କଜିନି ସିଂ ସ୍ୱା: ମହାର ସିଂ ନୟନ ସିଂ ଜାଗ୍ରତି ସିଂ ପି:ମହାର ସିଂ ନରେନ୍ଦ୍ର ସିଂ ଲିଲି ସିଂ ମିଲି ସିଂ ମମତା ସିଂ ବବି ସିଂ ପଙ୍କଜିନୀ ସିଂ ପି:ବିପିନ ସିଂ ସରଙ୍ଗା ରାୟ ସୁରେନ୍ଦ୍ର ରାୟ ଦିଲୀପ କୁମାର ରାୟ ସାଇରେନ୍ଦ୍ର ଚାନ୍ଦେଲ ପି: ଦୋଳଗୋବିନ୍ଦ ରାୟ ଉଚିତ ସିଂ ସତ୍ୟନାରାୟଣ ସିଂ ମୁକେଶ ସିଂ ଅର୍ଣ୍ଣପୂର୍ଣ୍ଣା ପାତ୍ର ପି:ବନବିହାରୀ ସିଂ ଲବଙ୍ଗା ସିଂ ସ୍ୱା: ଅନନ୍ତ ସିଂ ପଞ୍ଚମ ସିଂ ପି: ଅନନ୍ତ ସିଂ ନବିନ ବାଘେଲ ପ୍ରେମଜିତ ବାଘେଲ ପି:ଦୁବରାଜ ବାଘେଲ ଜାତି: ରାଜପୁତ ଗ୍ରାମ: ମଲଦା | ୧୩.୯୬ | 1. NLC/CBA/MAL/TL-154, Dt 26.10.2022<br>2. NLC/CBA/MAL/TL-154, Dt 25.04.2024<br>3. NLC/CBA/MAL/TL-154, Dt 02.09.2025 |
| ୭ | ୭୭/୨୬ | ଡମ୍ବରୁଧର ସେଠ୍ ପି:ହରି ସେଠ୍ ଜାତି: କେଉଟ ଗ୍ରାମ: ମଲଦା | ୦.୫୦ | 1. NLC/CBA/MAL/TL-227, Dt 26.10.2022<br>2. NLC/CBA/MAL/TL-227, Dt 25.04.2024 |
| ୮ | ୨୫ | ଘାସିଆ ଠାକୁର, ଗୋକୁଳା ଠାକୁର ପି: ଭରତ ଠାକୁର, ରଞ୍ଜିତ ସିଂହ, ପୁଷ୍ପାବତୀ ରାଏ ପି: ଭାଗିରଥି ଠାକୁର, ଯଜ୍ଞସିନୀ ଠାକୁର ସ୍ୱା: ଅନିରୁଦ୍ଧ ଠାକୁର, ତେଜରାଜ ସିଂହ, ମଥୁରା ସିଂହ, ହୀରା ସିଂହ ପି: ଅନିରୁଦ୍ଧ ଠାକୁର, ଧନୁ ଠାକୁର ପି: ହର୍ଷ ଠାକୁର, ଲାଇବାନ ଠାକୁର ସ୍ୱା: ଅଇଠା ଠାକୁର, ରଇବାରୀ ଠାକୁର, ବୁଦୁନୀ ଠାକୁର, ଅଲୁରା ଠାକୁର ପି: ଅଇଠା ଠାକୁର, ଶ୍ୟାମ ସୁନ୍ଦର ସିଂହ, ଜନାର୍ଦ୍ଦନ ସିଂହ, ଘସିଆନ ସିଂହ, ପକଲା ସିଂହ ପି: ଜଦୁନାଥ ସିଂହ, ମାଳତୀ ସିଂହ ସ୍ୱା: ଜଦୁନାଥ ସିଂହ ଜା: ରାଜପୁତ ଗ୍ରାମ: ମଲଦା | ୪.୪୪ | 1. NLC/CBA/MAL/TL-171, Dt 26.10.2022<br>2. NLC/CBA/MAL/TL-171, Dt 25.04.2024<br>3. NLC/CBA/MAL/TL-171, Dt 02.09.2025 |
| ୯ | ୨୬ | ଘାସିଆ ଠାକୁର, ଗୋକୁଲ ଠାକୁର, ଛେଲିଏନ ଠାକୁର ପି:ଭରତ ଠାକୁର, ପଦ୍ମାବତୀ ଠାକୁର ସ୍ୱା:ଭରତ ଠାକୁର, ଫୁଲେଇ ଠାକୁର ପି: ଛେଲିଆ ଠାକୁର, ଲକ୍ଷ୍ମୀ ଠାକୁର, ଶୁକ୍ରୁ ଠାକୁର ପି:କୁଶଳ ଠାକୁର, ଜାତି: ରାଜପୁତ, ଗ୍ରାମ: ନିଜଗାଁ | ୩.୬୭ | NLC/CBA/MAL/TL-172, Dt 13.11.2025 |
| ୧୦ | ୭୭/୧୫ | ପଦ୍ମନାଭ ସାହୁ ପି:ଶ୍ୟାମ ସାହୁ , ଜାତି: କୁଲତା, ଗ୍ରାମ: ମଲଦା | ୦.୨୨ | 1. NLC/CBA/MAL/TL-219, Dt 26.10.2022<br>2. NLC/CBA/MAL/TL-219, Dt 25.04.2024 |
| ୧୧ | ୭୭/୨୨ | ବାସୁମତି ସିଂ ସ୍ୱା:ଲକ୍ଷ୍ମଣ ସିଂ, ରୂପନାରାୟଣ ସିଂ ପି: ଲକ୍ଷ୍ମଣ ସିଂ ଜାତି: ରାଜପୁତ ଗ୍ରାମ: ମଲଦା | ୦.୧୮ | 3. NLC/CBA/MAL/TL-224, Dt 26.10.2022<br>4. NLC/CBA/MAL/TL-224, Dt 25.04.2024 |
| ୧୨ | ୩ | ଅଇଁଠା ପଧାନ, ହିରା ପଧାନ, ହିରନ ପଧାନ, ଉପାସି ପଧାନ ପି: ଭକ୍ତି ପଧାନ, ରୁକୁଣୀ ପଧାନ ସ୍ୱା: ଭକ୍ତି ପଧାନ, ଭଗତ ପଧାନ ପି: ଯୁଧିଷ୍ଠିର ପଧାନ, ଶୁବକେଶୀ ପଧାନ ସ୍ୱା: ଯୁଧିଷ୍ଠିର ପଧାନ, ସଇତା ବାରିକ ସ୍ୱା: ସତ୍ରୁଘ୍ନ ବାରିକ ଜା: କୁଲତା ଗ୍ରାମ: ମଲଦା | ୪.୯୨ | 1. NLC/CBA/MAL/TL-164, Dt 26.10.2022<br>2. NLC/CBA/MAL/TL-164, Dt 25.04.2024<br>3. NLC/CBA/MAL/TL-164, Dt 02.09.2025 |
| ୧୩ | ୭୭/୧୪୩ | ସନାତନ ଗଣ୍ଡା, ଗରଜୋଗୀ ଗଣ୍ଡା, ଘରାମଣି ଗଣ୍ଡା, ବୁଦ୍ଧୁରାମ ଗଣ୍ଡା, ଲକ୍ଷ୍ମୀ ଗଣ୍ଡା ପି:ମଖାନୁ ଗଣ୍ଡା ଜାତି: ଗଣ୍ଡା ଗ୍ରାମ: ମଲଦା | ୪.୫୩ | 1. NLC/CBA/MAL/TL-136, Dt 16.06.2021<br>2. NLC/CBA/MAL/TL-136, Dt 25.04.2024 |
| ୧୪ | ୬୧ | ଚୈତନ ସେଟ, ଖେତ୍ର ସେଟ, ରଥରାଜ ସେଟ୍, ସକୁନ୍ତଳା ସେଟ ପି: ମୁନୁ ସେଟ, ବୃଷଭ ଦେହେରି ପି: ଫକିର ଦେହେରି, ମତି ସେଟ ପି: ନିଲମଣି ସେଟ, ଅଭିନ ସେଟ, ପ୍ରଦୀପ ପାଣ୍ଡେ, ଭୁମି ବାରିକ, ସରୋଜିନି ଡନସେନା ପି: ଦୁତିଆଚାନ୍ଦ ଡନସେନା, ସୁରେନ କାଲୋ, ଲିଂଗ କାଲୋ, ଭୁମିତା କାଲୋ, ସୁଷମା କାଲୋ ପି: ନିରାକାର କାଲୋ, ଡମ୍ବରୁଧର ସେଟ ପି: ହରି ସେଟ, ପ୍ରେମାନନ୍ଦ ବେହେରା ପି: ବିଘ୍ନେଶ୍ୱର ବେହେରା ଜାତି: କେଉଟ ଗ୍ରାମ: ମଲଦା | ୦.୭୭ | 1. NLC/CBA/MAL/TL-156, Dt 26.10.2022<br>2. NLC/CBA/MAL/TL-156, Dt 25.04.2024<br>3. NLC/CBA/MAL/TL-156, Dt 02.09.2025 |
| ୧୫ | ୧୨ | ନୀଲମାଧବ ସିଂ ପି:ଉଦିତ ପ୍ରତାପ ସିଂ, ଚନ୍ଦ୍ରକାନ୍ତି ସିଂ, ଶାନ୍ତିଲତା ସିଂ, ମଦନା ରାଉତ ପି: ପ୍ରଭାସ ଚନ୍ଦ୍ର ସିଂ, କାନ୍ତିବାଇ ସିଂ ସ୍ୱା: ଜଗତ ମୋହନ ସିଂ, ରୋହିତ କୁମାର ସିଂ, ରାଧା ବଲ୍ଲଭ ସିଂ, ବସନ୍ତ ମଞ୍ଜରୀ ସାଇ, ସତ୍ୟମଞ୍ଜରୀ ରାଇ, ସନ୍ତୋସିନୀ ପାତ୍ର, ପଦ୍ମନୀ ସାଇ ପି:ଜଗତ ମୋହନ ସିଂ, ଅମରେନ୍ଦ୍ର ସିଂ, ପିନ୍ଟୁ ସିଂ ପି:ସ୍ୱର୍ଗତ ଗୌର ସିଂ, ବଦୀ ସିଂ, ନେତ୍ର ସିଂ ପି:ସ୍ୱର୍ଗତ ତୁଲସା ସିଂ, ଗୋମତି ସିଂ ସ୍ୱା: ସ୍ୱର୍ଗତ ରତନ ସିଂ, ସୁନୀଲ ସିଂ, ମିନା ସିଂ, ମମତା ସିଂ ପି: ସ୍ୱର୍ଗତ ରତନ ସିଂ, ଅବିନ୍ଦ୍ର ନାୟକ, ଜଗନ୍ନାଥ ନାୟକ, ତିଲୋତ୍ତମା ନାୟକ, ରାଜକୁମାରୀ ନାୟକ ପି:ସ୍ୱର୍ଗତ ଗବାକ୍ଷ ସିଂ, ଜସ୍ୱନ୍ତ ସିଂଦେଓ, ଅମରେଶ କୁମାର ସିଂଦେଓ ପି:ଗୌର ଚନ୍ଦ୍ର ସିଂଦେଓ, ମୋହନ ଠାକୁର, ସବିତ୍ରୀ ଚଣ୍ଡେଲ, ବିନାପାନି ଶେଖରଦେଓ, ଗୋଦାବରୀ ସିଂ, ପଂକଜିନୀ ରାଇ, ଅଞ୍ଜଳି ସିଂ ପି:ଧର୍ମସିଂ ଠାକୁର, ମୋହନ ସିଂ, ଜୋଗେନ୍ଦ୍ର କୁମାର ସିଂ, ରାଜକୁମାରୀ ଠାକୁର, ଅହଲ୍ୟା ସାଇ ପି:ବିଶ୍ୱମ୍ବର ସିଂ, ବିପିନ ସିଂ, ଅଲୁରି ସିଂ, ରଶ୍ମିଦେବ ସିଂ ପି:ପୁରୁଷୋତ୍ତମ ସିଂ, ବିଜୟ କୁମାର ସିଂ, ଗୀତାଞ୍ଜଳି ଶେଖରଦେଓ ପି: ପୂର୍ଣ୍ଣ ଚନ୍ଦ୍ର ସିଂ, ପଂକଜିନୀ ସିଂ ସ୍ୱା: ମହର ସିଂ, ନୟନ ସିଂ, ଜାଗୃତି ସିଂ ପି:ମହର ସିଂ, ନରେନ୍ଦ୍ର ସିଂ, ଲିଲି ସିଂ, ମିଲି ସିଂ, ମମତା ସିଂ, ବବି ସିଂ, ପଂକଜିନୀ ସିଂ ପି:ବିପିନ ସିଂ, ସରଙ୍ଗା ରାଇ, ସୁରେନ୍ଦ୍ର ରାଇ, ଦିଲୀପ କୁମାର ରାଇ, ସାଇରେନ୍ଦ୍ର ଚଣ୍ଡେଲ ପି:ଦୋଳଗୋବିନ୍ଦ ରାଇ, ଉଚିତ ସିଂ, ସତ୍ୟନାରାୟଣ ସିଂ, ମୁକେଶ ସିଂ, ଅର୍ଣ୍ଣପୂର୍ଣ୍ଣା ପାତ୍ର ପି:ବନବିହାରୀ ସିଂ, ଲବଙ୍ଗା ସିଂ ସ୍ୱା: ଅନ୍ତ ସିଂ, ପଞ୍ଚମ ସିଂ ପି:ଅନ୍ତ ସିଂ, ନବୀନ ବାଘେଲ, ପ୍ରେମଜିତ ବାଘେଲ ପି:ଦୁବରାଜ ବାଘେଲ, ପ୍ରସାଦି ସିଂ, ନିଶିକାନ୍ତ ସିଂ ପି:ନାରାୟଣ ସିଂ, ଯୁଧିଷ୍ଠିର ସିଂ, ଦେବକି ସିଂ ପି:ଲବ ସିଂ, କୁଞ୍ଜଲତା ସିଂ ସ୍ୱା: କୁଷ ସିଂ, ଗଣେଶ ସିଂ, ସ୍ନେହଲତା ସିଂ, ବିଶାଖା ସିଂ ପି:କୁଷ ସିଂ, ଜଞ୍ଜ୍ୟା ସିଂ ସ୍ୱା: ସ୍ୱର୍ଗତ ସଂଖ୍ୟା ସିଂ, ଅମୂଲ୍ୟ ସିଂ, ଜୋଗେନ୍ଦ୍ର ସିଂ, ସୁଶାନ୍ତ ସିଂ, ମେଦିନୀ ରାଇ, ଦଶମୀ ସିଂ ପି:ସଂଖ୍ୟା ସିଂ, ତପସ୍ୱିନୀ ସିଂ ସ୍ୱା: ଝସ୍କେତନ ସିଂ, ହୃଦାନନ୍ଦ ସିଂ, ସଚ୍ଚିଦାନନ୍ଦ ସିଂ, ପଦ୍ମାଳୟା ପାତ୍ର, ଚନ୍ଦ୍ରମା ଦେବ, ଇନ୍ଦ୍ରାଣୀ ଦିଚ୍ ପି: ଝସ୍କେତନ ସିଂ, କୁନୁବୁଇ ସିଂ ସ୍ୱା: ହରେକୃଷ୍ଣ ସିଂ, କ୍ଷିରୋଦ ସିଂ, ସୁବୋଦ ସିଂ, ରୌକ୍ମନ ସିଂ, ସୌଦାମିନୀ ଚିନ୍ଦା ପି:ହରେକୃଷ୍ଣ ସିଂ, ଜାଜ୍ଞସ୍ୱିନୀ ସିଂ ସ୍ୱା: ଛଦାନନ୍ଦ ସିଂ, ବିନାପାନି ଚଣ୍ଡେଲ ପି: ଛଦାନନ୍ଦ ସିଂ, ରଘୁନନ୍ଦନ ସିଂ, ରୁଦ୍ର ସିଂ, ଜାଜ୍ଞସିନୀ ସିଂ, ତପସ୍ୱିନୀ ସିଂ ପି:ସାଗର ସିଂ, ରତ୍ନାକର ସିଂ, ମଦନମୋହନ ସିଂ, ଜୋଗେଶ୍ୱର ସିଂ, ଗଙ୍ଗା ରାୟ ପି:ଚୈତନ୍ୟ ସିଂ, ଗୁଲାବତୀ ସିଂ ସ୍ୱା: କହ୍ନେଇ ସିଂ, ଗିରିଶ ସିଂ, ସୁନାଫୁଲା ସିଂ, କେନା ସିଂ, ଗୁରା ସିଂ ପି:ପ୍ରସାଦି ସିଂ, ମିନକେତନ ସିଂ, ପୁଷ୍ପା ସିଂ, ସବିତା ସିଂ ପି:ସୁରେନ୍ଦ୍ର ସିଂ, ଜେନାମଣି ବାଘେଲ ପି:ଫକିରମୋହନ ସିଂ, ଜାତି: ରାଜପୁତ, ଗ୍ରାମ: ମଲଦା | ୧୧.୯୩ | 1. NLC/CBA/MAL/TL-155, Dt 26.10.2022<br>2. NLC/CBA/MAL/TL-155, Dt 25.04.2024<br>3. NLC/CBA/MAL/TL-155, Dt 02.09.2025 |
| ୧୬ | ୬୬ | ସତ୍ୟାନନ୍ଦ କିସାନ, ଚିକ କିସାନ, କେଦାର କିସାନ ପି:ଲବ କିସାନ, ଜାତି:କିସାନ, ଗ୍ରାମ: ମଲଦା | ୦.୩୬ | 1. NLC/CBA/MAL/TL-196, Dt 26.10.2022<br>2. NLC/CBA/MAL/TL-196, Dt 25.04.2024<br>3. NLC/CBA/MAL/TL-196, Dt 02.09.2025 |
| ୧୭ | ୪୪ | ନିକେ କିସାନ ସ୍ୱା:ପୁରୁଷୋତ୍ତମ କିସାନ, ରମେଶ୍ୱର କିସାନ ପି:ପୁରୁଷୋତ୍ତମ କିସାନ, ବାଲା କିସାନ ସ୍ୱା:ମୁଦୁ କିସାନ, ବୈଜୁ କିସାନ, କୁଷ କିସାନ, ପରଖିତ କିସାନ ପି:ମୁଦୁ କିସାନ, ଜଟଙ୍ଗା କିସାନ ପି: ମାଧ କିସାନ, ଦଇମତୀ କିସାନ ସ୍ୱା:କଷ୍ଟୁ କିସାନ, ଘାସିଆନ କିସାନ ପି:ଉଦୟ କିସାନ, ଠାକୁର କିସାନ, ଲୋଚନ କିସାନ, ନିଳ କିସାନ ପି:ସୁରୁ କିସାନ, ଗୁରୁବାରି କିସାନ ସ୍ୱା:ସୁରୁ କିସାନ, ମାଲତି କିସାନ, ସୁଶୀଲା କିସାନ, ସୁବର୍ଣ୍ଣ କିସାନ ପି:ଜୁଗ କିସାନ, ଜାତି: କିସାନ, ଗ୍ରାମ: ମଲଦା | ୧୬.୫୩ | 1. NLC/CBA/MAL/TL-181, Dt 26.10.2022<br>2. NLC/CBA/MAL/TL-181, Dt 25.04.2024<br>3. NLC/CBA/MAL/TL-181, Dt 02.09.2025 |
| ୧୮ | ୭୭/୩୧୩ | ରାମକୃଷ୍ଣ କଉଡ଼ି ପି: ବିଦେଶୀ କଉଡ଼ି , ଜାତି:ଗଉଡ, R / ୦: ତିଲେଇମାଳ, ଥାନା: ଠେଲକୋଲଇ, ଜିଲ୍ଲା: ସମ୍ବଲପୁର । | ୦.୧୦ | 1. NLC/CBA/MAL/TL-168G, Dt 04.04.2024 |
| ୧୯ | ୧୦ | ନୀଲମାଧବ ସିଂ ପି:ଉଦିତ ପ୍ରତାପ ସିଂ, ଚନ୍ଦ୍ରକାନ୍ତି ସିଂ, ଶାନ୍ତିଲତା ସିଂ, ମଦନା ରାଉତ ପି:ପ୍ରଭାଚନ୍ଦ୍ର ସିଂ, କାନ୍ତିବାଇ ସିଂ ସ୍ୱା:ଜଗତ ମୋହନ ସିଂ, ରୋହିତ କୁମାର ସିଂ, ରାଧା ବଲ୍ଲଭ ସିଂ, ବସନ୍ତ ମଞ୍ଜରି ସାଇ, ସତ୍ୟମଞ୍ଜରି ରାଏ, ସନ୍ତୋଷିନୀ ପାତ୍ର, ପଦ୍ମାନୀ ସାଇ ପି:ଜଗତ ମୋହନ ସିଂ, ଗୋମତି ସିଂ ସ୍ୱା:ସ୍ୱର୍ଗତ ରତନ ସିଂ, ସୁନୀଲ ସିଂ, ମିନା ସିଂ, ମମତା ସିଂ ପି:ସ୍ୱର୍ଗତ ରତନ ସିଂ, ଅବିନ୍ଦ୍ର ନାୟକ, ଜଗନ୍ନାଥ ନାୟକ, ତିଲୋତ୍ତମା ନାୟକ,ରାଜକୁମାରୀ ନାୟକ ପି:ସ୍ୱର୍ଗତ ଗବାକ୍ଷ ସିଂ, ଜସ୍ୱନ୍ତ ସିଂଦେଓ, ଅମରେଶ କୁମାର ସିଂଦେଓ ପି:ଗୌର ଚନ୍ଦ୍ର ସିଂଦେଓ, ବଦୀ ସିଂ, ନେତ୍ର ସିଂ ପି: ସ୍ୱର୍ଗତ ତୁଲସା ସିଂ, ଜାତି: ରାଜପୁତ, ଗ୍ରାମ: ମଲଦା | ୮.୪୭ | 1. NLC/CBA/MAL/TL-153, Dt 26.10.2022<br>2. NLC/CBA/MAL/TL-153, Dt 25.04.2024<br>3. NLC/CBA/MAL/TL-153, Dt 02.09.2025 |
| ୨୦ | ୬୫ | ଲଛମଣ କିସାନ ପି: ବଦେ କିସାନ, ଦୁବରାଜ କିସାନ, ପୂର୍ଣ୍ଣ କିସାନ ପି:ଉଜଲ କିସାନ, କଟି କିସାନ ପି:ଭୁଟୁଲୁ କିସାନ, ମୁନୁ କିସାନ ପି:ବିତ କିସାନ, ପାଲା କିସାନ ସ୍ୱା:ଘୁଟୁର କିସାନ, ଜାତି: କିସାନ, ଗ୍ରାମ: ମଲଦା। | ୯.୬୬ | 1. NLC/CBA/MAL/TL-195, Dt 26.10.2022<br>2. NLC/CBA/MAL/TL-195, Dt 25.04.2024<br>3. NLC/CBA/MAL/TL-195, Dt 02.09.2025 |
| ୨୧ | ୭୭/୧୨୫ | ସୁରଥ କିସାନ, କୃଷ୍ଣ କିସାନ ପି:କ୍ଷେତ୍ର କିସାନ, ସୁଦର୍ଶନ କିସାନ, ବିଘ୍ନେଶ୍ୱର କିସାନ ପି:ଦୁବରାଜ କିସାନ, ଜାତି: କିସାନ, ଗ୍ରାମ: ମଲଦା | ୧.୭୩ | 1. NLC/CBA/MAL/TL-130, Dt 16.06.2021<br>2. NLC/CBA/MAL/TL-130, Dt 25.04.2024<br>3. NLC/CBA/MAL/TL-130, Dt 02.09.2025 |
| ୨୨ | ୭୭/୧୧ | ଗୁଲା କିସାନ, ବିପିନ କିସାନ ପି:କୁଶ କିସାନ, ଜାତି: କିସାନ, ଗ୍ରାମ: ମଲଦା | ୦.୩୧ | 1. NLC/CBA/MAL/TL-216, Dt 26.10.2022<br>2. NLC/CBA/MAL/TL-216, Dt 25.04.2024<br>3. NLC/CBA/MAL/TL-216, Dt 02.09.2025 |
| ୨୩ | ୭୯ | ନିଳା ଗୋଣ୍ଡ ପି:ପାଣ୍ଡୁ ଗୋଣ୍ଡ, ବେଣୁଧର ଭୋଇ ପି:କାନ୍ହୁଚରଣ ଭୋଇ ଗ୍ରାମ: ଲାପଙ୍ଗା, ଥାନା: କତରବଗା, ତୁଳସା ଗୋଣ୍ଡ, ଉଷା ଗୋଣ୍ଡ ପି:ସୋମନାଥ ଗୋଣ୍ଡ, ଗଣେନ୍ ଗୋଣ୍ଡ, ଅରଣି ଗୋଣ୍ଡ ପି:ବୁଧୁ ଗୋଣ୍ଡ, ଜାତି: ଗୋଣ୍ଡ, ଗ୍ରାମ: ମଲଦା। | ୨୩.୬୬ | 1. NLC/CBA/MAL/TL-206, Dt 26.10.2022<br>2. NLC/CBA/MAL/TL-206, Dt 25.04.2024<br>3. NLC/CBA/MAL/TL-206, Dt 02.09.2025 |
| ୨୪ | ୩୧ | ଗଣେନ ନେଟି, ଅରଣି ଧୁରୁଆ, ପି:ବୁଧ ଧୁରୁଆ, ବିମ୍ବାଧର ଧୁରୁଆ, ପି:ଜୟସିଂ ଧୁରୁଆ, ବିନୋଦିନୀ ଧୁରୁଆ, ଦୁତିଆ ଧୁରୁଆ, ରତନ ଧୁରୁଆ, ଅମ୍ବିକା ଧୁରୁଆ, ମାଧବୀ ଧୁରୁଆ, ଗେଣ୍ଡି ଧୁରୁଆ, ସପ୍ନା ଧୁରୁଆ, ରୁକ୍ମଣ ଧୁରୁଆ, ବିନୋଦ ଧୁରୁଆ, ପି:କୁମାର ଧୁରୁଆ, ସୌକି ବରିହା, ଲକ୍ଷ୍ମୀ ବରିହା, ସୁନୀଲ ବରିହା, ରୀନା ବରିହା, ପି:ଚନ୍ଦ୍ରଶେଖର ବରିହା, ଜାତି: ଗୋଣ୍ଡ, ଗ୍ରାମ: ମଲଦା | ୪.୪୭ | 1. NLC/CBA/MAL/TL-174, Dt 26.10.2022<br>2. NLC/CBA/MAL/TL-174, Dt 25.04.2024<br>3. NLC/CBA/MAL/TL-174, Dt 02.09.2025 |

ତେଣୁ, ଏହାଦ୍ୱାରା ସୂଚିତ କରାଯାଉଅଛି ଯେ:

୧. ଉପରେ ଉଲ୍ଲେଖିତ ହୋଇଥିବା ଭୂମି ମାଲିକଙ୍କ ସମ୍ପୃକ୍ତ ଖାତା ନମ୍ବର, ରକବା ଏବଂ କ୍ଷତିପୂରଣ ରାଶିର ବିବରଣୀ ଅନୁସାରେ, ଅନୁମୋଦିତ କ୍ଷତିପୂରଣ ରାଶି ଗ୍ରହଣ କରିବା ପାଇଁ ଅନେକଥର ନୋଟିସ୍ ଜାରି କରାଯାଇଅଛି। କିନ୍ତୁ ଭୂମି ମାଲିକଙ୍କ ତରଫରୁ ଏପର୍ଯ୍ୟନ୍ତ କୌଣସି ଡକ୍ୟୁମେଣ୍ଟ ଦାଖଲ କରାଯାଇନାହିଁ ଓ NLC ଇଣ୍ଡିଆ ଲିମିଟେଡ୍‌ଠାରୁ ପେମେଣ୍ଟ ଗ୍ରହଣ କରାଯାଇନାହିଁ ।

୨. ବର୍ତ୍ତମାନ, ରେଲୱେ ଓ CHP କରିଡର କାର୍ଯ୍ୟ ଆରମ୍ଭ ହୋଇଛି, ଯାହା ଆପଣଙ୍କ ଉପରୋକ୍ତ ଜମି ଦେଇ ଯାଉଅଛି, ଏବଂ NLCIL ଜମି ପାଇଁ କ୍ଷତିପୂରଣ ଦେବାକୁ ପ୍ରସ୍ତୁତ।

୩. ତେଣୁ, ଉପରୋକ୍ତ ରେକର୍ଡ ହୋଇଥିବା ସମସ୍ତ ଭୂମି ମାଲିକଙ୍କୁ ପୁଣିଥରେ ଅନୁରୋଧ କରାଯାଉଅଛି ଯେ, ଏହି ଅନ୍ତିମ ସୂଚନା ପ୍ରକାଶ ତାରିଖରୁ ୦୭ ଦିନ ମଧ୍ୟରେ ସମସ୍ତ ଆବଶ୍ୟକ ଡକ୍ୟୁମେଣ୍ଟ ସହିତ NLC ଇଣ୍ଡିଆ ଲିମିଟେଡ୍, ସାଇଟ ଅଫିସ୍ MFA, ଖିଣ୍ଡା ଗ୍ରାମ, ରେଙ୍ଗାଲି ତାହସିଲ, ସମ୍ବଲପୁର ଜିଲ୍ଲାକୁ ଆସି କ୍ଷତିପୂରଣ ରାଶି ଗ୍ରହଣ କରିବାକୁ ଅନୁରୋଧ କରାଯାଉଅଛି, ଏହା ବିଫଳ ହେଲେ NLC ଇଣ୍ଡିଆ ଲିମିଟେଡ ଉପରୋକ୍ତ ଅଧିଗ୍ରହଣିତ ଜମି ସମ୍ପର୍କରେ କୋଇଲା ପରିବହନ କ୍ଷେତ୍ର (ଅଧିଗ୍ରହଣ ଓ ବିକାଶ) ଆଇନ : ୧୯୫୭ ଅନୁଯାୟୀ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ୍ୟହେବ।

୪. ଏହାକୁ **'ଶେଷ ସୂଚନା'** ଭାବରେ ବିବେଚନା କରାଯାଇପାରେ।

Sd/:
ଭୂମି ଅଧିଗ୍ରହଣ ଅଧିକାରୀ / ତଲାବିରା II ଓ III OCP
ଏନ.ଏଲ.ସି. ଇଣ୍ଡିଆ ଲିମିଟେଡ୍

# NLC India Limited

**'Navratna' - Government of India Enterprise**
**Talabira II & III OCP**

2025 International Year of Cooperatives

## PUBLIC NOTICE

To,
**The Recorded Tenants of the following Khatas detailed below,**

This is to inform that the Govt of India, by notification U/s 9(1) of Coal Bearing Areas (Acquisition and Development) Act 1957, has acquired the rights in or over the lands of following Khatas detailed below for Talabira II & III OCP dt. 05.09.2009 and 22.03.2005 respectively. Under the provision U/s 11(1) of the said Act, Govt. of India has vested all rights of the land furnished below table in the name of NLC India Limited, a Govt of India Enterprise, on dt. 05.10.2016.

| Sl. No. | Khata no. | Recorded tenants Name | Area in Acres | Last notices served to Recorded tenants by NLC India Limited. |
|---|---|---|---|---|
| 1 | 52 | Bhagwan Singh S/o-Narendra Singh, Jagyaseni Singh W/o- Krishna Mohan Singh, Rajesh Kumar Singh, Gyana Ranjan Singh, Padmini Singh S/D/o. Krishna Mohan Singh, Paramanand Singh, Alekh Singh, Hembati Rai S/D/o. Dilip Singh, Mamta Singh W/o. Upendra Singh, Varsha Singh D/o. Upendra Singh, Bhogdev Singh, Shashi Singh S/D/o. Khageshwar Singh, Narayan Singh S/o-Lakshmidhar Singh, Caste-rajput,Vill-Nijgaon | 13.18 | 1. NLC/CBA/MAL/TL-187, Dt 04.04.2024<br>2. NLC/CBA/MAL/TL-187, Dt 02.09.2025 |
| 2 | 77/353 | Debadullav Singh S/o. Surendra Singh, Caste-rajput, Vill-Nijgaon | 3.93 | 1. NLC/CBA/MAL/TL-193J, Dt 04.04.2024 |
| 3 | 72 | Ullas Jagat, Mukteswar Jagat S/o. Bhagaatram Jagat, Caste-Gond Village-Malda | 6.02 | 1. NLC/CBA/MAL/TL-109, Dt 16.06.2021<br>2. NLC/CBA/MAL/TL-109, Dt 25.04.2024<br>3. NLC/CBA/MAL/TL-109, Dt 02.09.2025 |
| 4 | 63 | Ramesh Biswal, Umesh Biswal, Kakeya Biswal, Manda Biswal, Hemala Biswal, Banta Biswal S&D/o. Khageshwar Biswal, Revati Padhan, Janak Khamari D/o. Parmeshwar Sahu, Padmalochan Sahu, Kripa Sahu S/o. Laxman Sahu, Parakshit Sahu S/o. Hari Sahu, Caste-Kuluta, Vill-Nijgaon | 5.69 | 1. NLC/CBA/MAL/TL-194, Dt 04.04.2024<br>2. NLC/CBA/MAL/TL-194, Dt 02.09.2025 |
| 5 | 70 | Sankar sahu S/o. Ganeswar Sahu, Hara Sahu W/o. Ganeswar Sahu, Padmalabh Sahu, Parmananda Sahu, Debananda sahu S/o. Shyam Sahu Caste-Kuluta Vill-Malda | 3.79 | 1. NLC/CBA/MAL/TL-200, Dt 26.10.2022<br>2. NLC/CBA/MAL/TL-200, Dt 25.04.2024 |
| 6 | 11 | Nilamadhab Singh S/o. Udit Pratap Singh Chandrakanti Singh Shantilata Singh Madana Rout D/o. Prabhas Chandra Singh Kantibai Singh W/o. Jagat Mohan Singh Rohit Kumar Singh Radha Ballav Singh Basant Manjari Sai Satyamanjari Rai Santosini Patra Padmani Sai S&D/o. Jagat Mohan Singh Amarendra Singh Pintu Singh S/o. Late Goura Singh Badi Singh Netra Singh D/o. Late Tulsa Singh Gomati Singh W/o. Late Ratan Singh Sunil Singh Mina Singh Mamata Singh S&D/o. Late Ratan Singh Abindra Naik Jagannath Naik Tilottama Naik Rajkumari Naik S&D/o. Late Gabakshya Singh Jaswant Singhdeo Amresh Kumar Singhdeo S/o. Gour Chandra Singhdeo Mohan Thakur Sabitri Chandel Binapani Sekhardeo Godabari Singh Pankajini Rai Anjali Singh S&D/o. Dharmasingh Thakur Mohan Singh Jogendra Kumar Singh Rajkumari Thakur Ahalya Sai S&D/o. Biswambar Singh Bipin Singh Aluri Singh Rasmidev Singh S/o. Purusottam Singh Bijay Kumar Singh Gitanjali Sekhar Deo S&D/o. Purna Chandra Singh Pankajini Singh W/o. Mahar Singh Nayan Singh Jagruti Singh S&D/o. Mahar Singh Narendra Singh Lili Singh Mili Singh Mamata Singh Boby Singh Pankajini Singh S&D/o. Bipin Singh Saranga Rai Surendra Rai Dilip Kumar Rai Sairendra Chandel S&D/o. Dolagobinda Rai Uchit Singh Satyanarayan Singh Mukesh Singh Arnapurna Patra S&D/o. Banabihari Singh Labanga Singh W/o. Anta Singh Pancham Singh S/o. Anta Singh Nabin Baghel Premjit Baghel S/o. Dubraj Baghel Caste- Rajput Village- Malda | 13.96 | 1. NLC/CBA/MAL/TL-154, Dt 26.10.2022<br>2. NLC/CBA/MAL/TL-154, Dt 25.04.2024<br>3. NLC/CBA/MAL/TL-154, Dt 02.09.2025 |
| 7 | 77/26 | Dambarudhar Seth S/o. Hari Seth Caste-Kuet Vill-Malda | 0.50 | 1. NLC/CBA/MAL/TL-227, Dt 26.10.2022<br>2. NLC/CBA/MAL/TL-227, Dt 25.04.2024 |
| 8 | 25 | Ghasia Thakur, Gokula Thakur, S/o. Bharat Thakur, Ranjit Singh, Puspabati Rai, S&D/o. Bhagirathi Thakur, Jangyaseni Thakur W/o. Anirudh Thakur, Tejraj Singh, Mathura Singh, Hira Singh, S/o. Anirudh Thakur, Dhanu Thakur, S/o. Harsha Thakur, Laiban Thakur, W/o. Aintha Thakur, Raibari Thakur, Buduni Thakur, Alura Thakur, D/o. Aintha Thakur, Shyam Sundar Singh, Janardan Singh, Ghasian Singh, Pakala Singh, S/o. Jadunath Singh, Malati Singh, W/o. Jadunath Singh, Caste-Rajput, Vill-Malda | 4.44 | 1. NLC/CBA/MAL/TL-171, Dt 26.10.2022<br>2. NLC/CBA/MAL/TL-171, Dt 25.04.2024<br>3. NLC/CBA/MAL/TL-171, Dt 02.09.2025 |
| 9 | 26 | Ghasia Thakur, Gokul Thakur, Chhelien Thakur S&D/o. Bharat Thakur, Padmavati Thakur W/o. Bharat Thakur, Phulei Thakur D/o. Chhelia Thakur, Laxmi Thakur, Shukru Thakur S/o. Kushal Thakur ,Caste-Rajput,Vill-Nijgaon | 3.67 | NLC/CBA/MAL/TL-172, Dt 13.11.2025 |
| 10 | 77/15 | Padmanabh Sahu S/o. Shyam Sahu Caste-Kulta Vill-Malda | 0.22 | 1. NLC/CBA/MAL/TL-219, Dt 26.10.2022<br>2. NLC/CBA/MAL/TL-219, Dt 25.04.2024 |
| 11 | 77/22 | Basumati singh W/o. Laxman Singh, Rupanarayan Singh S/o. Laxman Singh Caste-Rajput Vill-Malda | 0.18 | 3. NLC/CBA/MAL/TL-224, Dt 26.10.2022<br>4. NLC/CBA/MAL/TL-224, Dt 25.04.2024 |
| 12 | 3 | Ainthha Padhan, Hira Padhan, Hiran Padhan, Upasi Padhan S/o. Bhakti Padhan, Rukuni Padhan W/o. Bhakti Padhan, Bhagat Padhan S/o. Judhistir Padhan, Subakeshi Padhan W/o. Judhistir Padhan, Saita Barik W/o. Satrighna Barik, Caste-Kulta, Village-Malda. | 4.92 | 1. NLC/CBA/MAL/TL-164, Dt 26.10.2022<br>2. NLC/CBA/MAL/TL-164, Dt 25.04.2024<br>3. NLC/CBA/MAL/TL-164, Dt 02.09.2025 |
| 13 | 77/143 | Sanatan Ganda, Gharjogi Ganda, Gharamani Ganda, Budhuram Ganda, Laxmi Ganda S/o. Makhanu Ganda Caste-Ganda Vill-Malda | 4.53 | 1. NLC/CBA/MAL/TL-136, Dt 16.06.2021<br>2. NLC/CBA/MAL/TL-136, Dt 25.04.2024 |
| 14 | 61 | Chaitan Seth, Khetra Seth, Rathraj Seth, Sakuntala Seth S&D/o. Munu Seth, Brushav Deheri S/o. Fakir Deheri, Mati Seth D/o. Nilamani Seth, Abhin Seth, Pradip Pandey, Bhumi Barik, Sarojini Dansana S&D/o. Dutiachand Dansana, Suren Kalo, Linga Kalo, Bhumita Kalo, Susama Kalo S&D/o. Nirakar Kalo, Dambarudhar Seth S/o. Hari Seth, Premananda Behera S/o. Bighneswar Behera, Caste-Keut, Village-Malda. | 0.77 | 1. NLC/CBA/MAL/TL-156, Dt 26.10.2022<br>2. NLC/CBA/MAL/TL-156, Dt 25.04.2024<br>3. NLC/CBA/MAL/TL-156, Dt 02.09.2025 |
| 15 | 12 | Nilamadhab Singh S/o. Udit Pratap Singh, Chandrakanti Singh, Shantilata Singh, Madana Rout D/o. Prabhas Chandra Singh, Kantibai Singh W/o. Jagat Mohan Singh, Rohit Kumar Singh, Radha Ballav Singh, Basant Manjari Sai, Satyamanjari Rai, Santosini Patra, Padmani Sai S&D/o. Jagat Mohan Singh, Amarendra Singh, Pintu Singh S/o. Late Goura Singh, Badi Singh, Netra Singh D/o. Late Tulsa Singh, Gomati Singh W/o. Late Ratan Singh, Sunil Singh, Mina Singh, Mamata Singh S&D/o. Late Ratan Singh, Abindra Naik, Jagannath Naik, Tilottama Naik, Rajkumari Naik S&D/o. Late Gabakshya Singh, Jaswant Singhdeo, Amresh Kumar Singhdeo S/o. Gour Chandra Singhdeo, Mohan Thakur, Sabitri Chandel, Binapani Sekhardeo, Godabari Singh, Pankajini Rai, Anjali Singh S&D/o. Dharmasingh Thakur, Mohan Singh, Jogendra Kumar Singh, Rajkumari Thakur, Ahalya Sai S&D/o. Biswambar Singh, Bipin Singh, Aluri Singh, Rasmidev Singh S/o. Purusottam Singh, Bijay Kumar Singh, Gitanjali Sekhar Deo S&D/o. Purna Chandra Singh, Pankajini Singh W/o. Mahar Singh, Nayan Singh, Jagruti Singh S&D/o. Mahar Singh, Narendra Singh, Lili Singh, Mili Singh, Mamata Singh, Boby Singh, Pankajini Singh S&D/o. Bipin Singh, Saranga Rai, Surendra Rai, Dilip Kumar Rai, Sairendra Chandel S&D/o. Dolagobinda Rai, Uchit Singh, Satyanarayan Singh, Mukesh Singh, Arnapurna Patra S&D/o. Banabihari Singh, Labanga Singh W/o. Anta Singh, Pancham Singh S/o. Anta Singh, Nabin Baghel, Premjit Baghel S/o. Dubraj Baghel, Prasadi Singh, Nishikanta Singh S/o. Narayan Singh, Judhistir Singh, Debaki Singh S&D/o. Laba Singh, Kunjalata Singh W/o. Kusha Singh, Ganesh Singh, Snehalata Singh, Bisakha Singh S/o. Kusha Singh, Jangya Singh W/o. Late Sankhya Singh, Amulya Singh, Jogendra Singh, Susanta Singh, Medini Rai, Dasami Singh S&D/o. Sankhya Singh, Tapaswini Singh W/o. Jhasketan Singh, Hrudananda Singh, Sachidananda Singh, Padmalaya Patra, Chandrama Deb, Indrani Dich S&D/o. Jhasketan Singh, Kunubui Singh W/o. Harekrushna Singh, Kshirod Singh, Subod Singh, Raukman Singh, Soudamini Chinda S&D/o. Harekrushna Singh, Jagyaswini Singh W/o. Chhadananda Singh, Binapani Chandel D/o. Chhadananda Singh, Raghunandan Singh, Rudra Singh, Jagyasini Singh, Tapaswini Singh S&D/o. Sagar Singh, Ratnakar Singh, Madan Mohan Singh, Jogeswar Singh, Ganga Ray S&D/o. Chaitanya Singh, Gulabati Singh W/o. Kahnei Singh, Girish Singh, Sunafula Singh, Kena Singh, Gura Singh S&D/o. Prasadi Singh, Minaketan Singh, Puspa Singh, Sabita Singh S&D/o. Surendra Singh, Jenamani Baghel D/o. Fakirmohan Singh, Caste-Rajput, Village-Malda | 11.93 | 1. NLC/CBA/MAL/TL-155, Dt 26.10.2022<br>2. NLC/CBA/MAL/TL-155, Dt 25.04.2024<br>3. NLC/CBA/MAL/TL-155, Dt 02.09.2025 |
| 16 | 66 | Satyananda Kisan, Chika Kisan, Kedar Kisan S/o. Laba Kisan, Caste-Kisan, Vill-Malda | 0.36 | 1. NLC/CBA/MAL/TL-196, Dt 26.10.2022<br>2. NLC/CBA/MAL/TL-196, Dt 25.04.2024<br>3. NLC/CBA/MAL/TL-196, Dt 02.09.2025 |
| 17 | 44 | Nike Kisan W/o. Purusottam Kisan Rameswar Kisan S/o. Purusottam Kisan Bala Kisan W/o. Mudu Kisan Baiju Kisan Kusha Kisan Parakhit Kisan S/o. Mudu Kisan Jatanga Kisan S/o. Madha Kisan Daimati Kisan W/o. Kastu Kisan Ghasian Kisan S/o. Uday Kisan Thakur Kisan Lochan Kisan Nila Kisan S/o. Suru Kisan Gurubari Kisan W/o. Suru Kisan Malati Kisan Sushila Kisan Subarna Kisan S&D/o. Juga Kisan Caste-Kisan Vill-Malda. | 16.53 | 1. NLC/CBA/MAL/TL-181, Dt 26.10.2022<br>2. NLC/CBA/MAL/TL-181, Dt 25.04.2024<br>3. NLC/CBA/MAL/TL-181, Dt 02.09.2025 |
| 18 | 77/313 | Ramakrishna Kaudi S/o. Bidesi Kaudi, Caste-Gauda, R/o. Tilleimal, Ps-Thelkoloi, Dist-Sambalpur | 0.10 | 1. NLC/CBA/MAL/TL-168G, Dt 04.04.2024 |
| 19 | 10 | Nilamadhab Singh S/o. Udit Pratap Singh, Chandrakanti Singh, Shantilata Singh, Madana Rout D/o. Prabha Chandra Singh, Kantibai Singh W/o. Jagat Mohan Singh, Rohit Kumar Singh, Radha Ballav Singh, Basant Manjari Sai, Satyamanjari Rai, Santosini Patra, Padmani Sai S&D/o. Jagat Mohan Singh, Gomati Singh W/o. Late Ratan Singh, Sunil Singh, Mina Singh, Mamata Singh S&D/o. Late Ratan Singh, Abindra Naik, Jagannath Naik, Tilottama Naik, Rajkumari Naik S&D/o. Late Gabakhsya Singh, Jaswant Singhdeo, Amaresh Kumar Singhdeo S/o. Gour Chandra Singhdeo, Badi Singh, Netra Singh D/o. Late Tulsa Singh, Caste-Rajput, Village-Malda. | 8.47 | 1. NLC/CBA/MAL/TL-153, Dt 26.10.2022<br>2. NLC/CBA/MAL/TL-153, Dt 25.04.2024<br>3. NLC/CBA/MAL/TL-153, Dt 02.09.2025 |
| 20 | 65 | Lachhaman Kisan S/o. Bade Kisan, Dubaraj Kisan, Purna Kisan S/o. Ujal Kisan, Kati Kisan S/o. Bhutulu Kisan, Munu Kisan S/o. Bita Kisan, Pala Kisan W/o. Ghutur Kisan, Caste-Kisan, Vill-Malda. | 9.66 | 1. NLC/CBA/MAL/TL-195, Dt 26.10.2022<br>2. NLC/CBA/MAL/TL-195, Dt 25.04.2024<br>3. NLC/CBA/MAL/TL-195, Dt 02.09.2025 |
| 21 | 77/125 | Surath Kisan, Krushna Kisan S/o. Kshetra Kisan, Sudarsan Kisan, Bighneswar Kisan S/o. Dubraj Kisan, Caste-Kisan, Vill-Malda | 1.73 | 1. NLC/CBA/MAL/TL-130, Dt 16.06.2021<br>2. NLC/CBA/MAL/TL-130, Dt 25.04.2024<br>3. NLC/CBA/MAL/TL-130, Dt 02.09.2025 |
| 22 | 77/11 | Gula Kisan, Bipin Kisan S/o. Kusha Kisan, Caste-Kisan, Vill-Malda | 0.31 | 1. NLC/CBA/MAL/TL-216, Dt 26.10.2022<br>2. NLC/CBA/MAL/TL-216, Dt 25.04.2024<br>3. NLC/CBA/MAL/TL-216, Dt 02.09.2025 |
| 23 | 79 | Nila Gond S/o. Pandu Gond, Benudhar Bhoi S/o. Kanhu Charan Bhoi Vill-Lapanga, PS-Katarbaga, Tulsa Gond, Usha Gond S/o. Somanath Gond, Ganen Gond, Arani Gond S/o. Budhu Gond, Caste-Gond, Vill-Malda | 23.66 | 1. NLC/CBA/MAL/TL-206, Dt 26.10.2022<br>2. NLC/CBA/MAL/TL-206, Dt 25.04.2024<br>3. NLC/CBA/MAL/TL-206, Dt 02.09.2025 |
| 24 | 31 | Ganen Neti, Arani Dhurua, S&D/o. Budha Dhurua, Bimbadhar Dhurua, S/o. Jayasingh Dhurua, Binodini Dhurua, Dutia Dhurua, Ratan Dhurua, Ambika Dhurua, Madhabi Dhurua, Gendi Dhurua, Sapna Dhurua, Rukman Dhurua, Binod Dhurua, S&D/o. Kumar Dhurua, Souki Bariha, Laxmi Bariha, Sunil Bariha, Rina Bariha, S&D/o. Chandrasekhar Bariha, Caste-Gond, Vill-Malda. | 4.47 | 1. NLC/CBA/MAL/TL-174, Dt 26.10.2022<br>2. NLC/CBA/MAL/TL-174, Dt 25.04.2024<br>3. NLC/CBA/MAL/TL-174, Dt 02.09.2025 |

Therefore, it is hereby informed that: -

1. Several notices have been issued to the recorded tenants mentioned above for receiving approved land compensations of respective khata number, area and compensation amounts stated in the above table against the details mentioned in the respective notices served. However, no documents have been submitted and not received payment so far from NLC India Limited.

2. Now, the work of the Railway & CHP corridor has started, which passes through your above-mentioned land, and NLCIL is ready to pay the compensation for land.

3. Hence, it is once again requested to all recorded tenants stated above to visit NLC India Limited, Site Office at MFA, Khinda Village, Rengali Tahsil, Sambalpur District within 07 days from the publication date of this Final Notice, with all the requisite documents for receiving compensation, failing which NLC India Limited is constrained to take appropriate actions in accordance with the Coal Bearing Areas (Acquisition and Development) Act – 1957 in respect of the above-said acquired land.

4. This may be treated as 'FINAL NOTICE'.

Sd/-
**Land Acquisition Officer/ Talabira II & III OCP**
**NLC India Limited**

# ଧାମନଗରରେ ବାଂଲାଦେଶୀ ଯାଞ୍ଚ

ଧାମନଗର,୨୮।୧୧ (ଦେବେନ୍ଦ୍ର ଆନ୍ଦିଆ)

ଭଦ୍ରକ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଧାମନଗର ପୋଲିସ ପକ୍ଷରୁ ଗୁରୁବାର ଧାମନଗର ଅଞ୍ଚଳରେ ବାଂଲାଦେଶୀ ଯାଞ୍ଚ କରାଯାଇଛି। ଏସ୍‌ଆଇ ନାରାୟଣ ନାୟକଙ୍କ ନେତୃତ୍ୱରେ ପୋଲିସ ଟିମ୍ ହବିବନଗର, ମୁଲନାସାହି, ଜଗତି, ଶ୍ୟାମପୁର, ବଜାରସାହି ଅଞ୍ଚଳ ଓ ସମ୍ବେଦନଶୀଳ ଗ୍ରାମର ଘର ଘର ବୁଲି ରହୁଥିବା ଅପରିଚିତ ବ୍ୟକ୍ତିଙ୍କ ପରିଚୟ ଯାଞ୍ଚ କରିଛି। ଭୋଟର କାର୍ଡ, ଆଧାର କାର୍ଡ, ପରିବାର ସଦସ୍ୟଙ୍କ ରେସିଡେନ୍ସ ପ୍ରମାଣପତ୍ରର ସତ୍ୟତା ଯାଞ୍ଚ କରିଥିଲା ଟିମ୍। ହବିବନଗର ଅଞ୍ଚଳରୁ ୧୨ଜଣଙ୍କୁ ସନ୍ଦେହ କରାଯାଇଥିଲା। ସେମାନେ ପଶ୍ଚିମବଙ୍ଗ ଓ ମୁର୍ଶିଦାବାଦ ଅଞ୍ଚଳରୁ ଆସି ଏଠାରେ ଭଡ଼ାରେ ରହି ମସାରି, ବେଡ୍‌ସିଟ୍ ଧରି ଗ୍ରାମାଞ୍ଚଳ ବୁଲି ବେପାର କରିଥାନ୍ତି। ପୋଲିସ କହିବାନୁଯାୟୀ ସେମାନେ ୩ ମାସ ଆସି ଧାମନଗରରେ ବେପାର କରି ପୁଣି ନିଜ ଅଞ୍ଚଳକୁ ଫେରିଯାଆନ୍ତି। ଏହାବ୍ୟତୀତ ଧାମନଗରସ୍ଥିତ ଖାନ୍‌କା ସରିଫ ଅଞ୍ଚଳରେ ମାନସିକ ପୂରଣ ପାଇଁ କେତେଜଣ ରହୁଛନ୍ତି। ସେମାନେ ଓଡିଶାର ହୋଇଥିବା ବେଳେ ଦୁଇଜଣ ପଶ୍ଚିମବଙ୍ଗର ବୋଲି ଜଣାପଡ଼ିଛି।

# ଧାନ ସୁରକ୍ଷା ଚିନ୍ତା: ନଦୀରେ ବନ୍ଧ ବାନ୍ଧିଲେ ଲୋକେ

## ଆଡ଼ିବନ୍ଧ ନ ଥିବାରୁ ଉପୁଜୁଛି ସମସ୍ୟା

ତିହିଡ଼ି,୨୮।୧୧(ସଞ୍ଜିତ ବଳ)

ଜୁଆର ପାଣି ମାଡ଼ିଲେ ଧାନ ଫସଲ ନଷ୍ଟ ହୋଇଯିବ। ଏଣୁ ପାଚିଲା ଧାନକୁ ସୁରକ୍ଷିତ ରଖିବା ପାଇଁ ଗ୍ରାମବାସୀ ପ୍ରତିବର୍ଷ ଏଭଳି ନଦୀରେ ବନ୍ଧ ବାନ୍ଧୁଛନ୍ତି। ତିହିଡ଼ି ବ୍ଲକର ଶ୍ୟାମସୁନ୍ଦରପୁର ପଞ୍ଚାୟତ ଅଧୀନ ତଳଦୁମୁକା ଗ୍ରାମର ଅଧିବାସୀ ପ୍ରତିବର୍ଷ ଏଭଳି ହଂସଦିଆ ନଦୀରେ ବନ୍ଧ ପକାଉଥିବା ବେଳେ ଚଳିତବର୍ଷ ଗୁରୁବାରଠାରୁ ଆରମ୍ଭ କରିଛନ୍ତି। ନଦୀର ଆଡ଼ିବନ୍ଧ ନ ଥିବାରୁ ଗତ କିଛିବର୍ଷ ହେଲା ଗ୍ରାମବାସୀ ମିଳିତ ଉଦ୍ୟମରେ ଏହି କାର୍ଯ୍ୟ କରିଆସୁଛନ୍ତି। ସେମାନେ ବିଭିନ୍ନ ସମୟରେ ଏ ସମ୍ପର୍କରେ ସାଳନ୍ଦୀ ଜଳସେଚନ ବିଭାଗ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଆସୁଥିଲେ ମଧ୍ୟ କୌଣସି ସୁଫଳ ନ ପାଇବାରୁ ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ସେମାନେ ନିରୁପାୟ ହୋଇ ଏ ସମ୍ପର୍କରେ ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଦୃଷ୍ଟି ଆକର୍ଷଣ କରି ପ୍ରତିକାର ବ୍ୟବସ୍ଥା ପାଇଁ ନିବେଦନ କରିଥିଲେ। ମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ବିଭାଗୀୟ ଅଧିକାରୀମାନେ ଏହାର କ୍ଷେତ୍ରୀୟ ତଦନ୍ତ କରି ସ୍ଥିତି



ହଂସଦିଆ ନଦୀରେ ବନ୍ଧ ପକାଉଛନ୍ତି ଗ୍ରାମବାସୀ।

ଅନୁଧ୍ୟାନ କରିଥିଲେ। ତଳଦୁମୁକାଠାରୁ ଈଶ୍ୱରପୁର ପର୍ଯ୍ୟନ୍ତ ନଈରେ ଆଡ଼ିବନ୍ଧ ଓ ସ୍ଲୁଇସ୍ ଗେଟ୍ ନିର୍ମାଣ ହେବାର ପ୍ରସ୍ତାବ ଥିଲେ ମଧ୍ୟ ଏଯାଏ କୌଣସି ପଦକ୍ଷେପ ନିଆଯାଇ ନାହିଁ। ଏଣୁ ଚଳିତବର୍ଷ ହୋଇଥିବା ଖରିଫ ଧାନଚାଷକୁ ସୁରକ୍ଷିତ ରଖିବାକୁ ଗ୍ରାମବାସୀ ନଦୀରେ ବନ୍ଧ ବାନ୍ଧୁଛନ୍ତି।

ସାଳନ୍ଦୀର ଶାଖା ଗେଙ୍ଗୁଟି ନଦୀର ଶାଖା ହଂସଦିଆ ନଈ ଶ୍ୟାମସୁନ୍ଦରପୁର ପଞ୍ଚାୟତ ମଧ୍ୟଦେଇ ପ୍ରବାହିତ ହୋଇଛି। ନଈରେ ଜୁଆର ଆସିଲେ ଧାନକ୍ଷେତରେ ପାଣି ପଶି କ୍ଷତି ଘଟାଇଥାଏ। ଏବେ ଧାନ କଟା ଆରମ୍ଭ ହୋଇଛି। ଏବେଠୁ ନଦୀରେ ବନ୍ଧ ନ ପକାଇଲେ ଧାନ କାଟିବା ସମ୍ଭବ ହେବନାହିଁ। ଏପରିକି ନଈର ଜୁଆର ପାଣିରେ ଧାନ ଫସଲ ନଷ୍ଟ ହେବାର ଆଶଙ୍କା ରହିଛି। ଗ୍ରାମର ୩ଶହରୁ ଉର୍ଦ୍ଧ୍ୱ ପରିବାର ବନ୍ଧ ବାନ୍ଧିବା କାର୍ଯ୍ୟ ଆରମ୍ଭ କରିଥିବା ବେଳେ ୭ଦିନ ଧରି ଏହା ଚାଲିବ ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି। ଆର୍ତ୍ତବନ୍ଧୁ ଖିଲାର, ଶରତ ନାୟକ, ଦୀନବନ୍ଧୁ ଖିଲାର, ବେଣୁଧର ଦାସ, ଅଭିରାମ ନାୟକ, ଦାଶରଥି ନାୟକ, ଯୋଗେଶ ଚନ୍ଦ୍ର ନାୟକ, ଦାଶରଥି ବିଶ୍ୱାଳ, ଅଙ୍କୁର ଖଟୁଆ, ସୁରେଶ ଓଝା, ଗୋବିନ୍ଦ ଖଟୁଆ, ସୁଦର୍ଶନ ପଣ୍ଡା, ଅରୂପାନନ୍ଦ ଖିଲାର, ଉମାକାନ୍ତ ଦାସ ପ୍ରମୁଖ ଗ୍ରାମବାସୀ ନେତୃତ୍ୱ ନେଇଛନ୍ତି।

# ଯୋଗଦେଲେ ନୂତନ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ



ନୂତନ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମଧୁସ୍ମିତା ମହାପାତ୍ରଙ୍କୁ ସ୍ୱାଗତ କରାଯାଉଛି।

ଭଦ୍ରକ,୨୮।୧୧(ସନାତନ ରାଉତ/ରବିନାରାୟଣ ଖିଲାର)

ସରକାରଙ୍କ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଆଦେଶ ସଂଖ୍ୟା ୧୭୬୦୪ ତା ୨୫।୧୧।୨୫ ଅନୁଯାୟୀ ନିଯୁକ୍ତି ପାଇଥିବା ଭଦ୍ରକର ନୂତନ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମଧୁସ୍ମିତା ମହାପାତ୍ର ଶୁକ୍ରବାର କାର୍ଯ୍ୟରେ ଯୋଗ ଦେଇଛନ୍ତି। ସେ ଜିଲାପାଳଙ୍କ ନିକଟରେ ଯୋଗଦାନ କରିବା ପରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଦାୟିତ୍ୱରେ ଥିବା ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ ତାଙ୍କୁ ଜିଲାର ସ୍ଥିତି ସମ୍ପର୍କରେ ଅବଗତ କରିବା ସହ ଦାୟିତ୍ୱ ବିଷୟରେ ବୁଝାଇଥିଲେ। ପୂର୍ବତନ ଅଧିକାରୀ ରମେଶ ଚନ୍ଦ୍ର ନାୟକଙ୍କ ଅବସର ପରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପଦବୀ ଗତ ଏପ୍ରିଲରୁ ଖାଲି ରହିଥିଲା। ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟର କର୍ମଚାରୀ ଲିସାରାଣୀ ରାଉତ, ମିନାକ୍ଷୀ ଗରାବଡୁ ଓ ପ୍ରଫୁଲ୍ଲ ଦାସ ନୂତନ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କୁ ସ୍ୱାଗତ କରିଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶ ଅନୁଯାୟୀ ସମସ୍ତ କାର୍ଯ୍ୟ ତୁଲାଇବେ ବୋଲି ସେ କହିଛନ୍ତି।

# ବକେୟା ମିଳି ନ ଥିବାରୁ କ୍ୱାର୍ଟର୍ସ ଛାଡ଼ିଲେନି ଜଗୁଆଳି



ଅଧିକାରୀ ଉଚ୍ଛେଦ କରିବାକୁ ଯାଇଥିବା ସମୟରେ ଲୋକଙ୍କ ଭିଡ଼ ଜମିଛି।

ଚାନ୍ଦବାଲି, ୨୮।୧୧ (କିଷାନ ପାତ୍ର)

ଚାନ୍ଦବାଲି କନିକା କଲୋନୀସ୍ଥିତ ସରକାରୀ କ୍ୱାର୍ଟର୍ସ ଉଚ୍ଛେଦ କରିବାକୁ ଶୁକ୍ରବାର ଯାଇଥିବା ଜଳସମ୍ପଦ ବିଭାଗ ଓ ତହସିଲ ପ୍ରଶାସନ ଲୋକଙ୍କ ଆକ୍ରୋଶର ଶିକାର ହୋଇ ପଛକୁ ଫେରିବାକୁ ବାଧ୍ୟ ହୋଇଛି। ବକେୟା ପାରିଶ୍ରମିକ ମିଳି ନ ଥିବାରୁ ଜଗୁଆଳି ଘର ଛାଡ଼ି ନାହାନ୍ତି। ଜଳସମ୍ପଦ ବିଭାଗରେ ଜଗୁଆଳି ଅଭିଷେକ ପ୍ରିୟଦର୍ଶୀ ଜ୍ୟେଷ୍ଠି ୨୦୨୩ରେ ନିଯୁକ୍ତ ହୋଇ କନିକା କଲୋନୀର ସରକାରୀ କ୍ୱାର୍ଟର୍ସରେ ପରିବାର ସହ ରହୁଥିଲେ। ବିଭାଗ ପକ୍ଷରୁ ଏହି କ୍ୱାର୍ଟର୍ସକୁ ବିପଦପୂର୍ଣ୍ଣ ଘୋଷଣା କରି ଭଙ୍ଗାନ ନିର୍ଦ୍ଦେଶିତ କରାଯାଇଛି। ଅଭିଷେକଙ୍କ ଅଭିଯୋଗ ଯେ, ସେ ଜଗୁଆଳି ଭାବେ କାମ କଲେ ମଧ୍ୟ ଆଜିପର୍ଯ୍ୟନ୍ତ ପାରିଶ୍ରମିକ ପାଇନାହାନ୍ତି। ଏନେଇ ସେ ଚାନ୍ଦବାଲି ଥାନାରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସମାଧାନ ହୋଇନାହିଁ। ଏହି ପରିସ୍ଥିତିରେ ଜଳସମ୍ପଦ ବିଭାଗର ଏସ୍‌ଡିଓ ସୁରଜ ମଲ୍ଲିକ, ଆସିଷ୍ଟାଣ୍ଟ ଇଞ୍ଜିନିୟର ସୌଭାଗ୍ୟ ତରାଇ, ତହସିଲ ପକ୍ଷରୁ ଅତିରିକ୍ତ ତହସିଲଦାର ଡଲିମଣୀ ଟୁଡୁ ଓ ପୋଲିସ କ୍ୱାର୍ଟର୍ସକୁ ଦଖଲମୁକ୍ତ କରିବାକୁ ଯାଇଥିଲେ। କିନ୍ତୁ ଅଭିଷେକଙ୍କ ବକେୟା ପାରିଶ୍ରମିକ ପୂରା କରାଯାଉ ବୋଲି ଲୋକଙ୍କ ଦାବି ଜୋର୍‌ଦାର ହେବାରୁ ପ୍ରଶାସନକୁ ଫେରିବାକୁ ପଡ଼ିଛି। ବକେୟା ପାରିଶ୍ରମିକ ଦିଆଯିବା ପରେ ସେ କ୍ୱାର୍ଟର ଛାଡ଼ିବେ ବୋଲି ଅଭିଷେକ ସ୍ପଷ୍ଟ କରିଛନ୍ତି। ଜନସାଧାରଣ ମଧ୍ୟ ଏହାକୁ ସମର୍ଥନ କରିବାରୁ ଉଚ୍ଛେଦ କାର୍ଯ୍ୟ ପୂରା ବନ୍ଦ ହୋଇଯାଇଛି। ଏହି ଅଞ୍ଚଳରେ ପ୍ରାୟ ୪ ଘଣ୍ଟା ଧରି ଅସନ୍ତୋଷ ପରିସ୍ଥିତି ସୃଷ୍ଟି ହୋଇଥିଲା। ପରେ ସ୍ଥାନୀୟ ବୁଦ୍ଧିଜୀବୀ, ପ୍ରଶାସନ ଓ ଉଭୟ ପକ୍ଷ ମିଶି ବିଚାର ବିମର୍ଶ କରି ଶେଷ ନିଷ୍ପତ୍ତି ନେବାକୁ ଠିକ୍ ହୋଇଛି। ସୂଚନାଥାଉ କି, ଏସ୍‌ଡିଓ ଗତ ସେପ୍ଟେମ୍ବର ୭ରେ ଜଗୁଆଳି ଅଭିଷେକଙ୍କ ମା’ ଓ ତାଙ୍କ ପରିବାରକୁ ଗାଳିଗୁଲଜ କରିଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ଏସ୍‌ଡିଓଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଅଭିଷେକ ଏସ୍‌ପି ଓ ପୂର୍ବାଞ୍ଚଳ ଡିଆଇଜିଙ୍କୁ ପତ୍ର ଲେଖିଥିଲେ।

# ଶୂନ ମୃତାହତ ପକ୍ଷ ଉପଲକ୍ଷେ ସାଇକେଲ ଶୋଭାଯାତ୍ରା

ଭଦ୍ରକ,୨୮।୧୧(ସନାତନ ରାଉତ)

ସଡ଼କ ସୁରକ୍ଷା ସପ୍ତାହ ପାଳନ ଅବସରରେ ଶୂନ ମୃତାହତ ପକ୍ଷ ପାଳନ ଉପଲକ୍ଷେ ଭଦ୍ରକ ଜିଲା ପ୍ରଶାସନ ଓ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ଶୁକ୍ରବାର ସକାଳ ୭ଟା ୩୦ରେ ସାଇକେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରୁ ଆରମ୍ଭ ହୋଇଥିବା ଶୋଭାଯାତ୍ରାକୁ ଜିଲାପାଳ ଦିଲୀପ ରାଉତରାଏ ଉଦ୍‌ଘାଟନ କରିବା ସହ ନିଜେ ମଧ୍ୟ ସାଇକେଲ ଚଲାଇ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଶୋଭାଯାତ୍ରା ପ୍ରାରମ୍ଭରେ ସଡ଼କ ସୁରକ୍ଷା ନିୟମ ମାନି ଗାଡ଼ି ଚଳାଇବା, ଗାଡ଼ି ଚଳାଇବା ସମୟରେ ମୋବାଇଲ ବ୍ୟବହାର ନ କରିବା, ଚାରିଚକିଆ ଯାନରେ ସିଟ୍‌ବେଲ୍ଟ ବ୍ୟବହାର, ବାଇକ୍ ଚଲାଇବା ବେଳେ ହେଲ୍‌ମେଟ୍ ପିନ୍ଧିବା ଆଦି ବିଭିନ୍ନ ଦିଗକୁ ଧ୍ୟାନ ଦେବା ସହ ସଚେତନ



ଜିଲାପାଳ ଦିଲୀପ ରାଉତରାଏ ଓ ଅତିରିକ୍ତ ଏସ୍‌ପି ଅଂଶୁମାନ ଦ୍ୱିବେଦୀ ସାଇକେଲ ଶୋଭାଯାତ୍ରାରେ ସାମିଲ ହୋଇଛନ୍ତି।

ରହିଲେ ଦୁର୍ଘଟଣାକୁ ରୋକାଯାଇ ପାରିବ। ଏହାଦ୍ୱାରା ଶୂନ ମୃତାହତ ପକ୍ଷ ପାଳନର ଉଦ୍ଦେଶ୍ୟ ପୂରଣ ହୋଇପାରିବ ବୋଲି ଜିଲାପାଳ କହିଥିଲେ। ଉପଜିଲାପାଳ ସୌରଭ ଚକ୍ରବର୍ତ୍ତୀ, ଅତିରିକ୍ତ ଏସ୍‌ପି ଅଂଶୁମାନ ଦ୍ୱିବେଦୀ, ସଡ଼କ ସୁରକ୍ଷା କମିଟିର ସଭ୍ୟ ଅତିଶ ବେହେରା ଶୋଭାଯାତ୍ରାରେ ଯୋଗ ଦେଇଥିବା ବେଳେ ଏନ୍‌ସିସି କ୍ୟାଡେଟ୍ ଓ ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ର ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଭଦ୍ରକ ଟାଉନ ହଲ୍‌ଠାରେ ଶୋଭାଯାତ୍ରା ଶେଷ ହୋଇଥିଲା।

# ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡ଼ା

ଧାମନଗର,୨୮।୧୧ (ଦେବେନ୍ଦ୍ର ଆନ୍ଦିଆ)

ଧାମନଗର ବ୍ଲକର ଦେହୁଡ଼ି ଆନନ୍ଦପୁର ପଞ୍ଚାୟତସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୩୦ତମ ବାର୍ଷିକ କ୍ରୀଡ଼ା ଉତ୍ସବ ମଙ୍ଗଳବାର ଓ ବୁଧବାର ଦୁଇଦିନ ଧରି ବିଦ୍ୟାଳୟ ଖେଳପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଜଗନ୍ନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ଦୋଳଗୋବିନ୍ଦ ବେହେରା ଯୋଗଦେଇ ଶୁଭାରମ୍ଭ କରିଥିଲେ। ପ୍ରଧାନଆଚାର୍ଯ୍ୟ ନିରାକାର ଦାଶଙ୍କ ସଂଯୋଜନାରେ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ସମ୍ପାଦକ ଗଦାଧର ସାହୁ, ସହସମ୍ପାଦକ ଦେବେନ୍ଦ୍ର ସାହୁ, ଉପସଭାପତି ଗୋପାଳ ଚନ୍ଦ୍ର ବେହେରା ଓ କୋଷାଧ୍ୟକ୍ଷ ପ୍ରତାପ କୁମାର ଆନ୍ଦିଆ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଛାତ୍ରମାନେ ମାନଲାପୁରସ୍ଥିତ ମଙ୍ଗଳା ମନ୍ଦିର ନିକଟରୁ ଏକ ମଶାଲ ଶୋଭାଯାତ୍ରାରେ ବିଦ୍ୟାଳୟରେ ପହଞ୍ଚିବା ପରେ ଖେଳ ଆରମ୍ଭ ହୋଇଥିଲା। ପ୍ରାୟ ୪୫୦ ପ୍ରତିଯୋଗୀ କ୍ରୀଡ଼ାରେ ଅଂଶଗ୍ରହଣ କରିଥିଲେ। ସ୍ୱତନ୍ତ୍ର ବର୍ଗ, ବାଲ୍‌ବର୍ଗ, ଶିଶୁବର୍ଗ ଓ କିଶୋର ବର୍ଗରେ ବିଭିନ୍ନ ପ୍ରତିଯୋଗିତା ହୋଇ ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କ୍ରୀଡ଼ା ଶିକ୍ଷକ ହରିହର ପାତ୍ର କ୍ରୀଡ଼ା ଶପଥପାଠ କରାଇଥିଲେ। ଗୁରୁଜୀ ପ୍ରକାଶ ଚନ୍ଦ୍ର ଜେନା, ମନୋଜ ଜେନା, ଅଶୋକ ଶତପଥୀ, ବିନୋଦ ଦାସ, କାମେଶ୍ୱର ସାହୁ, ଅଭିଜିତ ସାମଲ, ଭାସ୍କର ଚନ୍ଦ୍ର ସାହୁ, ସୁରେନ୍ଦ୍ର ଜେନା, ଗୁରୁମା ଲଳିତା ମିଶ୍ର, ପ୍ରତିଭା ପାଣିଗ୍ରାହୀ, ସୁପ୍ରଭା ନାୟକ, ମନୋରମା ନାୟକ, ଗୀତାଞ୍ଜଳି ପରିଡ଼ା, ଦୀପ୍ତିମୟୀ ବେହେରା ପ୍ରମୁଖ କ୍ରୀଡ଼ା ଉତ୍ସବ ପରିଚାଳନା କରିଥିଲେ।

# ଗୌରାଙ୍ଗ ବାରିକଙ୍କୁ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର

ଭଦ୍ରକ,୨୮।୧୧(ସନାତନ ରାଉତ/ରବିନାରାୟଣ ଖିଲାର)

ଭଦ୍ରକର ପ୍ରସିଦ୍ଧ ଲୋକନାଟ୍ୟ ମୋଗଲ ତାମ୍‌ସାର ନିର୍ଦ୍ଦେଶକ ଭଦ୍ରକ ବ୍ଲକ ରାନ୍ଦିଆ ପଞ୍ଚାୟତ କୋରଣ୍ଟ ଗ୍ରାମର ଗୌରାଙ୍ଗ ଚନ୍ଦ୍ର ବାରିକଙ୍କୁ ୨୦୨୪ ବର୍ଷ ପାଇଁ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ପ୍ରଦାନ କରାଯାଇଛି। ଗତ ବୁଧବାର ସନ୍ଧ୍ୟାରେ ଭୁବନେଶ୍ୱରସ୍ଥିତ ଲୋକସଭା ଭବନରେ ଆୟୋଜିତ ଉତ୍ସବରେ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟଅତିଥି ଗୌରାଙ୍ଗଙ୍କୁ ଏହି ପୁରସ୍କାର ପ୍ରଦାନ କରିଛନ୍ତି। ଅନ୍ୟତମ ଅତିଥି ଭାବେ ସଙ୍ଗୀତ ନାଟକ ଏକାଡେମୀ ସଚିବ ଡ. ଚନ୍ଦ୍ରଶେଖର ହୋତା, ସଂସ୍କୃତି ବିଭାଗ ନିର୍ଦ୍ଦେଶକ ବିଜୟ କେତନ ଉପାଧ୍ୟାୟ, ସ୍ୱତନ୍ତ୍ର ଶାସନ ସଚିବ ଦେବପ୍ରସାଦ ଦାସ, ବିଧାୟକ ସିଦ୍ଧାନ୍ତ ମହାପାତ୍ର, ବାବୁ ସିଂ, ଆକାଶ ଦାସ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଗୌରାଙ୍ଗ ମୋଗଲ ତାମ୍‌ସାରେ ଦୀର୍ଘଦିନ ଅଭିନୟ କରିବା ସହ ଜଣେ ସଫଳ ନିର୍ଦ୍ଦେଶକ ଭାବେ ତାଙ୍କ ପରିଚୟ ସୃଷ୍ଟି କରିପାରିଛନ୍ତି। ଓଡ଼ିଶା ଓ ରାଜ୍ୟ ବାହାରେ ମୋଗଲ ତାମ୍‌ସା ମଞ୍ଚସ୍ଥ କରି ଭଦ୍ରକର ଗୌରବକୁ ପ୍ରଚାର ପ୍ରସାର କରିଛନ୍ତି। ଏହାବ୍ୟତୀତ ଜଣେ ସୁସଙ୍ଗଠକ ଭାବେ ଭଦ୍ରକର ବିଭିନ୍ନ ସାହିତ୍ୟ ଓ ସାଂସ୍କୃତିକ ଅନୁଷ୍ଠାନ ସହ ଜଡ଼ିତ ରହି ଲୋକପ୍ରିୟ କାର୍ଯ୍ୟ କରୁଛନ୍ତି। ତାଙ୍କୁ ଏହି ପୁରସ୍କାର ମିଳିବା ପରେ ଭଦ୍ରକ ଜିଲାର ତ୍ୟାଗଭୂମି ସମ୍ମେଳନ, ବଂଶୀବଲ୍ଲଭ ସାହିତ୍ୟ ସାଂସ୍କୃତିକ ପରିଷଦ, ତିହିଡ଼ି କଳିଙ୍ଗ କଳାକାର ସଂଘ ଆଦି ବିଭିନ୍ନ ସଙ୍ଗଠନ ପକ୍ଷରୁ ଶୁଭେଚ୍ଛା ଜଣାଯାଇଛି।



ମୋଗଲ ତାମ୍‌ସାର ନିର୍ଦ୍ଦେଶକ ଗୌରାଙ୍ଗ ଚନ୍ଦ୍ର ବାରିକଙ୍କୁ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ପୁରସ୍କୃତ କରୁଛନ୍ତି।

# ରାଜ୍ୟ ବ୍ୟାଡ୍‌ମିଣ୍ଟନ ଆସୋସିଏଶନର ସଭାପତିଙ୍କୁ ଭେଟିଲେ ଭଦ୍ରକ ସଟଲ ଆସୋସିଏଶନର କର୍ମକର୍ତ୍ତା

ଭଦ୍ରକ,୨୮।୧୧(ସନାତନ ରାଉତ)

ଦୁଇଦିନିଆ ଭଦ୍ରକ ଜିଲା ଗସ୍ତରେ ଆସିଥିବା ସମବାୟ ସଚିବ ଓ ରାଜ୍ୟ ବ୍ୟାଡ୍‌ମିଣ୍ଟନ ଆସୋସିଏଶନର ସଭାପତି ରାଜେଶ ପ୍ରଭାକର ପାଟିଲଙ୍କୁ ଗୁରୁବାର ଅପରାହ୍ନରେ ଜିଲା ସଟଲ ଆସୋସିଏଶନର କର୍ମକର୍ତ୍ତା ଭେଟିଛନ୍ତି। ଜିଲାରେ ବ୍ୟାଡ୍‌ମିଣ୍ଟନ ଖେଳର ଭିତ୍ତିଭୂମି ଦୃଢ଼ କରିବା ପାଇଁ ସେମାନେ ଆଲୋଚନା କରିଥିଲେ। ଭଦ୍ରକ ନୂତନ ସର୍କିଟ୍ ହାଉସଠାରେ ଏହି ଆଲୋଚନା ବେଳେ ଜିଲାପାଳ ଦିଲୀପ ରାଉତରାଏ ମଧ୍ୟ ଉପସ୍ଥିତ ଥିଲେ। ଆସୋସିଏଶନର ସଭାପତି ମହେଶ ପ୍ରସାଦ ଦାସ, ସମ୍ପାଦକ ଓ ରାଜ୍ୟ ଆସୋସିଏଶନରୁ ଜିଲାକୁ ପ୍ରତିନିଧିତ୍ୱ କରୁଥିବା ସମୀରକାନ୍ତ ଦାସ, କୋଷାଧ୍ୟକ୍ଷ ରାଜେଶ ଦାସ, ସଂଯୋଜକ ବିଭୂ କଲ୍ୟାଣ ବାରିକ, ସଦସ୍ୟ ପରେଶ ବାରିକ, ନୀରଜ କୁମାର ସାହୁ, କୋଚ୍ ସୁଜାତା ସାହୁ ପ୍ରମୁଖ ଆଗାମୀ ଦିନରେ ଭଦ୍ରକ ଜିଲାରେ ରାଜ୍ୟସ୍ତରୀୟ ପ୍ରତିଯୋଗିତା ଆୟୋଜନ ପାଇଁ ଅନୁରୋଧ କରିଥିଲେ। ତେବେ କ୍ରୀଡ଼ାମନ୍ତ୍ରୀ ଏ ସମ୍ପର୍କରେ ତାଙ୍କ ସହ ଆଲୋଚନା କରିଥିବା ସଭାପତି ପାଟିଲ କହିଥିଲେ।

# ସମ୍ବିଧାନ ଉପରେ ବିତର୍କ ପାଇଁ ପ୍ରତିଭା ଖୋଜୁଛି କଂଗ୍ରେସ



ଖବରଦାତା ସମ୍ମିଳନୀରେ କଂଗ୍ରେସ ଜିଲା ସଭାପତିଙ୍କ ସମେତ କର୍ମକର୍ତ୍ତା।

ଭଦ୍ରକ,୨୮।୧୧(ସନାତନ ରାଉତ)

ବର୍ତ୍ତମାନ ଦେଶରେ ସମ୍ବିଧାନ ଅସୁରକ୍ଷିତ ହୋଇପଡୁଥିବା ବେଳେ ସମ୍ବିଧାନ ଉପରେ ଖୋଲା ମଞ୍ଚରେ ବିତର୍କ କରିବା ପାଇଁ ଛାତ୍ରୀଛାତ୍ର, ଯୁବବର୍ଗ, ବୁଦ୍ଧିଜୀବୀ ଆଦି ବିଭିନ୍ନ ବର୍ଗର ପ୍ରତିଭା ଖୋଜୁଛି କଂଗ୍ରେସ। ଏଥିପାଇଁ ଜାତୀୟ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି ବୋଲି ଭଦ୍ରକ ଜିଲା କଂଗ୍ରେସ କାର୍ଯ୍ୟାଳୟରେ ଶୁକ୍ରବାର ଅପରାହ୍ନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଜିଲା ସଭାପତି ନଳିନୀକାନ୍ତ ମହାନ୍ତି ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ, ଦେଶରେ ଗଣତନ୍ତ୍ରକୁ ନଷ୍ଟ କରିବା ପାଇଁ ଭାଜପା ଚେଷ୍ଟା କରୁଛି। ଭାଜପା ବିରୋଧରେ ଭୋଟ୍ ଚୋରି ଅଭିଯୋଗ ହେବା ସହ ପ୍ରମାଣ ଦିଆଯାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନାହିଁ। ଲୋକଙ୍କୁ ସଚେତନ କରିବା ପାଇଁ ସମ୍ବିଧାନ ଉପରେ ବିତର୍କର ଆବଶ୍ୟକତା ଅଛି। ଯୁବବର୍ଗଙ୍କ ମନରେ ଏନେଇ କ୍ଷୋଭ ଜାଗ୍ରତ ହୋଇଥିବା ବେଳେ ଏହାର ଜବାବ ଦେବା ପାଇଁ ଏହି ବ୍ୟବସ୍ଥା ଦ୍ୱାରା ସେମାନଙ୍କୁ ସୁଯୋଗ ମିଳିବ। ପିସିସି ସଭାପତି ଭକ୍ତ ଦାସଙ୍କ ନିର୍ଦ୍ଦେଶକ୍ରମେ କଂଗ୍ରେସ ପକ୍ଷରୁ ଏହି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିବା ବେଳେ ଏଥିରେ ଭାଗ ନେବାକୁ ମେଧାବୀ ଛାତ୍ରୀଛାତ୍ର ଓ ଯୁବବର୍ଗ ଆବେଦନ କରିବାକୁ ସେ ଜଣାଇଛନ୍ତି। ଖବରଦାତା ସମ୍ମିଳନୀରେ କଂଗ୍ରେସର ଭଦ୍ରକ ବ୍ଲକ ସଭାପତି ପୀତବାସ ଧଳ, ବରିଷ୍ଠ ନେତା ଦେବେନ୍ଦ୍ର ମହାନ୍ତି, କର୍ମୀ ବିଜୟ ବାରିକ, ଇଲିୟାସ ଅଲ୍ଲୀ ଖାଁ, ରଞ୍ଜନ ଜେନା, ମନୋଜ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

# ‘ଦକ୍ଷତା ବିକାଶ ହେଲେ ଉଦ୍ୟୋଗ ରୂପାନ୍ତର ସମ୍ଭବ’

## ତ୍ୟାଗଭୂମି ମହୋତ୍ସବର ୪ର୍ଥ ସନ୍ଧ୍ୟା

ଭଦ୍ରକ,୨୮।୧୧(ସନାତନ ରାଉତ)

ବର୍ତ୍ତମାନ ଉଦ୍ୟୋଗପତିମାନେ ସରକାରୀ ପ୍ରକ୍ରିୟାର ବିଳମ୍ବ, ପୁଞ୍ଜି ନିବେଶରେ ସଙ୍କଟ ଓ ସୁଦୃଢ଼ ପ୍ରଯୁକ୍ତିବିଦ୍ୟାର ଅଭାବ ଭଳି ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଅତ୍ୟାଧୁନିକ ନବୀକରଣ କୌଶଳ ଓ ଦକ୍ଷତା ବିକାଶ ହୋଇପାରିଲେ ଉଦ୍ୟୋଗ ରୂପାନ୍ତର ସମ୍ଭବ ହେବ। ଏଥିସହ ରାଜ୍ୟରେ ଶିଳ୍ପ ବିକାଶ ଦ୍ରୁତ ଅଗ୍ରଗତି କରିବ ବୋଲି ତ୍ୟାଗଭୂମି ମହୋତ୍ସବର ଗୁରୁବାର ୪ର୍ଥ ସନ୍ଧ୍ୟାରେ ‘ଉଦ୍ୟୋଗ ରୂପାନ୍ତର, ସମସ୍ୟା ଓ ସମାଧାନ’ ଶୀର୍ଷକ ଆଲୋଚନାଚକ୍ରରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଭଦ୍ରକ ମଠସାହି ଗୋପାଳଜୀଉ ପଡ଼ିଆରେ ଚାଲିଥିବା ମହୋତ୍ସବର ଏହି ସନ୍ଧ୍ୟାରେ ତ୍ୟାଗଭୂମିର ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡାଙ୍କ ପୌରୋହିତ୍ୟରେ ଏ ମାଟିର ଦିବଂଗତ ଶିକ୍ଷାବିତ୍ ପ୍ରଫେସର ଡ. ସନାତନ ମହାନ୍ତିଙ୍କ ନାମରେ ଉତ୍ସର୍ଗୀକୃତ ମଞ୍ଚରେ ମୁଖ୍ୟଅତିଥି ଭାବେ ଭଦ୍ରକ ଓକିଲ ସଂଘର ସଭାପତି ସନ୍ତୋଷ କୁମାର ଆଚାର୍ଯ୍ୟ ଯୋଗ ଦେଇଥିଲେ। ସମସ୍ୟାକୁ ସୁଯୋଗରେ



ମହୋତ୍ସବର ୪ର୍ଥ ସନ୍ଧ୍ୟାରେ ଉପସ୍ଥିତ ଅତିଥି।

ରୂପାନ୍ତର କଲେ ଉଦ୍ୟୋଗ ନବୀକରଣ ସମ୍ଭବ ହେବ ବୋଲି ସେ କହିଥିଲେ। ମୁଖ୍ୟବକ୍ତା ଭାବେ ପୂର୍ବତନ ଏମ୍‌ପି ଅର୍ଚ୍ଚନା ନାୟକ ଯୋଗ ଦେଇଥିଲେ। ବରେଣ୍ୟ ଅତିଥି ଭାବେ ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ ସମ୍ପାଦକ ତଥା ଆଇନଜୀବୀ ପବନ କୁମାର ଶର୍ମା ଯୋଗ ଦେଇଥିଲେ।

ଏହି ଅବସରରେ ଅର୍ଥନୀତି ବିଭାଗର ଅବସରପ୍ରାପ୍ତ ପ୍ରାଧ୍ୟାପକ ତଥା ଲେଖକ ଡ. ବଳରାମ ମିଶ୍ରଙ୍କୁ ପ୍ରଫେସର ସନାତନ ମହାନ୍ତି ଶିକ୍ଷାବିତ୍ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ଅବସରପ୍ରାପ୍ତ ଶିକ୍ଷକ ତଥା ଶିକ୍ଷାଧିକାରୀ ଗୟାଧର ପଣ୍ଡା ମାନପତ୍ର ପାଠ କରିଥିଲେ। ଆଇନଜୀବୀ ମନୋରଞ୍ଜନ ଦାସ ସ୍ୱାଗତ ଭାଷଣ ପ୍ରଦାନ ଓ ଅଧିବକ୍ତା ପୂର୍ଣ୍ଣଚନ୍ଦ୍ର ମହାନ୍ତି ଅତିଥିଙ୍କୁ ମଞ୍ଚ ଆହ୍ୱାନ କରିଥିଲେ। ଅବସରପ୍ରାପ୍ତ ଅବକାରୀ ଅଧୀକ୍ଷକ ଶ୍ରୀହର୍ଷ ସ୍ୱାଇଁ ଧନ୍ୟବାଦ ଦେଇଥିଲେ। ତ୍ୟାଗଭୂମି ସଭାପତି ଅଜୟ ନାୟକ, ସମ୍ପାଦକ ଗଦାଧର ବଳ, ସଙ୍ଗଠନ ସମ୍ପାଦକ ସୁଧାକର ରାଉତ, ସଦସ୍ୟ ଅଶୋକ ଦ୍ୱିବେଦୀ ପ୍ରମୁଖ ଉପସ୍ଥିତ ଥିଲେ।

# ବ୍ଲକସ୍ତରୀୟ ବିଜ୍ଞାନ ମେଳା: ୭ ପ୍ରକଳ୍ପ ଜିଲାସ୍ତରକୁ ମନୋନୀତ



ବିଜ୍ଞାନ ମେଳାରେ ପ୍ରଦର୍ଶିତ ପ୍ରକଳ୍ପ।

ବାଲିଆପାଳ, ୨୮।୧୧ (ଗୋପାଳ ଚନ୍ଦ୍ର ସାହୁ)

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ତାହାଲିଆ ପାଟରାଣୀ ଉଚ୍ଚ ବିଦ୍ୟାଳୟ ଓ ସରକାରୀ ଉପ୍ରା ବିଦ୍ୟାଳୟ ପରିସରରେ ଶୁକ୍ରବାର ବ୍ଲକସ୍ତରୀୟ ବିଜ୍ଞାନ ମେଳା ଓ କୁନି ବୈଜ୍ଞାନିକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବାଲିଆପାଳ ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ଜଗବନ୍ଧୁ ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ ସଭାରେ ମୁଖ୍ୟଅତିଥି ବାଲିଆପାଳ ବିଡିଓ ରାଧାରଞ୍ଜନ ଦାସ ଯୋଗଦେଇ ବିଜ୍ଞାନ ମେଳାକୁ ଉଦ୍‌ଘାଟନ କରି ବକ୍ତବ୍ୟ ଦେଇଥିଲେ। ମୁଖ୍ୟବକ୍ତା ଚାନ୍ଦିପୁର ଡିଆର୍‌ଡ଼ିଓ ଅତିରିକ୍ତ ବୈଜ୍ଞାନିକ ଡ. ସୁଜିତ କୁମାର ସି, ସମ୍ମାନିତ ଅତିଥି ବାଲିଆପାଳ ଏବିଓ ତଥା ସିଆର୍‌ସିସି ନମିତ ସାମଲ, ବ୍ଲକ ବିଜ୍ଞାନ ସଂଯୋଜକ ଶୁକ ଦେବ ମହାନ୍ତି, ସୁବର୍ଣ୍ଣରେଖା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସଞ୍ଜୟ କୁମାର ଜେନା, ପାଟରାଣୀ ହାଇସ୍କୁଲର ପ୍ରଧାନ ଶିକ୍ଷକ ବିନୋଦ କୁମାର ଜେନା, ଓଷ୍ଟା ଜିଲା ସମ୍ପାଦକ ବିଜୟ କୁମାର ପାତ୍ର, ବାଲିଆପାଳ ପ୍ରାଥମିକ ଶିକ୍ଷକ ସଂଘର ସଭାପତି ପ୍ରଭାତ ରଞ୍ଜନ ସାହୁ, ଜଗାଇ ସିଆର୍‌ସିସି ପତିତପାବନ ପ୍ରଧାନ ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହ ଅବସରରେ ଶିକ୍ଷକ ପ୍ରଦୀପ୍ତ କୁମାର ପାତ୍ର ମଞ୍ଚ ଆହ୍ୱାନ ଓ ଅତିଥି ପରିଚୟ ପ୍ରଦାନ କରୁଥିବା ବେଳେ ପଞ୍ଚୁପାଲି ହରପ୍ରସାଦ ହାଇସ୍କୁଲର ଶିକ୍ଷକ ଶ୍ରୀକାନ୍ତ ନାହାନ୍ତି ଅତିଥିମାନଙ୍କୁ ଧନ୍ୟବାଦ ଦେଇଥିଲେ।

ସେହିପରି ଅପରାହ୍ନ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବରେ ବାଲେଶ୍ୱର ଏମ୍‌ପି ପ୍ରତିନିଧି ରବୀନ୍ଦ୍ର ନାଥ ଅଣ୍ଡିଆ, ମୁଖ୍ୟବକ୍ତା ଭାବରେ ଓଷ୍ଟା ବାଲିଆପାଳ ଶାଖା ସଭାପତି ରାଜେନ୍ଦ୍ର ବେହେରା, ସମ୍ମାନିତ ଅତିଥି ଭାବରେ ନମିତା ପ୍ରଭା ସାମଲ, ଓଷ୍ଟା ବାଲିଆପାଳ ଶାଖା କାର୍ଯ୍ୟକାରୀ ସଭାପତି ସମରଞ୍ଜନ ଜେନା, ଶୁକଦେବ ମହାନ୍ତି, ବିଶ୍ୱମ୍ଭର ପାତ୍ର, ଅନନ୍ତ କୁମାର ପଣ୍ଡା, ବାଲିଆପାଳ ୟୁଜିୟୁପିର ପ୍ରଧାନ ଶିକ୍ଷକ ମନୋରଞ୍ଜନ ରାଜ ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ ସହିତ କୃତି କୁନି ବୈଜ୍ଞାନିକମାନଙ୍କୁ ପୁରସ୍କାର ଓ ସାର୍ଟିଫିକେଟ ପ୍ରଦାନ କରିଥିଲେ। ଏହି ବିଜ୍ଞାନ ମେଳାରେ ୧୬୫ଟି ପ୍ରକଳ୍ପ ସ୍ଥାନ ପାଇଥିବା ବେଳେ ସେଥିରୁ ୭ଟି ବିଭାଗରୁ ୨୧ ଗୋଟି ପ୍ରକଳ୍ପର କୁନି ବୈଜ୍ଞାନିକଙ୍କୁ ସମ୍ମାନିତ କରାଯାଇଥିବା ବେଳେ ୭ ଜଣ କୁନି ବୈଜ୍ଞାନିକ ଜିଲାସ୍ତରୀୟ ବିଜ୍ଞାନ ମେଳାକୁ ମନୋନୀତ ହେଇଛନ୍ତି।

## ପୋଖରୀରେ ବୁଡ଼ି ଜଣେ ମୃତ

ପାଟଣା,(ବୀର କିଶୋର ଦାଶ): କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା ଡେଣୁଆଁ ଗ୍ରାମର ପୋଖରୀରେ ଶୁକ୍ରବାର ବୁଡି ଜଣଙ୍କର ମୃତ୍ୟୁ ହୋଇଛି। ମୃତକ ଡେଣୁଆ ଗ୍ରାମର ଦିବାକର ପାତ୍ର (୫୦)। ସେ ଗାଁ ନିକଟ ଆକାଶିଆ ଜଙ୍ଗଲ ଭିତରେ ଥିବା ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ତାଙ୍କ ଗୋଡ଼ ଖସିଯିବାରୁ ପୋଖରୀରେ ବୁଡ଼ି ଯାଇଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରିବା ପରେ ପୋଖରୀରେ ଭାସୁଥିବା ଦେଖିଥିଲେ। ତୁରୁମୁଙ୍ଗା ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ତୁରୁମୁଙ୍ଗା ଥାନାରେ ଏକ ମାମଲା(ନଂ.୩୧୪/୨୫) ରୁଜୁ ହୋଇଛି।



# କେନ୍ଦୁଝର

## ଫଳ ଦୋକାନ କର୍ମଚାରୀଙ୍କୁ ମରଣାନ୍ତକ ଆକ୍ରମଣ

ଆନନ୍ଦପୁର,୨୮।୧୧(ସୁଶାନ୍ତ କୁମାର ସାହୁ): କେନ୍ଦୁଝର ଜିଲ୍ଲା ଘସିପୁରା ଥାନା ନିକଟସ୍ଥ କାଳୀ ବଜାରରେ ଜଣେ ଫଳ ଦୋକାନ କର୍ମଚାରୀଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ଗୁରୁତର ଜଣଙ୍କ ଘସିପୁରା ଗାଁର ବିଷ୍ଣୁ ଚରଣ ସାହୁ (୩୬)। ଗୁରୁବାର ରାତି ୯ଟା ୩୦ରେ ଦୋକାନ ବନ୍ଦ କରୁଥିବା ସମୟରେ କୌଣସି କାରଣକୁ ନେଇ ଦୋକାନୀଙ୍କ ଭାଇ ହରିହର ପୋଥାଳଙ୍କ ସହିତ ତାଙ୍କର ବଚସା ହୋଇଥିଲା। ହରିହର ଉତ୍‌କ୍ଷିପ୍ତ ହୋଇ କତାରେ ବିଷ୍ଣୁଙ୍କ କାନ୍ଧକୁ ହାଣି ଦେଇଥିଲେ। ସ୍ଥାନୀୟ ଦୋକାନୀ ହରିହରଙ୍କୁ କାବୁ କରିବା ସହ ବିଷ୍ଣୁଙ୍କୁ ଉଦ୍ଧାର କରି ଆନନ୍ଦପୁର ମେଡିକାଲରେ ଭର୍ତ୍ତି କରିଥିଲେ। ଘସିପୁରା ଥାନାରେ ମାମଲା(ନଂ. ୪୫୧/୨୫) ରୁଜୁ ହୋଇଛି। ଆକ୍ରମଣକାରୀଙ୍କୁ କୋର୍ଟଚାଲାଣ କରାଯାଇଥିବା ଥାନା ଅଧିକାରୀ କିଶୋର ଚନ୍ଦ୍ର ପ୍ରଧାନ କହିଛନ୍ତି।

# ଖାଲଖମା ରାସ୍ତା ନେଲା ଜୀବନ

## ଟ୍ରକ୍ ଚାପାରେ ବାଇକ୍ ଚାଳକଙ୍କ ମୃତ୍ୟୁ

ଯୋଡ଼ା,୨୮।୧୧(ମାନସ ମହାନ୍ତି)

କେନ୍ଦୁଝର ଜିଲ୍ଲା ଯୋଡ଼ା ଥାନା ବାସୁଦେବପୁର ନିକଟ ବିପର୍ଯ୍ୟସ୍ତ ୫୨୦ ନମ୍ବର ଜାତୀୟ ରାଜପଥ ଯୋଗୁ ଏକ ଜୀବନ ଯାଇଛି। ରାସ୍ତାରେ ସୃଷ୍ଟି ଖାଲରେ ଜଣେ ବାଇକ୍‌ଚାଳକ ପଡ଼ିଯାଇଥିବା ବେଳେ ତାଙ୍କ ଉପରେ ଟ୍ରକ୍ ମାଡ଼ିଯିବାରୁ ମୃତ୍ୟୁ ହୋଇଛି। ମୃତକ ହେଲେ ଦେବଗଡ଼ ଜିଲ୍ଲା ବାଲାମ ଗ୍ରାମର ଗଣେଶ ବାଣିଚୁଲ(୩୦)। ପୋଲିସ ମାମଲା ରୁଜୁ କରି ତଦନ୍ତ କରୁଛି।

ପ୍ରକାଶ ଯେ, ଯୋଡ଼ା ଥାନା ବାସୁଦେବପୁର ନିକଟ ୫୨୦ ନମ୍ବର ଜାତୀୟ ରାଜପଥ ଖାଲଖମାରେ ଭର୍ତ୍ତି ହୋଇଛି। ଏ ନେଇ ବାରମ୍ବାର ଅଭିଯୋଗ ପରେ ବି କାହାର ଦୃଷ୍ଟି ପଡୁନି। ଶୁକ୍ରବାର ଗଣେଶ ଯୋଡ଼ାରୁ ବାଇକ୍‌ରେ ଆସୁଥିବା ବେଳେ କାନପୁର ଡ୍ୟାମର ଓଭର ବ୍ରିଜ୍ ନିକଟ ରାସ୍ତାରେ ସୃଷ୍ଟି ଏକ ଖାଲରେ ପଡ଼ିଯିବାରୁ ଭାରସାମ୍ୟ ହରାଇ ବାଇକ୍ ସହ ଛିଟିକି ପଡ଼ିଥିଲେ। ସେ ସମୟରେ ପଛରୁ ଆସୁଥିବା ଅନ୍ୟ ଏକ ଟ୍ରକ୍ ତାଙ୍କ ଉପରେ ମାଡ଼ିଯାଇ ଫେରାର ହୋଇଯାଇଥିଲା। ଘଟଣାସ୍ଥଳରେ ଗଣେଶଙ୍କ ମୃତ୍ୟୁ ହୋଇଥିଲା। ସେ ହେଲମେଟ୍ ପିନ୍ଧିଥିଲେ ହେଁ ତାଙ୍କ ଜୀବନ ରକ୍ଷା ହୋଇପାରି ନ ଥିଲା। ହେଲମେଟ୍ ମଧ୍ୟ ଭାଙ୍ଗି ଚୁରମାର ହୋଇଯାଇଥିଲା। ଘଟଣାସ୍ଥଳରେ କିଛି ସମୟ ଉତ୍ତେଜନା ଦେଖାଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରି ମୃତଦେହ ଜବତ କରିଥିଲା। ତାଙ୍କ ପକେଟ୍‌ରୁ ଡ୍ରାଇଭିଂ ଲାଇସେନ୍ସ ମିଳିଥିବା ବେଳେ ସେ ଦେବଗଡ଼ ଜିଲ୍ଲା ବାଲାମ ଗ୍ରାମରବୋଲି ଜଣାପଡ଼ିଛି। ଘଟଣାରେ ପୋଲିସ ତଦନ୍ତ ଆରମ୍ଭ କରିଛି।

ସୂଚନାଯୋଗ୍ୟ, ଜାତୀୟ ରାଜପଥର ବିଭିନ୍ନ ସ୍ଥାନରେ ଖାଲଖମା ସୃଷ୍ଟି ହୋଇଛି। ଅନେକ ସମୟରେ ବାଇକ ଚାଳକ, ଛୋଟ ଯାନବାହାନ ଉକ୍ତ ଖାଲରେ ପଡ଼ି ଦୁର୍ଘଟଣାଗ୍ରସ୍ତ ହୋଇ ଧନଜୀବନ ହାନୀ ହେଉଛି। ବାରମ୍ବାର ମରାମତି ପାଇଁ ଦାବି ହେଉଥିଲେ ହେଁ ବିଭାଗୀୟ ଅବହେଳା ଯୋଗୁ ତାହା ମରାମତି ହୋଇପାରୁ ନ ଥିବା ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।



ଦୁର୍ଘଟଣାସ୍ଥଳରେ ପୋଲିସ ଗାଡ଼ି ଯାଞ୍ଚ କରି ଛାଡୁଛି।

# ଶିକ୍ଷୟିତ୍ରୀ, ଶିକ୍ଷକଙ୍କ କଳାବ୍ୟାଜ୍ ପରିଧାନ




ଧାରଣାରେ ବସିଥିବା ଶିକ୍ଷୟିତ୍ରୀ, ଶିକ୍ଷକ।

### କେନ୍ଦେଇପୋଷି ଆଦର୍ଶ ବିଦ୍ୟାଳୟ

ପାଟଣା,୨୮।୧୧(ବୀର କିଶୋର ଦାଶ)

କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ୍ କେନ୍ଦେଇପୋଷି ମୁଖ୍ୟାଳୟସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଶିକ୍ଷକ, କର୍ମଚାରୀମାନେ ୧୩ ଦଫା ଦାବିରେ ଗୁରୁବାର ବିଦ୍ୟାଳୟ ପରିସରରେ କଳାବ୍ୟାଜ୍ ପରିଧାନ କରି କାର୍ଯ୍ୟ କରିଥିଲେ। ସ୍କୁଲ ଛୁଟି ପରେ ଧାରଣାରେ ବସିଥିଲେ। ଆନ୍ଦୋଳନ ସୋମବାରଠାରୁ ଆରମ୍ଭ ହୋଇଥିବା ବେଳେ ଦାବି ପୂରଣ ନ ହେଲେ ଡିସେମ୍ବର ୮ରେ ଭୁବନେଶ୍ୱରରେ ପ୍ରଦର୍ଶନ କରିବେ ସୂଚନା ଦେଇଛନ୍ତି। ପ୍ରମୁଖ ଦାବି ମଧ୍ୟରେ କର୍ମଚାରୀଙ୍କ ପାଇଁ ସମାନତା, ମର୍ଯ୍ୟାଦା ଏବଂ ନ୍ୟାୟ ସୁନିଶ୍ଚିତ କରିବା, କର୍ମଚାରୀଙ୍କ ପାଇଁ ଏଚ୍‌ଆରଏମ୍‌ଏସ୍‌ଆଇଡି ଖୋଲିବା, ସ୍କୁଲ ଓ ମାସ୍ ଏଜୁକେଶନ ହାଇସ୍କୁଲ ଶିକ୍ଷକଙ୍କୁ ଦେଉଥିବା ସମସ୍ତ ସୁବିଧା, ସମସ୍ତ କର୍ମଚାରୀଙ୍କୁ ସମାହିତ କରୁଥିବା ୟୁନିଫର୍ମ କ୍ୟାଡ଼ର ନିୟମ, ସଙ୍ଗୀତ, କ୍ରୀଡ଼ା ଶିକ୍ଷକ ଏବଂ କମ୍ପ୍ୟୁଟର ଶିକ୍ଷକଙ୍କ ପାଇଁ ୪୬୦୦ ଗ୍ରେଡ୍ ପେ ଲାଗୁ, ପ୍ରତ୍ୟେକ ସ୍କୁଲରେ ପିଜିଟି ଓଡ଼ିଆ ପଦବୀ, କଳା ଷ୍ଟ୍ରିମ୍ ଖୋଲିବା, ସ୍କୁଲରେ ପିଜିଟି ହିନ୍ଦୀ ଏବଂ ପିଜିଟି ସଂସ୍କୃତ ପଦବୀ, ଅମଲାଙ୍କୁ ନିୟମିତ ଭଳି ୧୩ଟି ପ୍ରମୁଖ ଦାବି ନେଇ ଧାରଣାରେ ବସିଛନ୍ତି। ଅଧ୍ୟକ୍ଷ ଦେବୀ ଦତ୍ତ ସିଂ, ଶିକ୍ଷକ ସତ୍ୟାନନ୍ଦ ପାଣିଗ୍ରାହୀ, ଦିଲେଶ୍ୱର୍ ନାଏକ, ଚନ୍ଦ୍ରକାନ୍ତ ନାଏକ, ଅଜିତ ନାଏକ, ଆଶିଷ ନାଏକ, ସୁଭାଷ ଚନ୍ଦ୍ର ବେହେରା, ଜ୍ଞାନ ରଞ୍ଜନ ପଣ୍ଡା, ପ୍ରିୟଦର୍ଶନ ସାହୁ, ସୌଭାଗ୍ୟ ରଞ୍ଜନ ସାମନ୍ତରାୟ, ଶିକ୍ଷୟିତ୍ରୀ ରଶ୍ମୀ ରେଖା ଦାସ, ଅର୍ପିତା ପ୍ରିୟଦର୍ଶିନୀ ଜେନା, ସାତି ସୁଚରିତା ମହାପାତ୍ର ପ୍ରମୁଖ ସାମିଲ ହୋଇଥିଲେ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡ଼ା

ବଡ଼ବିଲ,୨୮।୧୧ (ଜୟନ୍ତୀ ରଣା)

କେନ୍ଦୁଝର ଜିଲ୍ଲା ବଡ଼ବିଲସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୩୧ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଶୁକ୍ରବାର ପୂର୍ବାହ୍ନ ୧୦ଟାରେ ଶୁଭାରମ୍ଭ ହୋଇଛି। ବାର୍ଷିକ କ୍ରୀଡ଼ାରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ ବିଦ୍ୟାଳୟର ମୋଟ ୬୯୫ ଜଣ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିବା ଜଣାପଡ଼ିଛି। ମୁଖ୍ୟ ଅତିଥିଭାବେ ଏକ ଘରୋଇ କମ୍ପାନୀର ଅଧିକାରୀ ନିରାକାର ମହାନ୍ତ ଯୋଗଦେଇ ଉତ୍ସବର ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ପ୍ରକାଶ ଚନ୍ଦ୍ର ପାଣ୍ଡିଆଙ୍କ ସଭାପତିତ୍ୱରେ ବିଦ୍ୟାଳୟ ପ୍ରଧାନଶିକ୍ଷକ ବିପିନ ବିହାରୀ ଖଣ୍ଡାୟୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାମୂହିକ ସଙ୍ଗୀତ ଓ ନୃତ୍ୟ ପ୍ରଦର୍ଶିତ ହୋଇଥିଲା। ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରକାର ପ୍ରତିଯୋଗିତା ଯଥା ୧୦୦ ମିଟର, ୨୦୦ ମିଟର, ୩୦୦ ମିଟର, ୪୦୦ ମିଟର, ୬୦୦ ମିଟର, ୧୫୦୦ ମିଟର ଦୌଡ, ଲମ୍ଭ ଡ଼ିଆଁ, ଉଚ୍ଚ ଡ଼ିଆଁ, ଲୁହା ଗୋଳା ଫିଙ୍ଗା, ଉଡ଼ନ୍ତା ଥାଳିଆ ଫିଙ୍ଗା, ବାଧା ଦୌଡ, ସଙ୍ଗୀତ ଚୌକି, ଅଙ୍କ କଷା ଆଦି ଖେଳ ପ୍ରତିଯୋଗିତା ହେବାକୁ ଥିବା ଜଣାପଡ଼ିଛି। ମୋଟ ୬୯୫ ଛାତ୍ରୀଛାତ୍ର କ୍ରୀଡ଼ା ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିବାବେଳେ ବୟସ ଅନୁସାରେ ୫ ଟି ବର୍ଗରେ ବାଳିକା ଓ ବାଳକ ନିଷ୍ଠାର ସହ କ୍ରୀଡ଼ାରେ ଭାଗ ନେବାକୁ ଶପଥ ନେଇଥିଲେ। ଏହାପରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ କ୍ରୀଡ଼ା ପ୍ରତିଯୋଗିତା ଆରମ୍ଭ ହୋଇଥିଲା।



ବାର୍ଷିକ କ୍ରୀଡ଼ା ଉତ୍ସବରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରଦର୍ଶିତ ନୃତ୍ୟ।

## 'ଶାରୀରିକ ବିକାଶରେ କ୍ରୀଡ଼ାର ଭୂମିକା ଗୁରୁତ୍ୱପୂର୍ଣ୍ଣ'




ଉତ୍ସବରେ ଉପସ୍ଥିତ ଅତିଥିମାନେ।

କେନ୍ଦୁଝର,୨୮।୧୧
(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)

କେନ୍ଦୁଝର ଜିଲ୍ଲା ଜେଲରୋଡସ୍ଥ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଓ କେନ୍ଦୁଝରଗଡ଼ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ୩୯ତମ ସଂସ୍କରଣ ସ୍ଥାନୀୟ ଷ୍ଟାଡ଼ିୟମ ପଡ଼ିଆରେ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ କେନ୍ଦୁଝର ଜିଲ୍ଲା ବନଖଣ୍ଡ ଅଧିକାରୀ ଧନ୍‌ରାଜ ଏଚ୍‌ଡି ଯୋଗଦେଇ ଶାରୀରିକ ବିକାଶରେ କ୍ରୀଡ଼ାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଏଥିସହ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ପରିବେଶିତ୍ ବ୍ୟାଣ୍ଡକୁ ଉଚ୍ଚ ପ୍ରଶଂସା କରିଥିଲେ। ଅନ୍ୟତମ ଅତିଥିଭାବରେ ଜିଲ୍ଲା କ୍ରୀଡ଼ା ସଂସ୍ଥାର ସାଧାରଣ ସମ୍ପାଦକ ସଂଗ୍ରାମ ପଟ୍ଟନାୟକ ଯୋଗଦେଇ ପିଲାଙ୍କ ପାଠପଢ଼ା ସହିତ ଖେଳର ଆବଶ୍ୟକତା ବିଷୟରେ ଅଭିଭାଷଣ ଦେଇଥିଲେ। ମାନସିକ ଶିକ୍ଷା ସହ ଶାରୀରିକ ଶିକ୍ଷାର ଅଭିବୃଦ୍ଧି ନ ଘଟିଲେ ଶିକ୍ଷା ପୂର୍ଣ୍ଣାଙ୍ଗ ପ୍ରାପ୍ତି ହୋଇ ନ ଥାଏ ବୋଲି କହିଥିଲେ। ଆଗାମୀ ଦିନରେ କେନ୍ଦୁଝର ଏକ କ୍ରୀଡ଼ା ହବ ହେବାକୁ ଯାଉଥିବାରୁ ସେ ବର୍ତ୍ତମାନର ସରକାରଙ୍କୁ ବଧାଇ ଜଣାଇଥିଲେ । ବିଦ୍ୟାଳୟ ପରିଚାଳନା ସମିତିର ସମ୍ପାଦକ ତଥା ଅଧିବକ୍ତା ସୁଧାଂଶୁ ଶେଖର ପଣ୍ଡା, କୋଷାଧକ୍ଷ ବିଜୟ ଦିକ୍ଷୀତ ଓ ସଦସ୍ୟା ଦୁଲାରୀ କିସ୍କୁ ଉପସ୍ଥିତ ଥିଲେ। ପ୍ରଧାନାଚାର୍ଯ୍ୟ ଅଲେଖ ମହାନ୍ତ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ଶିଶୁଙ୍କ ଦ୍ୱାରା କ୍ରୀଡ଼ା ପ୍ରଦର୍ଶନୀ ଆୟୋଜନ କରାଯାଇଥିଲା। କ୍ରୀଡ଼ା ଦୁଇ ଦିନ ଧରି ଅନୁଷ୍ଠିତ ହେବ। ଏଥିରେ ତୃତୀୟ ଶ୍ରେଣୀରୁ +୨ ଶ୍ରେଣୀର ଛାତ୍ରୀଛାତ୍ରଙ୍କ ମଧ୍ୟରେ ୧୦୦ମି, ୨୦୦ମି, ୪୦୦ମି, ୬୦୦ମି, ୧୬୦୦ମି ଦୌଡ, ଗଣବେଶ ସଜ୍ଜା, ସ୍ମରଣ ଦୌଡ, ଆଳୁଚାମଚ ଦୌଡ଼, ଛୁଞ୍ଚି ସୂତା ଦୌଡ, ଉଚ୍ଚ ଡିଆଁ, ଲମ୍ବଡିଆଁ, ବଲ ଫିଙ୍ଗା, ଥାଳିଆଫିଙ୍ଗା, ବରଛା ଫିଙ୍ଗା, ତ୍ରିକୁଦ ଆଦି ଖେଳ ଆଦି ଅନୁଷ୍ଠିତ ହେଉଛି। ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ବିରଞ୍ଚି ନାରାୟଣ ମହାନ୍ତ, ପର୍ଯ୍ୟାୟ ପ୍ରମୁଖ ଦେବାଶିଷ ସାମଲ, ଲମ୍ବୋଦର ମହାନ୍ତ, ଜଗନ୍ନାଥ ମହାନ୍ତ, ମଞ୍ଜୁଶ୍ରୀ ରାଉତ ପ୍ରମୁଖ କ୍ରୀଡ଼ା ପରିଚାଳନା କରିଥିଲେ। ବିଦ୍ୟାଳୟର ସମସ୍ତ ଗୁରୁମାଗୁରୁଜୀ ସହଯୋଗ କରିଥିଲେ।

## ଟ୍ରାକ୍ଟର ତଳେ ଚାପିହୋଇ ଡ୍ରାଇଭର ମୃତ

ପାଟଣା,୨୮।୧୧(ବୀରକିଶୋର ଦାଶ)

କେନ୍ଦୁଝର ଜିଲ୍ଲା ସାହାରପଡ଼ା ବ୍ଲକ୍ ଅନ୍ତର୍ଗତ ହାଣ୍ଡିଆଶୀଳ ନିକଟରେ ଗୁରୁବାର ରାତିରେ ଭାରସାମ୍ୟ ହରାଇ ଏକ ଟ୍ରାକ୍ଟର ଇଞ୍ଜିନ ଓଲଟି ପଡ଼ିବାରୁ ତଳେ ଚାପିହୋଇ ଡ୍ରାଇଭରଙ୍କ ମୃତ୍ୟୁ ହୋଇଛି। ମୃତକ ସାହାରପଡ଼ା ବ୍ଲକ୍ ଗୋହିରା ଗ୍ରାମର ଆକାଶ ମହାନ୍ତ(୧୭)। ସେ ଟ୍ରାକ୍ଟର ଚଳାଇ ଆସୁଥିବା ସମୟ ଭାରସାମ୍ୟ ହରାଇ ଓଲଟି ପଡିଥିଲା। ଟ୍ରାକ୍ଟର ତଳେ ଚାପି ହୋଇ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ସାହାରପଡ଼ା ଫାଣ୍ଡି ଅଧିକାରୀ ପାର୍ଥ ଓରାମ ପହଞ୍ଚି ମୃତଦେହ ଜବତ କରି ତଦନ୍ତ କରୁଛନ୍ତି।

## ହାତୀ ଆକ୍ରମଣରେ ବୃଦ୍ଧ ଗୁରୁତର

ମୋରଡ଼ା,୨୮।୧୧(ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲ୍ଲା ମୋରଡ଼ା ବ୍ଲକ୍ ତଥା ରାସଗୋବିନ୍ଦପୁର ରେଞ୍ଜ ଅଞ୍ଚଳରେ ହାତୀ ଉପଦ୍ରବ ଲାଗି ରହିଛି। ଉକ୍ତ ରେଞ୍ଜ ଅଞ୍ଚଳରେ ଗୁରୁବାର ହାତୀ ଆକ୍ରମଣରେ ଜଣେ ବୃଦ୍ଧ ଗୁରୁତର ହୋଇଛନ୍ତି। ସେ ହେଲେ ଭାଲିଆପଦା ଗ୍ରାମର ବାଡୁ ମୁର୍ମୁ।

ସୂଚନା ଅନୁଯାୟୀ, ବାଡୁ ସନ୍ଧ୍ୟା ୬ଟା ୧୫ ମିନିଟ ସମୟରେ ସାଇକେଲ ଯୋଗେ ଘରକୁ ଫେରୁଥିବା ସମୟରେ ପଳାଶମୁଣ୍ଡୁଳି ପଞ୍ଚାୟତର ରେଡ୍‌କ୍ରସ ଡାକ୍ତରଖାନା ନିକଟରେ ହାତୀ ହାବୁଡ଼ରେ ପଡ଼ିଥିଲେ। ହାତୀଟି ତାଙ୍କୁ କଚାଡ଼ି ଗୁରୁତର କରିଥିଲା। ଖବରପାଇ ବନ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ବାବୁଙ୍କୁ ଉଦ୍ଧାର କରି ଚିକିତ୍ସାପାଇଁ ବାରମାଇଲସ୍ଥିତ କିଶାନତାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିବା ସୂଚନା ମିଳିଛି।

## ମୋ ଖତ ବିକ୍ରୟ କେନ୍ଦ୍ର ଉଦ୍‌ଘାଟିତ

ଚମ୍ପୁଆ,୨୮।୧୧(ମହେଶ୍ୱର ଦାସ)

ଗୃହ ଓ ନଗର ଉନ୍ନୟନ ବିଭାଗ ଓଡିଶା ସରକାରଙ୍କ ଆନୁକୂଲ୍ୟରେ ଚମ୍ପୁଆ ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ମୋ ଖତ ବିକ୍ରୟ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ଚମ୍ପୁଆ ବିଜ୍ଞାପିତ ଅଞ୍ଚଳ ପରିଷଦ ସମ୍ମୁଖରେ ଏ ନେଇ ଏକ ଷ୍ଟଲକୁ ଚମ୍ପୁଆ ୧ ନମ୍ବର ୱାର୍ଡ କାଉନ୍‌ସିଲର ଛତ୍ରପତି ନାଏକ, କାଉନ୍‌ସିଲର ଏମଡି ଇମ୍ରାନ ଆନୁଷ୍ଠାନିକ ଭାବେ ଫିତା କାଟି ଉଦ୍‌ଘାଟନ କରିଥିଲେ। ଏନ୍‌ଏସିର ବର୍ଜ୍ୟବସ୍ତୁରୁ ଉତ୍ପାଦିତ ଏହି ଖତ ୧ କି.ଗ୍ରା ପ୍ରତି ୧୦ ଟଙ୍କା ଦରରେ ବିକ୍ରୟ ଆରମ୍ଭ କରାଯାଇଛି। ସର୍ବସାଧାରଣ ବିକ୍ରି ନିମନ୍ତେ ଏହି ଖତ କେନ୍ଦ୍ରକୁ ଉପଲବ୍ଧ କରାଯାଇଥିବା ବେଳେ ଆବଶ୍ୟକ ଅନୁଯାୟୀ ଜନସାଧାରଣ ଏହି ଖତ ନେଇପାରିବେ ବୋଲି ସିଏମ୍‌ଏମ୍ ଅନନ୍ତଚରଣ ସାହୁ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ପ୍ରକାଶ କୁଣ୍ଡୁ, ସ୍ୱୟଂସହାୟକ ଗୋଷ୍ଠୀ, ସୁପରଭାଇଜର ଓ ବିଭିନ୍ନ କର୍ମଚାରୀ ସହଯୋଗ କରିଥିଲେ।




ଜଣେ ବ୍ୟକ୍ତି କେନ୍ଦ୍ରରୁ ଖତ କିଣି ନେଉଛନ୍ତି।

## କାର୍ ଯୋଗେ ୧୧ ଛେଳି ଚୋରି

### ଜଣେ ଗିରଫ, ୩ ଫେରାର

ଢେଙ୍କିକୋଟ,୨୮।୧୧(ନୀଳମଣି ମଣ୍ଡଳ)

କେନ୍ଦୁଝର ଜିଲ୍ଲା ପଣ୍ଡାପଡ଼ା ଥାନା ଘଟଗାଁ ଓ ହରିଚନ୍ଦନପୁର ବ୍ଲକ୍‌ର ବିଭିନ୍ନ ଗ୍ରାମରୁ କାରରେ ଛେଳି ଚୋରି ଅଭିଯୋଗରେ ପୋଲିସ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ କେନ୍ଦୁଝର ପୁରୁଣା ବଜାର ଆଟୋପୁରର ନନ୍ଦନ ବେହେରା(୨୧)। କାର ଜବତ ହୋଇଥିବା ବେଳେ ୧୧ ଛେଳି ଉଦ୍ଧାର ହୋଇଛି।

ପ୍ରକାଶ ଯେ, ନୁଦୁରୁପଡ଼ା, ବଙ୍କିବାରିଗାଁ, ବଲାଣିପଶି, ସୁନାଟାଙ୍ଗିରି ଓ ନିତ୍ୟାନନ୍ଦପୁରରୁ ଛେଳି ଚୋରି ହେଉଥବା ନେଇ ପଣ୍ଡାପଡା ଥାନାରେ ଗତ ୪ ଓ ୫ ତାରିଖରେ ପୃଥକ ଅଭିଯୋଗ ହୋଇଥିଲା। ପଣ୍ଡାପଡ଼ା ଆଇଆଇସି ଲକ୍ଷ୍ମୀକାନ୍ତ ପ୍ରଧାନ ଛେଳି ଚୋରଙ୍କୁ ଧରିବା ପାଇଁ ସ୍ୱତନ୍ତ୍ର ଟିମ୍ ଗଠନ କରିଥିଲେ। ଗୁରୁବାର ମଧ୍ୟାହ୍ନରେ ନୁଦୁରୁପଡ଼ା ଗ୍ରାମ ନିକଟରେ ଏକ କାର (ନଂ. ଓଆର ୦୯ ବିଡି ୦୦୨୯)ରେ ଅଭିଯୁକ୍ତମାନେ ଛେଳି ଭର୍ତ୍ତି କରି ନେଉଥିଲେ। ପୋଲିସ ପାଟ୍ରୋଲିଂ ଟିମ୍ ଦେଖି କାରର ପିଛା କରିଥିଲା। ପୋଲିସକୁ ଦେଖି ଅଭିଯୁକ୍ତମାନେ ନୁଦୁରୁପଡ଼ା ଛକରେ ଗାଡି ଛାଡ଼ି ପଳାଇବାକୁ ଉଦ୍ୟମ କରିଥିଲେ। ପୋଲିସ ପିଛା କରି ନନ୍ଦନଙ୍କୁ ଧରିଥିବା ସଫଳ ହୋଇଥିଲା। ଅନ୍ୟ ୩ ଜଣ ଦୌଡ଼ି ପଳାଇଥିଲେ। ଜବତ ଛେଳି କାଞ୍ଜିପାଣି ଅଞ୍ଚଳରୁ ଚୋରି କରିଥିବା ନନ୍ଦନ ପୋଲିସ ଆଗରେ ସ୍ୱୀକାର କରିଥିଲେ। ଟିମ୍ କାର ଜବତ କରି ଭିତରୁ ୧୧ଟି ଛେଳି ଉଦ୍ଧାର କରିଛି। ଏ ନେଇ ପୃଥକ ମାମଲା (ନଂ. ୨୪୭/୨୫, ୨୪୯/୨୫)ରୁଜୁ ହୋଇ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ପୋଲିସ କହିଛି। ଫେରା ଅଭିଯୁକ୍ତଙ୍କ ମଧ୍ୟରୁ ଜଣଙ୍କ ଘର ପଶ୍ଚିମବଙ୍ଗରେ ହୋଇଥିବା ବେଳେ ୨ ଜଣ ଆନନ୍ଦପୁର ଅଞ୍ଚଳର ବୋଲି ପୋଲିସ ଜାଣିବାକୁ ପାଇଛି। ପଣ୍ଡାପଡା ଥାନା ଆଇଆଇସି ଲକ୍ଷ୍ମୀକାନ୍ତ ପ୍ରଧାନଙ୍କ ନିର୍ଦ୍ଦେଶ କ୍ରମେ ଏଏସ୍‌ଆଇ ବୀରେନ୍ଦ୍ର ନାଥ ମାରାଣ୍ଡି ତଦନ୍ତ କରୁଛନ୍ତି।

## ବାର୍ଷିକ କ୍ରୀଡା ପ୍ରତିଯୋଗିତା

ଝାରପୋଖରିଆ, ୨୮।୧୧
(ସୁଧୀର କୁମାର ମହାନ୍ତ)

ସାରସକଣା ବ୍ଲକ ଅଧୀନ ଝାରପୋଖରିଆ (ବନ୍ଦେ ଛକ)ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଷୋଡ଼ଶ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ପଦ୍ମ ଲୋଚନ ପାତ୍ରଙ୍କ ତତ୍ତ୍ୱାବଧାନରେ ଗୁରୁଜୀ ହରିହର ଗିରି, ହରେନ କୁମାର ମହାନ୍ତ, ଗୁରୁମା ଇନ୍ଦ୍ରାବତୀ ମହାନ୍ତ, ଯାଜ୍ଞସେନୀ ମହନ୍ତଙ୍କ ସହିତ ବିଦ୍ୟାମନ୍ଦିରର ଛାତ୍ରୀଛାତ୍ରମାନେ ଝାରପୋଖରିଆ ଶ୍ରୀ ଲୋକନାଥ ମନ୍ଦିରରୁ ସକାଳ ୯ ଘଟିକା ସମୟରେ କ୍ରୀଡ଼ା ମଶାଲ ଲଗାଇ ଶୋଭାଯାତ୍ରାରେ ବାହାରି ବିଦ୍ୟାମନ୍ଦିର କ୍ରୀଡ଼ା ପ୍ରାଙ୍ଗଣରେ ଉପସ୍ଥିତ ହୋଇଥିଲେ। ପରେ ବିଦ୍ୟାମନ୍ଦିରର ଗତ ବର୍ଷ ୨୦୨୪ର କ୍ରୀଡ଼ା ଚାମ୍ପିୟନ ଛାତ୍ରୀ ହିରଣ୍ମୟୀ ସିଂହଙ୍କ ଉପସ୍ଥିତିରେ ସ୍ଥାନୀୟ ସୀମାନ୍ତ ମହାବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ଶ୍ରଦ୍ଧାନନ୍ଦ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମୂହ ଛାତ୍ରୀଛାତ୍ର, ଗୁରୁମାଗୁରୁଜୀଙ୍କ ଗ୍ରହଣରେ କ୍ରୀଡ଼ା ପ୍ରତିଯୋଗିତାର ଶୁଭାରମ୍ଭ କରିଥିଲେ। ଛାତ୍ରୀଛାତ୍ରମାନଙ୍କୁ ନେଇ ସବ ଜୁନିୟର, ଜୁନିୟର ଓ ସିନିୟର୍ ବିଭାଗରେ ୧୫ରୁ ୨୦ କ୍ରୀଡ଼ା ପ୍ରତିଯୋଗିତା ଦୁଇଦିନ ଧରି ଅନୁଷ୍ଠିତ ହେବ ବୋଲି ପ୍ରଧାନ ଆଚାର୍ଯ୍ୟ ପ୍ରକାଶ କରିଛନ୍ତି।

## ପୋଲିସକୁ ଆକ୍ରମଣ ନେଇ ମାମଲା

### ପ୍ଲାଣ୍ଟ୍ ପ୍ରତିରୋଧ ମଞ୍ଚ ସମ୍ପାଦକଙ୍କୁ ଗିରଫ ଘଟଣା

ପାଟଣା,୨୮।୧୧(ବୀର କିଶୋର ଦାଶ): କେନ୍ଦୁଝର ଜିଲ୍ଲା ପାଟଣା ତହସିଲ ଯମୁନାପୋଷି ଗ୍ରାମରେ ଜେଏସ୍‌ଡବ୍ଲ୍ୟୁ-ପୋସ୍କୋ ପ୍ରତିରୋଧ ମଞ୍ଚର ସମ୍ପାଦକ ବେଣୁଧର ସର୍ଦ୍ଦାରଙ୍କୁ ବୁଧବାର ରାତିରେ ତୁରୁମୁଙ୍ଗା ପୋଲିସ ଗିରଫ କରିଛି। ଗିରଫଦାରିକୁ ବିରୋଧ କରି ଯମୁନାପୋଷି ଓ କୋଡ଼ଖମଣ ଗ୍ରାମବାସୀ ପୋଲିସ ଗାଡ଼ି ଭଙ୍ଗାରୁଜା କରିଥିଲେ। ପୋଲିସ ଉକ୍ତ ଘଟଣାକୁ ନେଇ ପ୍ରତିରୋଧ ମଞ୍ଚ ଓ ଗ୍ରାମବାସୀଙ୍କ ବିରୋଧରେ ମାମଲା (ନଂ.୩୦୦/୨୫)ରୁଜୁ କରିଛି। ଏଥିରେ ଜେଏସ୍‌ଡବ୍ଲ୍ୟୁ-ପୋସ୍କୋ ପ୍ରତିରୋଧ ମଞ୍ଚର ସଭାପତି ଘନଶ୍ୟାମ ମହାନ୍ତ, ଅକ୍ଷୟ ନାୟକଙ୍କ ସହ ୫ଜଣ ପ୍ଲାଣ୍ଟ୍ ବିରୋଧୀ ନେତା ଓ ଉଭୟ ଯମୁନାପୋଷି ଓ କୋଡ଼ଖମଣ ଗ୍ରାମବାସୀଙ୍କ ନାମ ରହିଛି। ପ୍ରତିରୋଧ ମଞ୍ଚ ସଭାପତି ଘନଶ୍ୟାମ ମହାନ୍ତ କହିଛନ୍ତି, ଆମେ ଗଣତାନ୍ତ୍ରିକ ପ୍ରକ୍ରିୟାରେ ଦୋଫସଲି ଉର୍ବର ଚାଷ ଜମି କମ୍ପାନୀ ହାତକୁ ଟେକି ନ ଦେବା ପାଇଁ ଆନ୍ଦୋଳନ କରୁଛୁ। ପୋଲିସ ସହାୟତାରେ ପଲ୍ଲୀସଭା କରାଇ ନ ଦେବାକୁ ହିନ ଉଦ୍ୟମ ହେଉଛି।

## ବାଳକରେ ଘଷିପୁରା, ବାଳିକାରେ ହାଟଡ଼ିହୀ ଚାମ୍ପିୟନ

### ଜିଲ୍ଲାସ୍ତରୀୟ ସମୂହ କ୍ରିକେଟ ପ୍ରତିଯୋଗିତା

ବଉଳା,୨୮।୧୧(ଦୁର୍ଗା ପ୍ରସାଦ ଆୟଚ)

କେନ୍ଦୁଝର ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ହାଟଡ଼ିହୀ ବ୍ଲକ୍ ଗଡ଼ଚଣ୍ଡି ହାଇସ୍କୁଲ ସୁନ୍ଦରାପାଳ ମିନି ଷ୍ଟାଡିୟମରେ ଆୟୋଜିତ ୬୯ତମ ଜିଲ୍ଲାସ୍ତରୀୟ ସମୂହ ୧୭ବର୍ଷରୁ କମ୍ ବାଳକ ଓ ବାଳିକା କ୍ରିକେଟ୍ ପ୍ରତିଯୋଗିତା ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ବାଳକ ବିଭାଗରେ ଚମ୍ପୁଆ ଓ ଘଷିପୁରା ବ୍ଲକ ମଧ୍ୟରେ ଫାଇନାଲ ମ୍ୟାଚ୍ ଖେଳାଯାଇଥିବା ବେଳେ ଘଷିପୁରା ଚାମ୍ପିୟନ ହୋଇଥିଲା। ବାଳିକା ବିଭାଗରେ ହାଟଡ଼ିହୀ ବ୍ଲକ୍ ଚାମ୍ପିୟନ ହୋଇଥିଲା।

ଏଡିଇଓ ଶ୍ରୀକାନ୍ତ ବେହେରାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ହାଟଡ଼ିହୀ ବ୍ଲକ୍ ଅଧ୍ୟକ୍ଷା ସାବିତ୍ରୀ ସେଠୀ, ଜିଲ୍ଲା ଓଷ୍ଟା ସଭାପତି ମନ୍ମଥ ମହାନ୍ତ, ସମ୍ମାନିତ ଅତିଥିଭାବେ କେନ୍ଦୁଝର ଜିଲ୍ଲା ଓଷ୍ଟା ସମ୍ପାଦକ ରଞ୍ଜନ ଘଡ଼େଇ, ଓଷ୍ଟା ଉପଦେଷ୍ଟା ଶାନ୍ତନୁ ମିଶ୍ର, ଗଡ଼ଚଣ୍ଡୀ ହାଇସ୍କୁଲର ପ୍ରଧାନ ଶିକ୍ଷକ ଶରତ ଶାସିନୀ, ଢେଙ୍କା ସରପଞ୍ଚ ସୁବାସିନୀ ସେଠୀ, ଏବିଇଓ ହାଟଡ଼ିହୀ ପ୍ରମୋଦ ବେହେରା, ଜିଲ୍ଲା ଏନ୍‌ପିଏସ୍ ସେକ୍ରେଟାରୀ ମନୋଜ ପଣ୍ଡା ଯୋଗଦେଇଥିଲେ। ସୌମ୍ୟରଞ୍ଜନ ଜେନା, ପଦ୍ମନାଭ ସାମଲ, ଦେବାଶିଷ ରାଉତ, ସୁରେଶ ଭୂୟାଁ, ସୁବ୍ରତ ଲେଙ୍କା, ଶ୍ରୀନିବାସ ମଲ୍ଲିକ, ବରଦା ପ୍ରସାଦ ଖୁଣ୍ଟିଆ, ସୌଭାଗ୍ୟ ଜେନା, ମୀନହରି ପେରେଇ ଖେଳ ପରିଚାଳନା କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ଅତିଥିଙ୍କ ଦ୍ୱାରା ଚାମ୍ପିୟନ ଦଳକୁ ଟ୍ରଫି ପ୍ରଦାନ କରାଯାଇଥିଲା। ଶାନ୍ତନୁ ରାଉତ, ପ୍ରମୋଦ ବେହେରା, ଲକ୍ଷ୍ମୀଧର ଜେନା, ନବଘନ ନାୟକ, ପ୍ରଦୀପ ସାହୁ, ଆନନ୍ଦ ଚନ୍ଦ୍ର ସାହୁ, ସୁଧାଂଶୁ ବିଶ୍ୱାଳ, ଅନିରୁଦ୍ଧ ସେଠୀ, ମୃତ୍ୟୁଞ୍ଜୟ ପଲେଇ, କ୍ଷୀରୋଦ ସେଠୀ, ମନସ୍ୱିନୀ ଖମାରୀ, ପବିତ୍ର ରାଉତ, ସୁଚିସ୍ମିତା ରାଉତ, ସୁରଜିତ୍ ଜେନା, ପୁଷ୍ପିତା ଖମାରୀ ସହଯୋଗ କରିଥିଲେ। ଚାମ୍ପିୟନ ୨ ଟିମ୍ ରାଜ୍ୟସ୍ତରକୁ ମନୋନୀତ ହୋଇଥିବା ଏଡିଇଓ ସୂଚନା ଦେଇଥିଲେ।




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

## 'ଶାରୀରିକ କ୍ରୀଡ଼ାକୁ ଗୁରୁତ୍ୱ ଦିଆଯିବା ଆବଶ୍ୟକ'

ବଡ଼ସାହି,୨୮।୧୧(ସମ୍ବିତ କୁମାର ରାଉତ)- ବଡ଼ସାହିସ୍ଥିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ୨୬ତମ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଆରମ୍ଭ ହୋଇଛି। ଅନୁଷ୍ଠାନର ଉପଦେଷ୍ଟା ରାଜକିଶୋର ଆଚାର୍ଯ୍ୟ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ପ୍ରଧାନ ଆଚାର୍ଯ୍ୟା ପୁହାଣ ସୂର୍ଯ୍ୟକାନ୍ତି ରାଉତ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ବଡ଼ସାହି ଥାନା ଆଇଆଇସି ସ୍ୱର୍ଣ୍ଣଲତା ମିଞ୍ଜ ଯୋଗଦେଇ ଅଲମ୍ପିକ ମଶାଲ ପ୍ରଜ୍ୱଳନ କରି ଆଜିକାଲି ଯେଉଁ ମାତ୍ରାରେ ମୋବାଇଲ ଗେମ କାୟା ବିସ୍ତାର କରିଛି ସେଥିରେ ନ ଭୁଲି ମୋବାଇଲ ଖେଳକୁ ତ୍ୟାଗ କରି ଶାରୀରିକ କ୍ରୀଡ଼ାକୁ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ବଡ଼ସାହି ହ୍ୟୁମାନ ରାଇଟ ମିଶନର ସଭାପତି ସୁବୋଧ କୁମାର ଦଣ୍ଡପାଟ, ଆଦରଣୀୟ ଅତିଥି ଭାବେ ସିଆରସିସି ସନକ କୁମାର ଘୋଷ, ସମ୍ମାନିତ ଅତିଥି ଭାବେ ବିଜ୍ଞାନ ଶିକ୍ଷକ ଦେବରାଜ ନାୟକ ଓ ବରିଷ୍ଠ ଖେଳ ଶିକ୍ଷକ ମନୋରଞ୍ଜନ ମହାପାତ୍ର ଯୋଗ ଦେଇଥିଲେ। ଶୁଭଜିତ୍ ଶୁଭଙ୍କର ରାଉତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବାବେଳେ ଗୁରୁଜୀ ଦୀପକ ଦାସ ଓ ଗୁରୁମା ମଳୟ ମଞ୍ଜରୀ ରଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସୌମ୍ୟରଞ୍ଜନ ନାୟକ ଓ ବୀଣାପାଣି ବାରିକ ଧାରାବିବରଣୀ ପ୍ରଦାନ କରିଥିଲେ। ଗୁରୁଜୀ ଅତୁଲ୍ୟ ସୁନ୍ଦର ଭଞ୍ଜବାବୁ, ଗୋବିନ୍ଦ ହେମ୍ବ୍ରମ, ରଣଜିତ କୁମାର ମହାନ୍ତି, ସୌଭାଗ୍ୟବତୀ ରାଉତ, ଭାଗ୍ୟବତୀ ନାୟକ, କବିତା ପତି, ପ୍ରିୟଙ୍କା ମହାନ୍ତ, ସୋନାକ୍ଷି ଦଣ୍ଡପାଟ, ବର୍ଷା ମହାନ୍ତ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଗୁରୁଜୀ କାର୍ତ୍ତିକ ସେଠୀ ଧନ୍ୟବାଦ ଦେଇଥିଲେ। କ୍ରୀଡ଼ା ପ୍ରତିଯୋଗିତା ୩ଦିନ ଧରି ଚାଲିବ ବୋଲି କ୍ରୀଡ଼ା ଅଧିକାରିଣୀ ସବିତା ମହାନ୍ତି ସୂଚନା ଦେଇଛନ୍ତି।

# ୨୯ରୁ ଆରମ୍ଭ 'ସାଂସଦ ଖେଳ ମହାକୁମ୍ଭ'

ବାଲେଶ୍ୱର, ୨୮।୧୧(ବାଞ୍ଛାନିଧି ଦେ): ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନକ୍ରମେ ସମଗ୍ର ଦେଶର ସମସ୍ତ ସଂସଦୀୟ କ୍ଷେତ୍ରରେ 'ସାଂସଦ ଖେଳ ମହାକୁମ୍ଭ' ଜାରି ରହିଛି। ଏହି ପରିପ୍ରେକ୍ଷୀରେ ଚଳିତବର୍ଷ ବାଲେଶ୍ୱର



ସଂସଦୀୟ କ୍ଷେତ୍ରର 'ସାଂସଦ ଖେଳ ମହାକୁମ୍ଭ'' ଆସନ୍ତା ୨୯ତାରିଖରେ ବାଲେଶ୍ୱର ପରମିଟ୍‌ପଡ଼ିଆରେ ଶୁଭାରମ୍ଭ ହେବ। ଏହାପରେ ସମସ୍ତ ବ୍ଲକସ୍ତରରେ ବିଭିନ୍ନ ଖେଳକୁଦ ପ୍ରତିଯୋଗିତା ଆୟୋଜିତ ହେବ ବୋଲି ବାଲେଶ୍ୱର ସର୍କିଟ୍ ହାଉସଠାରେ ବୁଧବାର ରାତିରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

ଖେଲୋ ଇଣ୍ଡିଆ, ଫିଟ୍ ଇଣ୍ଡିଆ ଅନ୍ତର୍ଗତ ଏହି ମହାକୁମ୍ଭ ପାଇଁ ବର୍ତ୍ତମାନ ସୁଦ୍ଧା ୫୦ ହଜାର ଖେଳାଳିଙ୍କ ନାମ ପଞ୍ଜିକରଣ ହୋଇସାରିଛି। ଉଭୟ ପୁରୁଷ ଓ ମହିଳା ବର୍ଗରେ ଏହି ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ଆସନ୍ତା ଡିସେମ୍ବର ୨୫ତାରିଖରେ ସମାରୋପ ଦିବସରେ ପୁରସ୍କୃତ କରାଯିବ ବୋଲି ସେ କହିଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ସଂସଦୀୟ କ୍ଷେତ୍ରର ସମସ୍ତ ଜନପ୍ରତିନିଧି, ଜିଲାପାଳ, ଉପଜିଲାପାଳ, ଜିଲା କ୍ରୀଡ଼ା ଅଧିକାରୀଙ୍କ ସମେତ ବହୁ ବିଭାଗୀୟ ଅଧିକାରୀ ଓ କ୍ରୀଡ଼ାବିତ୍ ଉପସ୍ଥିତ ରହିବେ।

# ରେଳଷ୍ଟେଶନରେ ମକ୍‌ଡ୍ରିଲ୍

## ଦୁର୍ଘଟଣାର ପ୍ରତୀକାତ୍ମକ ଉଦ୍ଧାର ଶୈଳୀ ପ୍ରଦର୍ଶିତ


ମକଡ୍ରିଲ୍ କାର୍ଯ୍ୟକ୍ରମ।

ନୀଳଗିରି, ୨୮।୧୧(ପ୍ରଶାନ୍ତ ବିଶ୍ୱାଳ)

ଭାରତ ବର୍ଷରେ ଯାତ୍ରୀ ସହିତ ମାଲ ପରିବହନର ପ୍ରମୁଖ ମାଧ୍ୟମ ତଥା ଲାଇଫ୍ ଲାଇନ୍ କୁହାଯାଉଥିବା ରେଳଗାଡ଼ି ଅଧିକାଂଶ ସମୟରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥାଏ। ବିଗତ ୨୦୨୩ ଜୁନ୍ ୨ତାରିଖ ବାଲେଶ୍ୱର ନିକଟବର୍ତ୍ତୀ ବାହାନଗା ରେଳଷ୍ଟେଶନ ନିକଟରେ ଏକ ମର୍ମନ୍ତୁଦ ରେଳଦୁର୍ଘଟଣା ଘଟିଥିଲା। ଏଥିରେ ୨୯୬ଜଣଙ୍କର ବିଭତ୍ସ ମୃତ୍ୟୁ ହୋଇଥିବା ବେଳେ ପ୍ରାୟ ୧ହଜାରରୁ ଅଧିକ ଯାତ୍ରୀ ଗୁରୁତର ଆହତ ହୋଇଥିଲେ। ଏହି ଭୟାନକ ଦୁର୍ଘଟଣା ଲୋକଙ୍କ ମନରୁ ଲିଭି ନ ଥିବା ବେଳେ କିପରି ଲୋକଙ୍କୁ ଏପରି ବିପତ୍ତି ସମୟରେ ତୁରନ୍ତ ଉଦ୍ଧାର କରି ଚିକିତ୍ସାସେବା ଯୋଗାଇ ଦିଆଯାଇପାରିବ ତାହାର ଏକ ଡେମୋ (ମକଡ୍ରିଲ) ଦକ୍ଷିଣପୂର୍ବ ରେଳବିଭାଗ ଖଡଗପୁର ଡିଭିଜନ ଦ୍ୱାରା ସ୍ଥାନୀୟ ନୀଳଗିରି ଗୋପୀନାଥପୁରସ୍ଥିତ ରେଳଷ୍ଟେସନ ପରିସରରେ ଶୁକ୍ରବାର ଆୟୋଜିତ ହୋଇଥିଲା। ଏହି ପ୍ରତୀକାତ୍ମକ ଦୁର୍ଘଟଣା କାର୍ଯ୍ୟକ୍ରମ ଉଭୟ ରେଲୱେ ଏବଂ ଏନଡିଆରଏଫ୍‌ର ମିଳିତ ସହଯୋଗରେ ଅନୁଷ୍ଠିତ ହୋଇଥିଲା।

ଏଥିରେ କଟକ ମୁଣ୍ଡୁଳିସ୍ଥିତ ଏନ୍‌ଡିଆର୍‌ଏଫ୍‌ର ୪୦ଜଣ, ୧୪୦ଜଣ ଆର୍‌ପିଏଫ୍ ଷ୍ଟାଫ୍, ୩୭ଜଣ ସ୍କାଉଟ ଏବଂ ଗାଇଡ୍, ୫୧ଜଣ ମେଡିକାଲ ଷ୍ଟାଫ୍, ୧୧ଜଣ ଆମ୍ବୁଲାନ୍ସ ଆଡଭାନ୍ସଡ ଲାଇଫ ସପୋର୍ଟ ଷ୍ଟାଫ୍ ଉପସ୍ଥିତ ଥିବାବେଳେ ପୋଲିସ କର୍ମଚାରୀ, ବହୁ ପ୍ରଶାସନିକ ଅଧିକାରୀ, ଅଗ୍ନିଶମ କର୍ମଚାରୀଙ୍କ ସହିତ ସ୍ଥାନୀୟ ଜନସାଧାରଣ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ହୋଇଥିଲେ। ଅସ୍ଥାୟୀ ତମ୍ବୁଗୃହ ନିର୍ମାଣ କରାଯାଇ ରେସ୍କ୍ୟୁ କରାଯାଇଥିବା ପୀଡ଼ିତ ଲୋକଙ୍କର ଚିକିତ୍ସା କରାଯାଇଥିବା ସହିତ ସୂଚନା କେନ୍ଦ୍ର କରାଯାଇଥିଲା। ୦୦୦୨୬ନଂ. ହାଓ୍ୱଡ଼ା– ଜିପିଏନବି ଉତ୍ତରପ୍ରଦେଶ ଟ୍ରେନ୍‌ର ଦୁଇଟି ବଗିକୁ ଗୋଟିଏ ଉପରେ ଆଉ ଗୋଟିଏ ବଗି ରଖାଯାଇ ଦୁର୍ଘଟଣାର ରୂପ ଦିଆଯାଇଥିଲା। କଟର ସାହାଯ୍ୟରେ ବଗିକାଟି ମୃତାହତଙ୍କୁ ସୁରକ୍ଷିତ ଉଦ୍ଧାର କରାଯିବା, ଦଉଡ଼ି ସାହାଯ୍ୟରେ ଉଦ୍ଧାର କରାଯାଉଥିବା ଦୃଶ୍ୟ ଅତ୍ୟନ୍ତ ହୃଦୟ ବିଦାରକ ଥିଲା। କାର୍ଯ୍ୟକ୍ରମରେ ଖଡଗପୁର ଡିଭିଜନର ମ୍ୟାନେଜର ଲଳିତମୋହନ ପାଣ୍ଡେ ଉପସ୍ଥିତ ରହି ଏହି ମକଡ୍ରିଲକୁ ତଦାରଖ କରିଥିବା ବେଳେ ଖଡଗପୁର ଡିଭିଜନର ଡିଏସ୍‌ଓ ସୁଧୀର କୁମାରଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

# ଗଣ୍ଡିବେଡ଼ ହାଇସ୍କୁଲରେ ବୃତ୍ତି ଚୟନ

ଖଇରା, ୨୮।୧୧(ଉତ୍କଳବନ୍ଧୁ ପଣ୍ଡା) ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଗଣ୍ଡିବେଡ ହାଇସ୍କୁଲରେ ବୁଧବାର ଦିନ ୧୦ମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ଉପସ୍ଥିତିରେ ବୃତ୍ତି ଚୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ର ସଂସଦର ଉପସଭାପତି ଅଭିମନ୍ୟୁ ରାଉଳଙ୍କ ପୌରହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଗଣ୍ଡିବେଡ ସିଏଚସିର ଡାକ୍ତର ଉମେଶ ଚନ୍ଦ୍ର ଧାଉଡିଆ, ଗୋପାଳପୁର ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡ. ଅଭୟ କୁମାର ମହାନ୍ତି, କମଳାର୍ଜ୍ଜୁନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପକ ଜ୍ୟୋତିର୍ମୟ ପଣ୍ଡା ଓ ଗ୍ରାମ୍ୟବ୍ୟାଙ୍କର ଅଧିକାରିଣୀ ସୌମ୍ୟାଶ୍ରୀ ନାୟକ ଯୋଗଦେଇ ବିଭିନ୍ନ ବୃତ୍ତି ସମ୍ପର୍କରେ ସୂଚନା ଦେବା ଅବସରରେ ସବୁ ଦିଗକୁ ଦୃଷ୍ଟି ଦେଇ ବୃତ୍ତି ଚୟନ କରିବା ଏବଂ ଲକ୍ଷ୍ୟ ପୂରଣ ପାଇଁ କଠିନ ପରିଶ୍ରମ ଓ ନିଷ୍ଠାର ସହ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଅନୁଷ୍ଠାନର ପୁରାତନ ଛାତ୍ର, ଶିକ୍ଷୟିତ୍ରୀ ଓ ଶିକ୍ଷକ ଏଥିରେ ସହଯୋଗ କରିଥିଲେ।


ବୃତ୍ତି ଚୟନ କାର୍ଯ୍ୟକ୍ରମରେ ଉପସ୍ଥିତ ୧୦ମ ଶ୍ରେଣୀ ଛାତ୍ରୀଛାତ୍ର।


CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

REQUIRED
Admin Manager Needed for 4 wheeler Dealership in Bhubaneswar with 2-5 years experience in administration.
Send resume to :
csgargsongroup@gmail.com
Cc to:
siddharth9909@gmail.com
Call - +91 7855040457

SB SAHOO & CO PVT LTD
BHUBANESWAR
We are hiring Accounting Professional.
Qualification : Inter CA/Inter CMA
Salary is not a barrier for the right talent
Email : sbsahoo2005@yahoo.co.in
Mobile : 9124560515

REQUIRED
4 wheeler Dealership requires Sales Consultant, Sweeper, Driver for Bhawanipatna Location only.
Call :
+91 9438395880 / 93489 40535

REQUIRED
Bodyshop Advisor Needed for 4 wheeler Dealership with Diploma Automobile / Mechanical having 0-2 years experience. Send cv to:
servicemanager@capitaltoyota.in
Cc to:
siddharth9909@gmail.com
Call - +917978558195

SHATAYUSHI HEALTHCARE PVT LTD of Maharashtra having 1200+ Allopathy product basket, REQUIRES
BUSINESS DEVELOPMENT EXECUTIVE
(For BHUBANESWAR/ CUTTACK)
send resume on whatsapp only
Neeraj Pathak | Subhash Kelkar
7385495717 | 9923000311

WANTED
NEED 15 LABOUR for RAJIV AUTOMATION PVT. LTD.
Electrical Panel Factory Manufacturer
Call: 8260810076

SWETA AGENCIES
We are hiring: Sales & Marketing Executive
Qualification: Graduate from any background
Skills : Fluent in English Speaking
Location : Mancheswar I.E.S., Bhuabneswar
Contact for more details :
Mail : agenciessweta2005@gmail.com
Mob No. : 7008576691

Marketing ଷ୍ଟାଫ ଆବଶ୍ୟକ
ଜଗତ୍‌ସିଂହପୁରରେ Ready Mix କଂକ୍ରିଟ ପ୍ଲାଣ୍ଟରେ କାର୍ଯ୍ୟ ପାଇଁ ମାର୍କେଟିଙ୍ଗ, Quality Engineer, ପ୍ଲାଣ୍ଟ ମ୍ୟାନେଜର, ଇଞ୍ଜିନିୟର ଓ ଅନ୍ୟାନ୍ୟ ଷ୍ଟାଫ୍ ଆବଶ୍ୟକ।
Wp no. 9124416556

See Career Appointment on every Wednesday & Saturday


# ୩୦ରେ ପ୍ରଧାନମନ୍ତ୍ରୀଙ୍କ 'ମନ୍ କି ବାତ୍'

## ବସ୍ତା ନିର୍ବାଚନମଣ୍ଡଳୀରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ

ବାଲେଶ୍ୱର, ୨୮।୧୧(ବାଞ୍ଛାନିଧି ଦେ)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ମନ୍ କୀ ବାତ୍' କାର୍ଯ୍ୟକ୍ରମ ଦେଶରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଭାବେ ଉଭା ହୋଇଛି। ଆସନ୍ତା ୩୦ ତାରିଖରେ ଏହି କାର୍ଯ୍ୟକ୍ରମର ୧୨୮ତମ ଅଧ୍ୟାୟ ଅନୁଷ୍ଠିତ ହେବାକୁ ଯାଉଛି। ମନ କି ବାତ୍ କାର୍ଯ୍ୟକ୍ରମ ଜରିଆରେ ମୋଦୀ ଦେଶର ଭବିଷ୍ୟତ, ଲୁକ୍କାୟିତ ପ୍ରତିଭାର ଉନ୍ମୋଚନ ପାଇଁ ଲୋକଙ୍କ ହୃଦୟ ଜିଣିବାରେ ସଫଳ ହୋଇଛନ୍ତି। ପ୍ରତ୍ୟେକ ବୁଥ୍‌ରେ ଏହି କାର୍ଯ୍ୟକ୍ରମ ହେଉଥିବା ବେଳେ ଆସନ୍ତା ୩୦ ତାରିଖରେ ବସ୍ତା ନିର୍ବାଚନମଣ୍ଡଳୀରେ ପ୍ରଧାନମନ୍ତ୍ରୀ ମୋଦୀ ସିଧାସଳଖ ଭାବେ ଲୋକଙ୍କ ସହିତ ଭିଡିଓ କନଫରେନ୍ସ ଜରିଆରେ ଯୋଡ଼ି ହେବେ ବୋଲି ସୂଚନା ମିଳିଛି। ଏନେଇ କେନ୍ଦ୍ର ସରକାରଙ୍କ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

ଦେଶରେ ୧୭ଟି ନିର୍ବାଚନମଣ୍ଡଳୀର ଏକ ବୁଥ୍‌ରେ ମୋଦୀ ଯୋଡ଼ି ହେବେ। ଏହି ୧୭ ନିର୍ବାଚନମଣ୍ଡଳୀ ମଧ୍ୟରୁ ଓଡ଼ିଶା ୧୪୭ ବିଧାନସଭା ମଧ୍ୟରୁ ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡଙ୍ଗୀଙ୍କ ସଂସଦୀୟ କ୍ଷେତ୍ର ମଧ୍ୟରେ ବସ୍ତା ନିର୍ବାଚନମଣ୍ଡଳୀ ସ୍ଥାନ ପାଇ ଦେଶରେ ଏକ ଗୌରବମୟ ଅଧ୍ୟାୟ ସୃଷ୍ଟି କରିଛି। ୧୮ମାସ ମଧ୍ୟରେ ବସ୍ତା ନିର୍ବାଚନମଣ୍ଡଳୀ ୧୦ରୁ ଊର୍ଦ୍ଧ୍ୱ ଥର ରାଜ୍ୟରେ ପ୍ରଥମ ଓ ୩ ଥର ଦେଶରେ ପ୍ରଥମ ହୋଇଥିଲା। ସମସ୍ତ ବୁଥ୍‌ରେ ଶତ ପ୍ରତିଶତ ସଫଳତା ହୋଇଥିଲା। ବସ୍ତା ନିର୍ବାଚନମଣ୍ଡଳୀର ୩୭ ନଂ. ବିଧାନସଭା କ୍ଷେତ୍ର ବାଲିଆପାଳ ବ୍ଲକର ୧୪୭ ନମ୍ବର ବୁଥ୍ ଅସ୍ତିରେ ରବିବାର ଏକ ସ୍ୱତନ୍ତ୍ର କାର୍ଯକ୍ରମ ଅନୁଷ୍ଠିତ ହେବ ବୋଲି ଭାଜପା ବାଲେଶ୍ୱର ସାଙ୍ଗଠନିକ ଜିଲା (ଉତ୍ତର) ର ସଂଯୋଜକ କୃଷ୍ଣ ଚନ୍ଦ୍ର ଦତ୍ତ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ସମଗ୍ର ସଂସଦୀୟ କ୍ଷେତ୍ରର ଜନସାଧାରଣ ଯୋଡ଼ିହେବେ। ବସ୍ତା ନିର୍ବାଚନ ମଣ୍ଡଳୀ କାର୍ଯ୍ୟକ୍ରମରେ ଏମ୍‌ପି ପ୍ରତାପ ଚନ୍ଦ୍ର ଷଡଙ୍ଗୀ ମୁଖ୍ୟଅତିଥି ଓ ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ସଦସ୍ୟା ମନସ୍ୱିତ ଖୁଣ୍ଟିଆଙ୍କ ସହ ବହୁ ମାନ୍ୟଗଣ୍ୟ ଅତିଥି ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି।

# ୮୫ ଗ୍ରାମ୍ ବ୍ରାଉନସୁଗାର ସହ ଯୁବକ ଗିରଫ

ଜଳେଶ୍ୱର, ୨୮।୧୧(ନବୀନ ସାହୁ)

ଜଳେଶ୍ୱର ପୋଲିସ ଗୁରୁବାର ସକାଳ ସାଢେ ୯ଟାରେ ଜାତୀୟ ରାଜପଥର ଚାଳନ୍ତି ଛକରୁ ୮୫ଗ୍ରାମ ବ୍ରାଉନସୁଗାର ଜବତ ସହ ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଯୁବକ ହେଲେ ଭୁବନେଶ୍ୱରର ନୟାପଲ୍ଲୀ ଅଞ୍ଚଳର ଅଭିଷେକ ସିଂହ (୨୪)। ସେ ଜଳେଶ୍ୱରରୁ ସେ ବ୍ରାଉନସୁଗାର ନେଇ ଭୁବନେଶ୍ୱର ଯିବାକୁ ଚାଳନ୍ତି ଛକରେ ବସ୍‌କୁ ଅପେକ୍ଷା କରିଥିଲେ। କୌଣସି ସୂତ୍ରରୁ ଖବର ପାଇ ପୋଲିସ ଅଭିଷେକଙ୍କୁ ଅଟକ ରଖି ତଲାସୀ କରିଥିଲା। ଏହି ସମୟରେ ଅଭିଷେକଙ୍କଠାରୁ ୮୫ ଗ୍ରାମ୍ ଓଜନର ବ୍ରାଉନସୁଗାର ଜବତ କରାଯାଇଥିଲା। ଜବତ ବ୍ରାଉନସୁଗାର ମୂଲ୍ୟ ୯ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି କୁହାଯାଇଛି। ଏନେଇ ଜଳେଶ୍ୱର ଥାନାରେ ଏକ ମାମଲା (ନଂ.୫୫୫/୨୫) ରୁଜୁ ହୋଇଛି। ଅଭିଯୁକ୍ତ ଅଭିଷେକଙ୍କୁ କୋର୍ଟଚାଲାଣ କରାଯାଇଛି।

# ବ୍ଲକସ୍ତରୀୟ ବିଜ୍ଞାନ କୁଇଜ ପ୍ରତିଯୋଗିତା



କୁଇଜ୍ ପ୍ରତିଯୋଗିତାରେ ଉପସ୍ଥିତ ଅତିଥି।

ବାହାନଗା, ୨୮।୧୧(ଅରୂପ କୁମାର ଦାସ)

ବାହାନଗା ବ୍ଲକ ଅଞ୍ଜି ପଞ୍ଚାୟତର ଅନନ୍ତ ପ୍ରସାଦ ଉଚ୍ଚ ବିଦ୍ୟାଳୟ ପରିସରରେ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ କାର୍ଯ୍ୟକ୍ରମରେ ବ୍ଲକ ସ୍ତରୀୟ ବିଜ୍ଞାନ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ସବ୍‌ଜୁନିୟର, ଜୁନିୟର, ସିନିୟର ବିଭାଗର ୧୪୩ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ବିଜ୍ଞାନ ସମ୍ବନ୍ଧୀୟ ସାଧାରଣ ଜ୍ଞାନ ପରୀକ୍ଷା ପ୍ରତିଯୋଗିତା କରାଯାଇଥିଲା। ଏଥିରେ ପ୍ରତ୍ୟେକ ବିଭାଗରୁ ୩ଜଣ ଲେଖାଏଁ ୯ଜଣ ଛାତ୍ରୀଛାତ୍ର ଜିଲାସ୍ତରକୁ ମନୋନୀତ ହୋଇଛନ୍ତି। ଏନେଇ ଏକ ଉଦ୍‌ଘାଟନୀ ସଭା କରାଯାଇଥିଲା। ସଭାରେ ବିଇଓ ସୋମରାଣୀ ସେଠୀ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ବିଶ୍ୱନାଥ ମିଶ୍ର, ମୁଖ୍ୟବକ୍ତା ଭାବେ ଅଞ୍ଜି ହାଇସ୍କୁଲର ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ନାୟକ, ସମ୍ମାନିତ ଅତିଥି ଭାବେ ଅଞ୍ଜି ସରପଞ୍ଚ ଅନୁପମା ଜେନା, ସିଆରସିସି ସୁଦର୍ଶନ ପାଣିଗ୍ରାହୀ, ବିଦ୍ୟାଳୟର ଆଲୁମିନି ସଭାପତି ବ୍ରଜକିଶୋର ପଣ୍ଡା ପ୍ରମୁଖ ଯୋଗଦେଇ ପ୍ରତ୍ୟେକ ଛାତ୍ରୀଛାତ୍ରମାନେ ବାପା ମା', ଶିକ୍ଷୟିତ୍ରୀ ଶିକ୍ଷକ, ଗୁରୁଜନମାନଙ୍କ ମନକୁ ଜାଣି ଯିଏ କାର୍ଯ୍ୟ କରେ ସେ ସମାଜରେ ଜଣେ ଭଲ ମଣିଷ ହୋଇପାରିବ ବୋଲି ବକ୍ତବ୍ୟରେ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ସଂଯୋଜକ ଜୟନ୍ତ କୁମାର ନାୟକ ସଂଯୋଜନା କରିଥିଲେ। ପରେ ପୁରସ୍କାର ବିତରଣ ଉତ୍ସବ ପାଳନ କରାଯାଇଥିଲା। ବିଇଓ ସେଠୀ ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏବିଇଓ ରୋହିଆ ଟୁଡୁ, ପଦ୍ମଲୋଚନ ଦାସଙ୍କ ସମେତ ସମସ୍ତ ସିଆରସିସି ପ୍ରମୁଖ ଉପସ୍ଥିତ ଥିଲେ।


**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.: ST-OT-SIG-ZONAL-TLHR-521, ତା.25.11.2025ରିଖ

କାର୍ଯ୍ୟର ନାମ : 01 ବର୍ଷ ନିମନ୍ତେ ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ୍ ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର ସିଗ୍‌ନାଲ/ତାଳଚେର(TLHR) ପରିସୀମା ଅଧୀନସ୍ଥ ସେକ୍ସନରେ ପ୍ରତ୍ୟେକ ଟ.5,00,000/- କିମ୍ବା ତା'ଠାରୁ କମ୍ ମୂଲ୍ୟର ସିଗ୍‌ନାଲିଙ୍ଗ୍ ଜୋନାଲ (Zonal) କାର୍ଯ୍ୟ।

ଟେଣ୍ଡର ମୂଲ୍ୟ (₹): 91,41,421.06, EMD (₹) : 1,82,800.00।

ବିଡ୍ ଆରମ୍ଭ ହେବା ତାରିଖ : ତା.03.12.2025 ରିଖ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.17.12.2025 ରିଖ 1100 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ବରିଷ୍ଠ ମଣ୍ଡଳ ସଂକେତ ଏବଂ ଦୂରସଂଚାର ଯନ୍ତ୍ରୀ, ଖୋର୍ଦ୍ଧା ରୋଡ୍
PR-849/Q/25-26

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ.ETCECONIIIBBS 2025054, ତା.24.11.2025ରିଖ

କାର୍ଯ୍ୟର ନାମ : ନୟାଗଡ଼ ଏବଂ ତୁବୁନା ମଧ୍ୟରେ ନୂଆ ଲାଇନ୍ : ବ୍ୟବହାର ଅନୁପଯୋଗୀ PSC ସ୍ଲିପର ଦ୍ୱାରା ଜମି ସୀମା ପୋଷ୍ଟଗୁଡ଼ିକର ବ୍ୟବସ୍ଥା ସହିତ ସମ୍ପୃକ୍ତ ବିଭାଗ/ ମନ୍ତ୍ରଣାଳୟଗୁଡ଼ିକର ପ୍ରଚଳିତ ଅଧିନିୟମ/ନିୟମ ଅନୁଯାୟୀ ଘରୋଇ/ସରକାରୀ/ ଜଙ୍ଗଲ ଜମିର ଅଧିଗ୍ରହଣ/ ପୃଥକୀକରଣ/ଡାଇଭର୍ସନ (Diversion) ନିମନ୍ତେ ଜମି ଅଧିଗ୍ରହଣ ପ୍ରସ୍ତାବର ପ୍ରସ୍ତୁତି ଏବଂ ଜମା କରିବା ଏବଂ ଅନ୍ୟ ଆନୁଷଙ୍ଗିକ କାର୍ଯ୍ୟ।

କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : 36.82 ଲକ୍ଷ, EMD (ଟଙ୍କାରେ): 73,600/-, କାର୍ଯ୍ୟ ଶେଷ ହେବା ଅବଧି : 12 ମାସ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.16.12.2025 ରିଖ 1200 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ। ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଗତର୍ଣ୍ଣ ଆକାଉଣ୍ଟାଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-B ର ଦାଖଲ ସହିତ, ଟେଣ୍ଡର ନଥିପତ୍ର ଭାଗ୍ୟର 2 ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍) ର ଯାଞ୍ଚ ସୂଚୀ, ପାରା 3.1 (ଅତିରିକ୍ତ ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ।

ମୁଖ୍ୟ ପ୍ରଶାସନିକ ଅଧିକାରୀ(ନିର୍ମାଣ)/ ଭୁବନେଶ୍ୱର
PR-170/CI/25-26

**SAMBALPUR DISTRICT CO-OPERATIVE CENTRAL BANK**
**QUOTATION CALL NOTICE**
**No.4238/CB/CT/2025-26 Dt.28.11.2025**

Sambalpur District Co-Operative Central Bank (SDCCB) invites Quotation call notice for printing & supply of New Year Wall Date Picture Calendar & Diary -2026. For details please visit websites: www.sambalpurdccb.bank.in. The last date for receipt of proposal is **06.12.2025 at 3.00 PM.** SDCCB reserves the right to accept/ reject any/ all Quotation without assigning any reason thereof.

Sd/-
Chief Executive Officer

SAMBALPUR DISTRICT CO-OPERATIVE CENTRAL BANK
HEAD OFFICE: BARGARH-768028
Email:headoffice@sambalpurdccb.com

**କର୍ମଚାରୀ ଭବିଷ୍ୟନିଧି ସଂଗଠନ**
(ଶ୍ରମ ଏବଂ ରୋଜଗାର ମନ୍ତ୍ରାଳୟ, ଭାରତ ସରକାର )
କ୍ଷେତ୍ରୀୟ କାର୍ଯ୍ୟାଳୟ, ଭବିଷ୍ୟନିଧି ଭବନ, ପାନପୋଷ ରୋଡ୍, ରାଉରକେଲା- ୭୬୯୦୧୨, ଜିଲ୍ଲା - ସୁନ୍ଦରଗଡ଼

**ପ୍ରେସ୍ ବିଜ୍ଞପ୍ତି**

ଆଞ୍ଚଳିକ ଇ.ପି.ଏଫ୍. କାର୍ଯ୍ୟାଳୟ ପକ୍ଷରୁ ଆସନ୍ତା ଡିସେମ୍ବର ମାସ ପାଇଁ ''ନିଧି ଆପ୍‌କେ ନିକଟ'' ଏବଂ ''ପେନସନ୍ ଅଦାଲତ'' ତା.୧୦.୧୨.୨୦୨୫ରିଖ (ବୁଧବାର) ଦିନ ଆୟୋଜିତ ହେବାକୁ ଯାଉଛି। ଏହି ଅବସରରେ ପି.ଏଫ ଏବଂ ପେନସନ୍ ସଂପର୍କିତ ସମସ୍ୟାଗୁଡ଼ିକର ଶୁଣାଣି ଏବଂ ସମାଧାନ କରାଯିବ। ପୂର୍ବାହ୍ନ ୧୧ଟାରେ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ଭାଗନେବାପାଇଁ, ଆପତ୍ତି ଅଭିଯୋଗଥିବା ସମସ୍ତ ପେନସନଧାରୀ ତଥା ଇ.ପି.ଏଫ୍. ଅଂଶୀଦାରମାନେ ସେମାନଙ୍କ ସମସ୍ୟାର ପଞ୍ଜିକରଣ ନିଜର ଠିକଣା ଏବଂ ଫୋନ୍ ନମ୍ବର ସହ ଲିଖିତ ଭାବେ ପୋଷ୍ଟ ମାଧ୍ୟମରେ କିମ୍ବା ଅଫିସ୍‌ରେ ଥିବା ଡ୍ରପ ବକ୍ସରେ ଦାଖଲ କରିବାକୁ ନିବେଦନ କରାଯାଇଛି। ଏଥିସହିତ ପ୍ରୋଭିଡେଣ୍ଟ ଫଣ୍ଡ ଆକାଉଣ୍ଟର ସବିଶେଷ ବିବରଣୀ କିମ୍ବା ପି.ପି.ଓ ନମ୍ବର ଇତ୍ୟାଦି ଆସନ୍ତା ୩୦.୧୧.୨୦୨୫ ତାରିଖ ପୂର୍ବରୁ ଦାଖଲ କରିବାକୁ ହେବ ବୋଲି ଆଞ୍ଚଳିକ ପି.ଏଫ୍. କମିଶନର୍ ଏକ ପ୍ରେସ୍ ବିବୃତ୍ତିରେ ଜଣାଇଛନ୍ତି।

କ୍ଷେତ୍ରୀୟ ଭବିଷ୍ୟନିଧି ଆୟୁକ୍ତ
ଆଞ୍ଚଳିକ ଭବିଷ୍ୟନିଧି କାର୍ଯ୍ୟାଳୟ, ରାଉରକେଲା
SAI/RKL/0183/25

**ଖଡ଼ଗପୁର ମଣ୍ଡଳରେ ବିବିଧ ଷ୍ଟାଟିକ୍ ସେବା ଠିକାଗୁଡ଼ିକ ପାଇଁ ଇ-ନିଲାମ ବିଜ୍ଞପ୍ତି**

ଇ-ନିଲାମ ବିଜ୍ଞପ୍ତି ନଂ.: କେଜିପି/ଏମ୍‌ଏସ୍‌ଏସ୍/୨୦୨୫/୧୬, ତାରିଖ: ୨୭।୧୧।୨୦୨୫

ରାଷ୍ଟ୍ରପତି, ଭାରତ ସଂଘଙ୍କ ପାଇଁ ଏବଂ ତରଫରୁ ବରିଷ୍ଠ ମଣ୍ଡଳ ବାଣିଜ୍ୟିକ ପ୍ରବନ୍ଧକ, ଖଡ଼ଗପୁର ମଣ୍ଡଳ, ଦକ୍ଷିଣ ପୂର୍ବ ରେଳପଥ ୫ (ପାଞ୍ଚ) ବର୍ଷ ଅବଧି ପାଇଁ **ମେଚେଡ଼ା**ଠାରେ ୧ ଗୋଟି ପାର୍ସଲ ସ୍କାନର, **ବାଲେଶ୍ୱର**ଠାରେ ୧ ଗୋଟି ପାର୍ସଲ ସ୍କାନର, **ପାଂସକୁରା**ଠାରେ ୧ ଗୋଟି ପାର୍ସଲ ସ୍କାନର, **ଖଡ଼ଗପୁର**ଠାରେ ୧ ଗୋଟି ପାର୍ସଲ ସ୍କାନର୍ ଏବଂ **ହିଜ୍‌ଲି** ରେଳ ଷ୍ଟେଶନଠାରେ ୧ ଗୋଟି ପାର୍ସଲ ସ୍କାନର୍ ସ୍ଥାପନ ଲାଗି ଇ-ନିଲାମ ଆହ୍ୱାନ କରୁଛନ୍ତି। ନିଲାମ କାଟାଲଗ୍ ନଂ.: ଏମ୍‌ଏସ୍‌ଏସ୍–କେଜିପି–ପିଏସ୍–୨୫–୪, ନିଲାମ ତାରିଖ: ୦୯।୧୨।୨୦୨୫, ନିଲାମ ଆରମ୍ଭ/ବନ୍ଦ ହେବା ସମୟ: ୧୦.୦୦ ଘଟିକା ଓ ୧୧.୧୦ ଘଟିକା ଯଥାକ୍ରମେ, ଯାହା **https://www.ireps.gov.in/** ୱେବ୍‌ସାଇଟ୍‌ରେ ଅଧିସୂଚିତ ହୋଇଛି। ଆଗ୍ରହୀ ପକ୍ଷ ଏବଂ ଠିକାଦାରମାନେ ଏଥିପ୍ରତି ଧ୍ୟାନ ଦେବା ଏବଂ ଇ-ନିଲାମ ବିଜ୍ଞପ୍ତିର ବିବରଣୀ ଏବଂ ପ୍ରାସଙ୍ଗିକ ସୂଚନା ପାଇଁ ଉପରୋକ୍ତ ୱେବ୍‌ସାଇଟ୍ ଦେଖିବା ଆବଶ୍ୟକ। ଯଦି କୌଣସି ଅନୁସନ୍ଧାନ/ସ୍ପଷ୍ଟୀକରଣ ଥାଏ, ତେବେ ଦୟାକରି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

(PR-896)
ବରିଷ୍ଠ ମଣ୍ଡଳ ବାଣିଜ୍ୟିକ ପ୍ରବନ୍ଧକ, ଖଡ଼ଗପୁର
ଦକ୍ଷିଣ ପୂର୍ବ ରେଳପଥ
ହର୍ଷର ସହିତ ଆମେ ସେବାରତ

**TP SOUTHERN ODISHA DISTRIBUTION LIMITED**
**(Procurement Department)**
TPSODL
BPR North Star Building,
2nd Floor, Khodasingi, Berhampur, Odisha-760010

**NOTICE INVITING TENDER**
Dt.: 29.11.2025

**TP Southern Odisha Distribution Ltd.** invites tender from eligible vendors for following:

| Sl. No. | Tender Description | NIT Number | EMD (Rs.) | Tender Fee inclusive of GST (Rs.) | Last date and time of Payment of Tender Fee |
|---|---|---|---|---|---|
| 1 | RC for SITC of Cover MVLC | TPSODL/OT/ 2025-26/ 2500001101 | 50,000/- | 5,000 | 09.12:2025; 18:00 Hrs. |
| 2 | RC for supply of PSC Pole. | TPSODL/OT/ 2025-26/ 2500001103 | 2,00,000/- | 5,000 | 15.12:2025; 18:00 Hrs. |
| 3 | RC for Non-SBM Consumers MRBD & Spot Billing of Consumers | TPSODL/OT/ 2025-26/ 2500001100 | 5,00,000/- | 5,000 | 12.12:2025; 18:00 Hrs. |
| 4 | RC for SITC of Auditorium Work (Sound and display system) | TPSODL/OT/ 2025-26/ 2500001079-1 | 50,000/- | 5,000 | 09.12:2025; 18:00 Hrs. |
| 5 | Purchase Order for Supply of Various types of Clamps at TPSODL. | TPSODL/OT/ 2025-26/ 2500001102 | 50,000/- | 5,000 | 15.12.2025; 18:00 Hrs. |

For detailed tender, please visit Tender Section on TPSODL website **https://www.tpsouthernodisha.com**

**ଇଣ୍ଡୋ-ତିବ୍ବତୀୟ ସୀମା ପୋଲିସ ବଳ**
୬୧ତମ ବାଟାଲିଅନ୍
୭୯୨୬ ତାରିଖ: ୦୧।୧୧।୨୫

**କାରଣ ଦର୍ଶାଅ ନୋଟିସ**

ରେଜିମେଣ୍ଟାଲ ନଂ.୨୫୦୬୧୪୭୯୭, ରୋଲ୍ ନଂ.- ୬୦୦୫୦୪୬୩୪୨, କନଷ୍ଟେବଲ/ଜିଡି(ଆର୍‌ଇସିଟି.) ଅମନ ଖାନ୍, ପିତା– ସବିର ଖାନ୍, ଗ୍ରାମ– ଅର୍ଗାଡେ ମାଲା, ପୋଷ୍ଟ/ଥାନା– ଟିଟିଲାଗଡ଼, ଜିଲ୍ଲା– ବଲାଙ୍ଗୀର, ରାଜ୍ୟ– ଓଡ଼ିଶା (୭୬୭୦୩୩)ଙ୍କୁ ଏତଦ୍ୱାରା ସୂଚିତ କରାଯାଉଅଛି କି ଆପଣ କ୍ଷମତାପନ୍ନ କର୍ତ୍ତୃପକ୍ଷଙ୍କ ଆଗୁଆ ଅନୁମତି/ସୂଚନା ବିନା ମୌଳିକ ପ୍ରଶିକ୍ଷଣ ସମୟରେ ଆର୍‌ଟିସି (ଶିବଗଙ୍ଗାଇ)ରୁ ତା୧୪।୦୭।୨୦୨୫ରିଖ (ପୂର୍ବାହ୍ନ)ଠାରୁ ଅନୁପସ୍ଥିତ ରହିଆସିଛନ୍ତି।

୦୨. ଆପଣଙ୍କୁ ଆର୍‌ଟିସି (ଶିବଗଙ୍ଗାଇ) ପଞ୍ଜୀକୃତ ମେମୋ ନଂ. ୧୦୮୮–୯୧, ତାରିଖ: ୧୭।୦୭।୨୦୨୫ ଏବଂ ୧୧୮୫–୮୮ ତାରିଖ: ୨୧।୦୭।୨୦୨୫ ଜରିଆରେ ପ୍ରଶିକ୍ଷଣ କେନ୍ଦ୍ରରେ ଉପସ୍ଥିତ ହେବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା କିନ୍ତୁ ଆପଣ ଏ ପର୍ଯ୍ୟନ୍ତ ଉପସ୍ଥିତ ହୋଇନାହାନ୍ତି। ଏହି ମାମଲାର ତଦନ୍ତ ପାଇଁ ଡିଆଇଜି ଆର୍‌ଟିସି (ଶିବଗଙ୍ଗାଇ)ଙ୍କ ଦ୍ୱାରା ଏକ ତଦନ୍ତ ନ୍ୟାୟାଳୟର ଆଦେଶ ଦିଆଯାଇଥିଲା ଏବଂ ସି.ଓ.ଆଇ.ର ସୁପାରିସ ଆଧାରରେ ୬୧ତମ ବାଟାଲିଅନ୍ ଆଦେଶ ସଂ. ୭୫୬୭–୮୧, ତାରିଖ: ୧୦।୧୦।୨୦୨୫ ମାଧ୍ୟମରେ ଆପଣଙ୍କୁ ତା୧୪।୦୭।୨୦୨୫ରିଖ (ପୂର୍ବାହ୍ନ)ଠାରୁ ଜଣେ ''ପଳାତକ'' ଭାବେ ଘୋଷଣା କରାଯାଇଛି। ଉକ୍ତ ଆଦେଶର ଏକ ନକଲ ଆପଣଙ୍କୁ ଆପଣଙ୍କ ଘର ଠିକଣାରେ ପଞ୍ଜୀକୃତ ଡାକ ଯୋଗେ ମଧ୍ୟ ପଠାଯାଇଛି।

୦୩. ଏହି ନୋଟିସ ଜରିଆରେ ଆପଣଙ୍କୁ ଏତଦ୍ୱାରା ପୁନର୍ବାର ନିର୍ଦ୍ଦେଶ ଦିଆଯାଉଅଛି ଯେ ଆପଣ ଏହି ନୋଟିସ ପ୍ରକାଶନର ୩୦ ଦିନ ମଧ୍ୟରେ ଆର୍‌ଟିସି ଶିବଗଙ୍ଗାଇ (ଆଇଟିବିପି), ପୋଷ୍ଟ– ପଦମଥୁର, ଜିଲ୍ଲା– ଶିବଗଙ୍ଗାଇ, ରାଜ୍ୟ– ତାମିଲନାଡୁ (୬୩୦୫୬୨)ଠାରେ ଉପସ୍ଥିତ ହୁଅନ୍ତୁ, ଅନ୍ୟଥା ଇଣ୍ଡୋ–ତିବ୍ବତୀୟ ସୀମା ପୋଲିସ ବଳ ଅଧିନିୟମ ୧୯୯୨ ଏବଂ ଇଣ୍ଡୋ–ତିବ୍ବତୀୟ ସୀମା ପୋଲିସ ବଳ ନିୟମାବଳୀ – ୧୯୯୪ର ବ୍ୟବସ୍ଥାପନ ଅଧୀନରେ ଆପଣଙ୍କୁ ଅନ୍ୟ କୌଣସି ପରବର୍ତ୍ତୀ ନୋଟିସ କିମ୍ବା ସୂଚନା ବିନା **ସେବାରୁ ବରଖାସ୍ତ** କରିବା ଲାଗି କାର୍ଯ୍ୟାନୁଷ୍ଠାନ ଆରମ୍ଭ କରାଯିବ।

**ସ୍ୱା./- କମାଣ୍ଡାଣ୍ଟ**
**୬୧ତମ ବାଟାଲିଅନ୍, ଆଇ.ଟି.ବି.ପି. ପୋଲିସ ବଳ**
CBC 19112/11/0185/2526

# ରାସ୍ତାରେ ବାଡ଼ଘେରାକୁ ନେଇ ଉତ୍ତେଜନା

ମୋରଡ଼ା,୨୮।୧୧(ସ୍ମାରକ ମାଜୀ)

ମୋରଡ଼ା ବ୍ଲକ ଅଧୀନ ଜୁଆଲିଭଙ୍ଗା ପଞ୍ଚାୟତର ମହୁଲବଣି ଗ୍ରାମ ରାସ୍ତା ମଝିରେ ବାଡ଼ ଘେରାକୁ ନେଇ ଉତ୍ତେଜନା ପ୍ରକାଶ ପାଇଛି। ଅଞ୍ଚଳବାସୀ ଏକାଠି ହୋଇ ଏହାକୁ ବିରୋଧ କରିଛନ୍ତି।

ସୂଚନା ମୁତାବକ, ମହୁଲବଣି ଗ୍ରାମ ନିକଟରେ କିଛି ମାସ ତଳେ ସୁବର୍ଣ୍ଣରେଖା ଶାଖା କେନାଲ ନିର୍ମାଣ କାର୍ଯ୍ୟ ହୋଇଥିଲା। କାର୍ଯ୍ୟ ସରିବା ପରେ ପୂର୍ଣ୍ଣଚନ୍ଦ୍ରପୁର ଗ୍ରାମର ଯୋଗେଶ୍ୱର ମହାକୁଡ଼ କେନାଲ ରାସ୍ତାର ୩ଟି ସ୍ଥାନରେ ରାସ୍ତା ମଝିରେ କଣ୍ଟା, ବାଉଁଶରେ ବାଡ଼ ଘେରାଇ ରାସ୍ତା ବନ୍ଦ କରିବା ଫଳରେ ଗ୍ରାମବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଉକ୍ତ ରାସ୍ତା ଦେଇ ଗ୍ରାମବାସୀ ମାତ୍ର ୧ କି.ମି.ରେ ନିକଟବର୍ତ୍ତୀ ଗ୍ରାମ ମାଇଗାଁକୁ ଯିବା ଆସିବା କରୁଥିବା ବେଳେ ରାସ୍ତା ବନ୍ଦ ହେବା ଫଳରେ ଉକ୍ତ ଗ୍ରାମକୁ ଯିବାକୁ ଲୋକେ ୫ କି.ମି. ଯାତାୟାତ କରୁଛନ୍ତି। ସେହିପରି ଚାଷୀମାନେ ମଧ୍ୟ ବିଲରୁ ଧାନ ନେବାକୁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏନେଇ ଗ୍ରାମବାସୀ ମୟୂରଭଞ୍ଜ ଜିଲାପାଳଙ୍କଠାରେ ଅଭିଯୋଗ କରିବା ପରେ ମଧ୍ୟ ସମସ୍ୟାର ସମାଧାନ ହୋଇ ପାରିନାହିଁ। ସେହିପରି ଗ୍ରାମବାସୀ ପୋଲିସର ମଧ୍ୟ ଦ୍ୱାରସ୍ଥ ହୋଇଥିଲେ, କିନ୍ତୁ କୌଣସି ସୁଫଳ ମିଳିଲା ନାହିଁ। ଏହାର ପ୍ରତିବାଦରେ ଶୁକ୍ରବାର ସକାଳ ୯ଟା ସମୟରେ ଜୁଆଲିଭଙ୍ଗା ସରପଞ୍ଚ ସୁଶାନ୍ତ ସିଂ, ସମିତି ସଭ୍ୟ ସିନଗ ସୋରେନ, ପାଣି ପଞ୍ଚାୟତ ସମ୍ପାଦକ ଲାଲମୋହନ ମହାନ୍ତ, ସଚ୍ଚିଦାନନ୍ଦ ମହାନ୍ତ, ପ୍ରବୀର କୁମାର ମହାନ୍ତ, ହିମାଂଶୁ ମହାନ୍ତ, ଦୀପକ ମୋହନ୍ତ, ଧରିତ୍ରୀ ମହାନ୍ତ, କଦମ୍ବ ମହାନ୍ତଙ୍କ ସହିତ କୋଡିଏରୁ ଉର୍ଦ୍ଧ୍ୱ ଗ୍ରାମବାସୀ ଏକତ୍ରିତ ହୋଇଥିଲେ। ଯଥାଶୀଘ୍ର ଯଦି ଏହାର ସମାଧାନ ନ ହୁଏ ତେବେ ଆଗକୁ ଲୋକେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଥିଲେ। ସୂଚନାଯୋଗ୍ୟ, କେନାଲ ନିର୍ମାଣ ସମୟରେ ଜମି ଅଧିଗ୍ରହଣ ବାବଦ ଅର୍ଥ ନେଣଦେଣକୁ ନେଇ ଉକ୍ତ ବିବାଦ ଉପୁଜିଛି ବୋଲି ଗ୍ରାମବାସୀ କହିଛନ୍ତି। ଏନେଇ ସୁବର୍ଣ୍ଣରେଖା ଜଳସେଚନ ବିଭାଗର ବେତନଟୀ ସେକ୍ସନ ଅଧୀକ୍ଷଣ ଯନ୍ତ୍ରୀ ମାନସ ମଣ୍ଡଳଙ୍କୁ ପଚାରିବାରୁ ଏବାବଦରେ ମୋରଡା ତହସିଲଦାରଙ୍କୁ ଜଣାଇ ପୋଲିସ ପ୍ରଶାସନ ସାହାଯ୍ୟରେ ବାଡ଼କୁ ଉଚ୍ଛେଦ କରାଯିବ ବୋଲି କହିଛନ୍ତି।



ବାଉଁଶ ବାଡ଼ ଘେରାକୁ ବିରୋଧ କରୁଥିବା ଗ୍ରାମବାସୀମାନେ।

# ବିପଦସଙ୍କୁଳ ବିଦ୍ୟୁତ୍ ଟ୍ରାନ୍ସଫର୍ମର



ଖାରପୋଖାରିଆ,୨୮।୧୧(ସୁଧୀର କୁମାର ମହାନ୍ତ)

ମୟୂରଭଞ୍ଜ ଜିଲା ସାରସକଣା ବ୍ଲକ୍ ଖାରପୋଖରିଆ ବିଦ୍ୟୁତ୍ ସେକ୍ସନ ଅଧୀନ ପାଣ୍ଡରା ପଞ୍ଚାୟତର ପାଣ୍ଡରା ଉପକଣ୍ଠ ଧନାଶ୍ରୀ ଗ୍ରାମ ଆର୍‌ଡି ରାସ୍ତା ପାର୍ଶ୍ୱରେ ଥିବା ବିଦ୍ୟୁତ୍ ଟ୍ରାନ୍ସଫର୍ମରଟି ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି। ଏହି ଟ୍ରାନ୍ସଫର୍ମରଟିର ଚତୁଃପାର୍ଶ୍ୱରେ ବିଭାଗ ପକ୍ଷରୁ ସୁରକ୍ଷା ବାଡ଼ ନ ଥିବାରୁ ଚାରିକଡ଼ରୁ ପ୍ରାୟ ୬ ଫୁଟ ଉଚ୍ଚତାରେ ଗଛ ଲତାମାନ ମାଡ଼ି ରହିଛି। ଯାହା ଦ୍ୱାରା ଭବିଷ୍ୟତରେ କୌଣସି ବି ମୁହୂର୍ତ୍ତରେ ବିପଦ ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ। ଏପରିକି ମନୁଷ୍ୟ ତଥା ଗୃହ ପାଳିତ ପଶୁ ପକ୍ଷୀଙ୍କ କେତେବେଳେ ଜୀବନହାନି ଘଟିବାର ମଧ୍ୟ ସମ୍ଭାବନା ରହିଛି। ଖାରପୋଖରିଆ ବିଦ୍ୟୁତ୍ ସେକ୍ସନ କର୍ତ୍ତୃପକ୍ଷ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେଇ ସୁରକ୍ଷା ବାଡ଼ ନିର୍ମାଣ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

# ଦୋଷୀଙ୍କୁ ୩ବର୍ଷ କାରାଦଣ୍ଡ

ବାରିପଦା,୨୮।୧୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)

## ସରକାରୀ ଅର୍ଥ ହେରଫେର ମାମଲା

ମୟୂରଭଞ୍ଜ ଜିଲା ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ଗୁରୁବାର ଏକ ସରକାରୀ ଅର୍ଥ ହେରଫେର ମାମଲାର ରାୟ ପ୍ରକାଶ ପାଇଛି। ଜଜ୍ ପୂର୍ଣ୍ଣିମା ଜେନା ଏହାର ବିଚାର କରି ଠିକାଦାରଙ୍କ ଲାଇସେନ୍ସ ଟଙ୍କା ହେରଫେର ମାମଲାରେ ଅଭିଯୁକ୍ତ କିରାଣିଙ୍କୁ ଦୋଷୀ ସାବ୍ୟସ୍ତ କରି ୩ବର୍ଷ କାରାଦଣ୍ଡାଦେଶ ପ୍ରଦାନ କରିଛନ୍ତି। ଏହା ସହିତ ୬୦ହଜାର ଟଙ୍କା ଜରିମାନା ଓ ଅନାଦାୟେ ଅଧିକ ୧୧ମାସ ଜେଲଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ କିରାଣି ଜଣକ ହେଲେ ଗୌରହରି ପାତ୍ର।

ମାମଲାର ବିବରଣୀ ଅନୁଯାୟୀ, ୨୦୦୯-୧୦ଆର୍ଥିକ ବର୍ଷରେ ବାରିପଦା ସର୍କଲ ଜଳସେଚନ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ସିଓଡି କ୍ଲାସ ଠିକାଦାରଙ୍କ ରିନ୍ୟୁ ଅର୍ଥ ୪ଲକ୍ଷ ୭୭ହଜାର ଟଙ୍କା ବ୍ୟାଙ୍କ କିମ୍ବା ପୋଷ୍ଟ ଅଫିସରେ ଜମା କରାଯାଇ ନ ଥିଲା। ଏନେଇ କିରାଣି ପାତ୍ର ଠିକାଦାରଙ୍କୁ କୌଣସି ସୂଚନା ପ୍ରଦାନ କରି ନ ଥିଲେ। ଯାହାକୁ ନେଇ ଭିଜିଲାନ୍ସ ବିଭାଗରେ ଅଭିଯୋଗ କରାଯାଇଥିଲା। ଅଭିଯୋଗକୁ ଭିତ୍ତିକରି ଭିଜିଲାନ୍ସ ପକ୍ଷରୁ ଏକ ମାମଲା (ନଂ. ୪୪/୨୦୧୧) ରୁଜୁ ହୋଇ ତଦନ୍ତ କରାଯାଇଥିଲା। ୮ଜଣ ସାକ୍ଷୀଙ୍କ ବୟାନ ଓ ଭିଜିଲାନ୍ସର ତଦନ୍ତ ରିପୋର୍ଟକୁ ଭିତ୍ତି କରି ଜଜ୍ ଉପରୋକ୍ତ ଶୁଣାଣୀ କରିଛନ୍ତି। ଉକ୍ତ ମାମଲାକୁ ସ୍ୱତନ୍ତ୍ର ସରକାରୀ ଆଇନଜୀବୀ ଏସ.କେ ଦାସ ଓ ଅତିରିକ୍ତ ପିପି ଦୀପକ କୁମାର ସେଠୀ ପରିଚାଳନା କରୁଥିଲେ।

# ତଦନ୍ତ କଲେ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ

ମୋରଡ଼ା,୨୮।୧୧(ସ୍ମାରକ ମାଜୀ)

## ଆଶ୍ରମ ବିଦ୍ୟାଳୟ ପାଚେରି ଡେଇଁ ୪ ଛାତ୍ର ପଳାଇବା ଘଟଣା

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଅଧୀନ ଚିକିଟାମାଟିଆ ବାଳକ ଆଶ୍ରମ ବିଦ୍ୟାଳୟର ୪ଜଣ ଛାତ୍ର ଗୁରୁବାର ସକାଳେ ହଷ୍ଟେଲ କର୍ତ୍ତୃପକ୍ଷଙ୍କ ଅଜାଣତରେ ପାଚେରୀ ଡେଇଁ ପଳାଇଥିଲେ। ପରବର୍ତ୍ତୀ ଅବସ୍ଥାରେ ସେମାନଙ୍କୁ ଶୁଳିଆପଦା ପୋଲିସ ଉଦ୍ଧାର କରି ସିଡବ୍ଲ୍ୟୁସିକୁ ପଠାଇଥିଲା। ଖବରପାଇ ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୃଷ୍ଣ କୁମାର ଲେଙ୍କା ଶୁକ୍ରବାର ସିଡବ୍ଲ୍ୟୁସିରେ ପହଞ୍ଚି ଛାତ୍ରମାନଙ୍କୁ ହଷ୍ଟେଲକୁ ଆଣିଥିଲେ। ପରେ ୩ ଛାତ୍ରଙ୍କୁ ସେମାନଙ୍କ ଅଭିଭାବକମାନେ ଘରକୁ ନେଇଥିବା ବେଳେ ଜଣେ ଛାତ୍ର ହଷ୍ଟେଲରେ ଅଛନ୍ତି। ଶୁକ୍ରବାର ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଦାୟିତ୍ୱରେ ଥିବା ପାର୍ବତୀ ହାଁସଦା ହଷ୍ଟେଲରେ ପହଞ୍ଚି ଘଟଣାର ତଦନ୍ତ କରିଛନ୍ତି। ଦାୟିତ୍ୱହୀନତା ପାଇଁ ସେ ହଷ୍ଟେଲ କର୍ତ୍ତୃପକ୍ଷଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି କହିଛନ୍ତି। ପ୍ରଧାନ ଶିକ୍ଷକ ଲେଙ୍କା ଘଟଣାକୁ ହାଲୁକାଭାବେ ନେଇ ହଷ୍ଟେଲ ସୁପରିଣ୍ଟେଣ୍ଡେଣ୍ଟଙ୍କ ଅବହେଳାକୁ ଲୁଚାଇବାକୁ ଚେଷ୍ଟା କରିଥିବା ଜଣାପଡ଼ିଛି। ଏନେଇ ଜିଲା ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଗୁରୁଚରଣ ମଲ୍ଲିକଙ୍କୁ ପଚାରିବାରୁ ଘଟଣାକୁ ନେଇ ପଦକ୍ଷେପ ଗ୍ରହଣ କରିବେ ବୋଲି କହିଛନ୍ତି।

# ବ୍ଲକସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ



ଅତିଥିମାନେ କୃତୀ ଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରୁଛନ୍ତି।

ବୈଶିଙ୍ଗା(ରତନ ଦାଶ)/ ବେତନଟୀ (ଧରଣୀଧର ମହାନ୍ତି),୨୮।୧୧

ବୈଶିଙ୍ଗାସ୍ଥିତ ମୁନିଲାଲ ହାଇସ୍କୁଲ ପରିସରରେ ବେତନଟୀ ବ୍ଲକସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ଜିଲା ଅତିରିକ୍ତ ଶିକ୍ଷାଧିକାରୀ ଶଶୀଧର ସିଂ ମୁଖ୍ୟଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ ପୂର୍ବକ ବିଜ୍ଞାନ ମେଳାକୁ ଉଦ୍‌ଘାଟନ କରିଥିଲେ। ପ୍ରାରମ୍ଭରେ ଶ୍ରୀଜଗନ୍ନାଥଙ୍କ ବିଗ୍ରହ ନିକଟରେ ପ୍ରଦୀପ ପ୍ରଜ୍ୱଳନ ପରେ ଅନୁଷ୍ଠିତ ସଭାରେ ଗୋଷ୍ଠୀ ଶିକ୍ଷାଧିକାରୀ ବିପ୍ଳବ କର, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଅପର୍ଣ୍ଣା ସାହୁ, ବ୍ଲକ ବିଜ୍ଞାନ ପରିଦର୍ଶକ କିଶୋର କୁମାର ଆଚାର୍ଯ୍ୟ, ମୁନିଲାଲ ହାଇସ୍କୁଲର ପ୍ରଧାନଶିକ୍ଷକ ତଥା ବିଜ୍ଞାନ ମେଳାର ସାଂଗଠନିକ ସମ୍ପାଦକ ଦେବେନ୍ଦ୍ର ମୁର୍ମୁ ଓ ଶିକ୍ଷକ ସଂଘ ସଭାପତି ସୁନୀଲ କୁମାର ବୋଡେ ମଞ୍ଚାସୀନ ରହି ବିଜ୍ଞାନ ମେଳା ଆୟୋଜନର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଛାତ୍ରୀମାନେ ସ୍ୱାଗତ ସଂଗୀତ ଗାନ କରିଥିଲେ। ପୂର୍ବତନ ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଜଗନ୍ନାଥ ସାହୁଙ୍କ ନେତୃତ୍ୱରେ ଅନ୍ୟ ୪ ଅଭିଜ୍ଞ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ମୂଲ୍ୟାୟନ କରାଯାଇଥିଲା। ଗୋଷ୍ଠୀ ଶିକ୍ଷାଧିକାରୀ ବିପ୍ଳବ କରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ଜିଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ମୁଖ୍ୟଅତିଥି, ପ୍ରତିରକ୍ଷା ଓ ଗବେଷଣା ସଂସ୍ଥାର ବରିଷ୍ଠ ବୈଜ୍ଞାନିକ ଶୁଭାଶିଷ ମାର୍ଣ୍ଡି ମୁଖ୍ୟବକ୍ତା, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅପର୍ଣ୍ଣା ସାହୁ, ବ୍ଲକ୍ ବିଜ୍ଞାନ ପର୍ଯ୍ୟବେକ୍ଷକ କିଶୋର କୁମାର ଆଚାର୍ଯ୍ୟ, ବିଜ୍ଞାନ ମେଳାର ସାଂଗଠନିକ ସମ୍ପାଦକ ଦେବେନ୍ଦ୍ର ମୁର୍ମୁ ମଞ୍ଚାସୀନ ଥିଲେ। ଏଥିରେ ମୋଟ ୧୦୫ଟି ପ୍ରକଳ୍ପ ସ୍ଥାନ ପାଇଥିବାବେଳେ ବିଭିନ୍ନ ବିଭାଗରୁ ୭ଟି ପ୍ରକଳ୍ପ ଜିଲାସ୍ତରକୁ ମନୋନୀତ ହୋଇଥିଲା। ଏହି ଅବସରରେ କୁଇଜ୍ ପ୍ରତିଯୋଗିତା ମଧ୍ୟ ଅନୁଷ୍ଠିତ ହୋଇଥିଲା।

# ଗ୍ରାମ୍ୟସ୍ତରରୁ ଆରମ୍ଭ ହେବ ରୋଡ୍‌ମ୍ୟାପ୍




ତାଲିମ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀମାନେ।

ବାରିପଦା,୨୮।୧୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)

## ବିପର୍ଯ୍ୟୟ ପରିଚାଳନା

'ଶୂନ୍ୟ ମୃତ୍ୟୁହାର' ତଥା 'ପ୍ରତ୍ୟେକ ଜୀବନ ମୂଲ୍ୟବାନ' ଏହା ହେଉଛି ବିପର୍ଯ୍ୟୟ ପରିଚାଳନାର ମୂଳମନ୍ତ୍ର। ଏଭଳି ଏକ ଆଭିମୁଖ୍ୟ ନେଇ ଗ୍ରାମ୍ୟସ୍ତରରୁ ବିପର୍ଯ୍ୟୟ ପରିଚାଳନାକୁ ଅଧିକରୁ ଅଧିକ କ୍ରିୟାଶୀଳ, ସୁଦୃଢ, ଓ ସଶକ୍ତ କରିବା, ଅଭିନବ ଜ୍ଞାନ କୌଶଳର ପ୍ରୟୋଗ, ସୃଜନଶୀଳତାକୁ ଗୁରୁତ୍ୱ ଦେବା, ଯୋଜନା ପ୍ରସ୍ତୁତି, ଦୁର୍ବଳ ଗୋଷ୍ଠୀ ସମୂହର ଚିହ୍ନଟୀକରଣ, ଗୋଷ୍ଠୀ ସହଭାଗିତା ବୃଦ୍ଧି ସହିତ ଗ୍ରାମ ଓ ପଞ୍ଚାୟତସ୍ତରରେ ଏହାର ସଠିକ ଓ ସଫଳ ରୂପାୟନ ସଙ୍ଗେ ସଙ୍ଗେ ଜଳବାୟୁ ପରିବର୍ତ୍ତନ ତଥା ବିଶ୍ୱତାପମାନ ବୃଦ୍ଧି ହେତୁ ଆଗାମୀ ଦିନରେ ସମ୍ମୁଖୀନ ହେବାକୁ ଥିବା ପ୍ରତିବନ୍ଧକ ସବୁର ସହଜ ସମାଧାନ ନିମନ୍ତେ ସରକାର ପ୍ରତିଶ୍ରୁତିବଦ୍ଧ। ଏଥି ନିମନ୍ତେ ବିପର୍ଯ୍ୟୟ ପରିଚାଳନାର ରୋଡ୍ ମ୍ୟାପ କିଭଳି ଗୋଷ୍ଠୀସ୍ତରରୁ ଆରମ୍ଭ ହୋଇ ପାରିବ ସେଥିପ୍ରତି ଦୃଷ୍ଟି ଦେଇ ମୟୂରଭଞ୍ଜ ଜିଲାର ୪୦୪ ପଞ୍ଚାୟତରେ କାର୍ଯ୍ୟରତ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀମାନଙ୍କୁ ପର୍ଯ୍ୟାୟ କ୍ରମେ ବିପର୍ଯ୍ୟୟ ପରିଚାଳନା ଦକ୍ଷତା ବୃଦ୍ଧି ତାଲିମ କାର୍ଯ୍ୟକ୍ରମ ବାରିପଦାସ୍ଥିତ ପଞ୍ଚାୟତ ସଂଶାଧନ କେନ୍ଦ୍ର ସଭା ଗୃହରେ ଆୟୋଜିତ ହେଉଛି ବୋଲି ଉଦ୍‌ଯାପନୀ ସଭାରେ ଡେପୁଟି କଲେକ୍ଟର ଶ୍ରଦ୍ଧା ସୁମନ ଯୋଗଦେଇ ମତ ପ୍ରକାଶ କରିଛନ୍ତି। ବିପର୍ଯ୍ୟୟ ପରିଚାଳନା ହେଉଛି ଏକ ଟିମ୍ ୱାର୍କ, ଯେଉଁଥିରେ ଉଭୟ ସରକାରୀ ସଂସ୍ଥା, ବେସରକାରୀ ଅନୁଷ୍ଠାନ, ସ୍ୱେଚ୍ଛାସେବୀ ଓ ଗୋଷ୍ଠୀ ସମୂହର ସମାନ ଭୂମିକା ଥାଏ ଏବଂ ସମସ୍ତଙ୍କର ସହଯୋଗରେ ଆମେ ଅସମ୍ଭବକୁ ସମ୍ଭବ କରିଥାନ୍ତି। ଏହିକ୍ରମରେ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଓ ଜିଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ମିଳିତ ଭାବେ ଅନେକଗୁଡ଼ିଏ କାର୍ଯ୍ୟକ୍ରମ କରୁଥିବା ସେ ପ୍ରକାଶ କରିଥିଲେ। ଜିଲା ଜରୁରୀକାଳୀନ କାର୍ଯ୍ୟାଳୟର ଜିଲା ପ୍ରକଳ୍ପ ଅଧିକାରୀ ଜଗବନ୍ଧୁ ମହାନ୍ତି ଏହି ତାଲିମ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଅବଗତ କରାଇବା ସଙ୍ଗେ ସଙ୍ଗେ ଏହି ଦୁଇ ଦିନିଆ ତାଲିମ କାର୍ଯ୍ୟକ୍ରମ ସଫଳତାର ସହିତ ସମାପନ ହୋଇଥିବାରୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।


**CAREER APPOINTMENT** ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings Call : 0674-2580385 Email : advt@dharitri.com

**REQUIRED**
Admin Manager Needed for 4 wheeler Dealership in Bhubaneswar with 2-5 years experience in administration. Send resume to : csgargsongroup@gmail.com Cc to: siddharth9909@gmail.com Call - +91 7855040457

**SB SAHOO & CO PVT LTD** BHUBANESWAR
We are hiring **Accounting Professional**.
Qualification : Inter CA/Inter CMA
Salary is not a barrier for the right talent
Email : sbsahoo2005@yahoo.co.in Mobile : 9124560515

**REQUIRED**
4 wheeler Dealership requires **Sales Consultant, Sweeper, Driver** for **Bhawanipatna** Location only. Call : +91 9438395880 / 93489 40535

**REQUIRED**
**Bodyshop Advisor** Needed for 4 wheeler Dealership with Diploma Automobile / Mechanical having 0-2 years experience. Send cv to: servicemanager@capitaltoyota.in Cc to: siddharth9909@gmail.com Call - +917978558195

SHATAYUSHI HEALTHCARE PVT LTD of Maharashtra having 1200+ Allopathy product basket, **REQUIRES BUSINESS DEVELOPMENT EXECUTIVE** (For BHUBANESWAR/ CUTTACK) send resume on whatsapp only
Neeraj Pathak 7385495717 | Subhash Kelkar 9923000311

**WANTED** NEED 15 LABOUR for RAJIV AUTOMATION PVT. LTD. Electrical Panel Factory Manufacturer Call: 8260810076

**SWETA AGENCIES**
**We are hiring**: Sales & Marketing Executive
**Qualification**: Graduate from any background
**Skills** : Fluent in English Speaking
Location : Mancheswar I.E.S., Bhuabneswar
Contact for more details : Mail : agenciessweta2005@gmail.com Mob No. : 7008576691

Marketing ଷ୍ଟାଫ ଆବଶ୍ୟକ
ଜଗତ୍‌ସିଂହପୁରରେ Ready Mix କଂକ୍ରିଟ ପ୍ଲାଣ୍ଟରେ କାର୍ଯ୍ୟ ପାଇଁ ମାର୍କେଟିଙ୍ଗ, Quality Engineer, ପ୍ଲାଣ୍ଟ ମ୍ୟାନେଜର, ଇଞ୍ଜିନିୟର ଓ ଅନ୍ୟାନ୍ୟ ଷ୍ଟାଫ୍ ଆବଶ୍ୟକ।
**Wp no. 9124416556**

See Career Appointment on every Wednesday & Saturday

**SAMBALPUR DISTRICT CO-OPERATIVE CENTRAL BANK**
**QUOTATION CALL NOTICE**
No.4238/CB/CT/2025-26 Dt.28.11.2025
Sambalpur District Co-Operative Central Bank (SDCCB) invites Quotation call notice for printing & supply of New Year Wall Date Picture Calendar & Diary -2026. For details please visit websites: www.sambalpurdccb.bank.in.The last date for receipt of proposal is **06.12.2025 at 3.00 PM.** SDCCB reserves the right to accept/ reject any/ all Quotation without assigning any reason thereof.
Sd/-
Chief Executive Officer
SAMBALPUR DISTRICT CO-OPERATIVE CENTRAL BANK
HEAD OFFICE: BARGARH-768028
Email:headoffice@sambalpurdccb.com

**ପୂର୍ବ ତଟ ରେଳପଥ**
ଟେଣ୍ଡର ବିଜ୍ଞପ୍ତି ସଂ.: ST-OT-SIG-ZONAL-TLHR-521, ତା.25.11.2025ରିଖ
କାର୍ଯ୍ୟର ନାମ : 01 ବର୍ଷ ନିମନ୍ତେ ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ଼ ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର ସିଗ୍ନାଲ/ତାଳଚେର(TLHR) ପରିସୀମା ଅଧୀନସ୍ଥ ସେକ୍ସନରେ ପ୍ରତ୍ୟେକ ଟ.5,00,000/- କିମ୍ବା ତା'ଠାରୁ କମ୍ ମୂଲ୍ୟର ସିଗ୍ନାଲିଙ୍ଗ୍ ଜୋନାଲ (Zonal) କାର୍ଯ୍ୟ।
ଟେଣ୍ଡର ମୂଲ୍ୟ (₹): 91,41,421.06, EMD (₹) : 1,82,800.00।
ବିଡ୍ ଆରମ୍ଭ ହେବା ତାରିଖ : ତା.03.12.2025 ରିଖ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.17.12.2025 ରିଖ 1100 ଘଟିକାରେ।
ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।
ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।
ବରିଷ୍ଠ ମଣ୍ଡଳ ସଂକେତ ଏବଂ ଦୂରସଂଚାର ଯନ୍ତ୍ରୀ, ଖୋର୍ଦ୍ଧା ରୋଡ୍
PR-849/Q/25-26

**ପୂର୍ବ ତଟ ରେଳପଥ**
ଇ-ଟେଣ୍ଡର ବିଜ୍ଞପ୍ତି ସଂ.ETCECONIIIBBS 2025054, ତା.24.11.2025ରିଖ
କାର୍ଯ୍ୟର ନାମ : ନୟାଗଡ଼ ଏବଂ ଭୁବନା ମଧ୍ୟରେ ନୂଆ ଲାଇନ୍ : ବ୍ୟବହାର ଅନୁପଯୋଗୀ PSC ସ୍ଲିପର ଦ୍ୱାରା ଜମି ସୀମା ପୋଷ୍ଟଗୁଡ଼ିକର ବ୍ୟବସ୍ଥା ସହିତ ସମ୍ପୃକ୍ତ ବିଭାଗ/ ମନ୍ତ୍ରଣାଳୟଗୁଡ଼ିକର ପ୍ରଚଳିତ ଅଧିନିୟମ/ନିୟମ ଅନୁଯାୟୀ ଘରୋଇ/ସରକାରୀ/ ଜଙ୍ଗଲ ଜମିର ଅଧିଗ୍ରହଣ/ ପୃଥକୀକରଣ/ଡାଇଭର୍ସନ (Diversion) ନିମନ୍ତେ ଜମି ଅଧିଗ୍ରହଣ ପ୍ରସ୍ତାବର ପ୍ରସ୍ତୁତି ଏବଂ ଜମା କରିବା ଏବଂ ଅନ୍ୟ ଆନୁଷଙ୍ଗିକ କାର୍ଯ୍ୟ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : 36.82 ଲକ୍ଷ, EMD (ଟଙ୍କାରେ): 73,600/-, କାର୍ଯ୍ୟ ଶେଷ ହେବା ଅବଧି : 12 ମାସ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.16.12.2025 ରିଖ 1200 ଘଟିକାରେ।
ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ। ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା ବିଡ୍‌ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା ବିଡ୍‌ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।
ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଚାର୍ଟର୍ଡ ଆକାଉଣ୍ଟାଣ୍ଟଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-B ର ଦାଖଲ ସହିତ, ଟେଣ୍ଡର ନଥିପତ୍ର ଭଲ୍ୟୁମ 2 ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍) ର ଯାଞ୍ଚ ସୂଚୀ, ପାରା 3.1 (ଅତିରିକ୍ତ ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ।
ମୁଖ୍ୟ ପ୍ରଶାସନିକ ଅଧିକାରୀ(ନିର୍ମାଣ)/ ଭୁବନେଶ୍ୱର
PR-170/CI/25-26

କର୍ମଚାରୀ ଭବିଷ୍ୟନିଧି ସଂଗଠନ
(ଶ୍ରମ ଏବଂ ରୋଜଗାର ମନ୍ତ୍ରାଳୟ, ଭାରତ ସରକାର)
କ୍ଷେତ୍ରୀୟ କାର୍ଯ୍ୟାଳୟ, ଭବିଷ୍ୟନିଧି ଭବନ, ପାନପୋଷ ରୋଡ଼, ରାଉରକେଲା- ୭୬୯୦୧୨, ଜିଲ୍ଲା - ସୁନ୍ଦରଗଡ଼
**ପ୍ରେସ୍ ବିଜ୍ଞପ୍ତି**
ଆଞ୍ଚଳିକ ଇ.ପି.ଏଫ୍. କାର୍ଯ୍ୟାଳୟ ପକ୍ଷରୁ ଆସନ୍ତା ଡିସେମ୍ବର ମାସ ପାଇଁ "ନିଧି ଆପକେ ନିକଟ" ଏବଂ "ପେନସନ ଅଦାଲତ" ତା.୧୦.୧୨.୨୦୨୫ରିଖ (ବୁଧବାର) ଦିନ ଆୟୋଜିତ ହେବାକୁ ଯାଉଛି। ଏହି ଅବସରରେ ପି.ଏଫ ଏବଂ ପେନସନ ସଂପର୍କିତ ସମସ୍ୟାଗୁଡ଼ିକର ଶୁଣାଣି ଏବଂ ସମାଧାନ କରାଯିବ। ପୂର୍ବାହ୍ନ ୧୧ଟାରେ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ଭାଗନେବାପାଇଁ, ଆପତ୍ତି ଅଭିଯୋଗଥିବା ସମସ୍ତ ପେନସନଧାରୀ ତଥା ଇ.ପି.ଏଫ୍. ଅଂଶୀଦାରମାନେ ସେମାନଙ୍କ ସମସ୍ୟାର ପଞ୍ଜିକରଣ ନିଜର ଠିକଣା ଏବଂ ଫୋନ୍ ନମ୍ବର ସହ ଲିଖିତ ଭାବେ ପୋଷ୍ଟ ମାଧ୍ୟମରେ କିମ୍ବା ଅଫିସ୍‌ରେ ଥିବା ଡ୍ରପ ବକ୍ସରେ ଦାଖଲ କରିବାକୁ ନିବେଦନ କରାଯାଇଛି। ଏଥିସହିତ ପ୍ରୋଭିଡେଣ୍ଟ ଫଣ୍ଡ ଆକାଉଣ୍ଟର ସବିଶେଷ ବିବରଣୀ କିମ୍ବା ପି.ପି.ଓ ନମ୍ବର ଇତ୍ୟାଦି ଆସନ୍ତା ୩୦.୧୧.୨୦୨୫ ତାରିଖ ପୂର୍ବରୁ ଦାଖଲ କରିବାକୁ ହେବ ବୋଲି ଆଞ୍ଚଳିକ ପି.ଏଫ୍. କମିଶନର୍ ଏକ ପ୍ରେସ୍ ବିବୃତ୍ତିରେ ଜଣାଇଛନ୍ତି।
କ୍ଷେତ୍ରୀୟ ଭବିଷ୍ୟନିଧି ଆୟୁକ୍ତ
ଆଞ୍ଚଳିକ ଭବିଷ୍ୟନିଧି କାର୍ଯ୍ୟାଳୟ, ରାଉରକେଲା
SAI/RKL/0183/25

**ଖଡ଼ଗପୁର ମଣ୍ଡଳରେ ବିବିଧ ଷ୍ଟାଟିକ୍ ସେବା ଠିକାଗୁଡ଼ିକ ପାଇଁ ଇ-ନିଲାମ ବିଜ୍ଞପ୍ତି**
ଇ-ନିଲାମ ବିଜ୍ଞପ୍ତି ନଂ.: କେଜିପି/ଏମ୍‌ଏସ୍‌ଏସ୍/୨୦୨୫/୧୬, ତାରିଖ: ୨୭।୧୧।୨୦୨୫
ରାଷ୍ଟ୍ରପତି, ଭାରତ ସଂଘଙ୍କ ପାଇଁ ଏବଂ ତରଫରୁ ବରିଷ୍ଠ ମଣ୍ଡଳ ବାଣିଜ୍ୟିକ ପ୍ରବନ୍ଧକ, ଖଡ଼ଗପୁର ମଣ୍ଡଳ, ଦକ୍ଷିଣ ପୂର୍ବ ରେଳପଥ ୫ (ପାଞ୍ଚ) ବର୍ଷ ଅବଧି ପାଇଁ **ମେଚେଦ୍ରା**ଠାରେ ୧ ଗୋଟି ପାର୍ସଲ ସ୍କାନର, **ବାଲେଶ୍ୱର**ଠାରେ ୧ ଗୋଟି ପାର୍ସଲ ସ୍କାନର୍, **ପାଂସକୁରା**ଠାରେ ୧ ଗୋଟି ପାର୍ସଲ ସ୍କାନର୍, **ଖଡ଼ଗପୁର**ଠାରେ ୧ ଗୋଟି ପାର୍ସଲ ସ୍କାନର୍ ଏବଂ **ହିଜ୍‌ଲି** ରେଳ ଷ୍ଟେଶନଠାରେ ୧ ଗୋଟି ପାର୍ସଲ ସ୍କାନର୍ ସ୍ଥାପନ ଲାଗି ଇ-ନିଲାମ ଆହ୍ୱାନ କରୁଛନ୍ତି। ନିଲାମ କାଟାଲଗ୍ ନଂ.: ଏମ୍‌ଏସ୍‌ଏସ୍-କେଜିପି-ପିଏସ୍-୨୫-୪, ନିଲାମ ତାରିଖ: ୦୯।୧୨।୨୦୨୫, ନିଲାମ ଆରମ୍ଭ/ବନ୍ଦ ହେବା ସମୟ: ୧୦.୦୦ ଘଟିକା ଓ ୧୧.୧୦ ଘଟିକା ଯଥାକ୍ରମେ, ଯାହା **https://www.ireps.gov.in/** ୱେବ୍‌ସାଇଟ୍‌ରେ ଅଧିସୂଚିତ ହୋଇଛି। ଆଗ୍ରହୀ ପକ୍ଷ ଏବଂ ଠିକାଦାରମାନେ ଏଥିପ୍ରତି ଧ୍ୟାନ ଦେବା ଏବଂ ଇ-ନିଲାମ ବିଜ୍ଞପ୍ତିର ବିବରଣୀ ଏବଂ ପ୍ରାସଙ୍ଗିକ ସୂଚନା ପାଇଁ ଉପରୋକ୍ତ ୱେବ୍‌ସାଇଟ୍ ଦେଖିବା ଆବଶ୍ୟକ। ଯଦି କୌଣସି ଅନୁସନ୍ଧାନ/ସ୍ପଷ୍ଟୀକରଣ ଥାଏ, ତେବେ ଦୟାକରି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।
(PR-896) ବରିଷ୍ଠ ମଣ୍ଡଳ ବାଣିଜ୍ୟିକ ପ୍ରବନ୍ଧକ, ଖଡ଼ଗପୁର
ଦକ୍ଷିଣ ପୂର୍ବ ରେଳପଥ
ହର୍ଷର ସହିତ ଆମେ ସେବାରତ

**TP SOUTHERN ODISHA DISTRIBUTION LIMITED** TPSODL
(Procurement Department)
BPR North Star Building, 2nd Floor, Khodasingi, Berhampur, Odisha-760010
**NOTICE INVITING TENDER** Dt.: 29.11.2025
**TP Southern Odisha Distribution Ltd.** invites tender from eligible vendors for following:

| Sl. No. | Tender Description | NIT Number | EMD (Rs.) | Tender Fee inclusive of GST (Rs.) | Last date and time of Payment of Tender Fee |
|---|---|---|---|---|---|
| 1 | RC for SITC of Cover MVLC | TPSODL/OT/ 2025-26/ 2500001101 | 50,000/- | 5,000 | 09.12:2025; 18:00 Hrs. |
| 2 | RC for supply of PSC Pole. | TPSODL/OT/ 2025-26/ 2500001103 | 2,00,000/- | 5,000 | 15.12:2025; 18:00 Hrs. |
| 3 | RC for Non-SBM Consumers MRBD & Spot Billing of Consumers | TPSODL/OT/ 2025-26/ 2500001100 | 5,00,000/- | 5,000 | 12.12:2025; 18:00 Hrs. |
| 4 | RC for SITC of Auditorium Work (Sound and display system) | TPSODL/OT/ 2025-26/ 2500001079-1 | 50,000/- | 5,000 | 09.12:2025; 18:00 Hrs. |
| 5 | Purchase Order for Supply of Various types of Clamps at TPSODL. | TPSODL/OT/ 2025-26/ 2500001102 | 50,000/- | 5,000 | 15.12.2025; 18:00 Hrs. |

For detailed tender, please visit Tender Section on TPSODL website **https://www.tpsouthernodisha.com**

**ଇଣ୍ଡୋ-ତିବ୍ବତୀୟ ସୀମା ପୋଲିସ ବଳ**
୬୧ତମ ବାଟାଲିଅନ୍
୭୯୨୬ ତାରିଖ: ୦୧।୧୧।୨୫
**କାରଣ ଦର୍ଶାଅ ନୋଟିସ**
ରେଜିମେଣ୍ଟାଲ ନଂ.୨୫୦୬୧୪୭୯୭, ରୋଲ୍ ନଂ.- ୬୦୦୫୦୪୬୩୪୨, କନଷ୍ଟେବଲ/ଜିଡି(ଆର୍‌ଇସିଟି.) ଅମନ ଖାନ୍, ପିତା- ସବିର ଖାନ୍, ଗ୍ରାମ- ଅର୍ଗାଡେ ମାଲା, ପୋଷ୍ଟ/ଥାନା- ଟିଟିଲାଗଡ଼, ଜିଲ୍ଲା- ବଲାଙ୍ଗୀର, ରାଜ୍ୟ- ଓଡ଼ିଶା (୭୬୭୦୩୩)ଙ୍କୁ ଏତଦ୍ୱାରା ସୂଚିତ କରାଯାଉଅଛି କି ଆପଣ କ୍ଷମତାପନ୍ନ କର୍ତ୍ତୃପକ୍ଷଙ୍କ ଆଗୁଆ ଅନୁମତି/ସୂଚନା ବିନା ମୌଳିକ ପ୍ରଶିକ୍ଷଣ ସମୟରେ ଆର୍‌ଟିସି (ଶିବଗଙ୍ଗାଇ)ରୁ ତା୧୪।୦୭।୨୦୨୫ରିଖ (ପୂର୍ବାହ୍ନ)ଠାରୁ ଅନୁପସ୍ଥିତ ରହିଆସିଛନ୍ତି।
୦୨. ଆପଣଙ୍କୁ ଆର୍‌ଟିସି (ଶିବଗଙ୍ଗାଇ) ପଞ୍ଜୀକୃତ ମେମୋ ନଂ. ୧୦୮୮-୯୧, ତାରିଖ: ୧୭।୦୭।୨୦୨୫ ଏବଂ ୧୧୮୫-୮୮ ତାରିଖ: ୨୧।୦୭।୨୦୨୫ ଜରିଆରେ ପ୍ରଶିକ୍ଷଣ କେନ୍ଦ୍ରରେ ଉପସ୍ଥିତ ହେବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା କିନ୍ତୁ ଆପଣ ଏ ପର୍ଯ୍ୟନ୍ତ ଉପସ୍ଥିତ ହୋଇନାହାନ୍ତି। ଏହି ମାମଲାର ତଦନ୍ତ ପାଇଁ ଡିଆଇଜି ଆର୍‌ଟିସି (ଶିବଗଙ୍ଗାଇ)ଙ୍କ ଦ୍ୱାରା ଏକ ତଦନ୍ତ ନ୍ୟାୟାଳୟର ଆଦେଶ ଦିଆଯାଇଥିଲା ଏବଂ ସି.ଓ.ଆଇ.ର ସୁପାରିସ ଆଧାରରେ ୬୧ତମ ବାଟାଲିଅନ୍ ଆଦେଶ ସଂ. ୭୫୬୭-୮୧, ତାରିଖ: ୧୦।୧୦।୨୦୨୫ ମାଧ୍ୟମରେ ଆପଣଙ୍କୁ ତା୧୪।୦୭।୨୦୨୫ରିଖ (ପୂର୍ବାହ୍ନ)ଠାରୁ ଜଣେ "ପଳାତକ" ଭାବେ ଘୋଷଣା କରାଯାଇଛି। ଉକ୍ତ ଆଦେଶର ଏକ ନକଲ ଆପଣଙ୍କୁ ଆପଣଙ୍କ ଘର ଠିକଣାରେ ପଞ୍ଜୀକୃତ ଡାକ ଯୋଗେ ମଧ୍ୟ ପଠାଯାଇଛି।
୦୩. ଏହି ନୋଟିସ ଜରିଆରେ ଆପଣଙ୍କୁ ଏତଦ୍ୱାରା ପୁନର୍ବାର ନିର୍ଦ୍ଦେଶ ଦିଆଯାଉଅଛି ଯେ ଆପଣ ଏହି ନୋଟିସ ପ୍ରକାଶନର ୩୦ ଦିନ ମଧ୍ୟରେ ଆର୍‌ଟିସି ଶିବଗଙ୍ଗାଇ (ଆଇଟିବିପି), ପୋଷ୍ଟ- ପଦମଥୁର, ଜିଲ୍ଲା- ଶିବଗଙ୍ଗାଇ, ରାଜ୍ୟ- ତାମିଲନାଡୁ (୬୩୦୫୬୨)ଠାରେ ଉପସ୍ଥିତ ହୁଅନ୍ତୁ, ଅନ୍ୟଥା ଇଣ୍ଡୋ-ତିବ୍ବତୀୟ ସୀମା ପୋଲିସ ବଳ ଅଧିନିୟମ ୧୯୯୨ ଏବଂ ଇଣ୍ଡୋ-ତିବ୍ବତୀୟ ସୀମା ପୋଲିସ ବଳ ନିୟମାବଳୀ - ୧୯୯୪ର ବ୍ୟବସ୍ଥାପନ ଅଧୀନରେ ଆପଣଙ୍କୁ ଅନ୍ୟ କୌଣସି ପରବର୍ତ୍ତୀ ନୋଟିସ କିମ୍ବା ସୂଚନା ବିନା **ସେବାରୁ ବରଖାସ୍ତ** କରିବା ଲାଗି କାର୍ଯ୍ୟାନୁଷ୍ଠାନ ଆରମ୍ଭ କରାଯିବ।
ସ୍ୱା./- କମାଣ୍ଡାଣ୍ଟ
୬୧ତମ ବାଟାଲିଅନ୍, ଆଇ.ଟି.ବି.ପି. ପୋଲିସ ବଳ
CBC 19112/11/0185/2526

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................

ବୟସ:......................................

ଜନ୍ମ ତାରିଖ: ..............................



ଅନିକେତ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ହମ୍ପ୍ସ ନିର୍ମାଣ ଦାବିରେ ରାସ୍ତା ଅବରୋଧ

ସୋର, ୨୮।୧୧(ଜନ୍ମେଜୟ ମିଶ୍ର ): ସୋର ପୌରପାଳିକା ଅଧୀନ ସୋର-ମାଣିପୁର ରାସ୍ତା ଲେଙ୍କା ଘର ଛକରେ ଶୁକ୍ରବାର ବାଇକ ଓ ସାଇକେଲ ମଧ୍ୟରେ ଧକ୍କା ହୋଇଛି। ଏଥିରେ ସାଇକେଲ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ସ୍ଥାନୀୟ ଲୋକେ ଉକ୍ତ ଛକରେ ବାରମ୍ବାର ଦୁର୍ଘଟଣା ହେଉଥିବାରୁ ରାସ୍ତାକାମ ତୁରନ୍ତ ଶେଷ କରିବା ସହ ହମ୍ପ୍ସ ଓ ସ୍ପିଡ୍ ବ୍ରେକର ନିର୍ମାଣ ଦାବିରେ ରାସ୍ତାରୋକୋ କରିବା ସହ ୨ ବାଇକ ଆରୋହୀଙ୍କୁ ଅଟକ ରଖିଥିଲେ। ସୋର ଥାନାଧିକାରୀ ମୁକୁନ୍ଦ ମୁରାରୀ ପାତ୍ର, ସୋର ତହସିଲଦାର ଦୈତାରୀ ମଲିକ ଓ ରାସ୍ତା ନିର୍ମାଣ କରୁଥିବା ଠିକା ସଂସ୍ଥାର କର୍ମଚାରୀମାନେ ପହଞ୍ଚି ଲୋକମାନଙ୍କୁ ବୁଝାଶୁଝା କରିବା ସହ ଖୁବ୍ଶୀଘ୍ର କାମ ଶେଷ କରିବା ପାଇଁ ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ଶାନ୍ତ ପଡିଥିଲା।

# ସରିଲା ବ୍ଲକ୍ସ୍ତରୀୟ ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳା

ଭୋଗରାଇ,୨୮।୧୧(ପ୍ରଦୀପ ଦାସ)

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଜଲେଶ୍ୱରପୁର ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆରେ ବୁଧବାର ଦିବସବ୍ୟାପୀ ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳା- ୨୦୨୫ ଶେଷ ହୋଇଛି। ଏଥି ନିମନ୍ତେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗ ପକ୍ଷରୁ ଭୋଗରାଇ ବ୍ଲକର ବହୁ ବିଭାଗ ଓ ମହିଳା ସ୍ୱୟଂସହାୟିକା ଗୋଷ୍ଠୀ ପକ୍ଷରୁ ବିଭିନ୍ନ ସାମଗ୍ରୀ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ସଫଳ ଚାଷୀଙ୍କ ଗବେଷଣାତ୍ମକ ପ୍ରଦର୍ଶନୀ କରାଯାଇଥିଲା। ଭୋଗରାଇ ବିଡିଓ ପ୍ରଶାନ୍ତ କୁମାର ମହାରଣାଙ୍କ ପୌରହିତ୍ୟରେ ଏକ ସଚେତନତା ସଭା ମଧ୍ୟ ଅନୁଷ୍ଠିତ ହୋଇଥିଲା।



ଜଣେ ଚାଷୀଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରୁଛନ୍ତି।

ଭୋଗରାଇ ପ୍ରାଣୀସମ୍ପଦ ଚିକିତ୍ସାଧିକାରୀ ଚିନ୍ମୟ କୁମାର ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟ ଅତିଥିଭାବେ ଏମ୍ପି ପ୍ରତିନିଧି ତଥା ସମିତିସଦସ୍ୟ ଆଶିଷ ପାତ୍ର, ସମ୍ମାନିତ ଅତିଥି ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରବୀର କୁମାର ଗିରି, ଜିଲା ପ୍ରାଣୀ ଚିକିତ୍ସାଧିକାରୀ ଡ.ରବିନାରାୟଣ ପଟ୍ଟନାୟକ, ଜିଲା ମତ୍ସ୍ୟ ଅଧିକାରୀ ରେଶମା ରାଣୀ ସିଂ, ଜିଲାପରିଷଦ ସଦସ୍ୟ ସନ୍ତୋଷ କୁମାର ଜେନା, ଜିଲାପରିଷଦ ସଦସ୍ୟା କବିତା ମାହାନ୍ତି ପ୍ରମୁଖ ମତ୍ସ୍ୟ ଓ ପ୍ରାଣିସମ୍ପଦ ଉପରେ ସରକାରଙ୍କ ଚାଷୀ ସହାୟତା ଓ ସଚେତନତା ସମ୍ପର୍କରେ ଆଲୋକପାତ କରିଥିଲେ। ଅବସରପ୍ରାପ୍ତ ପ୍ରାଣୀ ଚିକିତ୍ସକ ଡ. ଶ୍ୟାମାପଦ ଦାସ ଓ ଅବସରପ୍ରାପ୍ତ ଉପ ମତ୍ସ୍ୟ ନିର୍ଦ୍ଦେଶକ ପ୍ରଦୀପ କୁମାର ଦେଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ମେଳାରେ ୪ ଜଣ ମତ୍ସ୍ୟ ଓ ୪ ଜଣ ପ୍ରାଣୀ ସମ୍ପଦ ସଫଳ ଚାଷୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ୪ ଜଣ ହିତାଧିକାରୀଙ୍କୁ ସବସିଡି ଆକାରରେ ଚେକ ପ୍ରଦାନ କରାଯାଇଥିଲା। ବ୍ଲକ ମତ୍ସ୍ୟ ଅଧିକାରୀ ନିରଞ୍ଜନ ମଣ୍ଡଳ ଧନ୍ୟବାଦ ଦେଇଥିଲେ।

# ନିଖୋଜ ବ୍ୟକ୍ତିଙ୍କ ମୃତଦେହ ଜବତ

ଖଇରା,୨୮।୧୧(ଉତ୍କଳବନ୍ଧୁ ପଣ୍ଡା)- ବାଲେଶ୍ୱର ଜିଲା ଖଇରା ଥାନା ଗଗନଧୂଳି ଗ୍ରାମ ପଞ୍ଚାୟତ ଅଧୀନ ମନୋହରପୁର ଗ୍ରାମରେ ୬ଦିନ ଧରି ନିଖୋଜ ଥିବା ପ୍ରଫୁଲ୍ଲ ବାରିକ(୩୨)ଙ୍କ ମୃତଦେହ ଗ୍ରାମର ଏକା ଗାଡ଼ିଆରୁ ଗୁରୁବାର ଅପରାହ୍ନରେ ଉଦ୍ଧାର କରାଯାଇଛି। ମୃତକଙ୍କ ବାପା ଲକ୍ଷ୍ମଣ ବାରିକଙ୍କ ଅଭିଯୋଗ କ୍ରମେ ଖଇରା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଓଡିଶା ବାହାରେ କାମ କରୁଥିବା ପ୍ରଫୁଲ୍ଲ ୩ମାସ ତଳେ ଘରକୁ ଆସିଥିଲେ। ତାଙ୍କ ସ୍ତ୍ରୀ ବାପଘରକୁ ଚାଲିଯିବା ପରେ ସେ ଏକାକୀ ରୋଷେଇ କରି ଖାଉଥିଲେ। ୨୧ ତାରିଖରେ କାହକୁ କିଛି ନ କହି ଘରି ଚାଲିଯିବା ପରେ ଆଉ ଫେରି ନ ଥିଲେ। ଗୁରୁବାର ତାଙ୍କ ମୃତଦେହ ପାଣିରେ ଭାସୁଥିବା ଦେଖି ଗ୍ରାମବାସୀ ପୋଲିସକୁ ଖବର ଦେଇଥିଲେ।


# Classified Everyday

0674-2580101, 9692975378



## AUTOMOBILE SALE

BOLERO SLX, NOVEMBER 2014, WHITE COLOUR, EXCELLENT RUNNING CONDITION, RUN- 132000Kms, INSURANCE ROAD TAX POLLUTION FITNESS UPDATE, 1ST HAND, OWNER DRIVEN, BHUBANESWAR. CONTACT: 9437027024, 9937992270. D-76082



## REAL ESTATE SALE

ଭୁବନେଶ୍ୱର ଦଇଶି ପାଟଣା ଟୋଲଗେଟ୍ ନିକଟରେ, ଘରବାଡ଼ି ପାଚେରି ପ୍ଲଟ୍, 25ft. road ପଛାରୁ ବିକ୍ରିହେବ। 9437754190. D- 268

PALGARH: PLOTS 600- 1800 SQFT. FOR IMMEDIATE SALE. BHUBANESWAR: 9776080988. D-76081

Book 3BHK / 4BHK premium flat near Jharapada Canal Road and Pokhariput, Near Government Hospital @6000/- sqft. Including parking. Contact: 7978584549. D-76876





**Two office spaces on the 3rd floor of 2000sqft and on the 2nd floor of 1100sqft at 5 Janpath, Unit-3, Kharavel Nagar behind Kalsi Petrol Pump, Bhubanesawar, Odisha. Contact: 6287103066.** D-76877





The massage felt totally professional, & comfortable at all times- 7978109255. D-216

All types of physiotherapy Contact number 9556924059/ 7656969134, Jharapada. D-2686



## BUSINESS

Cardboard Box Making Machine (Traddle), Board Cutter, Stiching Machine, Sloting Machine, Creasing Machine, Sweet Box Making Machine. Contact- 9776635982. D-2711

## AFFIDAVIT

By virtue of an affidavit sworn before Executive Magistrate, Bhubaneswar, dated 19.06.2025, I, Santosh Kumar Swain, resident of 27, Deogan School Sahi, Badasahi, Budhamba, P.S.- Kabisuryanagar, Dist.- Ganjam, Odisha, PIN- 761105 declare that I have changed my name from Swain Santoshbhai Kartik to Santosh Kumar Swain. Henceforth, I shall be known as Santosh Kumar Swain for all purposes.
Santosh Kumar Swain
D-2714

I, Hitherto known as B.Abakash, S/o.- Bhagaban Sahoo, R/o. At- Plot No.- 420/7, Lane-8, Nuasahi, Nayapalli, Bhubaneswar, Khordha, Orissa-751012 have changed my name and shall hereafter be known as Babu Abakash for all future purposes. D-2708

By virtue of an affidavit before Notary Public, Kantabanji on 28.11.2025 that before my marriage and in my educational documents, Aadhaar Card, Bank Account of Bank of Baroda, Kantabanji my name is recorded as "ASTAMEE NAG", after marriage to Santosh Harijan I updated my Aadhaar Card and I known as Astamee Harijan, whereas Astamee Nag and Astamee Harijan, W/o.- Santosh Harijan of Village- Kenduguda, P.O.- Kendupati, P.S.- Khariar, Dist.- Nuapada, Odisha is same and one person.
Gurudayal Hans,
Kantabanji
D-2704

By virtue of an affidavit sworn before Executive Magistrate, Bhubaneswar, dated- 29.01.2025 (CF No.- 45), I, Malati Panigrahi, W/o.- Sankar Panigrahi on behalf of my (minor) son Balaji Panigrahi (old name), Village- Traffic Colony, Near Durga Mandap, VTC- Jatani, P.O./P.S.- Jatani, District- Khordha, PIN- 752050, declare that I have changed my son's name from Balaji Panigrahi to Babaji Panigrahi. Henceforth, my son shall be known as Babaji Panigrahi for all purposes. D-2705

Under unavoidable circumstances, the availability of tender invited vide e-Procurement Notice No.EO/JMC/085/2025-26 of Jatni Municipality is hereby rescheduled as follow.

| Procurement Officer | Bid Identification Number with Tender ID | Availability of Tender on line for bidding | | Date & time of Opening of Tender |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Executive Officer, Jatni Municipality | EO/JMC/085/2025-26 2025_ORULB_119743_1 | 18.10.2025 | 04.12.2025 | 05.12.2025 11.00 A.M. |

All other terms and conditions are remain unchanged.

OIPR- Sd./- Executive Officer, Jatni Municipality

## OFFICE OF THE NOTIFIED AREA COUNCIL : CHANDBALI

Pin : 756133 (Odisha)
E.Mail : chandbali.nac@gmail.com

Letter No.3081 **Corrigendum** Dt.26.11.2025

**No.C-1592** : With reference to the Tender Call Notice No.2945/CN-01-2025-26, Dt.11.11.2025 for 81 no. of Individual Civil Construction works of Chandbali NAC, last date for selling & receipt of tender paper along date of opening have been extended as detailed below.

| Sl. No. | Parameter | Present Date | Extended Date |
|---|---|---|---|
| 1 | Date and Time of availability of bid documents at the Municipality office | From 11:00 A.M. of 15.11.2025 to 5:30 P.M. of 27.11.2025 | From 11:00 A.M. of 15.11.2025 to 5:30 P.M. of 06.12.2025 |
| 2 | Last Date and Time for receipt of bids | 28.11.2025 by 5:30 P.M. | 09.12.2025 by 5:30 P.M. |
| 3 | Date and Time of Opening of bids | 29.11.2025 by 11:00 A.M. | 10.12.2025 by 11:00 A.M. |

All other terms and conditions remain unchanged.

OIPR- Sd./- Executive Officer, Chandbali NAC

## BRIEF TENDER CALL NOTICE

Dated 21.11.2025

**Chief District Veterinary Officer, Ganjam, Berhampur**

**No.M-41** : Sealed tenders are invited from interested reputed firms for purchase of 25 Nos. Desktop Computer, 25 Nos. UPS & 25 Nos. of Printer cum Scanner. The tenderers can assess the detailed Terms and Conditions of the Tender issued vide this Office Tender Notice No. 8728. dtd. 21.11.2025 available at the District Website **http://ganjam.nic.in** or may obtain from the Office of the C.D.V.O., Ganjam, Berhampur in any working days from 10 AM to 5 PM to till 26.12.2025-2 PM. The last date of receipt of the tender is on or before 26.12.2025 up to 4.00 PM and the technical bid will be opened on 30.12.2025 at 11 AM & Financial bid on 30.12.2025 at 4.00 PM in the office chamber of the CDVO, Ganjam, Berhampur.

OIPR- Sd/- C.D.V.O, Ganjam, Berhampur

## GOVT. OF ODISHA
## OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, KEONJHAR

eMail: se_nerwkjr@rediffmail.com

eProcurement Notice for Road Works under MMSY-Impvt. to Existing R.D. Roads & MMSY-TRIP
**Bid Identification No.NCB-31/RWCKJR/2025-26**
**No.4953/ Date: 20.11.2025**

**No.O-1549:** 1. Name of the Work: Construction and Maintenance of roads under MMSY-Impvt. to Existing R.D. Roads & MMSY-TRIP in the District of Keonjhar. 2. No. of Work: 03 (Three) Nos., 3. Estimated Cost: As per Annexure in NIT. 4. Class of Contractor (Eligible): As per Annexure in NIT. 5. Period of Completion: As per Annexure in NIT. 6. Other details:

| Procurement Officer | Bid Identification No. | Availability of tender On-line for bidding | | Last Date & Time of seeking tender clarification | Date & Time of Opening of Tender in O/o C.C.E.,R.W. Circle, Keonjhar | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Keonjhar | NCB-31/ RWCKJR/ 2025-26 | Dt.27.11.25 at 11.00 A.M. | Dt.11.12.25 upto 5.00 P.M. | Dt.10.12.25 upto 5.00 P.M. | Dt.12.12.25 at 11.00 A.M. | Will be intimated later |

Further details can be seen from the website www.tendersorissa.gov.in

OIPR- Sd./- Chief Construction Engineer, R.W. Circle, Keonjhar

## GOVERNMENT OF ODISHA
## OFFICE OF THE SUPERINTENDING ENGINEER, RURAL WORKS DIVISION, BARIPADA

e_mail = rw_mayurbhanj@yahoo.co.in

**e_Procurement Tender Call Notice No. Online 10/RWD/BPD/2025-26**

No.O-1547:01. Name of the Work : Building Works, 2. Total No. of Works: 27 Nos. 3. Estimated Cost: Approx Estimated Cost Rs.50.73 lakhs & Rs.91.07 lakhs. 4. Class of Contractor: 'B', 5. EMD : EMD @ 1% of Estimated Cost put to tender, 6. Period of Completion : As per Annexure. 7. Other Details.

| Procurement Officer | Bid Identification No. | Availability of tender On-line for Bidding | | Last Date & Time of seeking tender Clarification | Date & Time of Opening of Tender in O/o S.E., Rural Works Division, Baripada | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| S.E.,R.W. Division, Baripada | 10 (Online)/ RWD-BPD of 2025-26 | 28.11.25 at 11.00 A.M. | 08.12.25 upto 5.00 P.M. | 08.12.25 upto 3.00 P.M. | 08.12.25 at 5.30 A.M. | Intimate later |

Further details can be seen from the website www.tendersorissa.gov.in

OIPR- Sd./- Superintending Engineer R.W. Division, Baripada

# କବି ଓ କବିତା

## ଅବଲୋକନ



ବିଜୟ କେତନ ପଟ୍ଟନାୟକ

କବିତା ଏକ ସୂକ୍ଷ୍ମକଳା। ସୃଜନଶୀଳ କଳା। କବିତାର ଇଂଲିଶ ପ୍ରତିଶବ୍ଦ 'ପୋଏଟ୍ରି' ପ୍ରାଚୀନ ଗ୍ରୀକ୍ ଶବ୍ଦ 'ପୋଏସିସ୍'ରୁ ଆସିଛି; ଯାହାର ଅର୍ଥ ହେଉଛି ସୃଷ୍ଟି ବା ସୃଜନ କାର୍ଯ୍ୟଧାରା। କିଶୋର ବୟସରୁ ଆପ୍ତବାକ୍ୟଟିଏ ବରାବର ଶୁଣି ଆସିଛି 'ବିନାଶ୍ରୟେ ନ ବର୍ତ୍ତନ୍ତି କବିତା, ବନିତା, ଲତା' ଅର୍ଥାତ୍ କୌଣସି ଏକ ଆଶ୍ରୟ ବିନା କବିତା, ବନିତା, ଲତା ତିଷ୍ଠିପାରନ୍ତି ନାହିଁ। ଏବେ ପରିଣତ ବୟସରେ ଭାବୁଛି, ହୁଏତ ଲତାଟିଏ ମାଡ଼ିବା ପାଇଁ ଆଶ୍ରାଟିଏ ଲୋଡ଼ା। କିନ୍ତୁ ଆଜିକାଲିର ନାରୀ ପାଇଁ ଏ ଉକ୍ତି ଆଉ ପ୍ରଯୁଜ୍ୟ ନୁହେଁ। ବିନା ସହାୟତାରେ ନିଜର ଆର୍ଥିକ ଓ ସାମାଜିକ ଉଭୟ ସ୍ଥିତିକୁ ମହିଳାମାନେ ସୁଦୃଢ଼ କରିପାରୁଛନ୍ତି।

ଏହି ପୃଷ୍ଠଭୂମିରେ ସ୍ୱତଃ ପ୍ରଶ୍ନ ଉଠିବ, କବିତାର ଉନ୍ମେଷ ପାଇଁ କ'ଣ ସତରେ ଆଶ୍ରାଟିଏ ଦରକାର, ଯାହାକୁ ଭିତ୍ତିକରି କବିତା ରଚନା କରାଯାଇପାରିବ? ଅନେକ ପ୍ରତିଷ୍ଠିତ କବି, ଲେଖକଙ୍କ ସହ କଥାବାର୍ତ୍ତା କରିବା ଅବସରରେ ସେମାନେ ସ୍ୱୀକାର କରିଛନ୍ତି ଯେ ସେମାନଙ୍କ ସାହିତ୍ୟିକ ଜୀବନର ଆରମ୍ଭ କବିତାରୁ ହିଁ ହୋଇଥିଲା। ପିଲାଦିନେ ସ୍କୁଲରେ ପଢ଼ିବା ସମୟରୁ ଅନେକେ ନିଜ ଗାଁର ପରିବେଶ, ପାହାଡ଼, ଝରଣା, ନଦୀ, ବୃକ୍ଷ, ଲତାକୁ ନେଇ ବା ଆକାଶ ଓ ଜହ୍ନକୁ ଦେଖି କବିତା ଲେଖିବାର ପ୍ରୟାସ କରିଛନ୍ତି। ତରୁଣ ବୟସରେ କବିମାନଙ୍କ କଲମରୁ ପ୍ରେମ କବିତା ଝରିଥାଏ। ସେଥିପାଇଁ ହୁଏତ ପ୍ରୟୋଜନ ହୁଏ କାବ୍ୟମାନସୀଟିଏ। ପ୍ରାପ୍ତ ବୟସରେ ଏପରି ଆଶାବାଡ଼ିର ଆବଶ୍ୟକତା ପଡ଼ି ନ ଥାଏ। ଯେକୌଣସି ବାସ୍ତବବାଦୀ ଘଟଣା, ପରିସ୍ଥିତି ମନକୁ ଛୁଇଁଲେ, କବିତାଟିଏ ଆପେ ଆପେ ଉତ୍ତୁରି ଆସେ। କବିତା ଖାଲି ପ୍ରେମ ନୁହେଁ, ପ୍ରତିବାଦର ବି ହୋଇପାରେ। ତେଣୁ କବିତା କାହାର ଆଶ୍ରିତ ହେବ କାହିଁକି, ବରଂ ହେବ ଜଗତଜିତା।

ବାସ୍ତବିକ୍ କବିତାର ପରିଚୟ କ'ଣ? ଖଲିଲ ଜିବ୍ରାନ୍‌ଙ୍କ ଭାଷାରେ "କବିତା ହେଉଛି ହର୍ଷ, ଉଲ୍ଲାସ, ଦୁଃଖ, ବିଷାଦ ଏବଂ ଆଶ୍ଚର୍ଯ୍ୟପଣର ଏକ ଅଲିଖିତ ଚୁକ୍ତି; ଯାହାକୁ ଶବ୍ଦର କୁହୁକ ଭାଷାର ପୋଷାକ ପିନ୍ଧାଇଥାଏ।" ଯେତେବେଳେ ମନୁଷ୍ୟ ହୃଦୟର ଆବେଗ ଓ ଅଭୀପ୍ସା ଏକ ଭାବନାତ୍ମକ ଚିନ୍ତାଧାରାର ରୂପନିଏ ଏବଂ ଏହି ଚିନ୍ତାଧାରା ଭାଷାର ପୋଷାକ ପିନ୍ଧି ପ୍ରକାଶପାଏ– ତାହାହିଁ ହୋଇଥାଏ କବିତା। କବିତା କେବଳ ଆବେଗର କଥା କୁହେନାହିଁ। ସେଥିରେ ଥାଏ ଆତ୍ମାର କଥା। ନିବନ୍ଧକାର ଚନ୍ଦ୍ରଶେଖର ରଥ କହିଛନ୍ତି: "କବିତା ନ ଥାଇ ସାହିତ୍ୟ ସୃଷ୍ଟି, ପ୍ରାଣ ନ ଥାଇ ପିଣ୍ଡ ଭଳି ନିରର୍ଥକ। କବିତାର ଦିବ୍ୟ ସ୍ପର୍ଶରେ ଯେଉଁ କୁହୁକ ସଂଗ୍ରହ ହୁଏ, ସେଇଥିରେ ହିଁ ଗଳ୍ପ, ନିବନ୍ଧ ଆଦି ସ୍ପନ୍ଦିତ ହୁଅନ୍ତି।" କଥାକାର ମହାପାତ୍ର ନୀଳମଣି ସାହୁ କହନ୍ତି: "କବିତା ରାଜକୀୟ, କବି ରାଜକୀୟ ଠାଣିରେ ବସିଛି। ହଠାତ୍ 'ମୁଡ୍' ଆସିଗଲା, କବିତା ଲେଖା ହୋଇଗଲା। ଜଣେ ଔପନ୍ୟାସିକ ଦିନମଜୁରିଆ ପରି ପ୍ରତିଦିନ ଗଳଦ୍‌ଘର୍ମ ହୋଇ ଫୁଲାଫୁଲା କାଗଜ ଲେଖୁଥାଏ। ମୁଁ ରାଜା ନ ହୋଇ ଦିନ ମଜୁରିଆ ହେବାକୁ ପସନ୍ଦ କରିବି କାହିଁକି?"

> ସାହିତ୍ୟର ସମସ୍ତ ମାଧମ ମଧରୁ ଜନମାନସକୁ ସହଜରେ ଛୁଇଁଯାଏ 'କବିତା'। ତେଣୁ ଅତୀତରେ ଅନେକ ମହାକାବ୍ୟ, ଗୀତା, ଭାଗବତ, ମହାଭାରତ, ରାମାୟଣ ଆଦି ଗ୍ରନ୍ଥ କବିତାରେ ଲେଖାଯାଇଛି। ଆମ ମନରେ ରହିଥିବା ନକାରାତ୍ମକ ଅନୁଭୂତିକୁ ନିଷ୍କାସନ କରି ବିଶୃଙ୍ଖଳିତ ଚିନ୍ତାଧାରାକୁ ଶୃଙ୍ଖଳିତ କରି ବିକ୍ଷୁବ୍ଧ ମନକୁ ଶାନ୍ତ ଓ ଚାପମୁକ୍ତ କରିବାରେ କବିତା ଲିଖନ ଓ ପଠନର ବିକଳ୍ପ ନାହିଁ।





କବିତାର ଧର୍ମ ହେଲା ବିଭାଜନକାରୀଙ୍କ ମଧ୍ୟରେ ସମ୍ପର୍କର ସେତୁ ବାନ୍ଧିବା, ଭାବର ଆଦାନପ୍ରଦାନ କରାଇବା ଓ ଉପେକ୍ଷିତ ବା ଅବହେଳିତ ଜନତାର ସ୍ୱର ପାଲଟିବା। ଏବେ କିନ୍ତୁ ଲକ୍ଷ୍ୟ କରାଯାଉଛି, କବିତା ଏକ ସୂକ୍ଷ୍ମ କଳା ଏବଂ ଭାବପ୍ରକାଶର ଅନ୍ତଃସ୍ୱର ହୋଇ ରହି ନାହିଁ। ଛାପାକାର୍ଯ୍ୟ ଏବେ ସହଜ, ସୁଲଭ ହୋଇଥିବାରୁ କେତେକ କବିତା ଲେଖି ତାକୁ ବହିଟିଏ କରି ଛପେଇ, ରାତାରାତି କବି ହୋଇଯିବାର ସ୍ୱପ୍ନ ଦେଖୁଛନ୍ତି। ସେମାନେ ଭାବନ୍ତି, ଯେକୌଣସି ଗଦ୍ୟ ରଚନାର ବାକ୍ୟକୁ ଖଣ୍ଡ ଖଣ୍ଡ କରି ଭାଙ୍ଗି ସଜାଡ଼ିଦେଲେ କବିତାଟିଏ ହୋଇଯିବ। ଜଣେ ପ୍ରକାଶକ ବନ୍ଧୁ, ଯିଏ ଗତ ଦୁର୍ଗାପୂଜାରେ ପାଞ୍ଚଶହ ପୃଷ୍ଠାର ବୃହତ୍ କଳେବର ବିଶିଷ୍ଟ ପୂଜା ପତ୍ରିକାଟିଏ ଛାପିଛନ୍ତି, କହୁଥିଲେ ଏଥର ପ୍ରକାଶନ ନିମନ୍ତେ ତାଙ୍କ ପାଖକୁ ସାତଶହ କବିତା ଆସିଥିଲା। ସେ ମହାଶୟ ବହୁ କଷ୍ଟରେ ତା' ଭିତରୁ ବାଛି ମାତ୍ର ଶହେ ପଚାଶଟି କବିତା ପତ୍ରିକାରେ ସ୍ଥାନିତ କରିପାରିଲେ। ଏହି ପ୍ରସଙ୍ଗରେ ଲବ୍ଧ ପ୍ରତିଷ୍ଠ କବି ଓ ସମ୍ପାଦକ ଲିସା ସାଇଡସ୍ ଏକଦା କହିଥିଲେ– "କବିତା ହେଉଛି ସାହିତ୍ୟର ଅସୁନ୍ଦର ଭଉଣୀ। କବିତାକୁ ଭ ଲ ପା ଅ । ନ୍ତି ବୋଲି ସମସ୍ତେ କହନ୍ତି। କିନ୍ତୁ କବିତା ବହି କିଣିବାକୁ ଅର୍ଥ ଖର୍ଚ୍ଚ କରିବାକୁ କେହି ଚାହାନ୍ତି ନାହିଁ। ସେଥିପାଇଁ କବିତା ବହି ବିକ୍ରିହୁଏ ନାହିଁ।"

କବିତା ଲିଖନ ହିଁ ସାହିତ୍ୟ ରଚନାର ପ୍ରଥମ ପର୍ବ। ଗପ, ଉପନ୍ୟାସଟିଏ ଲେଖିବା ଅନେକଙ୍କ ପକ୍ଷେ କଷ୍ଟକର ହୋଇପାରେ, କିନ୍ତୁ ପ୍ରାୟତଃ ସମସ୍ତେ ଜୀବନର କୌଣସି ନା କୌଣସି ପର୍ଯ୍ୟାୟରେ କବିତାଟିଏ ଲେଖିଥାନ୍ତି– ତାହା ମିଳନାନ୍ତକ ହେଉ ବା ବିୟୋଗାନ୍ତକ। ଧର୍ମକୁ ଆଧାର କରି ମଧ୍ୟ ଯୁଗଯୁଗ ଧରି ଅନେକ କବିତା ଲେଖାଯାଇଛି। ଯୁଗୋସ୍ଲୋଭିଆର କବି ଇଜେତ୍ ନିଜର ଏକ କବିତାରେ ଅଭିଳାଷ ବ୍ୟକ୍ତ କରି କହିଥିଲେ, "ପୃଥିବୀର ସବୁ ବାପା କବି ହୋଇଯାଆନ୍ତେ କି!"

ଆଜିର ବସ୍ତୁବାଦୀ ଦୁନିଆରେ ୩୫ ପ୍ରତିଶତ ବ୍ୟକ୍ତି କୌଣସି ନା କୌଣସି ସ୍ତରରେ ମାନସିକ ଚାପଗ୍ରସ୍ତ, ସେମାନଙ୍କର ସଂଖ୍ୟା ସ୍ୱିଡେନ, ଆମେରିକା, କାନାଡ଼ା, ରୁଷ୍ ଓ ବ୍ରାଜିଲରେ ଅଧିକ। ମାନସିକ ଚାପ ନକାରାତ୍ମକ ପ୍ରବଣତା ସୃଷ୍ଟି କରି ମନକୁ ଆନ୍ଦୋଳିତ କରିଥାଏ। ଏକ ନିର୍ଦ୍ଦିଷ୍ଟ ପ୍ରବଣତାକୁ ଶବ୍ଦ ମାଧ୍ୟମରେ ଲେଖିଦେଲେ ଅର୍ଥାତ୍ ମନକୁ ଆସୁଥିବା ଦୁଃଖ, ଭୟ, ରାଗ ଓ ଶୋକ ଆଦିକୁ ଲେଖାରେ ପ୍ରକାଶ କରିଦେଲେ ଚାପ କମିଯାଏ। ଦୁଃଖ ସମୟରେ ଈଶ୍ୱରଙ୍କୁ ପ୍ରାର୍ଥନା ମାଧ୍ୟମରେ ଆମେ ଯାହା ଗୁହାରି ଜଣାଉ, ତାକୁ ଚିତ୍ରଟିଏ ଆକାରରେ ଲେଖିପକାଇଲେ ମାନସିକ ଚାପ ଓ ଗ୍ଲାନି ଅଧିକ ମାତ୍ରାରେ ହ୍ରାସପାଏ ଏବଂ ଆତ୍ମବିଶ୍ୱାସ ବଢ଼େ ବୋଲି କୁହନ୍ତି ଆମେରିକା ଷ୍ଟାନ୍‌ଫୋର୍ଡ଼ ବିଶ୍ୱବିଦ୍ୟାଳୟର କିଛି ମନୋବିଜ୍ଞାନୀ। ଆମ ମନ ଭିତରେ ନକାରାତ୍ମକ ଭାବପ୍ରବଣତାକୁ ପ୍ରରୋଚିତ କରେ ଆଡ୍ରେନାଲ ଗ୍ରନ୍ଥିରୁ କ୍ଷରିତ 'ଷ୍ଟେରଏଡ' ଜାତୀୟ ଏକ ବିଶେଷ ପ୍ରକାରର ହରମୋନ୍ 'କୋର୍ଟିସଲ'। ୨୦୧୯ ମସିହାରେ ଚାଇନାର କେତେକ ମନସ୍ତତ୍ତ୍ୱବିତ୍ ଦେଇଥିବା ସୂଚନା ଅନୁସାରେ କବିତାଟିଏ ଲେଖିପକାଇଲେ ଶରୀର ମଧ୍ୟରେ ଏହି ହରମୋନ୍‌ର କ୍ଷରଣ ଧୀରେ ଧୀରେ ହ୍ରାସପାଏ। ଚିଠି, କବିତା ବା ସାହିତ୍ୟର ଅନ୍ୟ କୌଣସି ମାଧ୍ୟମ ମନକୁ ନକାରାତ୍ମକ ଭାବଧାରାରୁ ମୁକ୍ତ କରିବାର ଶ୍ରେଷ୍ଠ ଉପାୟ, କିନ୍ତୁ ସାହିତ୍ୟର ସମସ୍ତ ମାଧ୍ୟମ ମଧ୍ୟରୁ ଜନମାନସକୁ ସହଜରେ ଛୁଇଁଯାଏ କବିତା। ତେଣୁ ଅତୀତରେ ଅନେକ ମହାକାବ୍ୟ, ଗୀତା, ଭାଗବତ, ମହାଭାରତ, ରାମାୟଣ ଆଦି ଗ୍ରନ୍ଥ କବିତାରେ ଲେଖାଯାଇଛି। ଆମ ମନରେ ରହିଥିବା ନକାରାତ୍ମକ ଅନୁଭୂତିକୁ ନିଷ୍କାସନ କରି ବିଶୃଙ୍ଖଳିତ ଚିନ୍ତାଧାରାକୁ ଶୃଙ୍ଖଳିତ କରି, ବିକ୍ଷୁବ୍ଧ ମନକୁ ଶାନ୍ତ ଓ ଚାପମୁକ୍ତ କରିବାରେ କବିତା ଲିଖନ ଓ ପଠନର ବିକଳ୍ପ ନାହିଁ।

– ପୂର୍ବତନ ପ୍ରଧାନ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ, ଓଡ଼ିଶା
ନୀଳାଦ୍ରି ବିହାର, ଭୁବନେଶ୍ୱର
ମୋ: ୯୪୩୭୦୦୦୯୦୪

## ପୁସ୍ତକ ପରିଚୟ

### ଲୋକକଥାରେ ଶ୍ରୀଜଗନ୍ନାଥ ଭକ୍ତ





**ଲେଖକ:** ମାଣିଆବନ୍ଧ ସ୍ୱପ୍ନେଶ୍ୱର ଗୋଚ୍ଛି
**ପ୍ରକାଶକ:** କାବ୍ୟଲୋକ, ଲୁଇସ୍ ରୋଡ୍, ଭୁବନେଶ୍ୱର–୨
**ପ୍ରଥମ ପ୍ରକାଶ:** ୨୦୨୪, **ମୂଲ୍ୟ:** ଟ.୨୫୦/–

ଆଲୋଚ୍ୟ ଗ୍ରନ୍ଥରେ ଜଗନ୍ନାଥଙ୍କର ୨୨ଜଣ ଭକ୍ତଙ୍କ ଜୀବନାଲେଖ୍ୟ ପ୍ରଦାନ କରାଯାଇଛି। ସେମାନେ ହେଲେ ଭକ୍ତକବି ଜୟଦେବ, ଆଦିକବି ସାରଳା ଦାସ, ମହାପୁରୁଷ ଅଚ୍ୟୁତାନନ୍ଦ, ବଳରାମ ଦାସ, ଜଗନ୍ନାଥ ଦାସ, ଯଶୋବନ୍ତ ଦାସ, ଶିଶୁ ଅନନ୍ତ ଦାସ, ଶ୍ରୀଚୈତନ୍ୟ ମହାପ୍ରଭୁ, ନାମାଚାର୍ଯ୍ୟ ହରିଦାସ ଠାକୁର, ଦାସିଆ ବାଉରୀ, ମନେଇ ସାହୁ, ସିଦ୍ଧ ବାରଙ୍ଗ ଗୋସେଇଁ, ସନ୍ଥ କବୀର, ସନ୍ଥ ତୁଳସୀ ଦାସ, ଗୁରୁ ନାନକ, ସନ୍ଥ ଅରକ୍ଷିତ ଦାସ, ହାଡ଼ି ଦାସ, ଭକ୍ତ ସାଲବେଗ, ଦୀନକୃଷ୍ଣ ଦାସ, ରାମାନୁଜାଚାର୍ଯ୍ୟ, ଆଲବନ୍ଦରାଚାର୍ଯ୍ୟ ଓ ଆଚାର୍ଯ୍ୟ ପଦ୍ମପାଦ। ଲୋକକଥାରେ ଏହିସବୁ ଭକ୍ତମାନଙ୍କ ସମ୍ପର୍କରେ ଯେପରି ଉଲ୍ଲେଖ ରହିଛି, ତା'ରି ଆଧାରରେ ଲେଖକ ଗ୍ରନ୍ଥର ବିଷୟ ସଂରଚନା କରିଛନ୍ତି। ଶ୍ରୀଜଗନ୍ନାଥାନୁଗତ ଭକ୍ତମାନଙ୍କର ଜୀବନ ସମ୍ବନ୍ଧରେ ଓଡ଼ିଶାର ପାଠିକାପାଠକମାନେ ଊଣାଅଧିକେ ଅବଗତ ଥିଲେ ବି ଅନେକ ଅଜଣା କଥା ପୁରାଣ ଓ କିମ୍ବଦନ୍ତୀରୁ ସଂଗ୍ରହ କରି ଲେଖକ ଏଥିରେ ସଂଯୋଜିତ କରିଛନ୍ତି, ଯାହା ପାଠକଲେ ଅପୂର୍ବ ପାଠକୀୟ ଆନନ୍ଦ ମିଳିବା ସହିତ ଆପଣାର ଜ୍ଞାନବଳୟକୁ ପାଠକେ ସମ୍ପ୍ରସାରିତ କରିପାରିବେ। ଯଥା ଜୟଦେବଙ୍କ ପ୍ରସଙ୍ଗରେ ଜୟଦେବ ଓ ଚୋର ବାବାଜି, ମୋଚିରାମ ବେହେରା ଓ ଗୀତଗୋବିନ୍ଦ; ଅଚ୍ୟୁତାନନ୍ଦଙ୍କ ପ୍ରସଙ୍ଗରେ ଅଚ୍ୟୁତାନନ୍ଦ ଓ ଅଚ୍ୟୁତି ଖାଁ, ଅଚ୍ୟୁତାନନ୍ଦ ଓ ଚମ୍ପାବତୀ ବିବାହ, ଶୂନ୍ୟ କୂଅ ପ୍ରସଙ୍ଗ; ବଳରାମଙ୍କ ପ୍ରସଙ୍ଗରେ ମହାପ୍ରଭୁଙ୍କ ପାନଖିଆ, ଜଗନ୍ନାଥ ଦାସଙ୍କ ପ୍ରସଙ୍ଗରେ ଜଗନ୍ନାଥ ଦାସ ଓ ଚନ୍ଦନକାଠ, ଯଶୋବନ୍ତ ଦାସଙ୍କ ପ୍ରସଙ୍ଗରେ ଧାନଚୋରି କଥା, ବ୍ରହ୍ମରାକ୍ଷସ କଥା ଓ ଅଜଗର ସାପ କଥା; ଶିଶୁ ଅନନ୍ତ ଦାସଙ୍କ ପ୍ରସଙ୍ଗରେ ଶିଶୁ ଅନନ୍ତ ଓ ପୀର ଖାଁ ପ୍ରଭୃତି ପ୍ରସଙ୍ଗରେ ନାନା ଉପାଖ୍ୟାନର ଅବତାରଣା ରହିଛି, ଯାହା ପ୍ରଭୁଙ୍କ ମହିମାଗାନ କରି ଅମରତ୍ୱ ଲାଭ କରିଥିବା ଭକ୍ତପ୍ରବରଙ୍କ ସମ୍ପର୍କରେ ପାଠକଙ୍କୁ ଅବଗତି ଆଣିଦେବ।

### ସଂଜ ନଇଁଗଲା ପରେ





**କବି:** ଦୟାନିଧି ନାୟକ
**ପ୍ରକାଶକ:** ଅପୂର୍ବା, ଖାରବେଳ ନଗର, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୫, **ମୂଲ୍ୟ:** ଟ.୧୫୦/–

ମୋଟ ୫୮ଟି କବିତା ଆଲୋଚ୍ୟ କବିତାଗ୍ରନ୍ଥରେ ସ୍ଥାନିତ। କବିତାଗୁଡ଼ିକର ଭାଷା ସରଳ। ମନେହେବ ଯେମିତି ଜଣେ ଅନ୍ୟଜଣକୁ ଗପ କହୁଛି, ଜୀବନର ଗପ, ସମୟର ଗପ, ସୁଖଦୁଃଖ, ଆନନ୍ଦ ବିଷାଦ– ସବୁକିଛି। କେତୋଟି ଉଦାହରଣ ନିଆଯାଉ ଗ୍ରନ୍ଥସ୍ଥ କବିତାରୁ– ୧. "ସକାଳର ସୂରୁଜକୁ ଦେଖିଲେ/ ଆଜି ଭାରି ମନେପଡ଼େ/ ଗଲାଦିନର କଥାସବୁ,/ ଦାନ୍ତ ଘଷି ସାରି/ ବୋତାମ ଛିଣ୍ଡିଯାଇଥିବା/ ପ୍ୟାଣ୍ଟକୁ ମୋଡ଼ିମାଡ଼ି/ ଟିଉସନ ଯିବା କଥା।/ ମାସ ପୂରିବା ପରେ/ ଠିକ୍ ସମୟରେ ପଇସା ଦେଇପାରୁ ନ ଥିବା/ ଦୁଃଖର କାହାଣୀ ଭିତରେ/ ଆଖି ସାମ୍ନାକୁ ଆସିଥାଏ/ ମୋ ବାପାଙ୍କ ମୁହଁ" (ଆଜି ମନେପଡ଼େ, ପୃ:୦୯), ୨, "ବଦଳୁଛି/ ମାନଚିତ୍ର/ ପୋଡ଼ି ଯାଉଛି/ ସବୁଜ ସ୍ୱପ୍ନ/ ଉଜୁଡ଼ି ଯାଉଛି/ ମଣିଷ ଭିତରର/ ମଣିଷ ପଣିଆ।" (ମାନଚିତ୍ର, ପୃ:୨୯), ୩. "ରାତି ପାହିଗଲା ପରେ/ ସବୁ କିଛି କୋଳାହଳମୟ/ x x ସକାଳର ଖବରକାଗଜ/ ଭାରି ଉତ୍କଣ୍ଠାମୟ/ ଗଣବଳାତ୍କାର, ପ୍ରଶ୍ନପତ୍ର ଲିକ୍/ ଖଣି ଖୋଳ, ନିର୍ବାଚନୀ/ ବାହାସ୍ଫୋଟର/ ପୃଷ୍ଠା ଓଲଟାଉ ଓଲଟାଉ/ ସରିଯାଏ ଚା କପ୍‌ରୁ ତ/ ସମୟ।" (ରାତି ପାହିଗଲା ପରେ, ପୃ: ୬୨), ୪. "ଏଇଠି ଏମିତି/ ବସ୍ତିମାନେ ଶୋଇପଡ଼ନ୍ତି/ x x ନିରୋଳା ପ୍ଲାଟ୍‌ଫର୍ମ/ ପରିତ୍ୟକ୍ତ ସିମେଣ୍ଟ ବେଞ୍ଚ/ ମେଞ୍ଚା ମେଞ୍ଚା ଅଳିଆଗଦା/ କବାଡ଼ିଆଙ୍କ ଗୋଦାମ ଘରକୁ/ ସେମାନେ ଆବୋରି ନିଅନ୍ତି/ ନା କେବେ ବୁଝନ୍ତି/ ଏଠି ଜୀବନର ମାନେ କ'ଣ?/ ନା କେବେ ଖୋଜନ୍ତି/ ଭବିଷ୍ୟତର ଠିକଣା।" (ବସ୍ତିମାନଙ୍କ ପାଇଁ କବିତା, ପୃ:୬୭)। ଦୟାନିଧିଙ୍କ କବିତାରେ ସାରା ଜଗତ, ତା'ର ସହସ୍ର ମୁଖ ଟେକି ଚାହିଁଥାଏ। ସମୟର ପ୍ରବାହରେ ମଣିଷର ମରିଯାଉଥିବା ମଣିଷ ପଣିଆ, ସ୍ମୃତିର ଆଢୁଆଳରେ ବ୍ୟକ୍ତିଗତ ଜୀବନ ଦୈନ୍ୟ, ଚଉପାଶର ସ୍ଖଳିତ, ଅବକ୍ଷୟିତ ସମାଜର ଦୃଶ୍ୟପଟ, ପ୍ଲାଟ୍‌ଫର୍ମରେ ସ୍ୱପ୍ନହୀନ ସମୟ ବିତଉଥିବା ଅନାଥ ପିଲା– ଏକାକାର ହୋଇ ଏପରି ଏକ ସଂବେଦନା ନିର୍ମାଣ କରନ୍ତି, ଯାହା ପାଠକଙ୍କୁ ଅଭିଭୂତ କରେ, ଭାବିତ କରେ। ତାଙ୍କ ଅନ୍ତର୍ଲୋକରେ ଚରାଚର ବାଙ୍ମୟ ହୋଇଉଠେ।

## କବିତା

### ଲଢ଼େଇ

ଅଖିଳ କୁମାର ମିଶ୍ର

ଭୁଲ୍‌ରୁ ଅଲଗା ତୁବି ନାହିଁ ମୁଁ ବି
ଦଶଜଣ ମଣିଷ ସଂସାରରେ/ ଭଗବାନ ତୁ ବି ମୁଁ ବି
ଛିଡ୍ରୁ ନଥିବା ବୁଝାମଣା ଦୁଇଜଣଙ୍କ ମଧ୍ୟରେ
ଦୂରତ୍ୱ ଯେ ବୁଣିହୁଏ ସ୍ୱାର୍ଥର ସୂତାରେ,
ନହେଲେ ଚିନ୍ତା କ'ଣ; ଆମେ ସମସ୍ତେ ଏକାପରି।

ନିଜ ନିଜ ରାସ୍ତାରେ ଦୁଇଜଣଙ୍କ ଯାତ୍ରା ଜାରି ରହିଲା,
ସମୟକୁ ଅଟକାଇଲା କିଏ? କହୁନ–
ଆମ ଭିତରୁ ହିଂସାର ନିଆଁଟାକୁ ଦେଖିଲା ଯିଏ,
ତୁ ବି ନୁହଁ, ମୁଁ ବି ନୁହଁ– ଚକ୍ଷୁ ପରା ମୁଦା ପ୍ରଳୟର
ଦି'ଜଣ ପରସ୍ପରକୁ ବହୁତ ବେଶୀ ଚାହୁଁଥିଲେ,
ମାତ୍ର ଏ ବାସ୍ତବତା ମାନିବା ଜୀବ ନା ତୁ ନା ମୁଁ!

ଝଗଡ଼ାଝାଟି, ଟିଟିକାରୀ ଓ ବିଦେହର ଆବିଳତା
ଧରପଗଡ଼ ଧମାଧମ ପରସ୍ପର ସହିତ ମନ୍ଦ ବେଭାର
ଗାଳିଗୁଲଜ ଯେତେ ଦେଇଦେବା
ମାତ୍ର ଶେଷରେ ଗୋଟିଏ ଜାଗାରେ ପଡ଼ିରହିବା।

ବଳବଅସ ଥିବାଯାକେ,
ତାଡ଼ି ନବାକୁ ଆଖି ଡେଇଁ ପଡୁଚେ,
କପଡ଼ା ଟାଣି ଲଙ୍ଗଳା କରି
ପକାଇବାକୁ ପ୍ରୟାସ କରୁଚେ,
ଏମିତି ସମୟ ଆସିବ
ହାତ ଧରିବା ତ ଦୂରର କଥା
ଚିହ୍ନିବାକୁ ବି ବଳ ନ ଥିବ।

ସେଇ ମିଥ୍ୟା ଲଢ଼େଇ ବଖାଣିବା ଲାଗି
ଦିନେ ଆମେ ବି ରହିବାନି–
ସଭ୍ୟତାର ସୀମାନ୍ତରେ ଗପମାନେ ଚେହେରା
ବଦଳାଇ ଶୂନ୍ୟ ଛନ୍ଦରେ ଶୋଇ ଯାଇଥିବେ
ଯେ' ଯାହାର ବିଛଣାରେ।

– ଆଡିସନାଲ ଡିଜି, ପତ୍ର ସୂଚନା ବ୍ୟୁରୋ
ଭାରତ ସରକାର, ଭୁବନେଶ୍ୱର

### ଉଠ୍‌ରେ ପୁତା ଉଠ୍

ଚନ୍ଦନ କୁମାର ଦାସ

ତୋ ଛାତିର ଅଚିହ୍ନା ରାତିରେ
ପୁଣି ଉଇଁ ଆସିବ ଜହ୍ନ
ଲେଉଟିବେ ତାରା ସବୁ
ଲିଭିଯିବ ନିଃଶ୍ୱାସର ନିଆଁ
ଫରଚା ଆକାଶ ତଳୁ ଭାଙ୍ଗିଯିବ
ଅଦିନିଆ ବୈଶାଖର ବିଧୂର ବେଦନା।

କହ...! କହରେ ପୁତା କହ...
କାହିଁ ଗୁଳୁ ହୃଦୟେ ତୋ' ଏତେ ଅଭିମାନ
ଲଟକିଛୁ କାହିଁପାଇଁ ତୋ' ଅଝଟପଣର
ଶୂନ୍ୟ ଏକ ଶିଆଳିଲଟାରେ
ଏ ଅଭିମାନ ଆଜି ଗୋଟେ ଗୋଟେ
ବେକାର ଯୁବକର ପକେଟ ପରି
ଯାହା ତୋ ଥିବା ନ ଥିବାର ଫରକ ଦେଖେନି
ଖୋଜେନି ତୋ ସଜଳ ଆଖିର ଆକାଶରେ

ଘନେଇ ଆସୁଥିବା
ଅସୁମାରି ସ୍ୱପ୍ନର ପୁଞ୍ଜିଭୂତ ମେଘଖଣ୍ଡ
ତୋ ଅଭିମାନ ସବୁ
ଅଲୋଡ଼ା ବାର୍ଦ୍ଧକ୍ୟର ଅସହାୟତା ପରି
ଚାହିଁଥିବେ ପୁଣି ଏକ ରାତି ପାହିବାକୁ
ତୁ କିନ୍ତୁ ଖୋଜୁଥିବୁ ଦାଦନର ଦରିଆରେ
ପୂର୍ବ ରାତିରେ ବୁଡ଼ିଥିବା ବିଶ୍ୱାସର ବୋଇତକୁ।

ଉଠ୍‌ରେ ପୁତା ଉଠ
ତୋତେ ଲାଲ ମାଟିର ରାଣ
ହକ୍ ନ ମାଗି ହାରିଯାଇ
ଚେଷ୍ଟା କରିବୁନି କେବେ
ପୂରେଇବାକୁ ତୋ' ଅଭିମାନୀ ମାଣକୁ
ସେରେ ଚାଉଳରେ
ଜାଣିଥିବୁ ଆଜି ବି ବଞ୍ଚିଛି ଏଇ ମାଟିରେ
ଗୋଦାବରୀଶଙ୍କ ସେଦିନର ସେ ମାଗୁଣି
ଆଉ ତା' କାଳିଆ କସରା ବଳଦ
ତା' ଶଗଡ଼ର ସ୍ମୃତିଭିଜା ସ୍ୱାଭିମାନ।

ଭୋଗରାଇ, ବାଲେଶ୍ୱର
ମୋ: ୮୧୧୪୩୪୫୯୮୮

### ଗୀତି–କବିତା

### ମେଘ ପାଇଁ

ଲକ୍ଷ୍ମୀପ୍ରିୟା ପୃଷ୍ଟି

ମେଘ ଧାନବିଲ ଶାଗୁଆ ପଣତେ
ଅଭାବୀ ପ୍ରାଣର ଗୀତି
ମେଘ ତୋ' ମନ ସାଦା ଫରଦରେ
ରଜନୀଗନ୍ଧାର ରାତି।

ଥରେ ବର୍ଷିଗଲେ ଆକାଶ ଛାତିଟା
କଇଁଫୁଲ ଜହ୍ନରାତି
ଥରେ ଝରିଗଲେ ତୋ' କବିତା ଲାଗେ
ଅଳସୀ ଆଖିର ପ୍ରୀତି।

ନୀର ନୁହେଁ ସତେ ଫୁଲ ବରଷୁଛି
ଆବେଗର ଓଦାପଣେ
ମଣିଷ ପରି ଏ ମେଘ ବି ଉଛୁଳେ
କଳାଦିଅଁ ଦରଶନେ।

– ଅଧ୍ୟାପିକା, ଓଡ଼ିଆ ବିଭାଗ
ଦଶରଥପୁର ଉଚ୍ଚତର
ମାଧ୍ୟମିକ ବିଦ୍ୟାଳୟ, ଯାଜପୁର
ମୋ: ୭୩୭୭୩୧୮୭୮୯

## କାଳକାଳକୁ



"ଅନ୍ତର୍ଲୋକକୁ ଯାତ୍ରା ହିଁ ଜୀବନର ଏକମାତ୍ର ଯାତ୍ରା।"
– ରାଇନର ମାରିଆ ରିଲ୍‌କେ

**ରାଇନର ମାରିଆ ରିଲ୍‌କେଙ୍କ** ଜନ୍ମ ୪ ଡିସେମ୍ବର ୧୮୭୫ରେ ଅଷ୍ଟ୍ରିଆର ପ୍ରାଗ୍‌ରେ ଓ ପରଲୋକ ୨୯ ଡିସେମ୍ବର ୧୯୨୬ରେ ସୁଇଜରଲାଣ୍ଡର ମଣ୍ଟ୍ରିକ୍ସରେ। ଜର୍ମାନୀ ଓ ଫରାସୀ ଭାଷାରେ ଲେଖୁଥିବା ଏହି ବିଶ୍ୱବିଦିତ ଲେଖକ ଏକାଧାରରେ କବି ଓ ଔପନ୍ୟାସିକ। ତାଙ୍କର ପ୍ରସିଦ୍ଧ କବିତାଗ୍ରନ୍ଥ ମଧ୍ୟରେ 'ଡୁଇନୋ ଏଲିଜିଜ୍' ଓ 'ସନେଟ୍‌ସ ଟୁ ଅରଫିୟସ୍' ପ୍ରମୁଖ। ମୃତ୍ୟୁ ପରେ ତାଙ୍କର ୧୦ଟି ବିରଳ ଚିଠିକୁ ନେଇ ପ୍ରକାଶିତ ହୁଏ 'ଲେଟର୍ସ ଟୁ ଏ ୟଙ୍ଗ୍ ପୋଏଟ୍' ସଙ୍କଳନ। ମାରିଆଙ୍କ ସୃଜନ–ଅବଧି ୧୮୯୪ରୁ ଆରମ୍ଭ ହୋଇ ଶେଷ ହୁଏ ୧୯୨୫ରେ। ସେ କହନ୍ତି: "ସୌନ୍ଦର୍ଯ୍ୟ ଅନ୍ୟ କିଛି ନୁହେଁ, ସଂତ୍ରାସର ଆରମ୍ଭ ମାତ୍ର।"

## ଶୂନ୍ୟତା

ଲଘୁଗଳ୍ପ

ସୁନନ୍ଦା ମହାନ୍ତି

ବୋଉ ସକାଳୁ ଉଠିଲେ ଆଗ ସେମାନଙ୍କ ଗିନା ଥାଳିଆରେ ଖାଦ୍ୟ ରଖୁଥିଲା। ପୁଷି ପାଇଁ ନଖଉଷୁମ କ୍ଷୀର ସାଙ୍ଗକୁ ଟମିର ବଡୁରା ରୁଟି କ୍ଷୀର, ନେଉଳର ବିସ୍କୁଟ ତ ଶୁଆର ବୁଟଦାନା। ବୋଉ ଠାକୁର ବାସନ ମାଜି, ଫୁଲ ତୋଳି ବାପାଙ୍କ ପାଇଁ ଚା ଜଳଖିଆ ପ୍ରସ୍ତୁତ କରିବା ବେଳକୁ ସମସ୍ତଙ୍କ ଥାଳି ଗିନା ତାଟିଆ ସଫା। କୃତକୃତ୍ୟ ହୋଇଯାଏ ବୋଉ। ଅସୁବିଧା ସବୁ ବାପାଙ୍କର। ଜଳଖିଆଠାରୁ ଆରମ୍ଭ କରି ରାତି ଖାଇବା ପର୍ଯ୍ୟନ୍ତ ବାପା ଖୁଣନ୍ତି। ଆର ଜନ୍ମରେ ସତେକି ଋଣ କରି ଏ ଜନ୍ମରେ ଶୁଝୁଥାଏ ବୋଉ। କେତେ କାଇଦା କଟକଣାରେ କରିଥିବା ଚକୁଳି କୁଆଡ଼େ ଆହୁରି ପତଳା ହୋଇଥାଆନ୍ତା, ତାଙ୍କ ବୋଉ ବା ବୋଉର ଶାଶୁଙ୍କ ପରି ବା ପିଲାଙ୍କ ଜେଜେମା'ଙ୍କ ଚକୁଳି ପରି। ଦହିବରା ଆଉ ଟିକେ ମିଠା ହୋଇଥାଆନ୍ତା, ଆଳୁ ପରଟା ଖାଇ ଡାଇବେଟିସ ବଢ଼ିଗଲାଣି, ରୁଟି ଟା ଦେଲେ ବାସିରୁଟି ଖାଇବା ଭାଗ୍ୟରେ ଥିଲା ଶେଷକୁ। ଏସବୁ ସିନା ଜଳଖିଆ ତିଆରି କରିବା ଲୋକ ବୋଉର ଦୋଷ, କିନ୍ତୁ ଖରାବେଳ ଖାଇବାରେ ହାତ ଚାଟି ଖାଉଥିବା ବାପା ଖୁଣ କାଢ଼ନ୍ତି ଓ ଗୁଣ ବଖାଣନ୍ତି ବୋଉର ସାତପୁରୁଷଯାଏଁ। ହାରେନି ବୋଉ ତଥାପି। ଡବା ଡବା ପାନ ଭାଙ୍ଗୁଥାଏ। ଧୂଳିଗୁଣ୍ଡିପକା ଲବଙ୍ଗଦିଆ ପାନ। ଥରେ ନୁହଁ, ଦିନକୁ କେଜାଣି କେତେ ଥର! ରାତିରେ ରୁଟି କ୍ଷୀର କାହିଁ ଆଗରୁ ଭିଜେଇଲ ନାହିଁ କହି ଘର କମ୍ପାନ୍ତି ବାପା। ଛାତ ଉପରୁ ମାଙ୍କଡ଼ ଆସି ଖାଇବା ନେଇଗଲେ ବି ବୋଉର ଦୋଷ। କାଳେ ଅକାଳେ ଘରକୁ ଆସିଥିବା ପିଲା ବୁଝନ୍ତି ବୋଉର ଦୁଃଖ, ହେଲେ ବାପାଙ୍କୁ କିଛି କହନ୍ତି ନାହିଁ। ବୋଉ ଶିଖେଇଛି ପିତା ପରମ ତପ। ପିତା ସ୍ୱର୍ଗ।

ଆଜି ଦୁଇ ପୁଅ ଦୁଇ ବୋହୂ ସମସ୍ତେ ନିଜ ସହରକୁ ବଦଳି ହୋଇ ଘର ଗହଳି। ବାପାଙ୍କୁ ଭଲ ଭଲ ଖାଇବା ଦେବାକୁ ଦୁଇ ବୋହୂଙ୍କ ଭିତରେ ପ୍ରତିଯୋଗିତା। ବୋଉଙ୍କ ହାତରନ୍ଧା ପରି ସୁଆଦିଆ ନ ହେଲେ ମଧ୍ୟ ଅନ୍‌ଲାଇନରୁ ଭିନ୍ନଭିନ୍ନ ଜଳଖିଆ ଶିଖି, ବନେଇ ରଖନ୍ତି ବାପାଙ୍କ ପାଖେ। ବିନା ଦ୍ୱିଧା, ବିନା ଖୁଣରେ, ବିନା ପ୍ରତିବାଦରେ ବାପା ଖାଇଦେଇ ଉଠନ୍ତି। ଭରା ଭରା ଥାଳିଆ, ଗିନା ସବୁ ସେମିତି ଥୁଆ ହୋଇଥାଏ ଟମି, ପୁଷିଙ୍କର। ବାପା ପଛେ ଖାଇଦେଉଛନ୍ତି, ଆଙ୍କର ବେଶି ବାଗ କହି ବଡ଼ବୋହୂ ଯେତେ ଯତ୍ନ କଲେ ମଧ୍ୟ ସେମାନେ ମୁହଁ ମାରି ଶୁଙ୍ଘି ଚାଲିଥାନ୍ତି କାହାର ପରଶକୁ, କାହାର ଶୂନ୍ୟତାକୁ। ସାନବୋହୂ ସେମାନଙ୍କୁ ଦେଖି ଭାବେ ଏତେ କରୁଥିଲେ ତୁମ ପାଇଁ, ଆମ ପାଇଁ ତଥା ବାପାଙ୍କ ପାଇଁ, ହେଲେ ତାଙ୍କ ପାଇଁ ଦିନେ କେହି ଯତ୍ନ କରିବାର ସୁଯୋଗ ପାଇନି। ରତ୍ନପିଣ୍ଡର ଦେବୀ ଥିଲେ କହି ଆଖିରୁ ଲୁହ ପୋଛୁଥିଲା ସାନବୋହୂ ତ ପଛରୁ ବାପା ଡାକ ପକେଇଥିଲେ ବଡ଼ବୋହୂକୁ, ପାନ ଦୁଇଖଣ୍ଡ ଭାଙ୍ଗିପାରିବୁ ମାଆ! ବୋଉ ଯେତେ ଧଡ଼ପଡ଼ ହୋଇ ପାନ ଭାଙ୍ଗୁଭାଙ୍ଗୁ ବାପା କହନ୍ତି ମୋ' ପାଖେ ବୋଲି ଚଳିଯାଉଛି ତୁମ ବୋଉ। ଆଜି ଆଉ କି କି କାମରେ ବ୍ୟସ୍ତ ରହି ଘଣ୍ଟାଏ ପରେ ପାନ ଦୁଇଖଣ୍ଡ ଭାଙ୍ଗି ବଡ଼ବୋହୂ ବାପାଙ୍କ ହାତକୁ ବଢ଼େଇ ଦେଇ କହିଲା– ଡେରି ହୋଇଗଲା ବାପା। ବାପା କହୁଥିଲେ ବୋଉଟା ତୁମର ଭାରି ଖରାପ ଅଭ୍ୟାସ କରିଦେଇଛି ମୋର। ସେ ଯିବାର ବର୍ଷକ ପରେ ମଧ୍ୟ ମୋର ନିଜେ ନିଜେ ପାନ ଭାଙ୍ଗି ଖାଇବା ହେଲାନି। ବୋହୂ କହୁଥିଲା ଆମେ ଅଛୁ ନା! ହଁ ତୁମେ ସବୁ ଅଛ ବୋଲି ଚଳିଯାଉଛି। ଟମି, ପୁଷି, ନେଉଳ ଏଣିକି ଖାଉଥିଲେ କିଛି କିଛି ତ ତାଙ୍କୁ ଦେଖି ବାପା ସେଦିନ କାନ୍ଦି ପକେଇଥିଲେ ଖୁବ୍। ସମସ୍ତେ ଥିଲେ ମଧ୍ୟ ଶୂନ୍ୟତା ତାଙ୍କୁ ଭିତରେ ଭିତରେ ଘୁଣ କରିଚାଲିଥିଲା, କାହିଁକି କେଜାଣି ବାପା ବୁଝି ବି ବୁଝି ପାରୁନଥିଲେ।



– ସାକ୍ଷୀଗୋପାଳ, ପୁରୀ
ମୋ: ୯୦୪୦୯୭୭୩୨୭

## ନାବାଳିକା ବଳାତ୍କାରୀଙ୍କୁ ୨୦ ବର୍ଷ ଜେଲ

ବ୍ରହ୍ମପୁର,୨୮।୧୧
(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ସ୍ୱତନ୍ତ୍ର ଫାଷ୍ଟଟ୍ରାକ ପୋକ୍‌ସୋ ଜଜ୍ ରୋହିତଲାଲ ପଣ୍ଡା ଶୁକ୍ରବାର ଏକ ନାବାଳିକା ବଳାତ୍କାର ମାମଲାର ଅଭିଯୁକ୍ତଙ୍କୁ ୨୦ ବର୍ଷ ଜେଲ ଦଣ୍ଡ ଶୁଣାଇଛନ୍ତି। ଅଭିଯୁକ୍ତ ଜଣଙ୍କ ହେଲେ ପୁରୀ ଜିଲା କୃଷ୍ଣପ୍ରସାଦଗଡ଼ର କୃଷ୍ଣ ପାହାନ(୩୦)। ଜେଲ୍ ସହ ତାଙ୍କୁ ୫୦ ହଜାର ଟଙ୍କା ଜରିମାନା ହୋଇଛି। ଏହା ଅନାଦେୟ ଅଧିକ ୬ ମାସ ଜେଲଦଣ୍ଡ ଭୋଗିବାକୁ ଜଜ୍ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷରେ ପୀଡିତାଙ୍କ ପରିବାରକୁ ୪ ଲକ୍ଷ ଟଙ୍କା ସହାୟତା ଦେବାକୁ ଆଦେଶ ଦେଇଛନ୍ତି।

୨୦୧୯ରେ ଗଞ୍ଜାମ ଜିଲା ରମ୍ଭା ଥାନା ଅଧୀନ ଏକ ଗାଁରେ ନିଜ ମାମୁଘରେ ୧୩ ବର୍ଷୀୟା ଜଣେ ନାବାଳିକା ରହି ଆସୁଥିଲେ। ସେହି ଗାଁରେ ଅଭିଯୁକ୍ତ କୃଷ୍ଣଙ୍କ ସମ୍ପର୍କୀୟ ରହୁଥିବାରୁ ସେ ମଧ୍ୟ ସେଠାରେ ରହୁଥିଲେ। କୃଷ୍ଣ ଉକ୍ତ ନାବାଳିକାଙ୍କୁ ବିଭିନ୍ନ କଥା କହି ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। କିଛିଦିନ ପରେ ନାବାଳିକା ଜଣଙ୍କ ଗର୍ଭବତୀ ହେବାରୁ ଘଟଣା ପଦାକୁ ଆସିଥିଲା। ସେତେବେଳେ ନାବାଳିକା ୫ ମାସର ଗର୍ଭବତୀ ଥିବା ମେଡିକାଲ ପରୀକ୍ଷା ପରେ ଜଣାପଡିଥିଲା। ତାଙ୍କ ମାଇଁ ୨୦୨୦ ଜାନୁଆରୀ ୩୦ରେ ଏନେଇ ରମ୍ଭା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୧୧/୨୦ରେ ମାମଲା ରୁଜୁ କରି ନାବାଳିକାଙ୍କ ବୟାନ ଆଧାରରେ କୃଷ୍ଣଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଥିଲା। କିଛିମାସ ପରେ ନାବାଳିକା ଜଣଙ୍କ ଏକ ପୁତ୍ରକୁ ଜନ୍ମ ଦେଇଥିଲେ। କିଛିବର୍ଷ ଜେଲରେ ରହିବା ପରେ କୃଷ୍ଣ ଜାମିନରେ ମୁକୁଳିଥିଲେ। ମାମଲାର ବିଚାର ଫାଷ୍ଟଟ୍ରାକ କୋର୍ଟରେ ଚାଲୁଥିବା ବେଳେ ପୀଡ଼ିତାଙ୍କ ମୃତ୍ୟୁ ହୋଇଯାଇଥିଲା। ମୋଟ ୧୪ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ସରକାରଙ୍କ ପକ୍ଷରୁ ପିପି ମୋହନ ସିଙ୍ଗାରୀ ମକଦ୍ଦମା ପରିଚାଳନା କରୁଥିଲେ।

## ଯୁବକଙ୍କୁ ପିଟି ହତ୍ୟା, ଜଣେ ଗିରଫ

କେନ୍ଦୁଝର,୨୮।୧୧
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝରେ ଟାଉନ ଥାନା ଅଞ୍ଚଳରେ ବାଉଁଶ ବାଡ଼ିରେ ପିଟି ଜଣଙ୍କୁ ହତ୍ୟା କରାଯାଇଛି। ମୃତକ ହେଲେ ବ୍ରାହ୍ମଣୀ ଗାଁର ପରେଶ ନାଏକ (୧୭)। ଘଟଣାରେ ପୋଲିସ ଶୁକ୍ରବାର ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ବ୍ରାହ୍ମଣୀ ଗାଁର ଯାଦବ ନାଏକ (୫୧)। ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇ ତଦନ୍ତ ଚାଲିଥିବା ଥାନା ଅଧିକାରୀ ଶ୍ରୀକାନ୍ତ ସାହୁ ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ଗୁରୁବାର ରାତିରେ ଯାଦବ କୌଣସି କାରଣରୁ ତାଙ୍କ ପଡ଼ୋଶୀ ପରେଶ ନାଏକ (୧୭)ଙ୍କୁ ଏକ ବାଉଁଶ ବାଡ଼ିରେ ମାଡ଼ ମାରିଥିଲେ। ପରେଶ ଗୁରୁତର ହୋଇ ସ୍ଥାନୀୟ ଧରଣୀଧର ମେଡ଼ିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ସେଠାରେ ଡାକ୍ତର ତାଙ୍କୁ ଚିକିତ୍ସାଧୀନ ଅବସ୍ଥାରେ ମୃତ ଘୋଷଣା କରିଥିଲେ। ଆକ୍ରମଣର କାରଣ ଜଣାପଡ଼ି ନ ଥିବା ବେଳେ ଟାଉନ ଥାନା ପୋଲିସ ତଦନ୍ତ କରି ଅଭିଯୁକ୍ତଙ୍କୁ ଶୁକ୍ରବାର ସକାଳେ ଗିରଫ କରିଥିଲା। ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତରକରି ଅଧିକ ତଦନ୍ତ କରୁଛି। ପୋଲିସ ଏକ ମାମଲା ରୁଜୁ(ନଂ.୯୧୫/୨୫)କରିଛି।

## ଭଞ୍ଜନଗର ଥାନାରେ ସିବିଆଇ ଟିମ୍

### ପୋଲିସ ଏସ୍‌ଆଇ ପରୀକ୍ଷା ଦୁର୍ନୀତିର ଖୋଳତାଡ଼

ଭଞ୍ଜନଗର,୨୮।୧୧
(ବାବୁଲା ପ୍ରଧାନ)

ଓଡ଼ିଶା ପୋଲିସ ଏସ୍‌ଆଇ ନିଯୁକ୍ତି ପରୀକ୍ଷାରେ ବ୍ୟାପକ ଦୁର୍ନୀତି ହୋଇଥିଲା। ଏନେଇ ପ୍ରଥମେ ପୋଲିସ ଘଟଣାର ତଦନ୍ତ କରୁଥିଲା। ପରେ କ୍ରାଇମବ୍ରାଞ୍ଚ ହାତକୁ ଏହି ମାମଲା ଯାଇଥିଲା। ଏହାର ଅଧିକ ତଦନ୍ତ ପାଇଁ ରାଜ୍ୟ ସରକାର ସିବିଆଇକୁ ସୁପାରିସ କରିଥିଲେ। ଏହା ପୂର୍ବରୁ ଉକ୍ତ ମାମଲାରେ ପୋଲିସ ୧୧୪ ଜଣ ପରୀକ୍ଷାର୍ଥୀଙ୍କ ସମେତ ୩ ଜଣ ଦଲାଲଙ୍କୁ ଗିରଫ କରିଥିଲା। ଗିରଫ ବ୍ୟକ୍ତିଙ୍କ ମଧ୍ୟରୁ ଅଧିକାଂଶ ଭଞ୍ଜନଗର ଅଞ୍ଚଳର ଥିଲେ। ଗତ ନଭେମ୍ବର ୧୨ରୁ ଦୁଇଜଣିଆ ସିବିଆଇ ଟିମ୍ ଏହି ମାମଲାର ତଦନ୍ତ କରିବା ପରଠାରୁ ତଦନ୍ତରେ ଅଗ୍ରଗତି ଘଟିଛି। ଏଭଳି ସ୍ଥିତିରେ ଶୁକ୍ରବାର ସି.ବି.ଆଇ. ଟିମ୍ ଭଞ୍ଜନଗର ଥାନାରେ ପହଞ୍ଚି ଘଟଣାର ଖୋଳତାଡ଼ କରିଛି। ସିବିଆଇ ଟିମ୍ ଭଞ୍ଜନଗର ଥାନାକୁ ୩ ଜଣ ଅଭିଯୁକ୍ତଙ୍କୁ ଡାକି ପଚରାଉଚରା କରିଛି। ସୂଚନାଯୋଗ୍ୟ, ସିବିଆଇ ଦ୍ୱାରା ଗିରଫ ଅଭିଯୁକ୍ତମାନେ ବର୍ତ୍ତମାନ ଜାମିନରେ ଅଛନ୍ତି।



ଭଞ୍ଜନଗର ଥାନାରେ ତଦନ୍ତ କରୁଥିବା ସି.ବି.ଆଇ. ଟିମ୍।

## ଗୋଚାଲାଣ ମାମଲାରେ କନ୍‌ଷ୍ଟେବଲ ଗିରଫ

କେନ୍ଦୁଝର,୨୮।୧୧(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ପୋଲିସ ଶୁକ୍ରବାର ଗୋଚାଲାଣ ମାମଲାରେ ତେଲକୋଇ ଥାନାର ଜଣେ କନ୍‌ଷ୍ଟେବଲଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣକ ହେଲେ ଗୌରହରି ପାତ୍ର। ସେ ଗୋଚାଲାଣକାରୀଙ୍କୁ ପୋଲିସ ଟିମ୍‌ର ଗତିବିଧି ସମ୍ପର୍କରେ ଆଗୁଆ ସୂଚନା ଦେଇ ଆସୁଥିଲେ। ଘଟଣା ଜିଲାରେ ଚର୍ଚ୍ଚାର ବିଷୟ ହୋଇଛି।

ପ୍ରକାଶ ଯେ, ଗତ ବୁଧବାର ରାତିରେ ବେଆଇନ ଗୋଚାଲାଣ ଖବରପାଇ ପୋଲିସ ଚଡ଼ାଉ କରିଥିଲା। ପିଟାନାଳି ଗ୍ରାମ ନିକଟରୁ ୩ ଗୋରୁ ବୋଝେଇ ଗାଡ଼ି ଜବତ କରିଥିଲା। ଚଡ଼ାଉ ବେଳେ ଗାଡ଼ି ଛାଡ଼ି ଗୋଚାଲାଣକାରୀ ଫେରାର ହୋଇଯାଇଥିଲେ। ତେବେ ପୋଲିସ ଗାଡ଼ି ଓ ୧୪ ଗୋରୁ ଜବତ କରିଥିଲେ। ପୋଲିସ ଗୋଇନ୍ଦା ବିଭାଗ ମୋବାଇଲ ଟ୍ରାକିଂ ବେଳେ କନ୍‌ଷ୍ଟେବଲଙ୍କ ସମ୍ପୃକ୍ତି ଜାଣିବାକୁ ପାଇଥିଲା। ଘଟଣାର ତଦନ୍ତ ବେଳେ ସେମାନଙ୍କ ସହ କନ୍‌ଷ୍ଟେବଲଙ୍କ ସମ୍ପୃକ୍ତି ଜଣାପଡ଼ିବା ପରେ ପୋଲିସ ତାଙ୍କୁ ତଦନ୍ତ ପରିସରଭୁକ୍ତ କରିଥିଲା। ପୋଲିସ ଏକ ମାମଲା (ନଂ.୩୨୨/୨୫) ରୁଜୁକରି ଶୁକ୍ରବାର ତାଙ୍କୁ କୋର୍ଟ ଚାଲାଣ କରିଛି। ତେଲକୋଇ ଥାନା ଅଧିକାରୀ ଅଞ୍ଜନ କୁମାର ପାତ୍ର କହିଛନ୍ତି, ଅନୁଗୋଳର ଖମାର ଅଞ୍ଚଳରୁ ତେଲକୋଇ ଦେଇ କେନ୍ଦୁଝର ଅଭିମୁଖେ ଯାଉଥିବା ବେଳେ ୩ ବୋଲେରୋ ଜବତ କରାଯାଇ ୧୪ ଗୋରୁ ଉଦ୍ଧାର ହୋଇଥିଲା। ଘଟଣାର ଅଧିକ ତଦନ୍ତ ଚାଲିଛି। ଗୋରୁ ଚାଲାଣକାରୀଙ୍କୁ ଖୁବ୍‌ଶୀଘ୍ର ଧରାଯିବ।

### ଖାକିରେ ଦାଗ


NIRMANA GROUP OF INSTITUTIONS
AFFILIATED TO NCVT, ONMRC, UTKAL UNIVERSITY, UTKAL UNIVERSITY OF CULTURE & AICTE
Start here. Go any where ...
COURSE OFFERS
ITI (ELECTRICIAN, FITTER, COPA, OLD AGE CARE, DRESS MAKING)
BBA BCA ANM PGDM BTTM BHM GNM
STIPEND FACILITIES FOR SC, ST, OBC & MINOTORIES
FOR ADMISSION CONTACT -7008175588
NIRMANA INSTITUTE OF MANAGEMENT & TEHNOLOGY, NEAR SBI, BALAKATI, MOB : 9040479879

DJ Dharitri Jewellers
22ct. GOLD ORNAMENTS & SILVER FILIGREE
Mob : 9938109445, 7855873875
BUXI BAZAR, BAROPATHAR, CUTTACK - 1, PH : 0671-2431082
HATATOTA, TALCHER, PH : (06760) 241281

Congratulations
We Congratulate Dharitri for Its 52nd Birth Anniversary
With Best Compliments From
VIDWAN HIGHER SECONDARY SCHOOL
(+2 Science day-cum Residential School)
Running under the banner of Om Sai Charitable Trust
[Permitted by Govt. of Odisha and affiliated to CHSE (Odisha)]
ADDRESS
In-front of sadar Police Station (NH-26), Jeypore, Koraput, Odisha-764004
CONTACT NO.
9437234747, 9556007992, 7205517992, 8895910902, 06854-232096

ଧରିତ୍ରୀର ୫୨ତମ ସ୍ୱନକ୍ଷତ୍ର ପାଳନ ଅବସରରେ ଶୁଭେଚ୍ଛା ଓ ଅଭିନନ୍ଦନ
କେଶବ ଚନ୍ଦ୍ର ନାୟକ (ଚଗିଲି)
NAYARA ENERGY
NAYAK FILLING STATION
OJHAPOKHARI, KHAIRA, BALASORE

ପରବ ୨୦୨୫
କୋରାପୁଟ, ଓଡ଼ିଶା
NATIONAL LEVEL TRIBAL FESTIVAL
PARAB 2025
2ND - 3RD DECEMBER - 2025
VENUE : PANCHAYAT SAMITI, MINI STADIUM, SEMILIGUDA
KORAPUT, ODISHA, INDIA

CALL: 8480305284, 8480305286
ADMISSION OPEN
S.A.V. PUBLIC SCHOOL
ଏସ୍.ଏ.ଭି. ପବ୍ଲିକ୍ ସ୍କୁଲ
PRE-NURSERY TO GRADE X (CBSE)
BLOSSOMS A PLAY SCHOOL
Exclusive Foundation Programmes for NEET & JEE From Grade VI

BIDYARTHI GROUP OF EDUCATIONAL INSTITUTIONS
BIDYARTHI SCIENCE COLLEGE
(Recognised by Govt. of Odisha under C.H.S.E)
Assam Colony, Near Womens College, Nabarangpur
Contact: Ph : 06858-295446, Mob: 9438230746, 8658643624, 7326003571
website: www.bidyarthisciencecollege.org
The Top Most College for +2 Science with OJEE/OUAT/NEET/JEE/NDA
OUR 500 CLUB
NIBEDITA MAHARANA 538/600 = 89.67% DISTRICT TOPPER
PRAGYAN BHANJA, RONAK AGRAWAL, PRAHARAJ HARIJAN, CHANDRIKA MONDAL
AHSE RESULT 2025: TOTAL APPERED: 137, TOTAL PASS: 133, 1ST DIVISION: 94, 2ND DIVISION: 30, 3RD DIVISION: 09
Our Previous Achievers
ABOVE 75% STUDENTS
ADMISSION OPEN for +2 Science 2025-27 Session APPLY NOW!
BIDYARTHI DEGREE COLLEGE
NEAR SAI KALYAN MANDAP, NEW TANK STREET, NABARANGPUR
ADMISSION OPEN For +3 Science 2025-26 Session
Courses on offer : Honours in PHYSICS, CHEMISTRY, BOTANY, ZOOLOGY, COMP. SCIENCE
Facilities Available: Free Coaching for Competitive Exams; Separate Hostel for Boys & Girls; M.Phil & Ph.D Faculties; Special Attention for IIT JAM
CONTACT FOR ADMISSION: 06858- 295446, 8658643624, 9438230746, 7326003571

"କୃଷି କୃଷକର ଉନ୍ନତି ସମବାୟର ପ୍ରଗତି"
With Best Compliments from
GANESH PRASAD MOHAPATRA
DIST. PRESIDENT, BALASORE, BHADRAK
BALASORE BHADRAK CENTRAL CO-OPERATIVE BANK LTD.

ଲୋକପ୍ରିୟ ଖବରକାଗଜ ଧରିତ୍ରୀର ୫୨ତମ ପ୍ରତିଷ୍ଠା ଦିବସ ଅବସରରେ ଆଠମଲ୍ଲିକ ବିଧାନସଭା ନିର୍ବାଚନମଣ୍ଡଳୀର ସମସ୍ତ ଗୁରୁଜନ, ଛୋଟ ବଡ଼ ଭାଇ ଓ ଭଉଣୀ ଓ ଧରିତ୍ରୀର ସମସ୍ତ ଏଜେଣ୍ଟ, ସାମ୍ବାଦିକ, ପାଠିକା, ପାଠକମାନଙ୍କୁ ଶୁଭେଚ୍ଛା ଜଣାଉଛି। ପ୍ରଭୁ ଜଗନ୍ନାଥ ସମସ୍ତଙ୍କୁ ଭଲରେ ରଖନ୍ତୁ।
ଅର୍ଜୁନ କୁମାର ସାହୁ
ଜିଲ୍ଲା ଭାଜପା ଉପସଭାପତି ଅନୁଗୋଳ

ଧରିତ୍ରୀର ୫୨ତମ ସ୍ୱନକ୍ଷତ୍ର ଅବସରରେ ଶୁଭେଚ୍ଛା ଓ ଅଭିନନ୍ଦନ
ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛି। ଆଗାମୀ ନୂତନବର୍ଷ ଆପଣଙ୍କ ସୁଖସମୃଦ୍ଧିର ବର୍ଷ ହେଉ।
ଆପଣଙ୍କର ଦୁଃଖ ସୁଖର ସାଥୀ 'ପ୍ରୟାସ' ପରିବାର
କାମାକ୍ଷା ପ୍ରସାଦ ପ୍ରଧାନ
ସତ୍ୟବାଦୀ ନିର୍ବାଚନ ମଣ୍ଡଳୀ

ଓଡ଼ିଶାର ନିରପେକ୍ଷ ଦୈନିକ ଖବରକାଗଜ ଧରିତ୍ରୀର ୫୨ତମ ସ୍ୱନକ୍ଷତ୍ର ଅବସରରେ ଧରିତ୍ରୀର ସମସ୍ତ ପାଠିକା, ପାଠକ ଓ କର୍ମକର୍ତ୍ତାଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ
ଶ୍ରୀମତୀ ସର୍ଣ୍ଣପ୍ରଭା ପଟ୍ଟନାୟକ
ସୁନାବେଡ଼ା ପୌର ପରିଷଦ
ୱାର୍ଡ ନଂ-୧, ପାରିଷଦ ତଥା ଶାଶ୍ୱତୀ ଓ ଜାଗୃତି ମହିଳା ମହାସଂଘ ପ୍ରତିଷ୍ଠାତା

'ଧରିତ୍ରୀ'ର ୫୨ତମ ଜନ୍ମଦିନ ଉପଲକ୍ଷେ ଅଜସ୍ର ଅଭିନନ୍ଦନ। ଏକ ଉନ୍ନତ ପରିବେଶ ପାଇଁ ଦାୟିତ୍ୱବାନ୍ ସଫଳ ପରିଚାଳନା ସହ ହାତ ମିଳାଇବା ଦ୍ୱାରା ଆମ ରାଜ୍ୟର ସାଂସ୍କୃତିକ ଐତିହ୍ୟ ଆହୁରି ଉଜ୍ଜ୍ୱଳ ହୋଇପାରିବ। ଆସନ୍ତୁ, ସୁସ୍ଥ ସମାଜ ପାଇଁ ଆମ ପୃଥିବୀ ମାତାଙ୍କୁ ସବୁଜ ଏବଂ ସ୍ୱଚ୍ଛ କରିବା। ସୁଦୃଢ ଅର୍ଥନୀତି ପାଇଁ ରାଜ୍ୟର କୃଷିଭିତ୍ତିକ ଉଦ୍ୟୋଗକୁ ଅଗ୍ରସର ନିମନ୍ତେ ସଂକଳ୍ପ ନେବା।
ଡ. ସିଦ୍ଧାର୍ଥ ପତି
ବୈଜ୍ଞାନିକ ଏବଂ ପରିବେଶବିତ୍, ଜେଲକୁଟିନ୍ ବାୟୋଟେକ୍

# ବାଲିଯାତ୍ରା ପଡ଼ିଆରେ ହେବ ଫ୍ୟାନ୍ ପାର୍କ

କଟକ,୨୮।୧୧(ଶିଲ୍ପା ପ୍ରିୟଦର୍ଶିନୀ)



ଭୁବନେଶ୍ୱର ଆଇଆଇଟି ବୈଷୟିକ ଟିମ୍ ଶୁକ୍ରବାର ବାରବାଟୀ ଷ୍ଟାଡିୟମ ଯାଞ୍ଚ୍ କରୁଛନ୍ତି। (ଫଟୋ: ରାଜକିଶୋର ମହାନ୍ତି)

ବାରବାଟୀ ଷ୍ଟାଡିୟମରେ ହେବାକୁ ଥିବା ଭାରତ-ଦକ୍ଷିଣ ଆଫ୍ରିକା ଟି୨୦ ମ୍ୟାଚ୍‌ରେ ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ପକ୍ଷରୁ ବାଲିଯାତ୍ରାର ତଳ ଓ ଉପରପଡ଼ିଆରେ ଫ୍ୟାନ୍ ପାର୍କ କରାଯିବ। ଯେଉଁ ଦର୍ଶକମାନେ ଷ୍ଟାଡିୟମରେ ଖେଳ ଦେଖିବାରୁ ବଞ୍ଚିତ ହେବେ ସେମାନେ ସୁରୁଖୁରୁରେ ଉକ୍ତ ଦୁଇ ସ୍ଥାନରେ ବଡ଼ ପରଦାରେ ଖେଳ ଦେଖିପାରିବେ। ମୁଖ୍ୟତଃ ଟିକେଟ କିଣିବା ସମୟରେ ଶାନ୍ତି ଶୃଙ୍ଖଳା କିପରି ବଜାୟ ରହିବ ତାହାକୁ ଗୁରୁତ୍ୱ ଦିଆଯାଉଛି। ଟିକେଟ କାଉଣ୍ଟରରେ ସମସ୍ତ ପ୍ରକାରର ବ୍ୟବସ୍ଥା କରାଯିବ। ଟିକେଟ କାଉଣ୍ଟରରେ ସ୍ୱତନ୍ତ୍ର ଭାବେ ପ୍ରବେଶ ଓ ପ୍ରସ୍ଥାନ ପଥ କରାଯିବ। ସୁରକ୍ଷା

## ■ ବାରବାଟୀରେ ଶେଷଥର ପାଇଁ ଯାଞ୍ଚ କଲା ଭୁବନେଶ୍ୱରର ବୈଷୟିକ ଟିମ୍
## ■ ଗ୍ୟାଲେରିରେ ଆରମ୍ଭ ହେଲା ରେଡିୟମ ଷ୍ଟିକର ନମ୍ବରିଂ

ବ୍ୟବସ୍ଥା ନେଇ କମିଶନରେଟ ପୋଲିସ ସହ ଓସିଏ ସମ୍ପର୍କରେ ରହି ଆସୁଛି। ଯେପରି ସୁରକ୍ଷିତ ଭାବେ ଟିକେଟ କିଣିବା ସହ ଦର୍ଶକ ଖେଳ ଉପଭୋଗ କରିପାରିବେ ତାହାକୁ ଗୁରୁତ୍ୱ ଦିଆଯାଉଛି। ଏହାସହ ଶୁକ୍ରବାର ଓସିଏ ପକ୍ଷରୁ ବିଭିନ୍ନ ଅନୁଷ୍ଠାନ ଓ ସବ୍ କମିଟିର ସଦସ୍ୟମାନଙ୍କ ସହ ବିଭିନ୍ନ ଦିଗ ଉପରେ ଆଲୋଚନା କରାଯାଇଥିବା ଓସିଏ ସମ୍ପାଦକ ସଞ୍ଜୟ ବେହେରା ସୂଚନା ଦେଇଛନ୍ତି। ଅନ୍ୟପଟେ ବାରବାଟୀ ଷ୍ଟାଡିୟମରେ ମ୍ୟାଚ୍ ପୂର୍ବରୁ ଶେଷଥର ପାଇଁ ଭୁବନେଶ୍ୱର ଆଇଆଇଟିର ବୈଷୟିକ ଟିମ୍ ପହଞ୍ଚି ବିଭିନ୍ନ ଦିଗରେ ଯାଞ୍ଚ କରିଛି। ଯାଞ୍ଚ ସମୟରେ ଉକ୍ତ ଟିମ୍ ଷ୍ଟାଡିୟମର ସ୍ଥିତି ଦେଖି ସନ୍ତୋଷ ପ୍ରକାଶ କରିଥିବା ଜଣାପଡିଛି। ଯାଞ୍ଚ ପରେ ସମସ୍ତ ରିପୋର୍ଟ ଡିସେମ୍ବର ୬ରେ ରାଜ୍ୟ ସରକାରଙ୍କ ଆଇଆଣ୍ଡବି ବିଭାଗକୁ ଟିମ୍ ଦେବ। ପରେ ଏହାର ଏକ ରିପୋର୍ଟ କମିଶନରେଟ ପୋଲିସ, ଜିଲା ପ୍ରଶାସନ ଓ ଓସିଏକୁ ଦେବ। ଏନେଇ ଓସିଏର କନ୍‌ସଲଟାଣ୍ଟ ବିଷ୍ଣୁପ୍ରସାଦ ମହାପାତ୍ର କହିଛନ୍ତି, ଟିମ୍ ଆଜି ଶେଷଥର ଯାଞ୍ଚ କରିଛି ଏବଂ ଯାଞ୍ଚ ସମୟରେ ଟିମ୍ ସନ୍ତୋଷ ପ୍ରକାଶ କରିଛି। ମ୍ୟାଚ୍ ପାଇଁ ସମସ୍ତ ଗ୍ୟାଲେରି କାମ ଶେଷ ହୋଇଛି। ମ୍ୟାଚ୍ ପାଇଁ ଷ୍ଟାଡିୟମରେ ପ୍ରସ୍ତୁତି ଜୋରଦାର ଚାଲିଥିବା ସେ କହିଛନ୍ତି। ଷ୍ଟାଡିୟମର ବିଭିନ୍ନ ଗ୍ୟାଲେରିରେ ରଙ୍ଗ କାମ ସରିବା ଉପରେ ଥିବାବେଳେ କିଛି କିଛି ଗ୍ୟାଲେରିରେ ରେଡିୟମ ଷ୍ଟିକରରେ ନମ୍ବରିଂ କାମ ଆରମ୍ଭ ହୋଇଛି।

# ଓଡ଼ିଶାକୁ ୨ସ୍ୱର୍ଣ୍ଣ, ୬ ରୌପ୍ୟ, ୪ ବ୍ରୋଞ୍ଜ

**ଭୁବନେଶ୍ୱର, ୨୮।୧୧ (ବିଜୟ ରଣା):** କୋଲକାତାସ୍ଥିତ ଖୁଦିରାମ ଅନୁଶୀଳନ କେନ୍ଦ୍ରରେ ଉତ୍ତର-ପୂର୍ବାଞ୍ଚଳର ୯ଟି ରାଜ୍ୟର ପ୍ରତିଯୋଗୀଙ୍କୁ ନେଇ ଚାଲିଥିବା ଅସ୍ମିତା ଜୋନାଲ ଭାରୋତ୍ତୋଳନ ପ୍ରତିଯୋଗିତା ୫୮କେଜି, ୬୩କେଜି ଓ ୬୯କେଜି ଓଜନ ଶ୍ରେଣୀରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୨୭ ପଦକ ମଧ୍ୟରୁ ଓଡ଼ିଶାର ପ୍ରତିଯୋଗୀମାନେ ୧୨ଟି ପଦକ ଜିତିବାରେ ସଫଳ ହୋଇଛନ୍ତି। ତନ୍ମଧ୍ୟରେ ୨ ସ୍ୱର୍ଣ୍ଣ, ୬ ରୌପ୍ୟ ଓ ୪ ବ୍ରୋଞ୍ଜ ପଦକ ରହିଛି। ୫୮କେଜି ଯୁବ ବିଭାଗରେ ମୀନା ସାନ୍ତା (ବି) (୬୭+୮୯) ୧୫୬ କେଜି ଉତ୍ତୋଳନ କରି ରୌପ୍ୟ ପଦକ ହାସଲ କରିଥିବା ବେଳେ ୫୮କେଜି ଯୁବ ବିଭାଗରେ ଅଙ୍କିତା ପ୍ରଧାନ ସ୍ୱର୍ଣ୍ଣ ପଦକ ଲାଭ କରିଥିବା ବେଳେ ସିନିୟର ବିଭାଗରେ (୬୮+୯୯) ୧୬୭ କେଜି ଉଠାଇ ସେ ବ୍ରୋଞ୍ଜ ପଦକ ପାଇଛନ୍ତି। ୬୩ କେଜି ସିନିୟର ବର୍ଗରେ ରୋମାଲି ପ୍ରଧାନ (୬୯+୮୭) ୧୫୬କେଜି ଓଜନ ସହ ରୌପ୍ୟ ପଦକ ହାସଲ କରିଛନ୍ତି। ସେହିପରି ୬୩କେଜି ଯୁବ ଓ କନିଷ୍ଠ ବର୍ଗରେ ଶ୍ୱେତାଲିନା ମହାନ୍ତି (୭୧+୯୦) ୧୬୧କେଜି ଓଜନ ସହ ଦୁଇ ରୌପ୍ୟ ପଦକ ହାସଲ କରିଛନ୍ତି। ୬୩ କେଜି ଜୁନିୟର ବିଭାଗରେ ଆଲିଶା ବେହେରା (୬୮+୮୮) ୧୫୬ କେଜି ଓଜନ ସହ ବ୍ରୋଞ୍ଜ ପଦକ ପାଇଛନ୍ତି। ୬୯କେଜି ଯୁବ ବିଭାଗରେ ପ୍ରୀତିମୟୀ ମହାନ୍ତି (୫୭+୭୫) ୧୩୨କେଜି ଓଜନ ସହ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। ୬୯କେଜି ଜୁନିୟର ବିଭାଗରେ ଟିନା ରାଉତ (୬୬+୮୫) ୧୫୧କେଜି ଓଜନ ଉଠାଇ ବ୍ରୋଞ୍ଜ ପାଇଛନ୍ତି। ଏହି ବର୍ଗରେ ରିମ୍‌ଝିମ୍ ନାୟକ (୬୫+୯୩) ୧୫୮ କେଜି ଓଜନ ସହ ଦୁଇଟି ରୌପ୍ୟ ପଦକ ପାଇଛନ୍ତି।



ଉତ୍ତରାଖଣ୍ଡରେ ଶୁକ୍ରବାର ଆରମ୍ଭ ହୋଇଥିବା ଅନ୍ତର୍ଜାତୀୟ ପ୍ରେସିଡେଣ୍ଟ କପ୍‌ର ପ୍ରଥମ ଦିବସରେ ଅନୁଷ୍ଠିତ ସିଂଡବ୍ଲ୍ୟୁ ୧୦୦୦ମିଟର ବର୍ଗରେ ରୌପ୍ୟ ପଦକ ଜିତିବାପରେ ଓଡ଼ିଶାର ରଶ୍ମିତା ସାହୁ।

# ଡାଇମଣ୍ଡ ହାରବର କୋଲକାତା ଫାଇନାଲରେ



ଡାଇମଣ୍ଡ ହାରବର କୋଲକାତା(ଧଳାଜର୍ସୀ) ଓ ଆସାମ ରାଇଫଲ୍ସ ସିଲଙ୍ଗ(ନାଲିଜର୍ସୀ) ମଧ୍ୟରେ ସେମି ଫାଇନାଲ ମ୍ୟାଚ।

ଢେଙ୍କାନାଳ,୨୮।୧୧(ରତନ ନାୟାର)

**ସର୍ବଭାରତୀୟ ଆମନ୍ତ୍ରଣ ଫୁଟବଲ**

ଢେଙ୍କାନାଳ ଜିଲା କ୍ରୀଡ଼ା ସଂଘ ପକ୍ଷରୁ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବ ବ୍ୟାପାର ଏବଂ ଜିଲା ପ୍ରଶାସନର ମିଳିତ ସହଯୋଗରେ ଷ୍ଟାଡିୟମଠାରେ ଆୟୋଜିତ ହେଉଥିବା ସର୍ବଭାରତୀୟ ଆମନ୍ତ୍ରଣ ଫୁଟବଲ ପ୍ରତିଯୋଗିତାର ଶୁକ୍ରବାର ଅନୁଷ୍ଠିତ ସେମି ଫାଇନାଲ ମ୍ୟାଚରେ ଡାଇମଣ୍ଡ ହାରବର କୋଲକାତା, ଆସାମ ରାଇଫଲ ସିଲଙ୍ଗକୁ ୩-୧ ଗୋଲରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି । ଆସନ୍ତା ରବିବାର ଅନୁଷ୍ଠିତ ହେବାକୁ ଥିବା ଫାଇନାଲ ମ୍ୟାଚରେ ଡାଇମଣ୍ଡ ହାରବର କୋଲକାତା, ଇନ୍‌କମଟ୍ୟାକ୍ସ ଚେନ୍ନାଇକୁ ଭେଟିବ । ଶୁକ୍ରବାର ଅନୁଷ୍ଠିତ ଦ୍ୱିତୀୟ ସେମି ଫାଇନାଲରେ ବିଜୟୀ ଡାଇମଣ୍ଡ ହାରବର କୋଲକାତା ପକ୍ଷରୁ ଖେଳର ୩୩ ମିନିଟରେ ୪ନଂ. ଖେଳାଳି ମାଇକେଲ କୋର୍ଟାଜାର, ୭୦ମିନିଟରେ ୭ନଂ ଖେଳାଳି ଆଣ୍ଟୋନିଆ ମୋୟାନୋ ଓ ୮୧ମିନିଟରେ ୨୨ନଂ ଖେଳାଳି ଜୁବି ଜଷ୍ଟିନ୍ ଗୋଟିଏ ଲେଖାଏ ଗୋଲ ପ୍ରଦାନ କରିଥିଲେ । ଆସାମ ରାଇଫଲ ସିଲଙ୍ଗ ପକ୍ଷରୁ ୪୮ମିନିଟରେ ୧୮ନଂ ଖେଳାଳି କରଣ ଛେତ୍ରୀ ଗୋଟିଏ ଗୋଲ ପ୍ରଦାନ କରିଥିଲେ । ଡାଇମଣ୍ଡ ହାରବର କୋଲକାତାର ଅଧିନାୟକ ୬୦ନଂ ଖେଳାଳି ଗିରିକ୍ ଖୋସଲା ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇ ପୁରସ୍କୃତ ହୋଇଥିଲେ । ଏହି ଖେଳକୁ ରେଫରି ଆଶୀର୍ବାଦ କାନୁନ୍‌ଗୋ, ପ୍ରଦୀପ୍ତ ନାୟକ, ଅରୁଣ ନାୟକ ଓ ଶଶିକାନ୍ତ ଦାସିଆ ପରିଚାଳନା କରିଥିଲେ । ମାୟାଧର ସାହୁ ମ୍ୟାଚ୍ କମିଶନର ରହିଥିଲେ । ଅତିଥି ଭାବେ ଅତିରିକ୍ତ ଜିଲାପାଳ ରମେଶଚନ୍ଦ୍ର ସେଠୀ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସଞ୍ଜୟ କୁମାର ମହାପାତ୍ର, ଇଣ୍ଡିଆ ପୋଟାସ ଲିମିଟେଡ୍ ଢେଙ୍କାନାଳର ଜୋନାଲ ମ୍ୟାନେଜର ବିକାଶ କୁମାର ଚୌଧୁରୀ, ନୱା କର୍ପୋରେଟ୍ ପ୍ରାଇଭେଟ୍ ଲିମିଟେଡ୍ ଭୁବନେଶ୍ୱରର ଅଧ୍ୟକ୍ଷ ରାଜେଶ କୁମାର ଘୋଷ ପ୍ରମୁଖ ଯୋଗଦେଇଥିଲେ । ଜିଲା କ୍ରୀଡ଼ା ସଂଘ ସମ୍ପାଦକ ନଳିନୀ କୁମାର ଦାସ, ଉପସଭାପତି ସଞ୍ଜୟ କୁମାର ଭଞ୍ଜ, ଯୁଗ୍ମ ସମ୍ପାଦକ ଅଭିଜିତ ମିଶ୍ର ଓ ଗୌରାଙ୍ଗ ସେଠୀ, ମନୋଜ କୁମାର ପଟ୍ଟନାୟକ, ପ୍ରତାପ ମହାନ୍ତି, ମନୋଜ ଦାସ, ବାବୁ ପାଢ଼ୀ, ସୁନୀଲ ପଣ୍ଡା, ପ୍ରତୀକ ଭଞ୍ଜ, ରାଜେନ୍ଦ୍ର ପାଣି, ଅମୀୟ ଭୂଷଣ ସାହୁ, ସୁଶାନ୍ତ ଜେନା, ବିଭୂତି ଭୂଷଣ ପଟ୍ଟନାୟକ, ପର୍ଶୁରାମ ମିଶ୍ର, ସରୋଜ କୁମାର ପାଢ଼ୀ ପ୍ରମୁଖ ସହଯୋଗ କରିଥିଲେ ।

# ଓଡ଼ିଶାର କ୍ରମାଗତ ପରାଜୟ

ଭୁବନେଶ୍ୱର, ୨୮।୧୧ (ତପନ ସ୍ୱାଇଁ)

**ସୟଦ ମୁସ୍ତାକ ଅଲୀ ଟ୍ରଫି**

ବ୍ୟାଟିଂ ବିଫଳତା ଓଡ଼ିଶା ଦଳର ପିଛା ଛାଡୁନି। ଫଳରେ ଲକ୍ଷ୍ନୌରେ ଚାଲିଥିବା ସୟଦ ମୁସ୍ତାକ ଅଲୀ ଟ୍ରଫି ଟି୨୦ କ୍ରିକେଟ ଟୁର୍ନାମେଣ୍ଟରେ ଓଡ଼ିଶା ଶୁକ୍ରବାର କ୍ରମାଗତ ଦ୍ୱିତୀୟ ପରାଜୟ ବରଣ କରିଛି। ଗତ ୨୬ ତାରିଖରେ କେରଳ ନିକଟରୁ ୧୦ ଉଇକେଟରେ ପରାସ୍ତ ହୋଇଥିବା ଓଡ଼ିଶା ଦଳ ଦ୍ୱିତୀୟ ମ୍ୟାଚରେ ଆନ୍ଧ୍ର ପ୍ରଦେଶଠାରୁ ୬୬ ରନରେ ହାର ମାନିଛି। ଆନ୍ଧ୍ର ପ୍ରଦେଶ ୨୦ ଓଭରରେ ୭ ଉଇକେଟ ହରାଇ ୧୮୪ ରନ କରିଥିଲା। ୧୮୫ ରନ ବିଜୟ ଲକ୍ଷ୍ୟରେ ଓଡ଼ିଶା ୧୭.୨ ଓଭରରେ ୧୧୮ ରନକରି ଅଲ୍‌ଆଉଟ ହୋଇଯାଇଥିଲା। ୨୩ ରନ ମଧ୍ୟରେ ୩ଟି ଉଇକେଟ ନେଇ ଓଡ଼ିଶାର ମିଡିଲ ଅର୍ଡର ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିବା ଆନ୍ଧ୍ରର ସୌରଭ କୁମାର ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି। ପରାଜୟ ଫଳରେ ଓଡ଼ିଶା ଏଲିଟ ଗ୍ରୁପ୍ 'ଏ' ପଏଣ୍ଟ ଟେବୁଲର ନିମ୍ନକୁ ଖସିଛି।

ଟପ୍, ମିଡିଲ କିମ୍ବା ଲୋୟର ଅର୍ଡରରେ କୌଣସି ବ୍ୟାଟର କ୍ରିଜରେ ଅଧିକ ସମୟ ତିଷ୍ଠି ନ ପାରିବା ଏବଂ ବଡ଼ ପାର୍ଟନରଶିପ୍‌ର ଅଭାବ ଓଡ଼ିଶା ପାଇଁ ମହଙ୍ଗା ପଡ଼ିଥିଲା। ଟପ୍ ଏବଂ ମିଡିଲ ଅର୍ଡର ବ୍ୟାଟିଂ ବିପର୍ଯ୍ୟୟ ପରେ ୭ ନମ୍ବର ବ୍ୟାଟର ସୌରଭ ଗୌଡ଼ା ସର୍ବାଧିକ ୨୪ ରନ କରିଥିଲେ। କୌଣସି ବ୍ୟାଟର ନିଜ ଉପରକୁ ଦାୟିତ୍ୱ ନେଇ ନ ଖେଳିବାରୁ ଓଡ଼ିଶା ପୂରା ୫୦ ଓଭର ମଧ୍ୟ ଖେଳିବାକୁ ସକ୍ଷମ ହୋଇ ନ ଥିଲା। ଆହୁରି ୧୬ ବଲ୍ ବାକିଥାଇ ଦଳ ଅଲ୍‌ଆଉଟ ହୋଇଯାଇଥିଲା। ଆନ୍ଧ୍ର ପ୍ରଦେଶ ବୋଲରଙ୍କ ମଧ୍ୟରେ ସୌରଭ କୁମାର ଓ ପୃଥ୍ୱୀ ରାଜ ୩ଟି ଲେଖାଏ ଏବଂ କେ.ଭି. ଶଶିକାନ୍ତ, ସତ୍ୟନାରାୟଣ ରାଜୁ ଓ ବୈଲାପୁଡି ଯଶବନ୍ତ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ପୃଥ୍ୱୀ ମାତ୍ର ୪ ରନ ବିନିମୟରେ ୩ ଉଇକେଟ ପାଇଥିଲେ। ଓଡ଼ିଶା ଏହାର ପରବର୍ତ୍ତୀ ମ୍ୟାଚ ୩୦ରେ ବିଦର୍ଭ ବିପକ୍ଷରେ ଖେଳିବ।

**ସଂକ୍ଷିପ୍ତ ସ୍କୋର**

ଆନ୍ଧ୍ରପ୍ରଦେଶ ୨୦ ଓଭରରେ ୧୮୪/୭ (ରିକି ଭୁଇ-୪୭, ଶ୍ରୀକର ଭରତ-୪୨, ଅଶ୍ୱିନ ହେବ୍ବାର-୩୯, ବିପ୍ଳବ ସାମନ୍ତରାୟ-୩/୨୦, ରାଜେଶ ମହାନ୍ତି-୨/୩୪, ଭଗେଶ ଶର୍ମା-୧/୪୪, ପପୁ ରୟ-୧/୩୬)। ଓଡ଼ିଶା ୧୭.୨ ଓଭରରେ ୧୧୮/ଅଲଆଉଟ (ସୌରଭ ଗୌଡ଼ା-୨୪, ସ୍ୱସ୍ତିକ ସାମଲ-୧୮, ସୌରଭ କୁମାର-୩/୨୩, ପୃଥ୍ୱୀ ରାଜ-୩/୪, କେ.ଭି. ଶଶିକାନ୍ତ-୧/୪୭, ସତ୍ୟନାରାୟଣ ରାଜୁ-୧/୨୯, ବୈଲାପୁଡି ଯଶବନ୍ତ-୧/୧୫)।

**ସର୍ବଭାରତୀୟ ବେସାମରିକ ଦୌଡ଼କୁଦ ପ୍ରତିଯୋଗିତା**

# ଓଡ଼ିଶା ଦଳ ପାଇଁ ଖେଳାଳି ଚୟନ ପ୍ରକ୍ରିୟା ୩୦ରେ

**ଭୁବନେଶ୍ୱର, ୨୮।୧୧ (ପି.ଟି.):** ବିହାର ରାଜ୍ୟର ପାଟନା ଅନ୍ତର୍ଗତ ପାଟଳୀପୁତ୍ର ସ୍ପୋର୍ଟ୍ସ କମ୍ପ୍ଲେକ୍ସଠାରେ ଡିସେମ୍ବର ୧୩ରୁ ୧୫ ସର୍ବଭାରତୀୟ ଦୌଡ଼କୁଦ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିପାଇଁ ଓଡ଼ିଶା ଖେଳାଳି ଚୟନ ପ୍ରକ୍ରିୟା (ଉଭୟ ମହିଳା ଓ ପୁରୁଷ) ନଭେମ୍ବର ୩୦ରବିବାର ସ୍ଥାନୀୟ ୟୁନିଟ୍-୬ ଫୁଟ୍‌ବଲ ଖେଳ ପଡ଼ିଆରେ ସକାଳ ୯ଟାରେ ଅନୁଷ୍ଠିତ ହେବ। ଏଥିରେ କେବଳ ନିୟମିତ ସରକାରୀ ଚାକିରିରେ ଥିବା କର୍ମଚାରୀମାନେ ଭାଗ ନେଇପାରିବେ। ଅଂଶଗ୍ରହଣ କରିବାକୁ ଆଗ୍ରହୀ ଥିବା କର୍ମଚାରୀମାନଙ୍କୁ ସାଥୀରେ ନିଜ ସେବା ପୁସ୍ତିକାର ପ୍ରଥମ ପୃଷ୍ଠା, ବିଭାଗ/ ଅଫିସ ପରିଚୟ ପତ୍ର ସହ ଏକ ପାସ୍‌ପୋର୍ଟ ଫଟୋ ଏବଂ ନିଜ ବିଭାଗ/ଅଫିସରୁ ନୋଅବ୍‌ଜେକ୍ସନ ସାର୍ଟିଫିକେଟ ଆଣିବା ସଙ୍ଗେ ସଙ୍ଗେ ଉପରୋକ୍ତ ସ୍ଥାନରେ ନିର୍ଦ୍ଧାରିତ ସମୟରେ ପହଞ୍ଚି ସେମାନଙ୍କ ନାମ ପଞ୍ଜୀକରଣ କରିବାକୁ କ୍ରୀଡ଼ା ସମ୍ପାଦକ ନୃସିଂହ ଚରଣ ପୃଷ୍ଟି ଅନୁରୋଧ କରିଛନ୍ତି।

**୧୯ବର୍ଷରୁ କମ୍ ଏସିଆ କପ୍**

# ଭାରତର ନେତୃତ୍ୱ ନେବେ ଆୟୁଷ

ନୂଆଦିଲ୍ଲୀ, ୨୮।୧୧ (ପି.ଟି.)

ଉଦୀୟମାନ ବ୍ୟାଟର ଆୟୁଷ ମାହାତ୍ରେ ତାଙ୍କ ଅଧିନାୟକ ପଦ ବଜାୟ ରଖିଛନ୍ତି। ଆସନ୍ତା ୧୯ ବର୍ଷରୁ କମ୍ ଏସିଆ କପ୍‌ରେ ସେ ୧୫ ଜଣିଆ ଭାରତୀୟ କ୍ରିକେଟ ଦଳର ନେତୃତ୍ୱ ନେବେ। ବିସ୍ମୟ ବ୍ୟାଟର ବୈଭବ ସୂର୍ଯ୍ୟବଂଶୀ ଏହି ଦଳରେ ସ୍ଥାନ ପାଇଛନ୍ତି। ୫୦ ଓଭର ଫର୍ମାଟ ବିଶିଷ୍ଟ ଏହି ଟୁର୍ନାମେଣ୍ଟ ଦୁବାଇରେ ଡିସେମ୍ବର ୧୨ରୁ ୨୧ ପର୍ଯ୍ୟନ୍ତ ଖେଳାଯିବ। ମାହାତ୍ରେ ସେପ୍ଟେମ୍ବର ଓ ଅକ୍ଟୋବରରେ ମଲ୍ଟି ଫର୍ମାଟ ଅଷ୍ଟ୍ରେଲିଆ ଟୁର୍‌ରେ ମଧ୍ୟ ଭାରତୀୟ ଦଳର ନେତୃତ୍ୱ ନେଇଥିଲେ। ଟୁର୍ନାମେଣ୍ଟ ପାଇଁ ବିହାନ ମାଲହୋତ୍ରା ଉପଅଧିନାୟକ ନିଯୁକ୍ତ ହୋଇଛନ୍ତି। ଆସନ୍ତାବର୍ଷ ଜାନୁଆରୀ-ଫେବୃଆରୀରେ ଜିମ୍ବାୱେ ଓ ନାମ୍ବିଆରେ ଖେଳାଯିବାକୁଥିବା ୧୯ ବର୍ଷରୁ କମ୍ ବିଶ୍ୱକପ୍ ପ୍ରସ୍ତୁତିରେ ଏହି ଟୁର୍ନାମେଣ୍ଟ ସହାୟକ ହେବ। ୧୪ ବର୍ଷୀୟ ବ୍ୟାଟିଂ ସେନ୍‌ସେସନ ନିକଟରେ ରାଇଜିଂ ଷ୍ଟାର୍ସ ଏସିଆ କପ୍‌ରେ ଚମତ୍କାର ପ୍ରଦର୍ଶନ କରି ମାତ୍ର ୩୨ ବଲ୍‌ରେ ଏକ ଶତକ ହାସଲ କରିଥିଲେ। ଫିଟ୍‌ନେସ୍ ଟେଷ୍ଟ ଆଧାରରେ କିଶନ କୁମାର ସିଂଙ୍କୁ ଦଳରେ ନିଆଯାଇଥିବା ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ ପ୍ରକାଶ କରିଛି। ଭାରତ ଏହାର ଓପନିଂ ମ୍ୟାଚ ଏକ କ୍ୱାଲିଫାୟର ଦଳ ସହ ଖେଳିବାକୁ ଥିବାରୁ ତାହା ସ୍ପଷ୍ଟ ହୋଇପାରି ନାହିଁ। ପରେ ଦଳ ଡିସେମ୍ବର ୧୪ରେ ପାକିସ୍ତାନକୁ ଭେଟିବ। ଦଳ ଅନ୍ୟ ଏକ କ୍ୱାଲିଫାୟର ସହିତ ୧୬ରେ ଖେଳିବ। ୧୯ରେ ସେମିଫାଇନାଲ ଏବଂ ଫାଇନାଲ ଡିସେମ୍ବର ୨୧ରେ ହେବ।

**୧୯ବର୍ଷରୁ କମ୍ ଭାରତ ଦଳ:** ଆୟୁଷ ମାହାତ୍ରେ (ଅଧିନାୟକ), ବୈଭବ ସୂର୍ଯ୍ୟବଂଶୀ, ବିହାନ ମାଲ୍‌ହୋତ୍ରା (ଉପଅଧିନାୟକ), ବେଦାନ୍ତ ତ୍ରିବେଦୀ, ଅଭିଜ୍ଞାନ କୁଣ୍ଡୁ (ଉଇକେଟକିପର), ହରବଂଶ ସିଂ (ଉଇକେଟକିପର), ଯୁବରାଜ ଗୋହିଲ, କନିଷ୍କ ଚୌହାନ, ଖିଲନ ଏ. ପଟେଲ, ନମନ ପୁଷ୍ପକ, ଡି. ଦୀପେଶ, ହେନିଲ ପଟେଲ, କିଶନ କୁମାର ସିଂ*, ଉଦ୍ଧବ ମୋହନ, ଆରନ ଜର୍ଜ। ଷ୍ଟାଣ୍ଡବାଇ: ରାହୁଲ କୁମାର, ହେମଚୁଡେଶାନ ଜେ, ବି.କେ. କିଶୋର, ଆଦିତ୍ୟ ରାଓ୍ୱତ।

# ବିଜୟ ସହ ଜର୍ମାନୀର ଅଭିଯାନ

ମଦୁରାଇ, ୨୮।୧୧ (ପି.ଟି.)

**ଏଫ୍‌ଆଇଏଚ୍ ଜୁନିୟର ବିଶ୍ୱକପ୍**

ଗତଥରର ଚାମ୍ପିୟନ ଜର୍ମାନୀ ୪-୦ ଗୋଲ୍‌ରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରି ଶୁକ୍ରବାର ଆରମ୍ଭ ହୋଇଥିବା ଏଫ୍‌ଆଇଏଚ୍ ଜୁନିୟର ପୁରୁଷ ହକି ଟୁର୍ନାମେଣ୍ଟରେ ଏହାର ଅଭିଯାନ ଆରମ୍ଭ କରିଛି। ୭ଥର ଚାମ୍ପିୟନ ଜର୍ମାନୀ ତରଫରୁ ଜଷ୍ଟିସ ୱାରୱିଗ୍ ତାଙ୍କର ଦୁଇଟି ଗୋଲ୍ ମ୍ୟାଚର ୧୯ତମ ଓ ୫୬ତମ ମିନିଟ୍‌ରେ ଦେଇଥିବା ବେଳେ ବେନ୍ ହାସ୍‌ବ୍ୟାଚ (୪୩ତମ ମିନିଟ ଓ ପଲ୍ ଗ୍ଲାଣ୍ଡର (୪୪ତମ) ଗୋଟିଏ ଲେଖାଏ ଗୋଲ୍ ସ୍କୋର କରିଥିଲେ। ପୁଲ୍ 'ଏ'ର ପ୍ରଥମ ମ୍ୟାଚ ରୋମାଞ୍ଚକ ଥିଲା। ଏଥିରେ ଆୟର୍ଲାଣ୍ଡ ୪-୩ ଗୋଲ୍‌ରେ କାନାଡାକୁ ପରାସ୍ତ କରିଥିଲା। ଶୁକ୍ରବାର ଖେଳାଯାଇଥିବା ପୁଲ୍ 'ଡି'ର ଏକ ମ୍ୟାଚରେ ସ୍ପେନ ୮-୦ ଗୋଲ୍‌ରେ ଇଜିପ୍ଟକୁ ପରାସ୍ତ କରିଛି। ଦଳ ତରଫରୁ ବ୍ରୁନୋ ଆଭିଲା (୫ମ, ୨୪ତମ ଓ ୩୨ତମ ମିନିଟ) ତିନୋଟି ପେନାଲ୍ଟି କର୍ନରକୁ କନଭର୍ଟ କରି ହ୍ୟାଟ୍ରିକ୍ ଗୋଲ ସ୍କୋର କରିଥିବା ବେଳେ ଜୋସେଫ ମାର୍ଟିନ ଦାଇଟି (୨୭ତମ ଓ ୪୬ତମ ମିନିଟ) ଦୁଇଟି ଗୋଲ ଦେଇଥିଲେ। ସ୍ପେନ ତରଫରୁ ଅନ୍ୟ ଗୋଲ୍‌ଗୁଡ଼ିକ ସ୍କୋର କରିଥିଲେ ଆଲବର୍ଟ ସରାହିମା (୨୦ତମ ମିନିଟ) , ଆନ୍ଦ୍ରେସ ମେଡିନା (୩୬ତମ) ଓ ଟନ୍ ମୋରାନ (୫୪ତମ)। ପୁଲ୍ ଡି'ର ଅନ୍ୟ ଏକ ମ୍ୟାଚରେ ନାମ୍ବିଆକୁ ୧୨-୧ ଗୋଲ୍‌ରେ ଶୋଚନୀୟ ପରାସ୍ତ କରିଛି। ଟୁର୍ନାମେଣ୍ଟକୁ ଉଭୟ ଚେନ୍ନାଇ ଓ ମଦୁରାଇ ମିଳିତ ଭାବେ ଆୟୋଜନ କରିଛନ୍ତି। ଏହା ଡିସେମ୍ବର ୧୦ ପର୍ଯ୍ୟନ୍ତ ଚାଲିବ।



ଟୋକିଓରେ ଅନୁଷ୍ଠିତ ଡିଫ୍ ଅଲିମ୍ପିକ୍ସରେ ବ୍ରୋଞ୍ଜ ପଦକ ଜିତିଥିବା ଓଡ଼ିଶା କରାଟେକା ଲୋମା ସ୍ୱାଇଁଙ୍କୁ କ୍ରୀଡ଼ା ବିଭାଗର ଅତିରିକ୍ତ ସଚିବ ବି.କେ. ସ୍ୱାଇଁ ସମ୍ବର୍ଦ୍ଧିତ କରୁଛନ୍ତି।

# ବିହାରଠାରୁ ହାରିଲା ଓଡ଼ିଶା

ଭୁବନେଶ୍ୱର, ୨୮।୧୧ (ତପନ ସ୍ୱାଇଁ)

**ଜାତୀୟ ଜୁନିୟର ବାଳିକା ଫୁଟବଲ**

ଓଡ଼ିଶାରେ ମହିଳା ଫୁଟବଲର ଗତି ଦିନକୁ ଦିନ ନିମ୍ନଗାମୀ ହେବାରେ ଲାଗିଛି। ଏହାର ସଦ୍ୟ ଉଦାହରଣ ହେଲା ଆନ୍ଧ୍ର ପ୍ରଦେଶର ଅନନ୍ତପୁରରେ ଆରମ୍ଭ ହୋଇଥିବା ଜାତୀୟ ଜୁନିୟର ବାଳିକା ଫୁଟବଲ ଚାମ୍ପିୟନଶିପ୍‌ରେ ଓଡ଼ିଶା ଏହାର ପ୍ରଥମ ମ୍ୟାଚ ବିହାରଠାରୁ ୦-୧ ଗୋଲରେ ହାରି ଯାଇଛି। ଏକଦା ମହିଳା ଫୁଟବଲରେ ଆଧିପତ୍ୟ ବିସ୍ତାର କରିଥିବା ଓଡ଼ିଶାକୁ ଏହି ମ୍ୟାଚରେ ବିହାର କଡ଼ା ଚ୍ୟାଲେଞ୍ଜ ଦେଇଥିଲା। ପ୍ରଥମାର୍ଦ୍ଧ ଗୋଲଶୂନ୍ୟ ରହିଥିବାବେଳେ ୬୦ତମ ମିନିଟରେ ବିହାର ଅଧିନାୟିକା ଅଂଶୁ କୁମାରୀ ଦେଇଥିବା ଗୋଲଟି ଶେଷରେ ନିର୍ଣ୍ଣାୟକ ହୋଇଥିଲା। ଓଡ଼ିଶା ଏହାର ପରବର୍ତ୍ତୀ ମ୍ୟାଚ ୩୦ରେ ପଶ୍ଚିମବଙ୍ଗ ବିପକ୍ଷରେ ଖେଳିବ।

# ମହିଳା,ପୁରୁଷ ରଗ୍‌ବୀରେ କିଟ୍ ଚାମ୍ପିୟନ

ଭୁବନେଶ୍ୱର, ୨୮।୧୧ (ତପନ ସ୍ୱାଇଁ)

**ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା**

**ପ୍ରତ୍ୟାଶାଙ୍କୁ ଆଉ ଏକ ସ୍ୱର୍ଣ୍ଣ**

ରାଜସ୍ଥାନରେ ଚାଲିଥିବା ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାର ପଞ୍ଚମ ଦିବସରେ ଶୁକ୍ରବାର ଓଡ଼ିଶା ପ୍ରତିଯୋଗୀମାନେ ରଗ୍‌ବୀ, ସୁଇମିଂ, ଭାରୋତ୍ତୋଳନ ଓ ଟେନିସରେ ପ୍ରଭାବୀ ପ୍ରଦର୍ଶନ କରିଛନ୍ତି। ମହିଳା ସନ୍ତରଣ ଟିମ୍ ଚାମ୍ପିୟନଶିପ୍‌ରେ କିଟ୍ ମୋଟ ୬୫ ପଏଣ୍ଟ ପାଇ ପ୍ରଥମ ରନରଅପ୍ ହୋଇଛି। ଜୈନ ବିଶ୍ୱବିଦ୍ୟାଳୟ ଚାମ୍ପିୟନ ହୋଇଛି। ସୁଇମର ଦିବ୍ୟଙ୍କା ଦିବ୍ୟଜ୍ୟୋତି ପ୍ରଧାନ ଆଉ ଏକ ପଦକ ପାଇବାରୁ ସନ୍ତରଣରେ କିଟ୍‌ର ପଦକ ସଂଖ୍ୟା ୧୦ (୧ ସ୍ୱର୍ଣ୍ଣ, ୧ ରୌପ, ୮ ବ୍ରୋଞ୍ଜ)ରେ ପହଞ୍ଚିଛି। ଉତ୍କଳ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରତ୍ୟାଶା ରାୟ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଭାରୋତ୍ତୋଳନରେ କିଟ୍‌ର ଭାଗନ୍ତି କିର୍ଥୀ ମହିଳା ୮୬ କେଜି ବର୍ଗରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଉଭୟ ମହିଳା ଓ ପୁରୁଷ ରଗ୍‌ବୀ ଦଳ ମଧ୍ୟ ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି। ଫାଇନାଲରେ କିଟ୍ ମହିଳା ଦଳ ଚଣ୍ଡିଗଡ଼କୁ ୧୭-୫ ଓ ପୁରୁଷ ଦଳ ଚଣ୍ଡିଗଡ଼ ବିଶ୍ୱବିଦ୍ୟାଳୟକୁ ୧୫-୧୦ରେ ପରାସ୍ତ କରିଛି। ଟେନିସରେ କିଟ୍ ପୁରୁଷ ଦଳ ଭିଇଏଲ୍ ଏସ୍ ଇନ୍‌ଷ୍ଟିଚ୍ୟୁଟ ଅଫ ସାଇନ୍ସ ଆଣ୍ଡ ଆଡ୍‌ଭାନ୍ସ ଷ୍ଟଡି ଦଳକୁ ୨-୧ରେ ହରାଇ ପରବର୍ତ୍ତୀ ପର୍ଯ୍ୟାୟରେ ପହଞ୍ଚିଛି। ସମସ୍ତ ପଦକ ବିଜେତାଙ୍କୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଅଭିନନ୍ଦନ ଜଣାଇଛନ୍ତି। ପଞ୍ଚମ ଦିବସ ଶେଷରେ କିଟ୍‌ର ପଦକ ତାଲିକା ୧୩ (୪ ସ୍ୱର୍ଣ୍ଣ, ୧ ରୌପ୍ୟ, ୮ ବ୍ରୋଞ୍ଜ)ରେ ପହଞ୍ଚିଛି। ଉତ୍କଳ ବିଶ୍ୱବିଦ୍ୟାଳୟ ୫ (୩ ସ୍ୱର୍ଣ୍ଣ, ୧ ରୌପ୍ୟ, ୧ ବ୍ରୋଞ୍ଜ) ଏବଂ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଗୋଟିଏ ସ୍ୱର୍ଣ୍ଣ ପଦକ ପାଇଛି।



ପଦକ ଗ୍ରହଣ ଅବସରରେ ପ୍ରତ୍ୟାଶା ରାୟ।









ଖେଲୋ ଇଣ୍ଡିଆ ମହିଳା ଓ ପୁରୁଷ ରଗ୍‌ବୀ, ସୁଇମିଂ ଓ ଭାରୋତ୍ତୋଳନରେ ପଦକ ବିଜୟୀ କିଟ୍ ଦଳର କ୍ରୀଡ଼ାବିତମାନେ।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ